# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୭/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 27/2024 | Page 16 | ₹ 7.00

୫୦ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 | ISSUE 332 | ମୂଲ୍ୟ ₹୭/-




## ନଭେମ୍ବର ୨୨ରେ 'ନାମ୍'

ଅଭିନେତା ଅଜୟ୍ ଦେବଗନଙ୍କ ଚଳଚ୍ଚିତ୍ର 'ନାମ୍' ଆସନ୍ତା ନଭେମ୍ବର ୨୨ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

୦୨

୧୨

## ମନିକା ବାତ୍ରା କ୍ୱାର୍ଟରଫାଇନାଲରେ

ଭାରତର ଷ୍ଟାର ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ଫ୍ରାନ୍ସର ୱାର୍ଲ୍ଡ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ବନ୍ୟା ସ୍ଥିତି: ୧୦ ଗାଁ ବିଚ୍ଛିନ୍ନ

**ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ଲାଗିରହିଛି। ଏଥିଯୋଗୁ ବାଲେଶ୍ୱର ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ନୀଳଗିରିରେ ଏକ ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ୧୦ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ମଧ୍ୟ ବନ୍ୟା ସ୍ଥିତି ଉପୁଜିଛି। କଟକ, ଭୁବନେଶ୍ୱର ସମେତ କିଛି ସହରରେ ଶନିବାର ଦିନ ତମାମ ବର୍ଷା ଓ କୋହଲା ପାଗ ଲାଗିରହିଛି। ସହରାଞ୍ଚଳରେ ବର୍ଷାଜଳ ଜମିରହିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ବିଭାଗ ଜରିଆରେ ପଦକ୍ଷେପ ନେଉଛନ୍ତି।**



କାଂଶବାଂଶ ନଦୀର ବନ୍ୟାଜଳ ସିମୁଳିଆ ବ୍ଲକ ବାଉରୀପଦା ଅଞ୍ଚଳରେ ମାଡ଼ିଯାଇଥିବାରୁ ଲୋକେ ପାଣି ଭିତରେ ପଶି ଯାତାୟାତ କରୁଛନ୍ତି।

ବାଲେଶ୍ୱର(ବାଞ୍ଛାନିଧି ଦେ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୨୬।୧୦

ବାତ୍ୟା 'ଦାନା' ପ୍ରଭାବରେ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଫଳରେ ବାଲେଶ୍ୱର ଜିଲାରେ ପ୍ରବାହିତ ବୁଢ଼ାବଳଙ୍ଗ ଓ ସୋନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ରେମୁଣା, ସଦର ଓ ନୀଳଗିରି ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ନୀଳଗିରିଠାରେ ଏକ ଅସ୍ଥାୟୀ ପୋଲ ଭାସିଯିବାରୁ ୧୦ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ରେମୁଣା ଅଞ୍ଚଳର ବନ୍ୟା ପାଣିଘେରରୁ ୧୯ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।

ବୁଢ଼ାବଳଙ୍ଗ ନଦୀର ଗୋବିନ୍ଦପୁର ରିଡ଼ିଂ ପଏଣ୍ଟଠାରେ ସତର୍କ ସଂକେତ ୭.୨୧ ମିଟର ଓ ବିପଦ ସଂକେତ ୮.୧୩ ମିଟର ଥିବା ବେଳେ ଶନିବାର ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ୭.୮୪ ମିଟରରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ରେମୁଣା ବ୍ଲକର ହରିପୁର, ଦହପଡ଼ା, କଲ୍ୟାଣପୁର, ଗଣ୍ଡରଦା, ନିଜାମପୁର, ବଡ଼ପାଳ, ଭୀମପୁରା, ସଦର ବ୍ଲକର ବଇଁଆ, ସିନ୍ଧିଆ, ବୁଆଁଳ ଓ ନଗ୍ରମ ଆଦି ପଞ୍ଚାୟତର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ବିଭିନ୍ନ ସ୍ଥାନରେ ମୁଖ୍ୟରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୋନ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଶୁକ୍ରବାର ରାତିରେ ହଠାତ୍ ୩/୪ ଫୁଟ ଉଚ୍ଚତାରେ ଜଳ ମାଡ଼ିଆସିବାରୁ ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ସୋନ ନଦୀର ଶାଖା ଯୋଡ଼ ଉପରେ ନୂତନ ଭାବେ ନିର୍ମାଣ ହେଉଥିବା ପୋଲ ନିକଟରେ ଥିବା ଅସ୍ଥାୟୀ ପୋଲ ଭାସିଯାଇଥିଲା। ଫଳରେ ଏହି ପୋଲ ଉପରେ ☞ପୃଷ୍ଠା-୨

# ସୋସିଆଲ ମିଡିଆକୁ ନିର୍ଦ୍ଦେଶ: ଧମକପୂର୍ଣ୍ଣ ପୋଷ୍ଟ ହଟାଅ

ନୂଆଦିଲ୍ଲୀ,୨୬।୧୦(ପି.ଟି.)

ଗତ ୧୨ ଦିନ ମଧ୍ୟରେ ଭାରତୀୟ ଏୟାରଲାଇନ୍ସର ୨୭୫ରୁ ଊର୍ଦ୍ଧ୍ୱ ବିମାନକୁ ବୋମା ଧମକର ହୋକ୍ସ କଲ୍ ଆସିବା ପରେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ଶନିବାର ଆଡ୍‌ଭାଇଜରି ଜାରି କରାଯାଇଛି। ଧମକପୂର୍ଣ୍ଣ ବାର୍ତ୍ତାଗୁଡ଼ିକ ସୋସିଆଲ ମିଡିଆ ଆପ୍ ଜରିଆରେ ଆସୁଥିବାରୁ ଏଥିପାଇଁ ଉକ୍ତ ପ୍ଲାଟ୍‌ଫର୍ମଗୁଡ଼ିକ ଉତ୍ତରଦାୟୀ ହେବା ସହ ଆଇଟି ନିୟମାବଳୀରେ ରହିଥିବା ସମୟସୀମା ମଧ୍ୟରେ ଉକ୍ତ ବିଭ୍ରାନ୍ତିକର ସୂଚନାଗୁଡ଼ିକୁ ତୁରନ୍ତ ହଟାଇବା କିମ୍ବା ପ୍ରସାରଣ ଯେପରି ନ ହେବ ସେଥିପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ଏତଦ୍‌ବ୍ୟତୀତ କୌଣସି ୟୁଜର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଅନ୍ୟମାନଙ୍କୁ ଧମକ ଦେଉଥିଲେ, ଦେଶର ସଂହତି, ସାର୍ବଭୌମତ୍ୱ କିମ୍ବା ସୁରକ୍ଷା ପ୍ରତି ବିପଦ ସୃଷ୍ଟି ଉଦ୍ଦେଶ୍ୟରେ ବାର୍ତ୍ତା ପଠାଉଥିଲେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନୁଯାୟୀ, ଏ ସମ୍ପର୍କରେ ବାଧ୍ୟତାମୂଳକ ରିପୋର୍ଟ କରିବା ପ୍ଲାଟ୍‌ଫର୍ମଗୁଡ଼ିକର ଦାୟିତ୍ୱ। ସୂଚନା ପ୍ରଯୁକ୍ତି ନିୟମାବଳୀ ଅନୁଯାୟୀ, ସୋସିଆଲ ମିଡିଆ ☞ପୃଷ୍ଠା-୨







## ସଂକ୍ଷେପରେ

### ଜେଇଇ ପରୀକ୍ଷାରେ ବିଫଳ ହୋଇ ଛାତ୍ରୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୬।୧୦

ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)ରେ ବିଫଳ ହେବାରୁ ଦିଲ୍ଲୀର ଓଖଲା ଅଞ୍ଚଳରେ ରହୁଥିବା ଜଣେ ୧୭ ବର୍ଷିୟା ଛାତ୍ରୀ ଶନିବାର ଆତ୍ମହତ୍ୟା କରିଛନ୍ତି। ଛାତ୍ରୀଙ୍କ ରୁମ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଉକ୍ତ ସୁଇସାଇଡ୍ ନୋଟ୍‌ରେ ଛାତ୍ରୀ ଜଣକ ଲେଖିଛନ୍ତି, 'ମା' ବାପା ମତେ କ୍ଷମା କର, ମୁଁ ପାରିଲି ନାହିଁ। ତାଙ୍କ ପରିବାର ରହୁଥିବା ଆପାର୍ଟମେଣ୍ଟର ୭ ମହଲା ଉପରୁ ଡେଇଁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସେ ତାଙ୍କ ଜେଇଇ ଫଳାଫଳ ଦେଖିଥିବା ପୋଲିସ କହିଛି।

### ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୮ ମୃତ

ଇସ୍‌ଲାମାବାଦ, ୨୬।୧୦

ପାକିସ୍ତାନର ଖ୍ୟାବର ପଖ୍‌ତୁନ୍‌ଖ୍ୱା ରାଜ୍ୟ ଅନ୍ତର୍ଗତ ଉତ୍ତର ୱାଜିରସ୍ତାନ ଜିଲା ମୀର ଅଲିସ୍ଥିତ ଅସ୍‌ଲାମ ପୋଲିସ ଚେକ୍‌ପୋଷ୍ଟକୁ ଟାର୍ଗେଟ କରି ଏକ ଆତ୍ମଘାତୀ ବିସ୍ଫୋରଣ ରହିଛି, ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ଆତ୍ମଘାତୀ ଆକ୍ରମଣକାରୀ ଏକ ୩ ଚକିଆ ଗାଡ଼ିରେ ଆସି ଅସ୍‌ଲାମ ଚେକ୍‌ପୋଷ୍ଟରେ ଥିବା ପୋଲିସ ଗାଡ଼ିକୁ ଧକ୍କା ଦେଇଥିଲା, ଫଳରେ ବିସ୍ଫୋରଣ ଘଟିଥିଲା। ମୃତକଙ୍କ ମଧ୍ୟରେ ୪ ଜଣ ପୋଲିସ କର୍ମଚାରୀ, ପାକିସ୍ତାନୀ ସେନାର ୨ ଯବାନ ଏବଂ ୨ ଜଣ ସାଧାରଣ ନାଗରିକ ରହିଛନ୍ତି। ଉକ୍ତ ବିସ୍ଫୋରଣରେ ଅନେକ ସଂଖ୍ୟାରେ ଲୋକ ଆହତ ହୋଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ମିରନ ଶାହ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଆପାର୍ଟମେଣ୍ଟରେ ନିଆଁ, ୪ ଜଳିଗଲେ

ଗୁରୁଗ୍ରାମ, ୨୬।୧୦

ହରିୟାଣାର ଗୁରୁଗ୍ରାମ ଜିଲାସ୍ଥିତ ସରସ୍ୱତୀ ଏନ୍‌କ୍ଲେଭ ଆପାର୍ଟମେଣ୍ଟର ଏକ ଫ୍ଲାଟ୍‌ରେ ନିଆଁ ଲାଗିଯିବାରୁ ୪ ଯୁବକଙ୍କର ମୃତ୍ୟୁ ଘଟିଛି। ନିଆଁ ଲାଗିବା ସମୟରେ ସମ୍ପୃକ୍ତ ୪ ଯୁବକ ସେମାନଙ୍କ ଫ୍ଲାଟ୍‌ରେ ଶୋଇଥିଲେ। ନିଆଁ ଲାଗିବା ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିବା ସହ ଉକ୍ତ ୪ ଯୁବକଙ୍କ ମୃତଦେହକୁ ଜବତ କରିଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ସର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମସ୍ତ ୪ ମୃତକ ବିହାରର ହୋଇଥିବାବେଳେ ସେମାନେ ଉକ୍ତ ଫ୍ଲାଟ୍‌ରେ ଭଡ଼ାରେ ରହୁଥିଲେ। ମୃତକଙ୍କର ବୟସ ୧୭ରୁ ୨୮ ବର୍ଷ ମଧ୍ୟରେ ରହିଛି। ସେମାନେ ଏକ ପୋଷାକ କମ୍ପାନୀରେ ଦରଜି ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣାକୁ ନେଇ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଶୋକ ପ୍ରକଟ କରିଛନ୍ତି।

# ଆମେରିକାରୁ ବେଆଇନ ଭାରତୀୟ ପ୍ରବାସୀ ବିଦା

ୱାଶିଂଟନ,୨୬।୧୦



ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ମାସରେ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ସେଠାରେ ବେଆଇନ ଭାବେ ପ୍ରବେଶ କରି ରହିଯାଇଥିବା ଭାରତୀୟମାନଙ୍କୁ ବିଦା କରିଦିଆଯାଇଛି। ଗତ ୨୨ ତାରିଖରେ ଚାର୍ଟାର୍ଡ ବିମାନ ଭଡ଼ାକରି ସେମାନଙ୍କୁ ସ୍ୱଦେଶ ପଠାଇ ଦିଆଯାଇଥିବା ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଭାରତ ସରକାରଙ୍କ ସହ ସମନ୍ୱୟ ରଖାଯାଇ ଏଭଳି ପଦକ୍ଷେପ ନିଆଯାଇଥିଲା।

ବୈଧ କାଗଜପତ୍ର ନ ଥାଇ ଆମେରିକାରେ ରହିଥିବା ଭାରତୀୟମାନଙ୍କୁ ତୁରନ୍ତ ବିଦା କରିବାକୁ ହେବ। ଏଠାରେ କୌଣସି ବେଆଇନ କାର୍ଯ୍ୟ ପାଇଁ ସେମାନଙ୍କୁ ସମ୍ପୃକ୍ତ କରା ନ ଯାଉ ବୋଲି ଆମେରିକା ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀ କ୍ରିଷ୍ଟି ଏ. କାନେଗାଲୋ କହିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ବେଆଇନ ଭାବେ ରହିଥିବା ୧.୬ ଲକ୍ଷ ଲୋକଙ୍କୁ ବହିଷ୍କାର କରିଥିଲା ବା ସ୍ୱଦେଶକୁ ଫେରାଇ ଦେଇଥିଲା। ଭାରତ ସମେତ ୧୪୫ରୁ ଊର୍ଦ୍ଧ୍ୱ ଦେଶକୁ ଏହି ଲୋକମାନଙ୍କୁ ପଠାଇବା ପାଇଁ ୪୯୫ଟି ବିମାନ ବ୍ୟବହାର କରିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ଆମେରିକା ଜୀବନଶୈଳୀ ଦ୍ୱାରା ପ୍ରଲୋଭିତ ହୋଇ ବହୁସଂଖ୍ୟାରେ ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ଲୋକେ ବେଆଇନ ଭାବେ ଉକ୍ତ ଦେଶରେ ଅନୁପ୍ରବେଶ ଉଦ୍ୟମ କରିଥାନ୍ତି। ଗତବର୍ଷ ଅକ୍ଟୋବର ୧ରୁ ଚଳିତବର୍ଷ ସେପ୍ଟେମ୍ବର ୩୦ ମଧ୍ୟରେ ମେକ୍ସିକୋ ଏବଂ କାନାଡା ଦେଇ ଆମେରିକାରେ ବେଆଇନ ପ୍ରବେଶ ଉଦ୍ୟମ ବେଳେ ୨୯ ଲକ୍ଷ ପ୍ରବାସୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ୯୦,୪୧୫ ବୋଲି ଆମେରିକା ସୀମାଶୁଳ୍କ ଏବଂ ସୀମା ସୁରକ୍ଷା ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ୧୦ ଭାରତୀୟ ବେଆଇନ ଭାବେ ଆମେରିକାରେ ପ୍ରବେଶ ଉଦ୍ୟମ କରୁଥିବା କୁହାଯାଇଛି।

# କୋଲ୍ଡପ୍ଲେ, ଦିଲ୍‌ଜିତ କନ୍‌ସର୍ଟରେ ଟିକେଟ ବିକ୍ରି ଦୁର୍ନୀତି

ନୂଆଦିଲ୍ଲୀ,୨୬।୧୦(ପି.ଟି.)

- ମନିଲଣ୍ଡରିଂ ମାମଲା ରୁଜୁ କଲା ଇଡି
- ୫ ରାଜ୍ୟରେ ଚଢ଼ାଉ

ଦୁଇଟି ବହୁ ପ୍ରତ୍ୟାଶିତ ମ୍ୟୁଜିକ୍ କନ୍‌ସର୍ଟ ବ୍ରିଟିଶ୍ ରକ୍‌ବ୍ୟାଣ୍ଡ୍ କୋଲ୍ଡପ୍ଲେ ଏବଂ ପଞ୍ଜାବୀ ସୁପରଷ୍ଟାର ତଥା ଗାୟକ ଦିଲ୍‌ଜିତ ଦୋସାଂଝଙ୍କ 'ଦିଲ୍-ଲୁମିନାଟି' ପାଇଁ ଟିକେଟ ବିକ୍ରିରେ ବ୍ୟାପକ କଳାବଜାର ଅଭିଯୋଗ ହୋଇଥିଲା। ଏହା ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିଭିନ୍ନ ରାଜ୍ୟରେ ଚଢ଼ାଉ କରିବା ପରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଛି। ସଂଘୀୟ ତଦନ୍ତକାରୀ ସଂସ୍ଥା ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ମାମଲା ରୁଜୁ କରିବା ପରେ ଦିଲ୍ଲୀ, ମହାରାଷ୍ଟ୍ର, ରାଜସ୍ଥାନ, କର୍ଣ୍ଣାଟକ ଏବଂ ପଞ୍ଜାବର ୧୩ଟି ସ୍ଥାନରେ ଚଢ଼ାଉ କରିଥିଲା।

ଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମରେ ୨୬ ଓ ୨୭ରେ ଦିଲ୍‌ଜିତ୍‌ଙ୍କ କନ୍‌ସର୍ଟ ପ୍ରଦର୍ଶନ କରିବାକୁ ଥିବାବେଳେ ବିବାଦ ଯୋଗୁ ଏହା ହୋଇପାରି ନାହିଁ। ସେହିପରି ଆସନ୍ତାବର୍ଷ ଜାନୁଆରୀରେ ନଭି ମୁମ୍ବାଇରେ କୋଲ୍ଡପ୍ଲେର କନ୍‌ସର୍ଟ କାର୍ଯ୍ୟକ୍ରମ ରହିଥିଲା। ଏଣ୍ଟ୍ରି ପାସ୍‌ଗୁଡ଼ିକ ତୁରନ୍ତ ବିକ୍ରି ହୋଇଯିବା ପରେ ଟିକେଟ କଳାବଜାର କରାଯାଉଥିବାରୁ ସାଧାରଣ ଲୋକେ ଓ ପ୍ରଶଂସକମାନେ ଠକାମିର ଶିକାର ହେଉଥିବା ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ଥାନାରେ ଏତଲା ଦାଏର ହୋଇଥିବାବେଳେ ଏହାକୁ ଆଧାର କରି ଇଡି ତଦନ୍ତ ଆରମ୍ଭ କରିଥିଲା। ଏତଲା ଅନୁଯାୟୀ କଳାବଜାରୀମାନେ କନ୍‌ସର୍ଟ ଟିକେଟଗୁଡ଼ିକୁ ସଂଗ୍ରହ କରିନେଇ ସେଗୁଡ଼ିକୁ ବହୁ ଉଚ୍ଚ ଦରରେ ବିକ୍ରି କରୁଥିଲେ।


ଦିଲ୍‌ଜିତ ଦୋସାଂଝ

# ବାଂଲାଦେଶରେ ହିନ୍ଦୁଙ୍କ ବିଶାଳ ରାଲି



ବାଂଲାଦେଶର ଚିଟ୍ଟାଗଙ୍ଗରେ ହିନ୍ଦୁମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ସଂଖ୍ୟାଲଘୁ ଅଧିକାର ଦାବି

ଢାକା,୨୬।୧୦

ସଂଖ୍ୟାଲଘୁ ଅଧିକାର ଦାବିରେ ବାଂଲାଦେଶ ହିନ୍ଦୁ ସମ୍ପ୍ରଦାୟର ଅନେକ ହଜାର ଲୋକ ଚିଟ୍ଟାଗଙ୍ଗର ଐତିହାସିକ ଲାଲ୍‌ଦିଘି ମଇଦାନରେ ଶୁକ୍ରବାର ବିଶାଳ ରାଲି କରିଛନ୍ତି। ସେମାନଙ୍କର ୮ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିବେ ବୋଲି କହିଛନ୍ତି। ବାଂଲାଦେଶ ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା। ଦାବି ପୂରଣ ନ ହେଲେ ସେମାନେ ଢାକା ଅଭିଯାନରେ ଯିବା ପାଇଁ ଧମକ ଦେଇଛନ୍ତି। ସେମାନଙ୍କ ଦାବି ମଧ୍ୟରେ ରହିଛି ସଂଖ୍ୟାଲଘୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଟ୍ରିବ୍ୟୁନାଲ ଗଠନ, କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା, ଅବିଳମ୍ବେ ସଂଖ୍ୟାଲଘୁ ସୁରକ୍ଷା ଆଇନ ଆଣିବା, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଗଠନ ହେବା, ପ୍ରତି ଶିକ୍ଷାନୁଷ୍ଠାନରେ ସଂଖ୍ୟାଲଘୁମାନଙ୍କ ପାଇଁ ଉପାସନା ସ୍ଥଳ ନିର୍ମାଣ ଇତ୍ୟାଦି।

# ଏଲ୍‌ଏସି ସଫଳତାର ଶ୍ରେୟ ସେନା, କୂଟନୀତିଜ୍ଞଙ୍କୁ ଦେଲେ ଜୟଶଙ୍କର

ପୁଣେ,୨୬।୧୦



ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଲାଗି ରହିଥିବା ଅଚଳାବସ୍ଥା ଦୂର ପାଇଁ ଉଭୟ ଭାରତ ଓ ଚାଇନା ମଧ୍ୟରେ ବୁଝାମଣା ହେବା ସହ ଆସନ୍ତା ୨୯ ତାରିଖ ସୁଦ୍ଧା ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍‌ରୁ ସେନା ପ୍ରତ୍ୟାହାର ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ସେନା ପ୍ରତ୍ୟାହାର କାର୍ଯ୍ୟ ଜାରି ରହିଥିବାବେଳେ ୩୦-୩୧ରୁ ପାଟ୍ରୋଲିଂ ଆରମ୍ଭ ହେବାକୁ ଯାଉଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଏହି ସଫଳତା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶନିବାର ଭାରତୀୟ ସେନା ଓ କୂଟନୀତିଜ୍ଞମାନଙ୍କୁ ଶ୍ରେୟ ଦେଇଛନ୍ତି। ପୁଣେରେ ଛାତ୍ରୀଛାତ୍ରମାନଙ୍କ ସହ କଥା ହେଲା ବେଳେ ଜୟଶଙ୍କର କହିଛନ୍ତି, ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ହେବା ପାଇଁ ଆଉ କିଛିଦିନ ସମୟ ଲାଗିବ। ଏଥିପାଇଁ ପରସ୍ପର ଉପରେ ବିଶ୍ୱାସ ଏବଂ ଏକାଠି କାର୍ଯ୍ୟ କରିବାର ଇଚ୍ଛାଶକ୍ତି ସୃଷ୍ଟି କରିବାକୁ ହେବ ବୋଲି ଜୟଶଙ୍କର କହିଛନ୍ତି। ଦୁଇ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ଉପଦେଷ୍ଟା ଆଲୋଚନା ମାଧ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନେବେ।

## ନଭେମ୍ବର ୨୬ରେ ପାର୍ଲାମେଣ୍ଟର ମିଳିତ ଅଧିବେଶନ

ନୂଆଦିଲ୍ଲୀ,୨୬।୧୦(ପି.ଟି.)

ଭାରତୀୟ ସମ୍ବିଧାନ ଗୃହୀତ ହେବାର ୭୫ତମ ବାର୍ଷିକୀ ଅବସରରେ ନଭେମ୍ବର ୨୬ରେ ସମ୍ବିଧାନର ଉଭୟ ଗୃହର ସ୍ୱତନ୍ତ୍ର ମିଳିତ ଅଧିବେଶନ ଅନୁଷ୍ଠିତ ହେବ।୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭା ଦ୍ୱାରା ଭାରତୀୟ ସମ୍ବିଧାନ ଗୃହୀତ ହେବା ପରେ ୧୯୫୦ ଜାନୁଆରୀ ୨୬ରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ସେଥିପାଇଁ ନଭେମ୍ବର ୨୬ରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ଲୋକ ସଭା ଏବଂ ରାଜ୍ୟ ସଭାର ମିଳିତ ଅଧିବେଶନ ବସିବ। ପୂର୍ବରୁ ନଭେମ୍ବର ୨୬କୁ ଜାତୀୟ ଆଇନ ଦିବସ ଭାବେ ପାଳନ କରାଯାଇ ଆସୁଥିଲା। ୨୦୧୫ରେ ବି.ଆର୍. ଆମ୍ବେଦ୍‌କରଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଉକ୍ତ ଦିନକୁ ସମ୍ବିଧାନ ଦିବସ ଭାବେ କେନ୍ଦ୍ର ସରକାର ଘୋଷଣା କରିଥିଲେ।

## ବିମାନକୁ ଧମକ ଘଟଣାରେ ଦିଲ୍ଲୀରୁ ଜଣେ ଗିରଫ

ନୂଆଦିଲ୍ଲୀ,୨୬।୧୦

ବିମାନଗୁଡ଼ିକୁ ବୋମା ଧମକ ଘଟଣାରେ ଦିଲ୍ଲୀରୁ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ହୋକ୍ସ କଲ୍ ଖବର ଟିଭିରୁ ଜାଣିବା ପରେ ଯୁବକ ଜଣକ ନିଜ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏଭଳି ବାର୍ତ୍ତା ପଠାଇଥିବା ସ୍ୱୀକାର କରିଛନ୍ତି। ଶୁଭମ୍ ଉପାଧ୍ୟାୟ ନାମକ ଉକ୍ତ ଯୁବକଙ୍କ ଘର ପଶ୍ଚିମ ଦିଲ୍ଲୀର ଉତ୍ତମନଗର ଅଞ୍ଚଳରେ। ଗତ ସପ୍ତାହରେ ମୁମ୍ବାଇ ପୋଲିସ ଏହି ମାମଲାରେ ଜଣେ ୧୭ ବର୍ଷୀୟଙ୍କୁ ହାଜତକୁ ନେଇଥିଲା। ଶୁକ୍ରବାର ରାତିରୁ ଶନିବାର ଭୋର ମଧ୍ୟରେ ଶୁଭମ୍‌ଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଦିଲ୍ଲୀ ବିମାନବନ୍ଦରକୁ ୨ଟି ଧମକପୂର୍ଣ୍ଣ ବାର୍ତ୍ତା ଆସିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

# ରାଜକୋଟ୍‌ର ୧୦, ତିରୁପତିର ୨ ହୋଟେଲକୁ ବୋମା ଧମକ

### ଧମକପୂର୍ଣ୍ଣ ଇମେଲ୍‌ରେ ଉଦୟନିଧି ଷ୍ଟାଲିନଙ୍କ ସ୍ତ୍ରୀ, ତାମିଲନାଡୁ ଡିଜିପିଙ୍କ ନାମ

ଅମରାବତୀ/ରାଜକୋଟ, ୨୬।୧୦

ଆନ୍ଧ୍ରପ୍ରଦେଶର ତିରୁପତିରେ ଥିବା ୨ ପ୍ରମୁଖ ହୋଟେଲକୁ ବୋମାରେ ଉଡ଼ାଇଦେବାକୁ ଇମେଲ ଧମକ ମିଳିଛି। ଘଟଣାକୁ ନେଇ ତିରୁପତି ପୋଲିସ ପକ୍ଷରୁ ଏଫ୍‌ଆଇଆର୍ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉଭୟ ହୋଟେଲରେ ପୋଲିସ ଏବଂ ସନ୍ଧାନୀ କୁକୁର ଦ୍ୱାରା ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। ତେବେ ଯାଞ୍ଚବେଳେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ତିରୁପତି ଇଷ୍ଟ ଥାନାର ସର୍କଲ ଇନସ୍ପେକ୍ଟର ଶ୍ରୀନିବାସୁଲୁ କହିଛନ୍ତି, ସହରର ୨ ହୋଟେଲକୁ ଉଡ଼ାଇଦେବାକୁ ଇମେଲ୍ ଯୋଗେ ବୋମା ଧମକ ମିଳିଛି। ଏହି ଘଟଣାକୁ ନେଇ ବିଭିନ୍ନ ଦିଗରୁ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଇମେଲ୍ ପଛରେ ଥିବା ବ୍ୟକ୍ତିଙ୍କୁ ଧରାଯିବ। ତେବେ ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ, ଉକ୍ତ ଇମେଲ୍‌ରେ ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଶଙ୍କର ଜିୱାଲ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ସ୍ତ୍ରୀ କିରୁଥିଗା ଉଦୟନିଧି ଓ ଗିରଫ ଥିବା ଡ୍ରଗ୍ସ କାରବାର ନେଟୱର୍କ ସହ ଜଡ଼ିତ ଡିଏମ୍‌କେ କର୍ମୀ ଜାଫର ସାଦିକଙ୍କ ନାମ ରହିଛି। ପାକିସ୍ତାନ ଆଇଏସ୍‌ଆଇ ସହ ମିଶି ତାମିଲନାଡୁ ଡିଜିପି ଶଙ୍କର ଜିୱାଲ ଏହି ବିସ୍ଫୋରଣର ଷଡ଼ଯନ୍ତ୍ର ରଚିଥିବା ନେଇ ଧମକପୂର୍ଣ୍ଣ ଇମେଲ୍‌ରେ ଉଲ୍ଲେଖ ରହିଛି। ଶୁକ୍ରବାର ମଧ୍ୟ ତିରୁପତିର ୩ ହୋଟେଲକୁ ବୋମାରେ ଉଡ଼ାଇଦେବାକୁ ଇମେଲ୍ ଧମକ ମିଳିଥିଲା।

ଅନ୍ୟପକ୍ଷରେ, ଗୁଜରାଟର ରାଜକୋଟରେ ଥିବା ୧୦ ହୋଟେଲକୁ ଉଡ଼ାଇଦେବାକୁ ଶନିବାର ଇମେଲ୍ ଯୋଗେ ବୋମା ଧମକ ମିଳିଛି। ଏହି ହୋଟେଲଗୁଡ଼ିକ ମଧ୍ୟରେ ସହରର କିଛି ପ୍ରମୁଖ ୫-ତାରକା ହୋଟେଲ ରହିଛି। ରାଜକୋଟ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ଧମକପୂର୍ଣ୍ଣ ଇମେଲ୍ ଆସିଥିବା ସ୍ଥାନକୁ ଟ୍ରେସ୍ କରିବା ପାଇଁ ରାଜକୋଟ ସାଇବର ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ସମ୍ପୃକ୍ତ ୧୦ ହୋଟେଲର କର୍ମଚାରୀ ଏବଂ ଅତିଥିଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସେଠାରେ ପୋଲିସ ପକ୍ଷରୁ କଡ଼ା ଯାଞ୍ଚ ଆରମ୍ଭ ହୋଇଛି।


ରାଜ୍‌କୋଟର ଇମ୍ପେରିଆଲ୍ ପ୍ୟାଲେସ୍ ହୋଟେଲର ପାର୍କିଂସ୍ଥଳକୁ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଉଛି।

## ଫୁର୍‌ସତ୍

# ଲକ୍ଷ୍ନୌ ଭିକାରି ସବୁଠୁ ଧନୀ

### ମାସିକ ୯୦ ହଜାର ରୋଜଗାର, ନିଅନ୍ତି ୱିକ୍‌ଏଣ୍ଡ୍ ଛୁଟି

ନୂଆଦିଲ୍ଲୀ

ଲକ୍ଷ୍ନୌ ମହାନଗର ନିଗମ ଏବଂ ଉତ୍ତର ପ୍ରଦେଶ ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ ଲକ୍ଷ୍ନୌ ସହରରେ ଭିକାରିମାନଙ୍କୁ ନେଇ ଏକ ସର୍ଭେ କରାଯାଇଛି। ଭିକାରିମାନଙ୍କୁ ସରକାରୀ ଯୋଜନାର ଲାଭ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଉକ୍ତ ସର୍ଭେ ହୋଇଥିଲା। ସର୍ଭେରେ ଲକ୍ଷ୍ନୌର ୫ ହଜାରରୁ ଅଧିକ ଭିକାରିଙ୍କର ତଥ୍ୟ ନିଆଯାଇଥିଲା। ତେବେ ଏହି ସର୍ଭେରେ କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଥିଲା, ଯାହା ଦେଖି ଅଧିକାରୀମାନଙ୍କର ହୋସ୍ ଉଡ଼ିଯାଇଥିଲା। ସହରର କେତେଜଣ ଭିକାରିଙ୍କ ନିକଟରେ ପାନ୍ କାର୍ଡ ଏବଂ ସ୍ମାର୍ଟଫୋନ୍ ଥିବା ନେଇ ଏହି ସର୍ଭେରୁ ଜଣାପଡ଼ିଛି। ସେହିପରି ଅଧିକାଂଶ ଭିକାରି ଭିକ୍ଷାବୃତ୍ତି କରି ମାସିକ ୯୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଏପରିକି ସେମାନେ ଚାକିରିଆଙ୍କ ପରି ସପ୍ତାହର ଶେଷଦିନରେ ଛୁଟି ମଧ୍ୟ ନିଅନ୍ତି ଏବଂ ଭିକ ମାଗନ୍ତି ନାହିଁ ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି।

ତେବେ ଭିକ୍ଷାବୃତ୍ତି କରି ମହିଳାମାନେ ପୁରୁଷଙ୍କଠାରୁ ଅଧିକ ରୋଜଗାର କରୁଛନ୍ତି। ବିଶେଷକରି ଗର୍ଭବତୀ ମହିଳା ଏବଂ କୋଳରେ ପିଲା ରଖି ଭିକ୍ଷାବୃତ୍ତି କରୁଥିବା ମହିଳାଙ୍କର ଦୈନିକ ରୋଜଗାର ୩ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥାଏ ବୋଲି ଉକ୍ତ ସର୍ଭେ କହିଛି। ସେହିପରି ଅନେକ ଲୋକ ଭିକାରିମାନଙ୍କୁ ମାଗଣା ଖାଦ୍ୟ ଏବଂ ପୋଷାକ ମଧ୍ୟ ଦେଇଥାନ୍ତି। ଲକ୍ଷ୍ନୌର ଚାର୍‌ବାଗ ଅଞ୍ଚଳରରେ ଭିକାରିମାନେ ସବୁଠାରୁ ଅଧିକ ରୋଜଗାର କରୁଥିବା ନେଇ ଏହି ସର୍ଭେରୁ ଜଣାପଡ଼ିଛି। ଏଠାରେ ଜଣେ ଭିକାରି ତାଙ୍କ ଆକାଉଣ୍ଟରେ ୧୩ ଲକ୍ଷ ଟଙ୍କା ଜମା କରିଛନ୍ତି। ସର୍ଭେ କରୁଥିବା ସରକାରୀ ଅଧିକାରୀଙ୍କୁ ସେ କହିଛନ୍ତି, ତାଙ୍କ ପାଇଁ କୌଣସି ସରକାରୀ ଯୋଜନାର ଆବଶ୍ୟକତା ନାହିଁ। କେବଳ ରାଜ୍ୟ ସରକାର ଭିକ ମାଗିବାକୁ ଅନୁମତି ଦିଅନ୍ତୁ।



# ମହିଳାଙ୍କୁ ନ୍ୟାୟ ଦେଉଛି ଛାଡ଼ପତ୍ର ମନ୍ଦିର

ଟୋକିଓ

ଜାପାନର କାମାକୁରା ସହରସ୍ଥିତ ମତ୍ସୁଗାଓକା ଟୋକେଇଜି ମନ୍ଦିରକୁ ଛାଡ଼ପତ୍ର ମନ୍ଦିର ବୋଲି ମଧ୍ୟ କୁହାଯାଏ। ବୈବାହିକ ଜୀବନରେ ବିଭିନ୍ନ ଅସୁବିଧା ଏବଂ ନିର୍ଯାତନାର ସମ୍ମୁଖୀନ ହେବା ପରେ ମହିଳାମାନେ ଏଠାରେ ଆଶ୍ରୟ ନେଇଥାନ୍ତି। ଫଳରେ ମହିଳାମାନେ ସେମାନଙ୍କ ସ୍ୱାମୀ ଓ ଦାମ୍ପତ୍ୟ ଜୀବନଠାରୁ ସ୍ୱାଧୀନତା ପାଇପାରନ୍ତି।

କୁହାଯାଏ, ଏହି ମନ୍ଦିରର ଇତିହାସ ୭ ଶହ ବର୍ଷ ପୁରୁଣା। ସେତେବେଳେ ଜାପାନରେ କେବଳ ପୁରୁଷମାନେ ସେମାନଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇପାରୁଥିଲେ। ଏପରି ସ୍ଥିତିରେ କେବଳ ଏହି ମନ୍ଦିର ହିଁ ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ମହିଳାଙ୍କର ଆଶ୍ରୟସ୍ଥଳୀ ପାଲଟିଥିଲା। ଘରୋଇ ହିଂସାର ଶିକାର ହୋଇଥିବା ପ୍ରତିଟି ମହିଳାଙ୍କ ପାଇଁ ଏହି ମନ୍ଦିରର ଦ୍ୱାର ସର୍ବଦା ଖୋଲା ରହିଥାଏ। କିମ୍ବଦନ୍ତୀ ଅନୁଯାୟୀ, ପ୍ରାୟ ୭୦୦ ବର୍ଷ ତଳେ କାକାସୁନି ନାମ୍ନୀ ଜଣେ ମହିଳା ନିଜ ସ୍ୱାମୀ ହୋଜୋ ଟୋକିମୁନ୍‌ଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ। ତେବେ ସେତେବେଳର ସାମାଜିକ ନିୟମ ଅନୁଯାୟୀ, କାକାସୁନ୍ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇପାରୁ ନ ଥିଲେ। ତେଣୁ ସେ ଏହି ମନ୍ଦିରରେ ରହିବାକୁ ଲାଗିଲେ। ଏହାପରଠାରୁ ସ୍ୱାମୀଙ୍କଠାରୁ ନିର୍ଯାତିତ ହୋଇଥିବା ଅନେକ ମହିଳା ଏହି ମନ୍ଦିରରେ ଆଶ୍ରୟ ନେଇଥିଲେ। ୩ ବର୍ଷ ଧରି ମନ୍ଦିରରେ ରହିବା ପରେ ସେମାନଙ୍କୁ ଛାଡ଼ପତ୍ର ମିଳିପାରୁଥିଲା। ତେବେ ପରେ ଏହି ସମୟସୀମାକୁ ହ୍ରାସ କରାଯାଇ ୨ ବର୍ଷ କରାଯାଇଥିଲା।



# ଇରାନ୍‌କୁ ଇସ୍ରାଏଲ୍‌ର ଜବାବ

## ୨୦ ସାମରିକ ଘାଟିରେ ଏୟାରଷ୍ଟ୍ରାଇକ୍

ଅକ୍ଟୋବର ୧ରେ ଇରାନ୍ ଇସ୍ରାଏଲ୍ ଉପରକୁ ୧୮୧ ଦୂରଗାମୀ କ୍ଷେପଣାସ୍ତ୍ର ଛାଡ଼ିଥିବାବେଳେ ସେଥିରୁ ଅଧିକାଂଶକୁ 'ସୁରକ୍ଷା କବଚ' ଆଇରନ୍ ଡୋମ୍ ପ୍ରତିହତ କରିଥିଲା। ଇସ୍ରାଏଲ୍ କୌଣସି ସମୟରେ ଏହାର ପ୍ରତିଶୋଧ ନେଇପାରେ ବୋଲି ସ୍ଥିତି ଉପରେ ଅନ୍ତର୍ଜାତୀୟ ସମୁଦାୟର ଧ୍ୟାନ କେନ୍ଦ୍ରୀଭୂତ ହୋଇ ରହିଥିଲା। ଏହାର ୨୫ ଦିନ ପରେ ଇସ୍ରାଏଲ୍ ଜବାବ ଦେଇଛି। ଶନିବାର ଭୋର ସମୟରେ ଇରାନ୍‌ର କେତେକ ସାମରିକ ଘାଟିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରାଯାଇଛି। ଆକ୍ରମଣରେ ୨ ଇରାନୀୟ ସୈନ୍ୟ ନିହତ ହୋଇଥିବାବେଳେ କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। ଇରାନର ଆଣବିକ କିମ୍ବା ତୈଳ ପ୍ରକଳ୍ପଗୁଡ଼ିକୁ ଇସ୍ରାଏଲୀ ସେନା ଟାର୍ଗେଟ କରିନାହିଁ। ଆଗକୁ ତୈଳ ଭଣ୍ଡାରଗୁଡ଼ିକ ଉପରେ ତେଲ୍‌ଆଭିଭ ଆକ୍ରମଣ କଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବ। ଏହାର ଦୁଷ୍ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିପାରେ।



ଇସ୍ରାଏଲୀ ସେନା ଶନିବାର ଭୋର ସମୟରେ ତେହରାନରେ ଏୟାରଷ୍ଟ୍ରାଇକ୍ କରିବା ପର ଦୃଶ୍ୟ। **(ଫଟୋ: ରଏଟର୍ସ)**

**ତେଲ୍ ଆଭିଭ୍/ଦୁବାଇ,୨୬।୧୦**

ଇସ୍ରାଏଲୀ ସେନା ଶନିବାର ଭୋର ସମୟରେ ଇରାନର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରିଛି। ଚଳିତ ମାସ ଆରମ୍ଭରେ ଇସ୍‌ଲାମିକ ରିପବ୍ଲିକ୍ ଇସ୍ରାଏଲ୍ ଉପରେ ବାଲିଷ୍ଟିକ୍ ମିଶାଇଲ ଆକ୍ରମଣ କରିଥିବାବେଳେ ଏହାର ଜବାବ ଦେବାକୁ ଯାଇ ଜେରୁଜେଲମ୍ ତେହରାନ ଉପରେ ବୋମାବର୍ଷା କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇଛି। ବୋମାମାଡ଼ର ଶବ୍ଦ ସମଗ୍ର ତେହରାନରେ ଶୁଣାଯାଇଥିବାବେଳେ ସୀମିତ କ୍ଷୟକ୍ଷତି ହୋଇଥିବା ଇସ୍‌ଲାମିକ୍ ରିପବ୍ଲିକ୍ କହିଛି। ତେବେ ଇରାନର ୨ ଜଣ ସୈନ୍ୟ ନିହତ ହୋଇଥିବା କୁହାଯାଉଛି। ତେବେ ଏହି ଆକ୍ରମଣ ଯୋଗୁ ଇସ୍ରାଏଲ୍‌ର ସମସ୍ତ ଶତ୍ରୁ ଏକାଠି ହୋଇ ଆକ୍ରମଣ କରିବା ସମ୍ଭାବନା ଥିବାରୁ ମଧ୍ୟପ୍ରାଚ୍ୟରେ ହିଂସା ବଢ଼ିବ। ଇସ୍ରାଏଲ୍ ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ଗାଜାରେ ଯୁଦ୍ଧ ଆରମ୍ଭ କରିବା ପରେ ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ହେଜ୍‌ବୋଲ୍ଲା ଏବଂ ହୁଟି ବାରମ୍ବାର ଏହାକୁ ଟାର୍ଗେଟ କରି ଆସୁଛନ୍ତି। ଲେବାନନ୍‌ରୁ ହେଜ୍‌ବୋଲ୍ଲା ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ରକେଟ ଆକ୍ରମଣ କରୁଥିବାବେଳେ ଜେରୁଜେଲମ୍ ମଧ୍ୟ ପ୍ରତିଆକ୍ରମଣ ଜାରି ରଖିଛି। ତେବେ ଶନିବାର ଇସ୍ରାଏଲୀ ସେନା ପ୍ରଥମ ଥର ପାଇଁ ଇରାନ ଉପରେ ସିଧାସଳଖ ଆକ୍ରମଣ କରିଛି।

୮୦ ଦଶକର ଇରାକ ଯୁଦ୍ଧ ପରେ କୌଣସି ବିଦେଶୀ ଶକ୍ତି ପକ୍ଷରୁ ଇରାନ ଉପରେ ଆକ୍ରମଣ କରାଯାଇ ନ ଥିଲା। ଇରାନର ମିଶାଇଲ ଉତ୍ପାଦନକାରୀ ଶିଳ୍ପକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ଏଥିସହିତ ଇରାନର ମିଶାଇଲ ରଖାଯାଇଥିବା ସ୍ଥାନ ଏବଂ ବାୟୁସେନା ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ଅକ୍ଟୋବର ୧ରେ ଇରାନ ଇସ୍ରାଏଲ୍ ଉପରେ ମିଶାଇଲ ଆକ୍ରମଣ କରିବା ପରେ ଏହାର ପ୍ରତିଶୋଧ ସ୍ୱରୂପ ଜେରୁଜେଲମ୍ ଏହାର ଆଣବିକ ସ୍ଥଳ ଏବଂ ତୈଳ ଉତ୍ପାଦନ ପ୍ରକଳ୍ପକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୁର୍ବଳଙ୍କୁ ଅଣଦେଖା**

# ନ୍ୟୁଜିଲାଣ୍ଡର ଐତିହାସିକ ବିଜୟ

### ୧୧୩ ରନ୍‌ରେ ହାରିଲା ଭାରତ | ୧୮ ସିରିଜ୍ ବିଜୟ ଧାରାରେ ବ୍ରେକ୍



ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜିତିବା ପରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ମିଚେଲ ସାଣ୍ଟନରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ପୁଣେ,୨୬।୧୦(ପି.ଟି.)**

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ୧୧୩ ରନରେ ଜିତି ଐତିହାସିକ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ କ୍ରିକେଟ ଦଳ। ଭାରତ ସମ୍ମୁଖରେ ୩୫୯ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଦଳ ୨୪୫ ରନ୍‌ରେ ଅଲଆଉଟ ହୋଇଥିଲା। ୩ ମ୍ୟାଚ ବିଶିଷ୍ଟ ସିରିଜ୍‌ର ପ୍ରଥମ ୨ ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୨-୦ରେ ଆଗୁଆ ସିରିଜ୍ ଜିତି ନେଇଛି। ଭାରତୀୟ ମାଟିରେ ଏହା ନ୍ୟୁଜିଲାଣ୍ଡର ପ୍ରଥମ ସିରିଜ୍ ବିଜୟ। ସେହିପରି ଘରୋଇ ମାଟିରେ ଲଗାତର ୧୮ ସିରିଜ ଜିତିବା ପରେ ଭାରତୀୟ ଦଳର ବିଜୟ ଧାରାରେ ବ୍ରେକ୍ ଲାଗିଛି। ୧୨ ବର୍ଷ ପରେ ଘରୋଇ ମାଟିରେ ଦଳ ଏକ ସିରିଜ ହାରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୯୮/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଦଳ ୨୫୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୪୮ ରନ୍‌ରେ ଅପରାଜିତ ରହିଥିବା ବେଳେ ଟମ୍ ବ୍ଲଣ୍ଡେଲ ୪୧ ରନ୍ କରିଥିଲେ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୪ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୩ ଓ ରବିଚନ୍ଦ୍ରନ ଅଶ୍ୱିନ ୨ ଉଇକେଟ ନେଇଥିଲେ। ପିଚ୍ ସମ୍ପୂର୍ଣ୍ଣ ଭାବରେ ସ୍ପିନ ବୋଲରଙ୍କୁ ସୁହାଉଥିବା ବେଳେ ଭାରତ ସମ୍ମୁଖରେ ଅସମ୍ଭବ ୩୫୯ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ନ୍ୟୁଜିଲାଣ୍ଡ। ସ୍ପିନ୍ ଖେଳିବାରେ ଭାରତୀୟ ଖେଳାଳି ପୁନର୍ବାର ବିଫଳ ହୋଇଥିବା ବେଳେ ଦଳ ୨୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ୭୭ ରନ୍ କରିଥିଲେ। ଅଧିନାୟକ ରୋହିତ ଶର୍ମା(୮) ଓ ଜୟସ୍ୱାଲ ସକାରାତ୍ମକ ଆରମ୍ଭ କରି ପ୍ରଥମ ଉଇକେଟରେ ୩୪ ରନ୍ ଯୋଡିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରଥମ ଇନିଂସରେ ହିରୋ ରହିଥିବା ମିଚେଲ ସାଣ୍ଟନର ଭାରତୀୟ ଅଧିନାୟକଙ୍କୁ ପ୍ୟାଭିଲିୟନ ପଠାଇ ଏହି ଯୋଡି ଭାଙ୍ଗିଥିଲେ। ପରେ ଶୁବମାନ ଗିଲ୍(୨୩)ଙ୍କ ସହିତ ଜୟସ୍ୱାଲ ୬୨ ☞ପୃଷ୍ଠା-୨


DSPL - 162

ଓଡ଼ିଶା ସରକାର

**ବାତ୍ୟା ପରବର୍ତ୍ତୀ ଜରୁରୀ ସ୍ୱାସ୍ଥ୍ୟ ସୂଚନା**

**ବାତ୍ୟା ପରେ ଜଳବାହିତ ରୋଗ (ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍), ଜ୍ୱର, ଥଣ୍ଡା କାଶ ଏବଂ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ବ୍ୟାପିବା ସହିତ ସାପ କାମୁଡାର ଆଶଙ୍କା ବୃଦ୍ଧି ପାଏ।**

**ତରଳ ଝାଡ଼ା (ଡ଼ାଇରିଆ) ନ ହେବା ପାଇଁ**

- ବିଶୁଦ୍ଧ ପାଣି ପିଅନ୍ତୁ – ୧ଲିଟର ପାଣିରେ ଗୋଟିଏ ହାଲୋଜୋନ ବଟିକା (୪ ମି.ଗ୍ରା) ପକାଇ ଅଧ ଘଣ୍ଟାପରେ ପିଅନ୍ତୁ ଅଥବା ପାଣି ଛାଣି ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାଇ ଥଣ୍ଡା କରି ପିଅନ୍ତୁ।
- ବିଶୋଧିତ ହୋଇନଥିବା ପାଣି ଆଦୌ ପିଅନ୍ତୁ ନାହିଁ।
- ପଚାସଢା ଓ ବାସି ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଇବା ପୂର୍ବରୁ ଓ ଝାଡ଼ା ଯିବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ।
- ତରଳ ଝାଡ଼ା (ଡ଼ାଇରିଆ) ହେଲେ ଯଥେଷ୍ଟ ପରିମାଣରେ ଓ.ଆର.ଏସ୍ ସର୍ବତ ପିଅନ୍ତୁ । ଓ.ଆର୍.ଏସ୍ ନଥିଲେ ୧ ଗ୍ଲାସ୍ (୨୦୦ ମି.ଲି) ପାଣିରେ ଚିମୁଟେ ଲୁଣ ଏବଂ ଗ୍ଚ ଚାମଚରେ ୨ ଗ୍ଚମଚ ଚିନି ମିଶାଇ ପିଅନ୍ତୁ।



**ସାପ କାମୁଡ଼ିଲେ**

- ସାପ କାମୁଡ଼ିଲେ ରୋଗୀକୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ। ଗୁଣି ଗାରେଡି କିମ୍ବା ଦେଶୀ ଚିକିତ୍ସାରେ ସମୟ ନଷ୍ଟ କରନ୍ତୁ ନାହିଁ।
- ସାପ କାମୁଡ଼ା ଇଞ୍ଜେକ୍‌ସନ୍ ସରକାରୀ ଡ଼ାକ୍ତରଖାନାରେ ମାଗଣାରେ ଉପଲବ୍ଧ।

**ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ**

- ସର୍ବଦା ମଶାରୀ ଟାଙ୍ଗି ଶୁଅନ୍ତୁ। ମଶା ଡିମ୍ବ ଦେଉଥିବା ସ୍ଥାନରୁ ପାଣି ନିଗାଡି ଦିଅନ୍ତୁ ଓ ପରିବେଶ ସଫା ରଖନ୍ତୁ।
- ଜ୍ୱର ହେଲେ ତୁରନ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରାଇ ଚିକିତ୍ସା କରାନ୍ତୁ।

**ବାତ୍ୟା ପରେ କାଶ, ଥଣ୍ଡାଜ୍ୱର, ଜଣ୍ଡିସ, ଟାଇଫଏଡ୍ ଆଦି ରୋଗ ଦେଖାଦେଲେ**

- ସଙ୍ଗେ ସଙ୍ଗେ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଚିକିତ୍ସା ମାଗଣାରେ ଉପଲବ୍ଧ।

**ବୟସ୍କ, ଭିନ୍ନକ୍ଷମ, ଗର୍ଭବତୀ ଓ ପ୍ରସୂତୀ ତଥା ଶିଶୁମାନଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ।**

OIPR-10003/13/0087/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



PATANJALI®

**ଦୀପାବଳି, ଭାଇ ଦୁଜ୍, ଛଟ୍ ଆଦି ପର୍ବପର୍ବାଣିରେ**

ପତଞ୍ଜଳି ଶୁଦ୍ଧ ଦେଶୀ ଗୁଆ ଘିଅ, ସ୍ୱାସ୍ଥ୍ୟକର ତେଲ ଏବଂ ଅନ୍ୟାନ୍ୟ ସାତ୍ତ୍ୱିକ ଏବଂ ପୁଷ୍ଟିକର ଉତ୍ପାଦ ହିଁ ଘରକୁ ଆଣନ୍ତୁ। ନିଜର ନିରୀହ ଶିଶୁ, ପରିବାର ସଦସ୍ୟଙ୍କୁ ଅପମିଶ୍ରଣର ଜହରରୁ ରକ୍ଷା କରନ୍ତୁ ଏବଂ ପତଞ୍ଜଳିର ରାଷ୍ଟ୍ର ସେବା ଯଜ୍ଞକୁ ସଫଳକାମ୍ୟ କରନ୍ତୁ।




ବଜାରରେ ଉପଲବ୍ଧ ଦେଶୀ ଘିଅରେ ପଶୁ ଚର୍ବି ଏବଂ ଅନ୍ୟ ପ୍ରକାର ବିପଜ୍ଜନକ ଅପମିଶ୍ରଣ ରହିଥାଏ। ହେଲେ, ପତଞ୍ଜଳି ଗୁଆ ଘିଅ କୌଣସି ପ୍ରକାର ଚର୍ବି, କୃତ୍ରିମ ସ୍ୱାଦ, ରଙ୍ଗ ଓ ଗନ୍ଧରୁ ମୁକ୍ତ ଅଟେ। କ୍ୱାଲିଟିର 60 ପ୍ରକାର ମାନଦଣ୍ଡରେ ଏହା ଉତ୍ତୀର୍ଣ୍ଣ ହୋଇଛି।

ସୋରିଷ ତେଲରେ ଶସ୍ତା ପାମ୍ ଅଏଲ୍‌ର ଅପମିଶ୍ରଣ ରହିଥାଏ। କେମିକାଲ୍ ପ୍ରୋସେସ୍‌ରେ ତିଆରି ରିଫାଇନ୍‌ଡ ଅଏଲ ସ୍ୱାସ୍ଥ୍ୟ ପାଇଁ ପୂର୍ଣ୍ଣ ସୁରକ୍ଷିତ ନୁହେଁ। ପତଞ୍ଜଳି ଅଏଲ୍‌ର ରେଞ୍ଜ ମସ୍ତିଷ୍କରୁ ନେଇ ସମଗ୍ର ଶରୀରର ପୋଷଣ ଓ କୋଲେଷ୍ଟରଲ୍ ତଥା ବ୍ୟାଡ୍ ଫ୍ୟାଟ୍‌ରୁ ସୁରକ୍ଷା ପ୍ରଦାନ କରିଥାଏ।







ପତଞ୍ଜଳି ହନି, ଚିନି ଓ ଅନ୍ୟ ଅପମିଶ୍ରଣରୁ ମୁକ୍ତ ଅଟେ। ବଜାରରେ ଉପଲବ୍ଧ ଅନ୍ୟାନ୍ୟ ଉତ୍ପାଦ ଅପମିଶ୍ରଣରେ ଭରପୂର, କିନ୍ତୁ ପତଞ୍ଜଳି ଚ୍ୟବନପ୍ରାଶ କେବଳ ମହର୍ଷି ଚ୍ୟବନ, ଚରକ ଓ ସୁଶ୍ରୁତ ମହର୍ଷିଙ୍କ ଦ୍ୱାରା ଶିଖାଯାଇଥିବା ପଦ୍ଧତି ଅନୁସାରେ ହିଁ ତିଆରି ହୋଇଥାଏ।

କ୍ୟାନ୍ସର କାରକ ମସଲା ଓ ମଇଦା ତଥା କୋଲେଷ୍ଟରଲ୍ ଯୁକ୍ତ ବିସ୍କୁଟ୍ କ୍ଷତିକାରକ ହୋଇଥାଏ। ମଇଦା ଓ ଅସ୍ୱାସ୍ଥ୍ୟକର ଫ୍ୟାଟ୍ ଓ କୋଲେଷ୍ଟରଲ୍ ଆଦିରୁ ମୁକ୍ତ ପତଞ୍ଜଳି ବିସ୍କୁଟ୍ ଓ ଅପମିଶ୍ରଣ ମୁକ୍ତ ପତଞ୍ଜଳି ମସଲା ଆପଣାନ୍ତୁ।







**ପତଞ୍ଜଳି ସୁଇଟ୍ସ ଏବଂ ଡ୍ରାଏ ଫ୍ରୁଟ୍‌ସ ଗିଫ୍ଟ ହ୍ୟାମ୍ପର୍ ତଥା ଶୁଦ୍ଧ ଦେଶୀ ଘିଅରେ ପ୍ରସ୍ତୁତ ବିଭିନ୍ନ ମିଷ୍ଟାନ୍ନ କେବଳ ପତଞ୍ଜଳି ଏକ୍ସକ୍ଲୁସିଭ୍ ଷ୍ଟୋରରେ ମିଳିଥାଏ।**

**ଅନ୍ୟ ସମସ୍ତ ପ୍ରଡକ୍ଟସ୍ ପତଞ୍ଜଳି ଷ୍ଟୋର୍ସ ସହିତ ଖୋଲା ବଜାରରେ ମଧ ଉପଲବ୍ଧ।**

Shop Online- www.patanjaliayurved.net | Customer Care Number - 18001804108

ORDER ME ଆପ୍ ମାଧ୍ୟମରେ ବି ଅନ୍‌ଲାଇନ ପତଞ୍ଜଳି ଉତ୍ପାଦ ଅର୍ଡର୍ କରନ୍ତୁ।

ଆପଣଙ୍କ ନିକଟତମ ପତଞ୍ଜଳି ଷ୍ଟୋର୍‌ର ସୂଚନା ପାଇଁ ସ୍କାନ୍ କରନ୍ତୁ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆରାଧନା ସମ୍ମାନ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୦ଟା।
- ଭିକାରୀବଳ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୨ଟା।
- ପୁସ୍ତକ 'ବ୍ଲୁମିଙ୍ଗ ଏଗେନ୍' ଉନ୍ମୋଚନ, ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ସମୟ: ଅପରାହ୍ନ ୫ଟା ୩୦।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ୧୮ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ପ୍ରଥମ ଭାକ୍ତିକ ସନ୍ଧ୍ୟା, ସ୍ଥାନ: ବୁଦ୍ଧ ମନ୍ଦିର ସଭାକକ୍ଷ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୦ଟା।
- ସିଲଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୫ଟା ୩୦।
- ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଡ. କଳ୍ପଲତା ଦାସଙ୍କ ଗଳ୍ପ ସଙ୍କଳନ ଧୂସର ପୃଥିବୀର ଉନ୍ମୋଚନ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଓଡ଼ିଶା ସଙ୍ଗୀତ ପରିଷଦ, ଷ୍ଟେଶନ ରୋଡ, ସମୟ: ସକାଳ ୯ଟା।
- ଭଗତ ସିଂହ ସ୍ମୃତି କମିଟି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ନିରଞ୍ଜନ ମିଶନ ପକ୍ଷରୁ ସପ୍ତାହ ବ୍ୟାପି ଅଖଣ୍ଡଶାନ୍ତି ଆଧ୍ୟାତ୍ମିକଜ୍ଞାନ ଯଜ୍ଞ ଶିବିର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଓମ୍‌ଫେଡ ଛକ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଫକୀରମୋହନ ସାହିତ୍ୟ ପରିଷଦର ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ରୌପ୍ୟଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ପୂର୍ବତନ ବ୍ଲକ ଚେୟାରମ୍ୟାନ ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ଖରିଦା ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ଚମ୍ପୁଆ ନେହେରୁ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଖଲ୍ଲିକୋଟ ବ୍ଲକ କୋମଣ୍ଡ ପଞ୍ଚାୟତ ଗୃହ, ସମୟ: ସକାଳ ୮ଟା।
- ଶ୍ରୀଅରବିନ୍ଦ ଅଗ୍ରଦୂତ ଛାତ୍ରୀଛାତ୍ର ପାଠଚକ୍ର ସମ୍ମିଳନୀ, ସ୍ଥାନ: ଖଲ୍ଲିକୋଟ ଅରବିନ୍ଦ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୯ଟା।
- ଘୁମୁସର ଗବେଷଣା ପ୍ରତିଷ୍ଠାନର ବୈଠକ, ସ୍ଥାନ: ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ମାନବ ସେବା ସମିତି ପକ୍ଷରୁ ନାରାୟଣ ସେବା ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଆସିକା ଖମ୍ବେଶ୍ୱରୀପାଟଣା ରାମେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ଭସାଣି ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ଢେଙ୍କାନାଳ ମିନାବଜାର ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ସାଢେ ୮ଟା।

## ଜଗତ୍‌ସିଂହପୁର
- ସ୍ୱେଚ୍ଛାସେବୀ ସଙ୍ଗଠନ ସୂର୍ଯ୍ୟମୁଖୀର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ହୋଟେଲ ଏମ୍ପାୟର୍ସ ପକ୍ଷରୁ ଦୀପାବଳି ଉପଲକ୍ଷେ ସ୍ପେଶାଲ ଉପହାର କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦର ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ:ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନିକିରାଇ, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:ନୟାଗଡ଼ ଏନଏସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ରାଜ୍ୟସ୍ତରୀୟ ବୈଠକ, ସ୍ଥାନ:ଫତେଗଡ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଅଖଣ୍ଡ ନାମ ଜପ, ପ୍ରସାଦ ବଣ୍ଟନ, ସ୍ଥାନ: ରାୟଗଡ଼ା ମଙ୍ଗଳା ମନ୍ଦିର, ସମୟ: ସକାଳ ୬ ଟା ଓ ରାତି ୮ଟା।
- ଭାଜପାର ମନ୍‌କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଭେଙ୍କେଟେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପରବ ଶୁଭାରମ୍ଭ, ସ୍ଥାନ: କୋରାପୁଟର ମା ନିଶାଣିମୁଣ୍ଡା ପୀଠ, ସମୟ: ସକାଳ ୮ ଟା।
- ଜାତୀୟସ୍ତରୀୟ ପରବ ୨୦୨୪ର ମଶାଲ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: ମାଉଲିମା ମନ୍ଦିର, ଦୁଧାରୀ, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## ମାଲକାନଗିରି
- ଶିଶୁ ମହୋତ୍ସବ ସୁରଭିର ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଟିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାୱା ୟେଜ୍‌ଦି ମୋଟରସାଇକେଲ ସୋରୁମ୍ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ ନିକଟ, ସମୟ: ପୂର୍ବାହ୍ନ ୧୧ଟା ୪୫।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ମାଷ୍ଟର ଟିନ ଓ ମିସ୍ ଟିନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ପୂର୍ବାହ୍ନ ୯ଟା।
- କଲମ ପରିବାର ପକ୍ଷରୁ ଗୋଲାପ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ପୁରୁଣା ଆରଟିଓ ଅଫିସ ସମ୍ମୁଖସ୍ଥ ପାର୍କ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ: ସମ୍ବଲପୁରୀ ଠେରା, ସମୟ: ପୂର୍ବାହ୍ନ ୧୧ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ମ୍ୟାଚ ଚିପିଲିମା ହାଇସ୍କୁଲ ବନାମ ବିକାଶ କନସେପ୍ଟ ସ୍କୁଲ, ସ୍ଥାନ : ସିଂହପାଲି – କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୪ଟା।
- ବୁର୍ଲା ହାଇସ୍କୁଲ ବନାମ ମୁଣ୍ଡେନପାଲି ହାଇସ୍କୁଲ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ସିଂହପାଲି–କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୪ଟା।
- ପୂର୍ବତନ ବିଧାୟକ ମକରଧ୍ୱଜ ସାହୁଙ୍କ ବିୟୋଗରେ ନାଗରିକ ଶୋକସଭା, ସ୍ଥାନ: ଦାନିପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ : ଅପରାହ୍ନ ୫ଟା।
- ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା୩୦।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଉପଲକ୍ଷେ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଆମର ପିଠାମଡା ପ୍ରତିଯୋଗିତା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିରେ ବ୍ଲକସ୍ତରୀୟ ସୁରଭି ଉତ୍ସବ, ସ୍ଥାନ: ବିଇଓ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ରେଡକ୍ରସ ସୋସାଇଟି ଓ ସିଦ୍ଧାର୍ଥ ଜୁନିୟର କଲେଜ ଆନୁକୂଲ୍ୟରେ ଯୁବ ରେଡକ୍ରସ୍ ଶିକ୍ଷା ତାଲିମ ଶିବିର, ସ୍ଥାନ: ବିନିକା ସିଦ୍ଧାର୍ଥ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ, ବୀରମହାରାଜପୁର, ସମୟ: ସକାଳ ୯ ଟା।
- ବିଜୁ ଜନତା ଦଳର ପଦଯାତ୍ରା, ସ୍ଥାନ: ପିତାମହୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- –ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟର ଦିତୀୟ ଦିବସ, ସ୍ଥାନ:ବୁଟୁଖମନ, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମହାନଦୀ ସାହିତ୍ୟ ସଂସଦର ବାର୍ଷିକ ସମାରୋହ ମହାନଦୀ ଉତ୍ସବ–୨୦୨୪, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।
- ତରଭା ଅନ୍ତର୍ଡା ମନ୍ଦିରରେ ତ୍ରିନାଥ ମେଳା, ପୂଜାର୍ଚ୍ଚନା ଓ ପୁରାଣପାଠ, ସ୍ଥାନ: ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଳାପାଣି ଛକ, ବରଗଡ଼, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ତାଳଶ୍ରୀଗିଡ଼ା, ବରଗଡ଼, ସମୟ: ସକାଳ ୯ଟା।
- ଜିଲା ଚେସ୍ ଚାମ୍ପିୟନଶିପ୍ ପ୍ରତିଯୋଗିତା, ସ୍ଥାନ: ଇମ୍ପେରିୟଲ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ଲରମ୍ବା କଲେଜ ଖେଳ ପଡ଼ିଆ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ମୁନିନ୍ଦର ଧର୍ମାର୍ଥ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଉଦିତ ନଗର ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଗାୟତ୍ରୀ ଶକ୍ତିପୀଠରେ ବୈଠକ, ସ୍ଥାନ: ରାଉରକେଲା ଗାୟତ୍ରୀ ପରିବାର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିବେଣୀ କଳା ପରିଷଦର ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜଭବନ, ସେକ୍ଟର–୫ ସମୟ: ଅପରାହ୍ନ ୪ଟା ୩୦।
- ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକ ସାରସ୍ୱତ ସ୍ମୃତି ନୈବେଦ୍ୟ, ସ୍ଥାନ: ସେକ୍ଟର–୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ସର୍ବଦଳୀୟ ଶ୍ରମ ସଙ୍ଗଠନ ବୈଠକ, ସ୍ଥାନ: ସେକ୍ଟର–୧୬, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକ ମାସ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ସକାଳ ୫ଟା।
- ଦ୍ୱିତୀୟ ରାଜ୍ୟସ୍ତରୀୟ ନାରୀକବି ସମ୍ମିଳନୀ–୨୦୨୪ ଉଦ୍‌ଘାଟନୀ ଉତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ପ୍ରଥମ ଅଧିବେଶନ ସକାଳ ୯ଟା ୩୦।
- କଣ୍ଢେଇ ଗଜଲକ୍ଷ୍ମୀ ପୂଜା ବିସର୍ଜନ, ସ୍ଥାନ: କଣ୍ଢେଇ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କଲ୍ୟାଣ ମଣ୍ଡପ, ତିଲେଇବଣି, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ କବିଙ୍କ ଦ୍ୱାରା କବିତା ପାଠ, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୨ଟା।
- ଗୋକେନେଶ୍ୱର ମନ୍ଦିରରେ ଧବଳେଶ୍ୱର ପୂଜା ନିମନ୍ତେ ସାଧାରଣ ସଭା ଓ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋକେନେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କଳାହାଣ୍ଡି ଜିଲାର ୧୨ଜଣ ଏସ୍‌ଟି/ଏସ୍‌ସି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ବୃଦ୍ଧିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ୩ୟ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ଅଷ୍ଟମ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କେତୁଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପ୍ରତ୍ୟେକ କାମରେ ସମସ୍ୟାର ସମ୍ମୁଖୀନ ହେବେ। ସାମାଜିକ, ପାରିବାରିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ହେତୁ ସଫଳତା ମିଳିବ। ସହକର୍ମୀଙ୍କ ସହ କଥା କଟାକଟି ଦେଖାଦେବାରୁ ମତାନ୍ତରର ସମ୍ଭାବନା ରହିଛି। ଯେକୌଣସି ପରିସ୍ଥିତିରେ ମଧ୍ୟ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** – ଶୁକ୍ର ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ବିଳାସପ୍ରିୟ ଜୀବନଯାପନର ଖୋରାକ ପାଇପାରିବେ। ସ୍ୱଗୃହୀ ଶନିଙ୍କ ସୁପ୍ରଭାବରୁ ସ୍ଥଗିତ କାମ ପୂର୍ଣ୍ଣାଙ୍ଗ କରିବା ସକାଶେ ଦୃଢ଼ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପରିବାର ଭିତରେ ବିବାଦ ଦେଖାଦେଇପାରେ। ମଙ୍ଗଳଙ୍କ ଦୁର୍ବଳତା ହେତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିଜନିତ ଦୁଚିନ୍ତା ସୃଷ୍ଟିହେବ।

**ମିଥୁନ** – କୋଣଭାବସ୍ଥ ଧନାଧିପତି ଆର୍ଥିକ ସହାୟତା ପ୍ରଦାନ କରି ବନ୍ଧୁଙ୍କୁ ଆପଣାର କରାଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଅନୁକମ୍ପାରୁ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ରାଜନୀତି, ସଭାସମିତି ଓ ସଂଗଠନ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେତୁ ମନସ୍ତାପ କରିବେ। ବ୍ୟବସାୟ, ପରିବହନ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**କର୍କଟ** – ଅଷ୍ଟମସ୍ଥ ଶନି ଧନସ୍ଥାନକୁ ଅବଲୋକନ କରୁଥିବାରୁ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦର ସମ୍ମୁଖୀନ ହେବେ। ପାରିବାରିକ ଶାନ୍ତି ଫେରିବା ନେଇ ଆଶାବାଦୀ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ଇଚ୍ଛାନଥିଲେ ମଧ୍ୟ ବାଧ୍ୟବାଧକତାରେ ଅନେକ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ସିଂହ** – ମୁଖଭାବସ୍ଥ ପାପଗ୍ରହଯୁକ୍ତ ଚନ୍ଦ୍ର ହେତୁ କହିଥିବା କଥାକୁ ଗୁରୁତର ସମସ୍ୟା ସୃଷ୍ଟି ହେବ। ଭାଙ୍ଗି ପଡିଥିବା ସମ୍ପର୍କ ଯୋଡିବା ସକାଶେ ଅନ୍ୟର ସାହାଯ୍ୟ ପ୍ରାର୍ଥୀ ହେବାକୁ ପଡ଼ିବ। ସନ୍ତାନଙ୍କ ସମସ୍ୟାଜନିତ ଅନ୍ୟମନସ୍କତା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଅଶାନ୍ତି ବଢ଼ିବ।

**କନ୍ୟା** – ଚତୁର୍ଥ କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରେ ପାରିବାରିକ ସମସ୍ୟା ଭିତରେ ଭିତରେ କୁହୁଳୁଥିଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ କେତେକାଂଶରେ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ମତାନ୍ତର ଜନିତ କାର୍ଯ୍ୟହାନି ଘଟିପାରେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ତର୍କ ଓ ବିବାଦର ଆଶଙ୍କା ରହିଛି।

**ତୁଳା** – ଉଚ୍ଚାରୋହୀ ରାଶ୍ୟାଧିପତି ଗୁରୁ କ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରି ନିଜେ ଚର୍ଚ୍ଚାର ପରିସରକୁ ଆସିପାରନ୍ତି। ମନକଥା ମନରେ ରଖି ବାହାରକୁ ଠିକ୍ ଭାବେ କାମ କରିବାର ଅଭିନୟ କରିପାରନ୍ତି। ନିଜ ପରିସର ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରେ ନୂତନ କର୍ମାରମ୍ଭ କରି ଖୁସି ହେବେ।

**ବିଛା** – ଆଜିର ଗ୍ରହଯୋଗ ପ୍ରଭାବରୁ ଅତୀତ ସ୍ମୃତି ରୋମନ୍ଥନ କରି ଭାବ ବିଭୋର ହେବେ। ବିଭିନ୍ନ ସଙ୍ଗଠନରେ ସାମିଲ ହୋଇ ପ୍ରଶଂସିତ ହେବା ଯୋଜନା କରିବେ। ବ୍ୟବସାୟରେ ଲାଭ, ଯାତ୍ରାରେ ସଫଳତା ସହ ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହୋଇପାରିବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ସାମୟିକ ଭାବରେ ମାନସିକ ଆଘାତ ପାଇବେ।

**ଧନୁ** – ଶନିଙ୍କ ଅବସ୍ଥିତି କ୍ରମେ ନିକଟସ୍ଥ ବ୍ୟକ୍ତିଙ୍କ କାର୍ଯ୍ୟକଳାପରୁ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିବା ହେତୁ ବ୍ୟସ୍ତତା ଅନୁଭବ କରିବେ। ଦୂରଯାତ୍ରା ଓ କୌଣସି ଧାର୍ମିକ କାମ ସକାଶେ ବିଭିନ୍ନ ଯୋଜନା କରିବେ। କୌଣସି କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ।

**ମକର** – ସପ୍ତମାଧିପତି କେତୁ ଯୁକ୍ତ କାରଣରୁ କାମର ଚାପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ପାଇବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ପାଇଁ ଦିନଟି ବହୁତ ଭଲ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ଓ ପାରିବାରିକ କ୍ଷେତ୍ରରେ ସ୍ୱାମୀଙ୍କ ତରଫରୁ କିଛି ସମସ୍ୟାର ସମ୍ମୁଖୀନ ହେବେ।

**କୁମ୍ଭ** – ରାଶ୍ୟାଧିପତି ସ୍ୱଗୃହସ୍ଥ ଯୋଗୁ ସ୍ୱାସ୍ଥ୍ୟ, ପରିବାର ଓ କର୍ମକ୍ଷେତ୍ର ପାଇଁ ଆଜି ଅସୁବିଧା ହେବନାହିଁ। ନିର୍ମାଣାଧୀନ ଗୃହସୀମା କିମ୍ବା ଜମିବାଡ଼ି ସମ୍ପର୍କରେ ବାକ୍‌ଯୁଦ୍ଧ ଲାଗିପାରେ। ସଭାସମିତି, ଆନୁଷ୍ଠାନିକ କାମ, ପରିବହନ ଓ ରପ୍ତାନି ବାଣିଜ୍ୟରୁ ଖୁସି ରହିବେ। ଋଣ ପରିଶୋଧ, ଶତ୍ରୁତା କିମ୍ବା ବନ୍ଧୁଙ୍କ ନୀରବତା ମନକୁ ମ୍ଳାନ କରିଦେଇପାରେ।

**ମୀନ** – ବକ୍ରୀ ବୁଧ ଷଷ୍ଠାଧିପତି ଯୁକ୍ତ ହେତୁ କେତେକ ଅସଜଡ଼ା କାମଜନିତ ବିଶୃଙ୍ଖଳା ଦୁଶ୍ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସହ ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଢ଼ିବ। ମାଲି ମକଦ୍ଦମା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସମ୍ପର୍କୀୟ ସମସ୍ୟା ଦୂର ହେବ। କର୍ମକ୍ଷେତ୍ରରେ ଟେନସନ୍ ଦୂର ହେବାରେ ସହକର୍ମୀଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

ଆଜି ଅକ୍ଟୋବର ୨୭ ତାରିଖ, କାର୍ତ୍ତିକ କୃଷ୍ଣ ଏକାଦଶୀ ରବିବାର, ରାଶିନକ୍ଷତ୍ର– ଦିବା ଘ.୧୨।୨୪ମି. ପର୍ଯ୍ୟନ୍ତ, ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୩୪ ଗତେ ଘ.୦୮।୫୧ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୬ମି. ଗତେ ଘ.୦୫।୧୧ ମଧ୍ୟେ ରାହୁକାଳ।

# ନଭେମ୍ବର ୨୨ରେ 'ନାମ୍'



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅଜୟ ଦେବଗନ ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସିଙ୍ଘମ୍ ଏଗେନ୍'ର ପ୍ରମୋଶନରେ ସମ୍ପ୍ରତି ବ୍ୟସ୍ତ ରହିଛନ୍ତି। ଏହାରି ମଧ୍ୟରେ ତାଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଅଜୟଙ୍କ ଅନ୍ୟ ଏକ ଫିଲ୍ମ 'ନାମ୍'ର ରିଲିଜ୍ ତାରିଖକୁ ଶନିବାର ଘୋଷଣା କରାଯାଇଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ନାମ୍'ର ଏକ ପୋଷ୍ଟର ରିଲିଜ୍ କରାଯିବା ସହ ଏହା ଆସନ୍ତା ନଭେମ୍ବର ୨୨ରେ ରିଲିଜ୍ ହେବ ବୋଲି ସୂଚନା ଦିଆଯାଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ଅନିସ୍ ବଜ୍‌ମି ଦେଇଛନ୍ତି। ଅଜୟ ଏବଂ ଅନିସ୍‌ଙ୍କ ଯୋଡ଼ିର ଏହା ଚତୁର୍ଥ ଚଳଚ୍ଚିତ୍ର ହେବ। ଏହା ପୂର୍ବରୁ ଉଭୟେ 'ହଲଚଲ', 'ପ୍ୟାର୍ ତୋ ହୋନା ହି ଥା' ଏବଂ 'ଦିୱାନଗି' ଫିଲ୍ମରେ ଏକସଙ୍ଗେ କାମ କରିଛନ୍ତି। ପୂର୍ବରୁ ଏହି ଚଳଚ୍ଚିତ୍ର ୨୦୨୨ରେ ମୁକ୍ତିଲାଭ କରିବାର ଥିଲା। ଅନେକଥର ସ୍ଥଗିତ ରହିବା ପରେ ଏହି ଫିଲ୍ମ ଆସନ୍ତା ନଭେମ୍ବର ୨୨ରେ ବଡ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି। 'ନାମ୍' ଏକ ମନସ୍ତାତ୍ତ୍ୱିକ ଥ୍ରୀଲର ହୋଇଥିବାବେଳେ ଏହାର କାହାଣୀ ଅନୁଯାୟୀ ଜଣେ ବ୍ୟକ୍ତି ନିଜର ସ୍ମୃତି ହରାଇଥାନ୍ତି। ପରେ ସେ ନିଜର ପରିଚୟ ଖୋଜିବା ପାଇଁ ଯାତ୍ରା ଆରମ୍ଭ କରିଥାନ୍ତି। ଏହି ଫିଲ୍ମର ଶୁଟିଂ ସ୍ୱିଜରଲାଣ୍ଡ ଏବଂ ମୁମ୍ବାଇରେ କରାଯାଇଛି। ଅନିଲ ରୁଙ୍ଗଟାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଅଭିନେତ୍ରୀ ସମୀରା ରେଡ୍ଡୀ ଓ ଭୂମିକା ଚାୱଲା ନଜରକୁ ଆସିବେ। ଅଜୟଙ୍କ ଏହି ଚଳଚ୍ଚିତ୍ରର ତାରିଖ ଘୋଷଣା ହେବା ପରେ ତାଙ୍କ ପ୍ରଶଂସକମାନେ ବେଶ୍ ଖୁସି ଅଛନ୍ତି। ଫିଲ୍ମରେ ଅଜୟଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଛି। ତେବେ ନିର୍ଦ୍ଦେଶକ ଅନିସ୍ ବଜ୍‌ମିଙ୍କ ପରବର୍ତ୍ତୀ ଫିଲ୍ମ 'ଭୁଲ୍ ଭୁଲୈୟା ୩' ଆସନ୍ତା ନଭେମ୍ବର ୧ରେ ମୁକ୍ତିଲାଭ କରିବ। ଉକ୍ତ ଫିଲ୍ମରେ ଅଭିନେତା କାର୍ତ୍ତିକ ଆର୍ଯ୍ୟାନ୍, ତୃପ୍ତି ଡିମ୍ରି, ବିଦ୍ୟା ବଲାନ୍ ଏବଂ ମାଧୁରୀ ଦୀକ୍ଷିତ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। କୌତୂହଳର ବିଷୟ ହେଉଛି, ବକ୍ସ ଅଫିସରେ ଅନିସ୍‌ଙ୍କ 'ଭୁଲ୍ ଭୁଲୈୟା ୩' ସହ ଅଜୟଙ୍କ 'ସିଙ୍ଘମ୍ ଏଗେନ୍' ମଧ୍ୟରେ ଲଢ଼େଇ ହେବ।

# ସ୍କ୍ରବ୍ ଟାଇଫସ୍‌ରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ବରଗଡ଼, ୨୬।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇ ଶନିବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ପାଇକମାଳ ବ୍ଲକ ବୁକ୍ରାମୁଣ୍ଡା ପଞ୍ଚାୟତ ମହୁଲପାଲି ଗ୍ରାମର ନାରାୟଣ ଦେବତା। ସ୍କ୍ରବ୍ ଟାଇଫସ୍ ରୋଗରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡଙ୍ଗୀଙ୍କ ମତାମତ ମିଳିପାରିନାହିଁ। ମୃତ ଚାଷୀ ଅନେକ ଦିନ ହେଲା ଜ୍ୱରରେ ପୀଡିତ ଥିଲେ। ବୁକ୍ରାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ତାଙ୍କର ଚିକିତ୍ସା କରାଯାଇଥିଲା। ଜ୍ୱର ନ ଛାଡିବାରୁ ପରେ ପଦ୍ମପୁର ଉପଖଣ୍ଡ ଏବଂ ଜିଲା ମୁଖ୍ୟ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ପୁଣି ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ବନ୍ୟା ସ୍ଥିତି: ୧୦ ...

ନିର୍ଭରଶୀଳ ୧୦ରୁ ଊର୍ଦ୍ଧ୍ୱ ଗାଁ ବେଗୁନିଆ, ତୋଟାପଡ଼ା, ସଂଶାପାଳ, ଦୋବାଟି, ଡୁମଗଣ୍ଡିରା, ନିଶଙ୍କପୁର ଆଦି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଏହି ରାସ୍ତା ଦେଇ ଗମନାଗମନ କରୁଥିବା ଜନସାଧାରଣଙ୍କ ସହ ଆମ୍ବୁଲାନ୍ସ, ଦମକଳ ଓ ସମସ୍ତ ଜରୁରୀକାଳୀନ ସେବା ପାଇଁ ଅଧିକ ୧୫ କି.ମି. ଦୂର ରାସ୍ତାରେ ଯାତାୟାତ କରିବାକୁ ପଡୁଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାଜଳ ପ୍ରବେଶ ଯୋଗୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବା ସହ ଚାଷଜମି ଜଳାର୍ଣ୍ଣବ ହୋଇ ବ୍ୟାପକ କ୍ଷତି ଘଟିଛି। ରେମୁଣା ବ୍ଲକ ଅଧୀନ ଦହପଡ଼ା ନିକଟରେ ଜଳମଗ୍ନ ଥିବା ଏକ ଇଟାଭାଟି ସଂଲଗ୍ନ ଆଜବେଷ୍ଟସ ଘର ଛାତରୁ ୩ଜଣ ଶ୍ରମିକଙ୍କୁ ବାଲେଶ୍ୱର ଦମକଳ ବାହିନୀ ପକ୍ଷରୁ ପାୱାର ବୋଟ୍ ଯୋଗେ ଉଦ୍ଧାର କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ରେମୁଣା ବ୍ଲକ ଭୀମପୁରା ଅଞ୍ଚଳର ବନ୍ୟା ପାଣିଘେରରେ ଥିବା ୫ଜଣଙ୍କୁ, କାଠସଙ୍ଗଡ଼ା ଅଞ୍ଚଳର ଦୁଇ ପରିବାରର ୧୦ଜଣଙ୍କୁ ଏବଂ କସିମିଳା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳୀରେ ରଖାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ରେମୁଣା ଓ ସଦର ବ୍ଲକର ବନ୍ୟାଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀ ଓ ସୁରକ୍ଷିତ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହେବା ପାଇଁ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ସୂଚନା ଦିଆଯାଇଛି।

## ସୋସିଆଲ ମିଡିଆକୁ ନିର୍ଦ୍ଦେଶ...

ପ୍ଲାଟ୍‌ଫର୍ମଗୁଡ଼ିକ ୭୨ ଘଣ୍ଟା ମଧ୍ୟରେ ସେମାନଙ୍କ ପାଖରେ ବା ନିୟନ୍ତ୍ରଣରେ ଥିବା ଏ ସମ୍ପର୍କିତ ସୂଚନା ଦେବା ସହ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସହାୟତା କରିବେ। ୟୁଜରଙ୍କ ପରିଚୟ ଯାଞ୍ଚ କରିବା, ସେମାନଙ୍କୁ ଚିହ୍ନଟ କରିବା ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କିମ୍ବା ସାଇବର ସୁରକ୍ଷା ଲାଗି ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେମାନଙ୍କ ପାଖରେ ଥିବା ଆବଶ୍ୟକ ତଥ୍ୟ ନିର୍ଦ୍ଧାରିତ ସମୟସୀମା ଯଥାଶୀଘ୍ର ସମ୍ଭବ ତଥା ୭୨ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଯୋଗାଇ ଦେବାକୁ ଆଡଭାଇଜରିରେ କୁହାଯାଇଛି। ହୋକ୍ସ କଲ୍ ପାଇଁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିବାରୁ ଏହାକୁ ବିଚାରକୁ ନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଉତ୍ତରଦାୟୀ ହେବାକୁ କୁହାଯିବା ସହ ହୋକ୍ସ ବୋମା ଧମକ ପ୍ରସାରକୁ ଅନୁମତି ନ ଦେବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି।

## ଇରାନକୁ ଇସ୍ରାଏଲ୍‌ର ...

ଟାର୍ଗେଟ କରି ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଥିଲା। ତେବେ ସେଗୁଡ଼ିକୁ ଟାର୍ଗେଟ କରାଯିବ ନାହିଁ ବୋଲି ଇସ୍ରାଏଲ୍ ଆମେରିକାର ଜୋ ବାଇଡେନ୍ ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲା। ଆମେ ଗାଜା ଏବଂ ଲେବାନନ୍ ଯୁଦ୍ଧକୁ ଫୋକସ୍ କରୁଛୁ। ତେବେ ଆଞ୍ଚଳିକ ଉତ୍ତେଜନା ବଢ଼ାଇବା ପାଇଁ ଇରାନ ବାରମ୍ବାର ଉସୁକାଉଥିବା ଇସ୍ରାଏଲୀ ସେନା ମୁଖପାତ୍ର ଡାନିଏଲ୍ ହଗାରି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

ଇରାନର ୨୦ରୁ ଊର୍ଦ୍ଧ୍ୱ ସ୍ଥାନକୁ ଟାର୍ଗେଟ କରି ଇସ୍ରାଏଲ୍‌ର ଶତାଧିକ ଯୁଦ୍ଧବିମାନ ବୋମାମାଡ଼ କରିଥିଲେ। ଆକ୍ରମଣ ସମୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ପ୍ରତିରକ୍ଷା ମନ୍ତ୍ରୀ ୟୋଏଭ୍ ଗାଲାଣ୍ଟ ତେଲ୍ ଆଭିଭ୍‌ସ୍ଥିତ ସେନା ମୁଖ୍ୟାଳୟରେ ଥିଲେ। ଇରାନର ଏୟାର ଡିଫେନ୍ସ ସିଷ୍ଟମ୍ ଇସ୍ରାଏଲ୍ ଆକ୍ରମଣକୁ ସଫଳତାର ସହ ମୁକାବିଲା କରିଥିଲା। ଏହା ସତ୍ତ୍ୱେ କେତେକ ସ୍ଥାନରେ ସୀମିତ କ୍ଷୟକ୍ଷତି ହୋଇଛି। ଏୟାରଷ୍ଟ୍ରାଇକ୍‌ରେ ଇରାନର ୨ ସୈନ୍ୟ ନିହତ ହୋଇଥିବା ଏହାର ସେନା ପକ୍ଷରୁ କୁହାଯାଇଛି। ଦେଶବାସୀଙ୍କର ଏବଂ ଦେଶ ସ୍ୱାର୍ଥର ସୁରକ୍ଷା ପାଇଁ ଇସ୍‌ଲାମିକ ରିପବ୍ଲିକ୍ ଅଫ୍ ଇରାନ ଏହାର ଦୃଢ଼ ଜବାବ ଦେବ। ଆକ୍ରମଣ ପରେ ଇରାନ ଏବଂ ଇରାକ ଏହାର ସମସ୍ତ ରୁଟ୍‌ରେ ବିମାନ ଚଳାଚଳ ବନ୍ଦ ରଖିଛନ୍ତି। ସେହିପରି ଇସ୍ରାଏଲ୍ ମଧ୍ୟ ଏହାର ଆକାଶ ମାର୍ଗକୁ ବେସାମରିକ ବିମାନ ଚଳାଚଳ ପାଇଁ ବନ୍ଦ କରିଦେଇଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲ ଏନେଇ ଆମେରିକାର ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଆକ୍ରମଣରେ ଯୁକ୍ତରାଷ୍ଟ୍ର ସାମିଲ ହୋଇ ନ ଥିବା ହ୍ୱାଇଟ୍ ହାଉସ୍‌ର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି। ଇସ୍ରାଏଲ୍ ଆତ୍ମରକ୍ଷା ପାଇଁ ପ୍ରିସାଇଜ୍ ଷ୍ଟ୍ରାଇକ୍ କରିଥିବା ଆମେରିକା କହିଛି।

## ନ୍ୟୁଜିଲାଣ୍ଡର ଐତିହାସିକ...

ରନ୍ ଯୋଡିଥିଲେ। ଜୟସ୍ୱାଲ ଚମତ୍କାର କାଉଣ୍ଟର ଆଟାକ୍ କରି ୬୫ ବଲ୍ ଖେଳି ୭୭ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ଷ୍ଟାର ବ୍ୟାଟର ବିରାଟ କୋହଲି ୧୭ ଓ ରିଷଭ ପନ୍ତ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିବା ପରେ ଭାରତର ପରାଜୟ ନିଶ୍ଚିତ ହୋଇଯାଇଥିଲା। ୱାଶିଂଟନ୍ ସୁନ୍ଦର ୨୧ ରନ୍ କରିଥିବା ବେଳେ ସର୍ଫରାଜ ଖାନ୍ ୯ ରନ୍ କରିଥିଲେ। ପରେ ରବୀନ୍ଦ୍ର ଜାଡେଜା ୪୨ ଓ ରବିଚନ୍ଦ୍ରନ ଅଶ୍ୱିନ ୧୮ ରନ୍ କରି ପରାଜୟକୁ ସାମାନ୍ୟ ବିଳମ୍ବିତ କରିଥିଲେ। ପ୍ରଥମ ଇନିଂସରେ ଭାରତର ବିପର୍ଯ୍ୟୟ ଘଟାଇଥିବା ମିଚେଲ ସାଣ୍ଟନର ଦ୍ୱିତୀୟ ଇନିଂସରେ ୬ ଉଇକେଟ ନେଇ ଆଉଥରେ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଜୟସ୍ୱାଲ, ରୋହିତ, ଗିଲ୍, କୋହଲି, ସର୍ଫରାଜ ଓ ଅଶ୍ୱିନଙ୍କୁ ଆଉଟ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଜାଜ ପଟେଲ ୨ ଓ ଗ୍ଲେନ୍ ଫିଲିପ୍ସ ୧ ଉଇକେଟ ନେଇଥିଲେ। ଉଭୟ ଇନିଂସରେ ୧୩ ଉଇକେଟ ନେଇଥିବା ମିଚେଲ ସାଣ୍ଟନରଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୫୯/୧୦। ଭାରତ ପ୍ରଥମ ଇନିଂସ ୧୫୬/୧୦।**

ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୬୯.୪ ଓଭରରେ ୨୫୫/୧୦(ଟମ୍ ଲାଥାମ–୮୬, ଗ୍ଲେନ୍ ଫିଲିପ୍ସ–୪୮*, ଟମ୍ ବ୍ଲଣ୍ଡେଲ–୪୧, ୱାଶିଂଟନ୍ ସୁନ୍ଦର–୪/୫୬, ରବୀନ୍ଦ୍ର ଜାଡେଜା–୩/୭୨, ରବିଚନ୍ଦ୍ରନ ଅଶ୍ୱିନ–୨/୯୭)।

ଭାରତ ଦ୍ୱିତୀୟ ଇନିଂସ ୬୦.୨ ଓଭରରେ ୨୪୫/୧୦(ଯଶସ୍ୱୀ ଜୟସ୍ୱାଲ–୭୭, ରବୀନ୍ଦ୍ର ଜାଡେଜା–୪୨, ଶୁବମାନ ଗିଲ୍–୨୩, ମିଚେଲ ସାଣ୍ଟନର–୬/୧୦୪, ଏଜାଜ ପଟେଲ–୨/୪୩, ଗ୍ଲେନ୍ ଫିଲିପ୍ସ–୧/୬୦)।

# ଗଣମାଧ୍ୟମରେ ଏଆଇ ବ୍ୟବହାରର ତର୍ଜମା ହେଉ: ଏନ୍. ରାମ

## ‘ଅପର୍ଚୁନିଟିଜ୍ ଆଣ୍ଡ୍ ଚ୍ୟାଲେଞ୍ଜେସ୍ ଇନ୍ ରିଜିଓନାଲ ମିଡିଆ’ କନ୍‌କ୍ଲେଭ

ଭୁବନେଶ୍ୱର,୨୬।୧୦(ଅନିଲ ଦାସ)

ମିଡିଆ ସଂସ୍ଥାଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାରର ତର୍ଜମା କରନ୍ତୁ ବୋଲି ‘ଦି ହିନ୍ଦୁ’ର ପୂର୍ବତନ ଏଡିଟର୍-ଇନ୍-ଚିଫ୍ ଏନ୍.ରାମ କହିଛନ୍ତି। ଶନିବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଏବଂ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ‘ଅପର୍ଚୁନିଟିଜ୍ ଆଣ୍ଡ୍ ଚ୍ୟାଲେଞ୍ଜେସ୍ ଇନ୍ ରିଜିଓନାଲ ମିଡିଆ’ କନ୍‌କ୍ଲେଭରେ ବକ୍ତବ୍ୟ ଦେବା ଅବସରରେ ସେ ଏହା କହିଛନ୍ତି। ଗଣମାଧ୍ୟମର ସମସ୍ତ କର୍ମଚାରୀ ଏଆଇ ଡେଟା ଏବଂ ସିକ୍ୟୁରିଟି ବିଷୟରେ ଜାଣିବା ଅତ୍ୟନ୍ତ ଜରୁରୀ। ଏଆଇ ବ୍ୟବହାର ଦ୍ୱାରା ଖବରଦାତାଙ୍କ ବୃତ୍ତି ପ୍ରତି ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ମାତ୍ର ନିକଟ ଭବିଷ୍ୟତରେ ଭାରତରେ ଏଭଳି ହେବନାହିଁ। ଏହା ଉପରେ ବହୁତ ଆଲୋଚନା ହେବାର ଆବଶ୍ୟକତା ରହିଛି। ସେ ପୁଣି କହିଛନ୍ତି, ୨୦୧୪ ପରେ କେନ୍ଦ୍ରର ଭାଜପା ସରକାର ଓ ଅନେକ ରାଜ୍ୟ ସରକାର ଗଣମାଧ୍ୟମକୁ ଟାର୍ଗେଟ କରିବା ସହ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇଛନ୍ତି। ସରକାରଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତି, ସାମାଜିକ କର୍ମକର୍ତ୍ତା, ଛାତ୍ର, ଗଣମାଧ୍ୟମ ସଂସ୍ଥା ବିରୋଧରେ ଆତଙ୍କବାଦୀ ନିରୋଧୀ ଆଇନ ଲଗାଇ ଦିଆଯାଉଛି। ଜରୁରିକାଳୀନ ପରିସ୍ଥିତି ବେଳେ ଦେଶର ଗଣମାଧ୍ୟମ କଠିନ ସମୟ ଦେଇ ଗତି କରିଥିଲା। ବର୍ତ୍ତମାନ ସମୟରେ ମିଡିଆ ତାହାଠାରୁ ଆହୁରି ଖରାପ ସମୟ ଦେଇ ଗତିକରୁଛି ବୋଲି ଏନ୍. ରାମ କହିଛନ୍ତି।

କାର୍ଯ୍ୟକ୍ରମର ଆରମ୍ଭରେ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାର ସଭାପତି ତଥା ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ କହିଛନ୍ତି, ଦେଶରେ କୌଣସି ଜାତୀୟ ଖବରକାଗଜ ନାହିଁ କିମ୍ବା କୌଣସି ନେତା ଜାତୀୟ ସ୍ତରୀୟ ନୁହନ୍ତି। ଦେଶରେ ପ୍ରତ୍ୟେକ ହେଉଛନ୍ତି ଆଞ୍ଚଳିକ। ଯେତେବେଳେ ଆମେ ସମସ୍ତେ ଏକାଠି ହେବା ତାହାକୁ ଦେଶ କହିବା। ଇଂଲିଶ ଭାଷାର ଗଣମାଧ୍ୟମକୁ କେବଳ ଜାତୀୟ ଗଣମାଧ୍ୟମ କୁହାଯିବା କିମ୍ବା ଇଂଲିଶ କହୁଥିବା କୌଣସି ନେତାଙ୍କୁ ଜାତୀୟ ସ୍ତର ନେତା କୁହାଯିବାକୁ ସେ ରାଜି ନୁହନ୍ତି ବୋଲି କହିଛନ୍ତି।

ଦ୍ୱିତୀୟ ଅଧିବେଶନରେ ‘ଚ୍ୟାଲେଞ୍ଜେସ୍ ଫର୍ ଜର୍ନାଲିଷ୍ଟସ୍ ଇନ୍ ଏ ଷ୍ଟେଟ୍’ ଶୀର୍ଷକ ଆଲୋଚନାକୁ ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ ସଞ୍ଚାଳନା କରିଥିଲେ। ଏଥିରେ ଯୋଗ ଦେଇ ‘ସମାଜ’ ସମ୍ପାଦକ ତପନ ମିଶ୍ର କହିଛନ୍ତି, ଗଣମାଧ୍ୟମ ସଂସ୍ଥା ଚଳାଇବା ପାଇଁ ଅର୍ଥ ସବୁଠାରୁ ଆହ୍ୱାନପୂର୍ଣ୍ଣ। କର୍ମଚାରୀଙ୍କୁ ଦରମା ଦେବା ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ଆର୍ଥିକ ସମ୍ବଳ ଦୃଢ଼ ହେବା ଆବଶ୍ୟକ। ଅର୍ଥ ନ ଥିଲେ ଭଲ ଖବରଦାତା ମିଳିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସେହିପରି ‘ସମ୍ବାଦ’ର ସମ୍ପାଦକ ତନୟା ପଟ୍ଟନାୟକ କହିଛନ୍ତି, ଖବରକାଗଜର ବିଶ୍ୱସନୀୟତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। କର୍ମଚାରୀଙ୍କୁ ଠିକ ସମୟରେ ଦରମା ଦେବା ଗଣମାଧ୍ୟମ ସଂସ୍ଥା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ତୃତୀୟ ଅଧିବେଶନରେ ‘ମିଡିଆ ଲଜ୍, ନ୍ୟୁ କ୍ରିମିନାଲ ଲଜ୍ ଆଣ୍ଡ୍ ଦି ଚ୍ୟାଲେଞ୍ଜେସ୍ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଷ୍ଟସ’ ବିଷୟବସ୍ତୁ ଉପରେ ସ୍ୱତନ୍ତ୍ର ଅଭିଭାଷଣ ରଖି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ କହିଛନ୍ତି, ଜଣେ ନାଗରିକଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଯାହା ଗଣମାଧ୍ୟମର ସ୍ୱାଧୀନତା ମଧ୍ୟ ତାହା। ସେ କହିଛନ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ମିଡିଆ ହାଉସ୍ ଚଳାଇବା ଉଚିତ ନୁହେଁ। କାରଣ ସେଥିରେ ବ୍ୟବସାୟିକ ସ୍ୱାର୍ଥ ଅଧିକ ଗୁରୁତ୍ୱ ରଖିଥାଏ। ଗଣତନ୍ତ୍ର ପାଇଁ ଯେଭଳି ସ୍ୱାଧୀନ ନ୍ୟାୟପାଳିକା ଗୁରୁତ୍ୱପୂର୍ଣ୍ଣ ସେହିପରି ଗଣମାଧ୍ୟମ ମଧ୍ୟ ସମାନ ଭବେ ଗୁରୁତ୍ୱ ବହନ କରେ। ତେବେ ଗତ କିଛି ବର୍ଷ ହେବ ଦେଖାଯାଉଛି ଯେ ନ୍ୟାୟପାଳିକା ଯେଭଳି ଭାଙ୍ଗିଭାଙ୍ଗି ଯାଉଛି ଗଣମାଧ୍ୟମ ମଧ୍ୟ ସେହିଭଳି ସ୍ଥିତି ଦେଇ ଗତି କରୁଛି ବୋଲି ଜଷ୍ଟିସ ପଟ୍ଟନାୟକ କହିଛନ୍ତି। ଏ ସଂକ୍ରାନ୍ତ ଆଲୋଚନାରେ ଭାଗ ନେଇ ବରିଷ୍ଠ ସାମ୍ବାଦିକ ତଥା ଲେଖକ ପରଞ୍ଜୟ ଗୁହା ଠାକୁର୍ତ୍ତା କହିଛନ୍ତି, ପ୍ରେସ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପାର୍ଲାମେଣ୍ଟ ଦ୍ୱାରା ଗଠିତ ଏକ ବୈଧାନିକ ସଂସ୍ଥା, ଯାହା ଗଣମାଧ୍ୟମର ଜଗୁଆଳି ଭାବେ କାର୍ଯ୍ୟ କରିଥାଏ। ହେଲେ ଏହା ବର୍ତ୍ତମାନ ଦନ୍ତହୀନ ବାଘ ପାଲଟିଯାଇଛି। ସୁପ୍ରିମକୋର୍ଟ ଆଡ୍‌ଭୋକେଟ ସଞ୍ଜୟ ହେଗ୍‌ଡେ କହିଛନ୍ତି, ଆଇନ ସର୍ବଦା ପରିବର୍ତ୍ତନ ହେଉଛି। ତେଣୁ ସାମ୍ବାଦିକଙ୍କ ପାଇଁ ଅଲଗା ସୁରକ୍ଷା କିଛି ନାହିଁ। ସାଧାରଣ ନାଗରିକଙ୍କ ପାଇଁ ଯେଉଁ ସୁରକ୍ଷା ରହିଛି ତାହା ସାମ୍ବାଦିକମାନଙ୍କ ସକାଶେ ସମାନ ବୋଲି ହେଗ୍‌ଡେ କହିଛନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରି ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଅନନ୍ତ ନାଥ ଗଣମାଧ୍ୟମ ଆଗରେ ଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ।

ଶେଷ ଅଧିବେଶନରେ ଆଲୋଚନାର ବିଷୟବସ୍ତୁ ଥିଲା ‘ଜର୍ନାଲିଜମ୍ ଇନ୍ ଡିଜିଟାଲ ଏରା’। ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଏହାକୁ ସଂଯୋଜନା କରିଥିଲେ। ଏଥିରେ ‘ନିର୍ଭୟ’ ସମ୍ପାଦକ ନବୀନ ଦାସ, ‘ନ୍ୟୁଜ୍‌ରୁମ୍’ ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମିଶ୍ର ଏବଂ ‘ଓମ୍‌କମ୍ ନ୍ୟୁଜ୍’ ମୁଖ୍ୟ ସମ୍ପାଦକ ଯଯାତି କରଣ ଯୋଗ ଦେଇ ଡିଜିଟାଲ ମିଡିଆର ଉନ୍ମେଷ, ଛାପା ଗଣମାଧ୍ୟମ ପ୍ରତି ସୃଷ୍ଟି କରୁଥିବା ଆହ୍ୱାନ ଓ ଏହାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ।

ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି, ସାମ୍ବାଦିକତା ପାଠ୍ୟକ୍ରମ ପ୍ରଦାନ କରୁଥିବା ସଂସ୍ଥାର ଛାତ୍ରୀଛାତ୍ର ଓ ଫାକଲ୍ଟି, ରାଜନେତା ଓ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ।





କନ୍‌କ୍ଲେଭରେ ଉଦ୍‌ବୋଧନ ଦେଉଛନ୍ତି (ବାମରୁ) ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ‘ଦି କାରାଭାନ’ ସମ୍ପାଦକ ଅନନ୍ତ ନାଥ, ‘ଦି ହିନ୍ଦୁ’ର ପୂର୍ବତନ ଏଡିଟର୍-ଇନ୍-ଚିଫ୍ ଏନ୍. ରାମ ଓ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ।




‘ଚ୍ୟାଲେଞ୍ଜେସ୍ ଫର୍ ଜର୍ନାଲିଷ୍ଟସ୍ ଇନ୍ ଏ ଷ୍ଟେଟ୍’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାରତ (ବାମରୁ) ବିଶିଷ୍ଟ ସାମ୍ବାଦିକ ରୁବେନ ବାନାର୍ଜୀ, ‘ସମାଜ’ ସମ୍ପାଦକ ତପନ ମିଶ୍ର ଏବଂ ‘ସମ୍ବାଦ’ ସମ୍ପାଦକ ତନୟା ପଟ୍ଟନାୟକ।




‘ମିଡିଆ ଲଜ୍, ନ୍ୟୁ କ୍ରିମିନାଲ ଲଜ୍ ଆଣ୍ଡ୍ ଦି ଚ୍ୟାଲେଞ୍ଜେସ୍ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଷ୍ଟସ’ ଶୀର୍ଷକରେ ଆଲୋଚନାରତ (ବାମରୁ) ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ, ସୁପ୍ରିମକୋର୍ଟ ଆଡ୍‌ଭୋକେଟ ସଞ୍ଜୟ ହେଗ୍‌ଡେ, ବରିଷ୍ଠ ସାମ୍ବାଦିକ ପରଞ୍ଜୟ ଗୁହା ଠାକୁର୍ତ୍ତା ଏବଂ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଅନନ୍ତ ନାଥ।




‘ଜର୍ନାଲିଜମ୍ ଇନ୍ ଡିଜିଟାଲ ଏରା’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରୁଛନ୍ତି (ବାମରୁ) ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ‘ନିର୍ଭୟ’ ସମ୍ପାଦକ ନବୀନ ଦାସ, ‘ନ୍ୟୁଜ୍‌ରୁମ୍’ ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମିଶ୍ର ଏବଂ ‘ଓମ୍‌କମ୍ ନ୍ୟୁଜ୍’ର ମୁଖ୍ୟ ସମ୍ପାଦକ ଯଯାତି କରଣ।




କନ୍‌କ୍ଲେଭରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ସାମ୍ବାଦିକ, ଗଣମାଧ୍ୟମ ପ୍ରତିନିଧି ଏବଂ ଛାତ୍ରୀଛାତ୍ର।

# ମୁଖ୍ୟମନ୍ତ୍ରୀ କଥାହେବା ପରେ ଶିବାନୀଙ୍କୁ ଘର ମିଳିଲା

ରାଜନଗର,୨୬।୧୦(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତ ଖାସମୁଣ୍ଡା ଗାଁରେ ଆଶାକର୍ମୀ ଶିବାନୀ ମଣ୍ଡଳ ଜଣେ ବୃଦ୍ଧାଙ୍କୁ କାଦୁଅ ଚିକିଟା ରାସ୍ତାରେ ନିଜ ପିଠିରେ ନାଉ କରି ବାତ୍ୟା ଆଶ୍ରୟସ୍ଥଳୀକୁ ଆଣିଥିଲେ। ଜଣେ ମହିଳା ହୋଇ ବି ତାଙ୍କର ଏପରି ସେବା କରିବାର ମନୋବୃତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା କରିବା ସହିତ ଶିବାନୀଙ୍କ ସହିତ ଟେଲିଫୋନରେ କଥା ହୋଇ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶିବାନୀଙ୍କ ସହିତ କଥା ହେବା ବେଳେ ସେ ୨୦୦୬ରୁ ଲୋକଙ୍କ ସେବା କରି ଆସୁଛନ୍ତି। ତାଙ୍କ ପରିବାର କଥା ମୁଖ୍ୟମନ୍ତ୍ରୀ ପଚାରିବା ବେଳେ ତାଙ୍କର ଚାଳଘର, ସେ ଘର ପାଇଁ ବହୁବାର ଆବେଦନ କରିବା ପରେ ମଧ୍ୟ ଘର ମିଳିପାରିନି ବୋଲି କହିଥିଲେ। ତୁମକୁ ପ୍ରଧାନମନ୍ତ୍ରୀ ଆବାସ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ରାଜନଗର ବିଡିଓଙ୍କୁ ନିଜେ ଫୋନ କରି ଆଜି ସୁଦ୍ଧା ଶିବାନୀଙ୍କୁ ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଡିଓ ନିଶାନ ମିଶ୍ର ଶିବାନୀଙ୍କ ଘରେ ପହଞ୍ଚି ଶିବାନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି।






# ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମାନବିକତା

ରାଜନଗର,୨୬।୧୦(ଭାସ୍କର ରାଉତରାୟ)



ମାନସ ମଳିକ

■ ଅସୁସ୍ଥ ମହିଳାଙ୍କୁ ବୋହି ଆମ୍ବୁଲାନ୍ସ ଯାଏ ଆଣିଲେ

■ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କଲେ

ବାତ୍ୟା ‘ଦାନା’ ତାଣ୍ଡବ ଆରମ୍ଭ ହେବା ପୂର୍ବରୁ ରାଜନଗରରେ ବର୍ଷା ଆରମ୍ଭ ହୋଇଯାଇଥିଲା। ଏହି ସମୟରେ ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠୁଆଗଣ୍ଡ ଗାଁର ଜଣେ ମହିଳା ଅସୁସ୍ଥ ହୋଇପଡିଥିବା ନେଇ ୧୦୮କୁ ଫୋନ ଆସିଥିଲା। ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ମାନସ ମଳିକ ଅସୁସ୍ଥ ମହିଳାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ଯାଇ ଥିଲେ। ହେଲେ ରାସ୍ତାରେ ଗଛ ପଡ଼ିଯାଇଥିବାରୁ ଗାଡ଼ି ଘର ପାଖକୁ ଯାଇପାରି ନ ଥିଲା। ଡ୍ରାଇଭର ମାନସ ସମ୍ପୃକ୍ତ ମହିଳାଙ୍କୁ ଦୁଇହାତରେ ଟେକି କାଦୁଅ ରାସ୍ତାରେ ଆମ୍ବୁଲାନ୍ସ ଯାଏ ଆଣିଥିଲେ। ଏହାପରେ ଆମ୍ବୁଲାନ୍ସରେ ମହିଳାଙ୍କୁ ଆଣି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିଲେ। ଠିକ୍ ସମୟରେ ମହିଳା ଜଣଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ଯୋଗୁ ତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ମାନସ ମହିଳାଙ୍କୁ ବୋହି ଆଣିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଟୁଇଟ୍ କରି ତାଙ୍କୁ ପ୍ରଶଂସା କରିଛନ୍ତି। ଏଥିସହିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଟେଲିଫୋନରେ ମାନସଙ୍କ ସହ କଥା ହୋଇ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।



> ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। **-ଶ୍ରୀଅରବିନ୍ଦ**

# ଦୁର୍ବଳଙ୍କୁ ଅଣଦେଖା



**ଆକାର ପଟେଲ**

ଆସନ୍ତୁ, ମେରିଟ୍ ବା ଯୋଗ୍ୟତା ବିଷୟରେ ଆଲୋଚନା କରିବା। ସେଥିପାଇଁ ମଧ୍ୟବିତ୍ତବର୍ଗଙ୍କ କଥା ବିଚାରକୁ ନେବା। ଭାରତରେ ଯାହାଙ୍କୁ ମଧ୍ୟବିତ୍ତବର୍ଗ କୁହାଯାଉଛି ସେମାନଙ୍କ ସଂଖ୍ୟା ବହୁତ କମ୍। ପରିସଂଖ୍ୟାନ ବିଶେଷଜ୍ଞମାନେ ବେଳେବେଳେ ଏହି ସଂଖ୍ୟାରେ ୨ ପ୍ରତିଶତ କମ୍ ବେଶିର ତ୍ରୁଟିଥିବା ଦର୍ଶାଇଥାନ୍ତି। ତେବେ ମଧ୍ୟବିତ୍ତବର୍ଗ ହେଉଛି ଜନସଂଖ୍ୟାର ସବୁଠାରୁ ପ୍ରାଧାନ୍ୟ ବିସ୍ତାରକାରୀ ବର୍ଗ। ଏହି ହେଉଛି ସେହି ବର୍ଗ ଯିଏ କି ମିଡିଆକୁ ନିୟନ୍ତ୍ରଣକରେ। ଗଣମାଧ୍ୟମର ବିଷୟବସ୍ତୁ ୩ ପ୍ରତିଶତଙ୍କ ଉପରେ ଗୁରୁତ୍ୱ ଦିଏ, ଅନ୍ୟମାନଙ୍କୁ ନୁହେଁ। ଭାରତରେ ଦଳିତ (୨୩ କୋଟି), ଆଦିବାସୀ (୧୧ କୋଟି) ଏବଂ ମୁସଲମାନ (୨୦ କୋଟି) ପ୍ରାୟ ଜନସଂଖ୍ୟାର ୪୦ ପ୍ରତିଶତ। ଆମ ଅର୍ଥ ବ୍ୟବସ୍ଥା, ଆମର ରାଜନୈତିକ କ୍ଷମତା ଢାଞ୍ଚା ଏବଂ ଆମ ଗଣମାଧ୍ୟମରେ ସେମାନଙ୍କର ପ୍ରତିନିଧିତ୍ୱ କେତେ? ଅକ୍ଟୋବର ୨୦୧୮ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ଭାରତରେ ହୋଇଥିବା ଏକ ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୧୨୧ଟି ନ୍ୟୁଜ୍ ରୁମ୍ ନେତୃତ୍ୱ ପଦବୀରେ ୧୦୬ ଜଣ ଉଚ୍ଚ ବର୍ଗର ଲୋକ ଥିଲେ। ଡିବେଟ୍‌ରେ ପ୍ରତି ୪ ଜଣ ଆଙ୍କରଙ୍କ ମଧ୍ୟରୁ ୩ ଜଣ (ହିନ୍ଦୀ ଚ୍ୟାନେଲରେ ସମୁଦାୟ ୪୦ ଜଣ ଆଙ୍କର ଏବଂ ଇଂଲିଶ ଚ୍ୟାନେଲରେ ୪୦ଜଣ) ହେଉଛନ୍ତି ଉଚ୍ଚ ଜାତିର। ଏମାନଙ୍କ ମଧ୍ୟରେ ଜଣେ ହେଲେ ଦଳିତ କିମ୍ବା ଆଦିବାସୀ ନ ଥିଲେ। ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ସେମାନଙ୍କ ୭୦ ପ୍ରତିଶତରୁ ଅଧିକ ପ୍ରାଇମ୍‌ଟାଇମ ଡିବେଟ୍ ଶୋ'କୁ ଅଧିକାଂଶ ଉଚ୍ଚଜାତିର ଲୋକଙ୍କୁ ଡାକିଥିଲେ। ଏହା ବ୍ୟତୀତ ଇଂଲିଶ୍ ଖବରକାଗଜରେ ୫%ରୁ ଅଧିକ ପ୍ରବନ୍ଧ ଦଳିତ ଏବଂ ଆଦିବାସୀଙ୍କ ଦ୍ୱାରା ଲେଖାଯାଉନାହିଁ। ହେଲେ ଧାରଣା ରହିଛି ଯେ, ଉଚ୍ଚବର୍ଗର ନ୍ୟାୟୋଚିତ ସ୍ଥାନକୁ ଦଳିତ ଏବଂ ଆଦିବାସୀମାନେ ଦଖଲ କରୁଛନ୍ତି ଏବଂ ସଂରକ୍ଷଣ ବ୍ୟବସ୍ଥା 'ମେରିଟ୍'କୁ ବ୍ୟର୍ଥ କରୁଛି। ସର୍ବଭାରତୀୟ ସ୍ତରରେ ସବୁ ଆଭିଜାତ୍ୟ ବର୍ଗ ଏଭଳି ମାନସିକତାକୁ ଗ୍ରହଣ କରନ୍ତି। ହେଲେ ପ୍ରକାଶିତ ଏକ ରିପୋର୍ଟର ଶୀର୍ଷକ '୬୦ ପ୍ରତିଶତରୁ ଅଧିକ ଓବିସି, ଏସ୍‌ସି ପଦବୀ ଆଇଆଇଏମ୍‌ଗୁଡ଼ିକରେ ଖାଲି ରହିଛି' ଏଭଳି ବିଶ୍ୱାସକୁ ତ୍ରୁଟିପୂର୍ଣ୍ଣ ଦର୍ଶାଏ। ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ବିଶ୍ୱବିଦ୍ୟାଳୟରେ ଆଦିବାସୀଙ୍କ ପାଇଁ ସଂରକ୍ଷିତ ପ୍ରଫେସରଙ୍କ ୯୦%ରୁ ଅଧିକ ପଦବୀ ପୂରଣ ହୋଇ ନ ଥିଲା। ୪୨ଟି ବିଶ୍ୱବିଦ୍ୟାଳୟରେ ୬,୦୦୦ରୁ ଅଧିକ ପଦବୀ ମଧ୍ୟରୁ ୭୫ ପ୍ରତିଶତ ସଂରକ୍ଷିତ ବର୍ଗ ପାଇଁ ରହିଥିଲା। ଏପରିକି ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଯେଉଁଠାରେ ସଂରକ୍ଷଣ ଆଇନଗତ ଭାବରେ ବାଧ୍ୟତାମୂଳକ କରାଯାଇଥିଲା, ସେଠାରେ ସେସବୁ ଦଳିତ ଏବଂ ଆଦିବାସୀ ଅଧ୍ୟାପିକା/ଅଧ୍ୟାପକଙ୍କ ପାଇଁ ପାଇବା କଠିନ ଥିଲା। ଥରେ ଏହି ପ୍ରସଙ୍ଗରେ ମୁଁ ବେଙ୍ଗାଲୁରୁର ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ମୋ ବକ୍ତବ୍ୟରେ ଉପସ୍ଥାପନ କରିଥିଲି। ଆମେ ହେଉଛୁ ବିଶେଷାଧିକାର ପ୍ରାପ୍ତ ଓ ତାହାକୁ ସ୍ୱୀକାର କରି ସେହି ଦିଗରେ କାମ କରିବା ଆମ ଦାୟିତ୍ୱ। ଯଦି ଆମେ ଭଲ ଭାରତୀୟ ଏବଂ ଭଲ ଦେଶପ୍ରେମୀ ହେବାକୁ ଚାହୁଁ, ତେବେ ଏହାର ବିକାଶରେ ଅଂଶଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହୋଇପାରିବ। ଆମେ ଆମର ବିଶେଷ ଅଧିକାରକୁ ଅଲଗାକରି ରଖି ଏହାକୁ ପାଉ ନ ଥିବା ଲୋକଙ୍କୁ ଦେଇପାରିବା। ଆମ ସମ୍ବିଧାନ ଆମକୁ କହିଛି, ଭାରତ ହେଉଛି ସମାନତା, ସ୍ୱାଧୀନତା ଏବଂ ଭାଇଚାରାର ଏକ ସମାଜ। କିନ୍ତୁ ଏହି ମୂଲ୍ୟବୋଧଗୁଡ଼ିକୁ ବଜାୟ ରଖିବା ଆମ ନାଗରିକଙ୍କ ଦାୟିତ୍ୱ। ଯେଉଁମାନେ ଆମଠାରୁ କମ୍ ସୁଯୋଗ ପାଉଛନ୍ତି ସେମାନଙ୍କୁ ଆମେ ପାଉଥିବା ସୁବିଧାରୁ କିଛି ଏବଂ ସ୍ୱେଚ୍ଛାକୃତ ଭାବରେ ସଂରକ୍ଷଣ ଦେଇପାରିବା। ହେଲେ ଏଭଳି ବକ୍ତବ୍ୟ ସେହି ବିଦ୍ୟାଳୟରେ ଗ୍ରହଣୀୟ ହୋଇ ନ ଥିଲା। ଛାତ୍ରମାନେ ଏହି ଧାରଣାକୁ ଘୃଣା କରୁଥିଲେ। ସେମାନେ ଅନୁଭବ କରୁଥିଲେ ଯେ, ଯୋଗ୍ୟତା ବା ମେରିଟ୍ ମାଧ୍ୟମରେ ବିଦ୍ୟାଳୟରେ ସ୍ଥାନ ହାସଲ କରିଛନ୍ତି। ଅନ୍ୟମାନଙ୍କ ପାଇଁ ସ୍ଥାନ ନ ଥିଲେ ବି ସେଥିରେ ସେମାନେ ଚିନ୍ତିତ ନ ଥିଲେ। ଏପରିକି ସଂରକ୍ଷଣ ଧାରଣାକୁ ନେଇ ମାତାପିତା କ୍ରୋଧିତ ହୋଇଥିଲେ। ଅବଶ୍ୟ ଏଥିରେ ମୁଁ ନିରାଶ ହୋଇଥିଲି, କିନ୍ତୁ ଆଶ୍ଚର୍ଯ୍ୟ ହୋଇ ନ ଥିଲି। ଏହା ହେଉଛି ଆମ ସମାଜର ଚିନ୍ତାଧାରା। ଏଭଳି ଏକ ସମାଜ ସୃଷ୍ଟି କରିଥିବା ବିଦ୍ୟାଳୟଟି ସମାଜଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆଶା କରିବା ବୃଥା। ଦର୍ଶକମାନେ ଏବଂ ଏଥିରେ ଥିବା ପିଲାମାନେ ଯଦି ଭାରତର ବାସ୍ତବତା ଏବଂ ତଥ୍ୟକୁ ଭଲ ଭାବରେ ଜାଣିଥାଆନ୍ତେ, ତେବେ ସେମାନେ ଏଭଳି ଦୃଷ୍ଟିକୋଣ ଜାରି ରଖି ନ ଥାଆନ୍ତେ।

ଆମେ ସମସ୍ତେ ମଣିଷ ଏବଂ ମାନବିକତାର ମୂଳରେ ଅଛି ଭ୍ରାତୃତ୍ୱ। ଯଦି ସେମାନେ ବାସ୍ତବତା ଉପଲବ୍ଧି କରିଥାଆନ୍ତେ, ତେବେ ଅନ୍ୟ ଭାରତୀୟଙ୍କ ଉପରେ ସେମାନଙ୍କର ମତ ଭିନ୍ନ ରହିଥାନ୍ତା ଓ ସହାନୁଭୂତି ସୃଷ୍ଟି ହୋଇଥାଆନ୍ତା। କିନ୍ତୁ ଏକ ସଂକ୍ଷିପ୍ତ ସମୟର କଥା ଏକ ପୁସ୍ତକ ନୁହେଁ। ୩୦ ମିନିଟ୍‌ର ବକ୍ତବ୍ୟରେ ଏକ ଗମ୍ଭୀର ବିଷୟରେ ସମ୍ପୂର୍ଣ୍ଣ ଜଣାଇବା ସମ୍ଭବ ନ ଥିଲା। ମୋ ହସ୍ତକ୍ଷେପର କୌଣସି ଅର୍ଥ ନ ଥିଲା। ପିଲା ଏବଂ ସେମାନଙ୍କ ମାତାପିତାଙ୍କଠାରୁ ବିଦାୟ ନେଲି। ସେମାନେ ଯାହା ଜାଣିଥିଲେ ତା'ଠାରୁ ଅଧିକ କିଛି ସେମାନଙ୍କୁ ଜ୍ଞାତ ନ ଥିଲା। କାରଣ ହେଉଛି ଭାରତ ଏକ ବୃହତ୍ ଶକ୍ତିରେ ପରିଣତ ହେବ ବୋଲି ଆକଳନ କରୁଥିବାବେଳେ ଆମେ ଦରିଦ୍ର, ବଞ୍ଚିତ ଏବଂ ଦୁର୍ବଳ ଶ୍ରେଣୀଙ୍କୁ ଅଣଦେଖା କରିଚାଲିଛୁ। ବାସ୍ତବତା ହେଉଛି, ବର୍ତ୍ତମାନ ଦେଶର ମୋଟ ଜନସଂଖ୍ୟାର ଅଧିକାଂଶ ଦାରିଦ୍ର୍ୟ କିମ୍ବା ଅଭାବରେ ମରିବେ। ଏହା ନିଶ୍ଚିତ ଯେ, ଭାରତରେ ପରିବର୍ତ୍ତନ ଆସିବ, ଯାହା ସବୁ ସମାଜକୁ ଠିକ୍ ସମୟରେ ଆସେ। କିନ୍ତୁ ଆମେ ଚାହିଁଲେ ଏହାକୁ ଶୀଘ୍ର ଆଣିପାରିବା। କଥା ହେଉଛି ଯେଉଁ ଦେଶରେ ପ୍ରତିରକ୍ଷା ଖର୍ଚ୍ଚ ସ୍ୱାସ୍ଥ୍ୟର ୪ ଗୁଣ ଅଧିକ, ଯାହାର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଖର୍ଚ୍ଚ ଶିକ୍ଷାର ୫ ଗୁଣ, ସେହି ଦେଶରେ ଅନେକ କୋଟି ଲୋକ ଯନ୍ତ୍ରଣା ଭୋଗିଚାଲିବେ। ଗରିବର ଅଧିକାରକୁ ଦଖଲକରି ବୁଲେଟ ଟ୍ରେନ୍ ଚଳାଇବା ଭଳି କାର୍ଯ୍ୟକୁ ପ୍ରାଥମିକତା ଦେବାର ଅର୍ଥ ଭାରତରେ କୌଣସି ବ୍ୟବସ୍ଥିତ ସମାଜ ନାହିଁ ବୋଲି ବୁଝିବାକୁ ହେବ। ତେଣୁ ଏହାକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବା ଆମର ଦାୟିତ୍ୱ।

Email:aakar.patel@gmail.com

# ସମସ୍ତଙ୍କ ପାଇଁ ସମାନ ଶିକ୍ଷା



**ରାଜୀବ କୁମାର ନାୟକ**

ଭାରତରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ତର୍ଜମା କଲେ ପ୍ରଥମତଃ ଆମେ ଦେଖିବା ଯେ ଶିକ୍ଷା ଏକ ଯୁଗ୍ମ ତାଲିକାର ବିଷୟ। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଶିକ୍ଷା ସମ୍ବନ୍ଧରେ ନୀତି ନିର୍ଦ୍ଧାରଣ କରିବାର କ୍ଷମତା ରହିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଭିନ୍ନ ଭିନ୍ନ ସମୟରେ ଶିକ୍ଷାକୁ ନେଇ ବିଭିନ୍ନ ପ୍ରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେମିତି-କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିବାବେଳେ ଓଡ଼ିଶା ସରକାର ସିବିଏସ୍‌ଇ ଢାଞ୍ଚାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁସୂଚିତ ଜାତି ତଥା ଜନଜାତିର ପିଲାଙ୍କ ସକାଶେ ଅନୁସୂଚିତ ଜନଜାତି କଲ୍ୟାଣ ଆବାସିକ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ସରକାର ଆଉ ମଧ୍ୟ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଅନୁସୂଚିତ ଜାତି/ଜନଜାତି ଆବାସିକ ବିଦ୍ୟାଳୟ ଖୋଲିବାକୁ ସହାୟତା ପ୍ରଦାନ କରୁଛନ୍ତି। ନିଜସ୍ୱ ଉଦ୍ୟମରେ ଚାଲୁଛି ବିଭିନ୍ନ ପ୍ରକାର ବେସରକାରୀ ବିଦ୍ୟାଳୟ। ଏବେ ଓଡ଼ିଶା ସରକାର ପୁଣି ପ୍ରତି ଗ୍ରାମ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ଘୋଷଣା କରିଛନ୍ତି। ଏସବୁ ମଧ୍ୟରେ କିଏ ହିନ୍ଦୀ ବା ଇଂରାଜୀ ମାଧ୍ୟମ ହୋଇଥିବାବେଳେ ଆଉ କିଏ ଓଡ଼ିଆ ବା ଅନ୍ୟ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ କରୁଥିବା ଜଣାଯାଏ। ଠିକ୍ ସେହିପରି କିଏ ସିବିଏସ୍‌ଇ ବୋର୍ଡ ଅଧୀନରେ ଥିବାବେଳେ କିଏ ଆଇସିଏସ୍‌ଇ ବା ଅନ୍ୟ ରାଜ୍ୟରେ ଥିବା ବୋର୍ଡର ସିଲାବସ୍ ଆଧାରରେ ଶିକ୍ଷାଦାନ କରୁଛନ୍ତି। ଏଠି ସବୁ ବୋର୍ଡର ସିଲାବସ୍ ଅଲଗା ଅଲଗା। ଠିକ୍ ସେହିପରି ଅନେକ ବେସରକାରୀ ବିଦ୍ୟାଳୟର ପ୍ରାଥମିକ ସ୍ତରରେ ପ୍ରଚଳିତ ସିଲାବସ୍ ଅଲଗା ଅଲଗା। ଗୋଟିଏ ରାଜ୍ୟ ବା ରାଷ୍ଟ୍ରରେ ଯଦି ଭିନ୍ନ ଭିନ୍ନ ବୋର୍ଡରୁ ଶିକ୍ଷା ସମ୍ପୂର୍ଣ୍ଣ କରି ପିଲା ଆସିବେ ଏବଂ ସମାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ତା'ହେଲେ ସେମାନଙ୍କ ମଧ୍ୟରେ କୃତକାର୍ଯ୍ୟ ହେବାର ହାର ଅଲଗା ହେବା ସ୍ୱାଭାବିକ। ଅନ୍ୟ ଦିଗରେ ନବୋଦୟ ବିଦ୍ୟାଳୟ ଭଳି ଆବାସିକ ବିଦ୍ୟାଳୟରେ ଧନୀ ନିର୍ଦ୍ଧନ ସମସ୍ତ ବର୍ଗର ପିଲାଙ୍କୁ ରଖାଯାଇ ସମସ୍ତ ସୁବିଧା ଯୋଗାଇ ଦେଲେ ସେମାନେ ନିଶ୍ଚିତ ଅନ୍ୟ ପିଲାଙ୍କଠାରୁ ଭଲ କରିବେ। ପରିଚାଳନା କଥା ଦେଖିଲେ ମଧ୍ୟ କିଛି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବାବେଳେ କିଛି ବିଦ୍ୟାଳୟ ଅନୁସୂଚିତ ଜାତି ତଥା ଜନଜାତି ବିକାଶ ବିଭାଗ ଅଧୀନରେ ଅଛି, ଆଉ କିଛି ବିଦ୍ୟାଳୟ ସିଧାସଳଖ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ।

ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ୨୦୦୯ର ପ୍ରାବଧାନତା ଅନୁଯାୟୀ ବେସରକାରୀ ବିଦ୍ୟାଳୟର ୨୫ ଶତକଡ଼ା ସ୍ଥାନ ଦାରିଦ୍ର୍ୟରେ ଶଢୁଥିବା ପରିବାରର ସନ୍ତାନସନ୍ତତିଙ୍କ ସକାଶେ ସଂରକ୍ଷିତ କରି ସରକାର ସେ ବାବଦକୁ ଆର୍ଥିକ ସହାୟତା ଯୋଗାଇଦେବାର କ'ଣ ଆବଶ୍ୟକତା ଅଛି? ଆବାସିକ ବିଦ୍ୟାଳୟ ଖୋଲି ଅନେକ ହଜାର ପିଲା ଗୋଟିଏ ବିଦ୍ୟାଳୟରେ ପଢାଇବାର କ'ଣ ଆବଶ୍ୟକତା ରହିଛି? ପରିବାରରେ ରହିବା ଶିଶୁର ଅଧିକାର, ତା' ଛଡା ସରକାର ଗୋଟିଏ ପଟେ ୧କି.ମି. ଭିତରେ ପ୍ରାଥମିକ ବିଦ୍ୟାଳୟ, ୩ କି.ମି. ଭିତରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ କଥା କହିବା ଦ୍ୱାରା ଛାତ୍ରାବାସରେ ନ ରଖି ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଉଚିତ।



ଶିକ୍ଷାର ଢାଞ୍ଚାକୁ ଦେଖିଲେ କିଛି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ, ପୁଣି କେତେକରେ ପ୍ରଥମରୁ ଅଷ୍ଟମ ତ ଆଉ କିଛିରେ ପ୍ରଥମରୁ ଦଶମ ଶିକ୍ଷାଦାନ ହେଉଥିବାବେଳେ ଆଉ କିଛିରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ମଧ୍ୟ ରହିଛି। ଏହା ବ୍ୟତୀତ ସରକାର ପିଲାସଂଖ୍ୟା ଦେଖି ଯେଉଁ ଶିକ୍ଷକ ନିଯୁକ୍ତ କରୁଛନ୍ତି ତାହା ମଧ୍ୟ ତ୍ରୁଟିପୂର୍ଣ୍ଣ। କାରଣ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ବିଷୟ ଶିକ୍ଷକର ଆବଶ୍ୟକତା ଥିବାବେଳେ ସେଠାରେ ବିଷୟ ଶିକ୍ଷକ ନିଯୁକ୍ତ କରାଯାଉନାହିଁ। ଠିକ୍ ସେହିପରି ଶିକ୍ଷାକୁ ନେଇ ବାରମ୍ବାର ପରୀକ୍ଷାନିରୀକ୍ଷା-ଯେମିତି ଆଗରୁ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଏକାଦଶ ଶ୍ରେଣୀ ଯାଏ ଥିବାବେଳେ ମଝିରେ ଏକାଦଶ ଶ୍ରେଣୀକୁ ବାଦ୍‌ଦେଇ ଯୁକ୍ତ୨ରେ ସାମିଲ କରାଗଲା ପୁଣି ଏବେ ଅଷ୍ଟମକୁ ଉଚ୍ଚ ବିଦ୍ୟାଳୟରୁ କାଢ଼ି ନିଆଯାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯାଇଛି ଏବଂ ଯୁକ୍ତ୨କୁ ଉଚ୍ଚ ବିଦ୍ୟାଳୟରେ ସାମିଲ କରାଯିବା ପ୍ରକ୍ରିୟା ଆରମ୍ଭ ହେଲାଣି। ଫଳତଃ ପ୍ରତି ଗ୍ରାମପଞ୍ଚାୟତରେ ଏକ ଉଚ୍ଚ ବିଦ୍ୟାଳୟ ଥିବାରୁ ଏବେ ପିଲାସଂଖ୍ୟା ଅନେକ ମାତ୍ରାରେ କମିଯିବା ଲକ୍ଷ୍ୟ କରାଯାଉଛି। ଏଠି ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରାୟତଃ ଶିକ୍ଷକ ସଂଖ୍ୟା ୭/୮ ଥିବାବେଳେ ଅଷ୍ଟମ ଶ୍ରେଣୀ ଯେଉଁ ଜାଗାକୁ ଯାଇଛି ସେଠି ଅନେକ ସ୍ଥାନରେ ଆଠଟି ଶ୍ରେଣୀରେ ମାତ୍ର ୩/୪ଜଣ ଶିକ୍ଷକ ଥିବା ଦୃଷ୍ଟିଗୋଚର ହେଉଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ସରକାର ପୁଣି ଅଙ୍ଗନୱାଡ଼ିର ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯିବା କଥା କହିଛନ୍ତି, ଯଦ୍ୱାରା ପାହାଡ଼,ନଦୀ ବା କମ୍ ଜନବସତି ଥିବା ସ୍ଥାନରୁ ମାତ୍ର ତିନି/ଚାରି ବର୍ଷର ଶିଶୁମାନଙ୍କୁ ଅନେକ ସ୍ଥାନରେ ବିଦ୍ୟାଳୟ ମାଡ଼ିବାକୁ ମାଇଲ ମାଇଲ ବାଟ ଅତିକ୍ରମ କରିବାକୁ ପଡ଼ିବ। ଏଠି ଦେଖିଲେ ସହରାଞ୍ଚଳମାନଙ୍କରେ ପ୍ରାୟତଃ ଥିବା ବେସରକାରୀ ବିଦ୍ୟାଳୟମାନଙ୍କରେ ଆରମ୍ଭରୁ ଏଲ୍‌କେଜି, ୟୁକେଜି ଭଳି ଶିକ୍ଷାର ବ୍ୟବସ୍ଥା ରହିଛି। କିନ୍ତୁ ଭୂମିରୂପ ତଥା ଆର୍ଥିକ ମାନଦଣ୍ଡରେ ଏତେ ତଫାତ୍ ଥିବା ଭାରତବର୍ଷରେ ସବୁ କୁନିକୁନି ଶିଶୁ କ'ଣ ମାଇଲ ମାଇଲ ବାଟ ଚାଲିକି ଆସିପାରିବେ ନା ସମସ୍ତଙ୍କ ପାଇଁ ସରକାର ବା ଅଭିଭାବକ ଗାଡ଼ିର ବ୍ୟବସ୍ଥା କରିପାରିବେ?

ସରକାର ଚାହିଁଲେ ଏହାର ସରଳ ସମାଧାନ ହୋଇପାରିବ। ପ୍ରଥମତଃ ଆଗରୁ ଯେମିତି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଏକାଠି ରହୁଥିଲା ସେମିତି ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଯେତେ ପିଲା ହୁଅନ୍ତୁ ନା କାହିଁକି ନିମ୍ନ ପ୍ରାଥମିକ ବିଦ୍ୟାଳୟ ରହିବ। ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ମଧ୍ୟ ଏଥିରେ ସାମିଲ କରାଯିବାର ଆବଶ୍ୟକତା ରହିଛି, କାରଣ ଅତିକମ୍‌ରେ ୨୫୦ ଜନସଂଖ୍ୟାକୁ ଆଧାରକରି ଯେଉଁ ଅଙ୍ଗନୱାଡ଼ି ରହିବାର ବ୍ୟବସ୍ଥା ଅଛି ତହିଁରେ ଅନେକ ଗାଁରେ ଆଜି ପର୍ଯ୍ୟନ୍ତ କେନ୍ଦ୍ରଟିଏ ସ୍ଥାପନ ହୋଇପାରିନାହିଁ ଏବଂ ୩ ରୁ ୬ ବର୍ଷର ଶିଶୁ ଘରଠାରୁ ଦୂରରେ ଥିବା କେନ୍ଦ୍ରକୁ ଯାଇ ନ ପାରି ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ହେଲେ ପିଲା ବେଶି ହେବେ ନାହିଁ। ତେଣୁ ୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀରେ ମଧ୍ୟ ଶିକ୍ଷାଦାନ ଠିକ୍ ଢଙ୍ଗରେ ହୋଇପାରିବ।

କ୍ଲଷ୍ଟର ସ୍ତରରେ ଅର୍ଥାତ୍ ଭୂମିରୂପକୁ ଆଖି ଆଗରେ ରଖି ଗୋଟିଏ ଗ୍ରାମପଞ୍ଚାୟତକୁ ୪/୫ଟି ଭାଗରେ ବିଭକ୍ତ କରାଯାଇ ଗୋଟିଏ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯେଉଁଠି କି ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା କରାଯିବା ଉଚିତ। ଏଥିରେ ଚାରୋଟି ଶ୍ରେଣୀକୁ ଚାରିଜଣ ଶିକ୍ଷକ ଏବଂ ଛାତ୍ର ସଂଖ୍ୟାକୁ ଆଧାରକରି ଅତିରିକ୍ତ ଶିକ୍ଷକ ଯୋଗାଇ ଦେଇପାରିଲେ ଶିକ୍ଷାଦାନ ଉତ୍ତମ ରୂପେ ସମ୍ପାଦନ ହୋଇପାରିବ ବୋଲି ଧାରଣା। ତା'ପରେ ପ୍ରତି ଗ୍ରାମପଞ୍ଚାୟତରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିବ, ଯେଉଁଠି ୮ମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିବ ଏବଂ ଆଗଭଳି ବିଷୟ ଶିକ୍ଷକ ସହ ବିଦ୍ୟାଳୟରେ ୭/୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବେ। ଯୁକ୍ତ୨ ବର୍ତ୍ତମାନ ଯେମିତି ଅଲଗା ରହିଛି ତାହା ଠିକ୍ ଅଛି ଏବଂ ଏହାକୁ ଉଚ୍ଚ ବିଦ୍ୟାଳୟରେ ମିଶାଇବାର ବ୍ୟବସ୍ଥା ନ କରିବା ଉଚିତ। କାରଣ ସେଠାରେ ପିଲାମାନଙ୍କର ଅନେକ ଇଚ୍ଛାଧୀନ ବିଷୟ ରହୁଛି ଏବଂ ନିଜ ନିଜ ରୁଚିରେ ପିଲା ଓଡ଼ିଆ ବା ଇଂରାଜୀ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି। ସେଠାକାର ପାଠପଢା ଟିକେ ସ୍ୱତନ୍ତ୍ର। ତେଣୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଏ ଦିଗରେ ଆଲୋଚନା ପୂର୍ବକ ସମସ୍ତଙ୍କ ପାଇଁ ସମାନ ବିଦ୍ୟାଳୟର ନୀତି ଆପଣେଇଲେ ଶିକ୍ଷାରେ ସୁଧାର ଆସିପାରିବ।

ପଦରପଡ଼ା, ବୌଦ୍ଧ
ମୋ-୯୪୩୭୫୬୭୧୮୩୧

# ବିସର୍ଜନ



**ବିପ୍ଳବ**

କାହାକୁ ଧରାପୃଷ୍ଠରୁ ଅନ୍ତିମ ବିଦାୟ ଦେବାର ମୁହୂର୍ତ୍ତ ଏତେ ଯନ୍ତ୍ରଣାଦାୟକ ଯେ ତାକୁ ଭାଷାରେ ପ୍ରକାଶ କରିବା ସହଜ ନୁହେଁ। ତାକୁ ପ୍ରକାଶିତ କରିବାର ମାଧ୍ୟମ କେବଳ ଅଶ୍ରୁ ହୋଇପାରେ। ଆଉ ଏହି ଅଶ୍ରୁର ଭାଷା କେବଳ ମଣିଷ ବୁଝେନି; ପଶୁ, ପକ୍ଷୀ, କୀଟ, ପତଙ୍ଗ ବି ବୁଝିବାକୁ ସକ୍ଷମ। କାହାକୁ ବିଦାୟ ଦେଇ ଯଦି କିଏ ଆହ୍ଲାଦିତ ହୁଏ, ସେ ହୁଏତ ତା'ର ଶତ୍ରୁ ହୋଇପାରେ ଅଥବା ଅମଣିଷ ହୋଇପାରେ। ସେ ଅମଣିଷ ବି ପଶୁ ସହିତ ତୁଳନୀୟ ନୁହେଁ। କାରଣ ପଶୁ ସ୍ନେହ, ପ୍ରେମର ମୂଲ୍ୟ ବୁଝେ ଆଉ କାହାକୁ ହରେଇ ଦୁଃଖୀ ହୋଇପାରେ। ମଣିଷକୁ ଛାଡ଼ି ଅନ୍ୟ କୌଣସି ଜୀବ କାହାର ଅନ୍ତିମ ବିଦାୟ ବେଳାରେ ଉତ୍‌ଫୁଲ୍ଲିତ ହେବାର ଦେଖାଯାଏ ନାହିଁ। ସେଥିପାଇଁ ବୋଧେ ଚିକେନ୍ ଦୋକାନ, ମଟନ୍ ଦୋକାନ ଆଉ କଂସେଇଖାନା ଆଗରେ ସଦାବେଳେ ଲମ୍ବା ଧାଡ଼ି ଲାଗିଥାଏ। କାହାର ଶବ ସଂସ୍କାର କାର୍ଯ୍ୟରେ ଆତ୍ମୀୟସ୍ୱଜନ, ରକ୍ତ ସମ୍ପର୍କୀୟ ଆଉ ପାଖ ପଡ଼ୋଶୀ ପାଇଁ ଲୋଡ଼ାହୁଏ ନାଳିପାଣି। ଦେବଦେବୀଙ୍କ ବିସର୍ଜନ ବେଳେ ଲୋଡ଼ାହୁଏ ଅଶ୍ଳୀଳ ସଙ୍ଗୀତ, ଉଦଣ୍ଡ ନୃତ୍ୟ ଆଉ ମାତାଲ ମନ।

ଆମ ପୁରାଣ ଶାସ୍ତ୍ରଗୁଡ଼ିକୁ ଦୃଷ୍ଟି ନିକ୍ଷେପ କଲେ ଗୋଟିଏ ନିଷ୍କର୍ଷରେ ପହଞ୍ଚିପାରିବା ଯେ, ଧରାପୃଷ୍ଠରେ ଅଧିକାଂଶ ଦେବଦେବୀଙ୍କ ଆବିର୍ଭାବ ଆସୁରିକ ଶକ୍ତି ବା ନକାରାତ୍ମକ ଶକ୍ତିର ବିନାଶ ଆଉ ଧର୍ମର ସ୍ଥାପନା ପାଇଁ ହୋଇଥିଲା। ଯୁଗେ ଯୁଗେ ଧର୍ମର ଜୟ ଆଉ ପାପର କ୍ଷୟ, ଏଇ କଥାଟିକୁ ଆମର ବାରମ୍ବାର ସ୍ମରଣ କରେଇବା ପାଇଁ ବର୍ଷସାରା ଆମେ ଅନେକ ପର୍ବପର୍ବାଣି ପାଳନ କରୁ, ଦେବଦେବୀଙ୍କୁ ଆବାହନ କରୁ ଆଉ ତାଙ୍କର ପୂଜାର୍ଚ୍ଚନା କରି ଶେଷରେ ବିସର୍ଜନ କରୁ। କିନ୍ତୁ ଯେଉଁମାନେ ସେଇ ଦେବଦେବୀଙ୍କ ପାଇଁ ଗାଡ଼ି ଅଟକେଇ ଚାନ୍ଦା ଆଦାୟ କରନ୍ତି, ପେଣ୍ଡାଲ ସଜାନ୍ତି, ଦେବଦେବୀଙ୍କ ପ୍ରତିମା ସଜେଇ ବ୍ରାହ୍ମଣ ଡାକି ପ୍ରାଣପ୍ରତିଷ୍ଠା କରାନ୍ତି, ମାଇକ୍ ଲଗେଇ ଗୀତ ବଜାନ୍ତି, ପ୍ରତିମା ପଛପଟେ ମାଂସ ଆଉ ସୁରାର ଆୟୋଜନ କରନ୍ତି, ବିସର୍ଜନ ବେଳେ ଅଶ୍ଳୀଳ ସଙ୍ଗୀତ ବଜାନ୍ତି ଆଉ ପ୍ରାଣଘାତୀ ଡିଜେର ତାଳେତାଳେ ମଦ ପିଇ ଉଦଣ୍ଡ ନୃତ୍ୟ କରନ୍ତି, ସେମାନେ କ'ଣ ସେଇ ଦେବଦେବୀଙ୍କ ବିଷୟରେ ଜ୍ଞାନ ରଖିଥାନ୍ତି? ତାଙ୍କ ବିଷୟରେ ସେଇ କିଛି ଦିନ ହେଉ ପଛେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରି ଆଲୋଚନା କରାନ୍ତି କି? ନା ଆସୁରିକ ଶକ୍ତିର ବିନାଶ ପାଇଁ ଯେଉଁମାନଙ୍କର ଆବିର୍ଭାବ, ସେଇମାନଙ୍କ ସାମ୍ନାରେ ନିଜ ନିଜ ଆସୁରିକପଣର ପ୍ରଦର୍ଶନ କରାନ୍ତି?

ତୁମର କେହି ଆତ୍ମୀୟସ୍ୱଜନ ତୁମଠୁଁ ବିଦାୟ ନେବାବେଳେ ତୁମେ ଦୁଃଖୀ ହୋଇପଡ଼। ଆଖି ଛଳଛଳ କର, ମନ ଭାରାକ୍ରାନ୍ତ ହୋଇଯାଏ, ହୃଦୟ ବତୁରିଯାଏଁ। ତମେ ଭିତରେ ଭିତରେ ଭାଙ୍ଗିପଡ଼, ଅଥଚ ତମ ଦେବଦେବୀଙ୍କ ଅନ୍ତିମ ବିଦାୟ ବେଳରେ ତମେ ବିବେକହୀନ ହୋଇଯାଅ କେମିତି? ମଣିଷପଣିଆର ବିସର୍ଜନ କରିଦିଅ କେମିତି! ଯେଉଁ ଦେବଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଲାଗି ମାସ ମାସ ଆଗ୍ରହ ସହକାରେ ଅପେକ୍ଷାକର, ମନ୍ତ୍ରପାଠରେ ପବିତ୍ର କରାଅ, ସେଇମାନଙ୍କ ବିଦାୟବେଳରେ ତମ ଆଖିରେ ଲୁହ ନ ଥାଏ, ଏ କେମିତି ମାନସିକତା ତୁମର? ଏଇଆ କ'ଣ ତୁମ ଧର୍ମ, ତୁମ ବିବେକ ବିଚାର? ତମେ ନିଜେ ଯଦି ନିଜ ଧର୍ମକୁ ସମ୍ମାନ ଦେବନି, ଦେବଦେବୀଙ୍କୁ ସମ୍ମାନ ଦେବନି, ତେବେ ଭିନ୍ନ ସମ୍ପ୍ରଦାୟ ବା ଧର୍ମର ଲୋକ ତୁମ ଦେବଦେବୀଙ୍କୁ କେମିତି ସମ୍ମାନ କରିବେ? ଏ ପ୍ରଶ୍ନ କ'ଣ କାହାକୁ ଆନ୍ଦୋଳିତ କରେନି?



ପ୍ରାକ୍ ସ୍ୱାଧୀନତା କାଳରେ ହିନ୍ଦୁମାନଙ୍କୁ ଏକଜୁଟ କରିବା ପାଇଁ ବାଲ୍ ଗଙ୍ଗାଧର ତିଳକ ଗୋଟିଏ ଯୋଜନା କରିଥିଲେ। ସେଥିପାଇଁ ମହାରାଷ୍ଟ୍ରରେ ସେ ବିନାୟକଙ୍କ ପୂଜା ଆରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ଧର୍ମୀୟ ବାତାବରଣ ସୃଷ୍ଟି କରିବା ସହିତ ହିନ୍ଦୁମାନଙ୍କୁ ସଙ୍ଗଠିତ କରି ଇଂରେଜମାନଙ୍କ ବିରୋଧରେ ଲଢ଼ିବା। ସେଥିପାଇଁ ଆଜି ବୋଧେ ମହାରାଷ୍ଟ୍ରର ଗଣେଶ ପୂଜା ଭାରତ ପ୍ରସିଦ୍ଧ। ହେଲେ ଆଜିର ଯୁବ ସମାଜ ନିଜ ପର୍ବପର୍ବାଣି ପାଳନର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ପୂଜାକୁ ଉପଭୋଗ ସର୍ବସ୍ୱ ପର୍ବରେ ବଦଳେଇ ଦେଲେଣି। ସବୁଠି ତା'ର ମନୋରଞ୍ଜନ ଲୋଡ଼ା। ଜୀବନକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟନ ସ୍ଥଳୀ ବୁଲ, ସିନେମା ଦେଖ, ଯାତ୍ରା ଦେଖ, ମେଲୋଡ଼ି ଦେଖ, ଗୀତ ଶୁଣ ଏ ସବୁ ଠିକ୍ ଅଛି। ମନୋରଞ୍ଜନର ଭରପୂର ସୁଯୋଗ ଉପଲବ୍ଧ ଥିବା ବେଳେ ଗୋଟିଏ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କେମିତି ଏମିତି ଶସ୍ତା ଚିନ୍ତା କରିପାରେ ମଣିଷ! ପ୍ରତିଟି ଧର୍ମୀୟ ବାତାବରଣରେ ତା'ର ମଦ ଦରକାର, ଭୋଜି ଦରକାର ଆଉ ପ୍ରତିଟି ବିସର୍ଜନରେ ତା'ର ଦ୍ୱିଅର୍ଥବୋଧକ ସଙ୍ଗୀତ ଦରକାର, ଉଦଣ୍ଡ ନୃତ୍ୟ ଦରକାର! ଏ ପ୍ରତିମା ବିସର୍ଜନ ନା ନିଜ ମଣିଷପଣିଆର ବିସର୍ଜନ?

ଆସୁରିକ ଶକ୍ତିର ବିନାଶ ପାଇଁ, ଜଗତର କଲ୍ୟାଣ ପାଇଁ ଯେଉଁମାନଙ୍କର ଆବିର୍ଭାବ; ତମେ ସେଇମାନଙ୍କ ସାମ୍ନାରେ ନିଜର ଆସୁରିକ ଶକ୍ତିର ପ୍ରଦର୍ଶନ କରିବ! ଏହାଠୁ ଦୁର୍ଭାଗ୍ୟପୂର୍ଣ୍ଣ କଥା କ'ଣ ଥାଇପାରେ? ତମେ ଯଦି ମନୋରଞ୍ଜନ ବେଳେ ଧର୍ମକଥା ଚିନ୍ତା କରୁନ, ତେବେ ଧର୍ମକାମରେ ମନୋରଞ୍ଜନ ଚିନ୍ତା କାହିଁକି କରୁଛ? ଗୋଟିଏ ଆଧ୍ୟାତ୍ମିକ ବାତାବରଣ ଯେଉଁ ଶାନ୍ତି, ଯେଉଁ ସୁଖ ପ୍ରଦାନ କରେ ତାହା ଅନେକ ଅଶୁଭ ଚିନ୍ତା ବିସର୍ଜନର କାରଣ ହୋଇଥାଏ। ଅତଏବ କାହାର ବିସର୍ଜନ ଶୋଭାଯାତ୍ରାରେ ମଣିଷପଣିଆର ବିସର୍ଜନ ନ ହେଉ, ଅନ୍ତତଃପକ୍ଷେ ମଣିଷଟିଏ ତା' ଜୀବନରେ ଏଇ ଗୋଟିଏ ସଂକଳ୍ପ ନେଉ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ମଇଁଷିର ଦାମ୍ ସର୍ବାଧିକ ୨୩ କୋଟି ଟଙ୍କା ଏବଂ ଏଥିରେ ଏକାଧିକ ରୋଲ୍ସ ରଏସ କିମ୍ବା ମର୍ସିଡିଜ କାର୍ କିଣାଯାଇପାରିବ। କେବଳ ଏତିକି ନୁହେଁ ୨୦ଟି ଲକ୍ସ୍‌ୟୁରି ହାଉସ ମଧ୍ୟ କିଣିହେବ। ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ମାତ୍ର ଏଭଳି ଧରଣର ମଇଁଷି ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ବିଶ୍ୱବିଦ୍ୟାଳୟରେ ଆୟୋଜିତ ମେଳାରେ। ଏହାର ନାମ ଅନମୋଲ ଓ ମାଲିକ ହେଉଛନ୍ତି ଜଗତ୍ ସିଂ। ପ୍ରତିଦିନ ଏହି ମଇଁଷି ୫ କେଜି କ୍ଷୀର, ୪ କେଜି ଅଙ୍ଗୁର ରସ, ୩୦ଟି କଦଳୀ, ୨୦ଟି ଅଣ୍ଡା, ୨୫୦ ଗ୍ରାମ ଆଲମଣ୍ଡ ସହିତ ଚାରା ଖାଏ। ଅନମୋଲ ଦିନକୁ ଦୁଇଥର ଗାଧାଏ ଏବଂ ସୋରିଷ ଓ ଆଲମଣ୍ଡ ତେଲରେ ତା' ଶରୀରକୁ ମାଲିସ କରାଯାଇଥାଏ। ଏହାର ସିମେନ ବିକ୍ରି କରି ମାସକୁ ୪-୫ ଲକ୍ଷ ଟଙ୍କା ରୋଜଗାର କରୁଥିବା କୁହନ୍ତି ଜଗତ। ସେଠାରେ ମଧ୍ୟ ୯ କୋଟି ଓ ୧୦ କୋଟି ଟଙ୍କା ମୂଲ୍ୟର ମଇଁଷି ଆସିଥିଲେ। ତେବେ ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ, ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏହି ସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଏମାନଙ୍କ ସିମେନ୍‌ର ଚାହିଦା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୭ ଅକ୍ଟୋବର ୧୯୭୫**

- ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଗୋଦାବରୀ ନଦୀ ଜଳବଣ୍ଟନ ନିମନ୍ତେ ହୋଇଥିବା ରାଜିନାମା ଆନ୍ଧ୍ରପ୍ରଦେଶ କ୍ୟାବିନେଟ ବୈଠକରେ ଗୃହୀତ।
- ସୌରାଷ୍ଟ୍ର ଉପକୂଳରେ ଭୀଷଣ ଝଡ଼ତୋଫାନ ପ୍ରବାହିତ ହେବାଫଳରେ ୩୫ଜଣଙ୍କ ପ୍ରାଣହାନୀ।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | |
| | 5 | 2 | 9 | | | 3 | 7 | |
| 4 | | | | | | 5 | | |
| | 2 | | | 6 | 3 | | | |
| 1 | | | | 4 | | | | |
| | | 8 | 5 | | | 7 | | |
| | | | | | | | | |
| | | | 7 | | | | 9 | 5 |
| 9 | | | 1 | | 6 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 4 | 2 | 6 | 3 | 8 | 1 |
| 6 | 2 | 1 | 5 | 3 | 8 | 4 | 9 | 7 |
| 4 | 8 | 3 | 7 | 1 | 9 | 2 | 5 | 6 |
| 1 | 5 | 2 | 8 | 9 | 4 | 7 | 6 | 3 |
| 9 | 3 | 8 | 6 | 7 | 2 | 1 | 4 | 5 |
| 7 | 6 | 4 | 1 | 5 | 3 | 8 | 2 | 9 |
| 8 | 1 | 6 | 9 | 4 | 7 | 5 | 3 | 2 |
| 3 | 9 | 5 | 2 | 8 | 1 | 6 | 7 | 4 |
| 2 | 4 | 7 | 3 | 6 | 5 | 9 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ହେନ୍ତାଳବନ ବଞ୍ଚାଇଦେଲା

ମହାଶୟ,

ଆମ ରାଜନଗରରେ ବାତ୍ୟା 'ଦାନା' ଲ୍ୟାଣ୍ଡ୍‌ଫଲ କରିବା ଖବର ଶୁଣି ଆମେ ଭୟଭୀତ ଅବସ୍ଥାରେ ଥିଲୁ। ତଥାପି ମନରେ ଦମ୍ଭ ଥିଲା, କାରଣ ଆଗରୁ ଅନେକ ବାତ୍ୟାର ଆମେ ସମ୍ମୁଖୀନ ହୋଇଥିଲୁ। ଏ ସବୁଥିରୁ ଆମ ଧନଜୀବନ କ୍ଷୟକ୍ଷତିରୁ ବଞ୍ଚାଇଛି ଭିତରକନିକାର ହେନ୍ତାଳବନ ବା ଲୁଣା ଜଙ୍ଗଲ। ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ପରେ ହେନ୍ତାଳବନ ଯୋଗୁ ତା'ର ପ୍ରକୋପ କମିଯାଇଥିଲା। ମାତ୍ର ଭିତରକନିକାରେ ହେନ୍ତାଳବନ ହ୍ରାସ ପାଇବା ଏବେ ଉଦ୍‌ବେଗଜନକ ବିଷୟ ପାଲଟିଛି। ସ୍ଥାନୀୟ ଅଧିବାସୀ ଏବଂ ଅନୁପ୍ରବେଶକାରୀମାନେ ଜନବସତି ସ୍ଥାପନ ତଥା ଚିଙ୍ଗୁଡ଼ି ଘେରି ଓ ଜାଳେଣି ପାଇଁ ଅବାଧରେ ଲୁଣା ଜଙ୍ଗଲ କାଟି ନେଉଛନ୍ତି। ଯାହା ଫଳରେ ବନି, ସୁନ୍ଦରୀ, ଗୁଆଁ, ରାଇ, କେରୁଆଁ, ବନ୍ଦରୀ, ଖରଖରି, ସିଙ୍ଗଡା, ଶିଶୁମାର, ହେନ୍ତାଳ ଆଦି କମି ଆସିଲାଣି। ଯଦି ବନ ବିଭାଗ ତଥା ସରକାର ଏଥିପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ହେନ୍ତାଳବନ ଲୋପ ପାଇଯିବ।

**- ଦେବେନ୍ଦ୍ର କୁମାର ରାଉଳ, କୁଣଗଡ଼ି, ରାଜନଗର, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲିଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ।
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ସୁବର୍ଣ୍ଣପୁରରେ ଠାବହେଲା ଇଣ୍ଡିଆନ୍ ସ୍କିମର୍

**ସୋନପୁର,୨୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ପାରଦ ଯେତିକି ଖସେ ସେତିକି ନୂଆ ନୂଆ ଅତିଥି ପକ୍ଷୀଙ୍କ ଆଗମନ ବଢ଼େ। ଆଉ ଏହି ଅତିଥିଙ୍କୁ ମହାନଦୀ କିଛି ମାସ ନିଜର କରିନିଏ। ଏହିକ୍ରମରେ ସୁବର୍ଣ୍ଣପୁର ସହର ମହାନଦୀର ଲଙ୍କେଶ୍ୱରୀ ଗଣ୍ଡ ନିକଟରେ ଇଣ୍ଡିଆନ୍ ସ୍କିମର୍ ଭଳି ବିରଳ ପକ୍ଷୀ ଠାବ କରାଯାଇଛି। ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ସହ ପକ୍ଷୀପ୍ରେମୀ ଦୀନେଶ ରଞ୍ଜନ ମିଶ୍ର, ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା ଓ ସିଦ୍ଧାର୍ଥ ସାହୁ ଲଙ୍କେଶ୍ୱରୀ ଗଣ୍ଡରେ ୪ଟି ଇଣ୍ଡିଆନ୍ ସ୍କିମର୍ ବିଚରଣ କରୁଥିବାର ଠାବ କରିଥିଲେ। ତେବେ ସୁବର୍ଣ୍ଣପୁରରେ ପ୍ରଥମ ଥର ପାଇଁ ଏହି ପକ୍ଷୀ ରେକର୍ଡ କରାଯାଇଛି। ଏହି ପକ୍ଷୀ ମୁଖ୍ୟତଃ ଦକ୍ଷିଣ ଏସିଆରେ ଦେଖାଯାଆନ୍ତି। ଓଡ଼ିଶାର ମହାନଦୀ ଅବବାହିକା ବିଶେଷକରି ସାତକୋଶିଆ ଓ ମୁଣ୍ଡୁଳି ନିକଟରେ ଏହି ପକ୍ଷୀ ଦେଖାଯାଆନ୍ତି ବୋଲି ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା କହିଛନ୍ତି। ମହାନଦୀର ନୀଳ ଜଳରାଶିରେ ଇଣ୍ଡିଆନ ସ୍କିମର୍‌ଙ୍କ ବିଚରଣ ଖୁବ୍ ଆକର୍ଷଣୀୟ। ଶୀତର ଆଗମନ ପୂର୍ବରୁ ଏହି ସୁନ୍ଦର ପ୍ରଜାତିର ପକ୍ଷୀଙ୍କୁ ଦେଖି ପକ୍ଷୀପ୍ରେମୀ ଖୁବ୍ ଉତ୍ସାହିତ ହୋଇଛନ୍ତି। ଏବେ କିଛି ପକ୍ଷୀ ବସା ତିଆରି କରୁଥିବା ଦେଖିବାକୁ ମିଳିଛି। ନଦୀ ଭିତରେ ଥିବା ବିଭିନ୍ନ ଟାପୁ ଓ ପଥରରେ ଅତିଥି ପକ୍ଷୀ ଦେଖାଗଲେଣି। ପକ୍ଷୀଙ୍କ କଳରବ ଶୁଭିବା ଆରମ୍ଭ ହେଲାଣି। ନଭେମ୍ବର ଅଧାରୁ ଫେବୃୟାରୀ ପର୍ଯ୍ୟନ୍ତ ବିଦେଶାଗତ ପକ୍ଷୀଗୁଡ଼ିକ ଜିଲାର ନଦୀଗର୍ଭ ଓ ଡ୍ୟାମ୍ ଆଦିରେ ରହିବେ। ଶୀତଦିନେ ହଜାର ହଜାର କିଲୋମିଟର ଦୂରରୁ ବିଦେଶୀ ପକ୍ଷୀ କମନ ମର୍ଗାନ୍ସର ଓ ଗ୍ରେଟ୍ କ୍ରେଷ୍ଟେଡ୍ ଗ୍ରୀବ୍‌ଙ୍କ ଭଳି ସୁନ୍ଦର ପକ୍ଷୀ ସୁବର୍ଣ୍ଣପୁର ଆସନ୍ତି। ଏହି ସମୟରେ ଏଠାକାର ପରିବେଶ ବେଶ୍ ଥଣ୍ଡା ଓ ପକ୍ଷୀଙ୍କ ଅନୁକୂଳ ହୋଇଥାଏ।


ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଇଣ୍ଡିଆନ୍ ସ୍କିମର୍।

### ଶୀତ ଆରମ୍ଭ, ବଢ଼ୁଛି ପକ୍ଷୀଙ୍କ ଆଗମନ

ଗତ କିଛିବର୍ଷ ହେବ ନଦୀ, ଜଳାଶୟ ଓ କ୍ଷେତମାନଙ୍କରେ ନୂଆ ନୂଆ ପ୍ରଜାତିର ପକ୍ଷୀ ଦେଖାଯାଉଛନ୍ତି। ପକ୍ଷୀଙ୍କ ପାଇଁ ମହାନଦୀ ଭୂସ୍ୱର୍ଗ ପାଲଟିଛି। ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ସାତ ଦରିଆ ତେର ନଈ ପାରି ହୋଇ ସୁଦୂର ସାଇବେରିଆ, ଆମେରିକା, ମଙ୍ଗୋଲିଆ ଆଦି ସ୍ଥାନରୁ ଉଡି ଆସି ସୁବର୍ଣ୍ଣପୁର ମହାନଦୀରେ ୪ ମାସ ବସା ବାନ୍ଧୁଛନ୍ତି। ଏପର୍ଯ୍ୟନ୍ତ ଜିଲାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଠାବ ହୋଇସାରିଲେଣି। ଏହି ପକ୍ଷୀମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରକାରର ପକ୍ଷୀ ବିଦେଶାଗତ ଏବଂ ଅନ୍ୟସବୁ ଘରୋଇ ପକ୍ଷୀ।

# ଭୁବନେଶ୍ୱର ବିମାନବନ୍ଦରରେ ବାଘ ଛନକା





- ଜାଲ ବିଛାଇ, ଯନ୍ତା ବସାଇ ଜଗି ରହିଛନ୍ତି ବନ କର୍ମଚାରୀ
- ବାଘ ନୁହେଁ, ଗଧିଆ ପ୍ରଜାତିର ପ୍ରାଣୀ ହୋଇଥାଇପାରେ: ସିଟି ଡିଏଫ୍ଓ

**ଭୁବନେଶ୍ୱର,୨୬।୧୦(ବନ୍ଦନା ସେଠୀ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପୁଣି ଥରେ ବାଘ ଆତଙ୍କ ଦେଖାଦେଇଛି। ବିମାନବନ୍ଦର ଡମ୍ପିୟାର୍ଡ଼ରେ ଜଣେ ମହିଳା କାମ କରୁଥିବା ସମୟରେ ଶନିବାର ସକାଳ ପ୍ରାୟ ୯ଟା ୩୦ରେ ଏକ ବାଘକୁ ଦେଖିଥିବା ଦାବି କରିଛନ୍ତି। କଳାଛିଟା ଥିବା ବଡ଼ ହଳଦିଆ ରଙ୍ଗର ବାଘ ଯାଉଥିବା ଦେଖି ସେ ଭୟରେ ଦୌଡ଼ିଥିଲେ। ଅନ୍ୟ କର୍ମଚାରୀଙ୍କୁ ଏ ନେଇ କହିବା ସହ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ବିମାନବନ୍ଦର ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗର ସ୍ୱତନ୍ତ ଟିମ୍ ବାଘ ଧରିବାକୁ ଆଖପାଖ ଜଙ୍ଗଲିଆ ଅଞ୍ଚଳରେ ଅପରେଶନ ଆରମ୍ଭ କରିଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା ପାଦ ଚିହ୍ନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି। ବନ କର୍ମଚାରୀମାନେ ବିମାନବନ୍ଦର ପରିସର ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ବାଘ କିମ୍ବା ବାଘଭଳି ଦିଶୁଥିବା ଅନ୍ୟ କୌଣସି ବନ୍ୟପ୍ରାଣୀ ଠାବ କରିପାରିନାହାନ୍ତି। ତେବେ ସନ୍ଦିଗ୍ଧ ପ୍ରାଣୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଜାଲ ବିଛାଇବା ସହ ଯନ୍ତା ବସାଇ ଜଗି ରହିଛନ୍ତି। ଯନ୍ତା ମଧ୍ୟରେ ଜିଅନ୍ତା କୁକୁଡ଼ା ଟଙ୍ଗା ଯିବା ସହ ଆଉକିଛି ଖାଦ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ତେବେ ପ୍ରତ୍ୟକ୍ଷଦର୍ଶୀ ହରପ୍ରିୟା ଜେନା କହିଛନ୍ତି, କାମ କରିବା ସମୟରେ ବର୍ଷା ପକାଇବାରୁ ଏକ କାନ୍ଥ ପାଖରେ ଠିଆହୋଇଥିଲି। ହଠାତ୍ ସେହି ଘଞ୍ଚ ଜଙ୍ଗଲିଆ ଅଞ୍ଚଳ ଆଡୁ ଖସ୍‌ଖସ୍ ଶବ୍ଦ ଶୁଣାଗଲା। ବୁଲି ଦେଖିଲା ବେଳକୁ ପବନରେ ଶୋଇପଡିଥିବା ଏକ ଗଛର ଡାଳ ଉପରୁ ବାଘ ଚଢିକି ଆସିଲା। ତାକୁ ଦେଖି ମୁଁ ଭୟରେ ଦୌଡି ପଳାଇଆସି ଅନ୍ୟମାନଙ୍କୁ ଜଣାଇଥିଲି। ହେଲେ ବିମାନବନ୍ଦରରେ ବାଘ ଉପସ୍ଥିତିକୁ ପିସିସିଏଫ୍ ଓ ସିଟି ଡିଏଫ୍ଓଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ସିଟି ଡିଏଫ୍ଓ ଅଜିତ୍ ଶତପଥୀ କହିଛନ୍ତି, ପାଦଚିହ୍ନକୁ ଯାଞ୍ଚ କରାଯାଇଛି। ଏହା ଗଧିଆ, ହେଟା କିମ୍ବା ଏହି ପ୍ରଜାତିର କୌଣସି ପ୍ରାଣୀ ହୋଇଥାଇପାରେ। କଲରାପତରିଆ ବାଘ କିମ୍ବା ଅନ୍ୟ କୌଣସି ବାଘ ବିମାନବନ୍ଦରକୁ ଆସିବା ଭଳି ସୁବିଧା ନାହିଁ। ଘଟଣାସ୍ଥଳରେ ବିଭାଗର କର୍ମଚାରୀମାନେ ମୁତୟନ ରହିବା ସହିତ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି। ତେଣୁ ଅଯଥାରେ ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

### ପାଦଚିହ୍ନକୁ ନେଇ ସନ୍ଦେହ

ଏୟାରପୋର୍ଟର ଜଙ୍ଗଲିଆ ଅଞ୍ଚଳରେ ବାଘ ଥିବା ଖବର ମିଳିବା ପରେ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ରହିଥିବା ପାଦ ଚିହ୍ନକୁ ବନ ବିଭାଗ ଯାଞ୍ଚ କରୁଛି। ହେଲେ ବର୍ଷା ପାଇଁ ପାଦଚିହ୍ନଗୁଡିକ ଠିକ୍ ଭାବେ ଜଣାପଡୁ ନ ଥିଲେ ମଧ୍ୟ ଏସବୁ ଗଧିଆ, ବିଲୁଆ କିମ୍ବା ହେଟାର ପାଦଚିହ୍ନ ହୋଇଥାଇପାରେ ବୋଲି ବନ ଅଧିକାରୀମାନେ କହୁଛନ୍ତି। ତେଣୁ ତାହା କେଉଁ ଜନ୍ତୁର ପାଦଚିହ୍ନ ତାକୁ ନେଇ ସନ୍ଦେହ ବଢିବାରେ ଲାଗିଛି।

### ୨୦୧୯ରେ ଧରାପଡ଼ିଥିଲା କଲରାପତରିଆ

୨୦୧୯ରେ ବିମାନବନ୍ଦରରୁ ଏକ କଲରାପତରିଆ ବାଘ ଧରାପଡ଼ିଥିଲା। ରାତିସମୟରେ ବିମାନବନ୍ଦର ପାଚେରି ଡେଇଁ ଏକ ଘରର କ୍ୟାମ୍ପସ ମଧ୍ୟରେ ପଶିଥିଲା। ପରବର୍ତ୍ତୀ ସମୟରେ ବାଘଟି ବିମାନବନ୍ଦର ନିକଟରେ ଥିବା ଘଞ୍ଚ ଅଞ୍ଚଳ ମଧ୍ୟରେ ରହିଥିବା ନେଇ ବନ ବିଭାଗ ସୂଚନା ପାଇଥିଲା। ବାଘକୁ ଧରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ପରେ ରାତିରେ ଉକ୍ତ ବାଘଟି ଯନ୍ତାରେ ପଶିଥିଲା।

## ରତନେଇ ଜଙ୍ଗଲରେ ବାଘ ପାଦଚିହ୍ନ

**ଟ୍ରାପ୍ କ୍ୟାମେରା ଖଞ୍ଜିଲା ବନ ବିଭାଗ**

**ଦିଗପହଣ୍ଡି/ପାଟପୁର,୨୬।୧୦ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ନରସିଂହଗଡ଼ ଗ୍ରାମ ନିକଟ ରତନେଇ ସଂରକ୍ଷିତ ଜଙ୍ଗଲରେ ବାଘ ପାଦଚିହ୍ନ ଦେଖାଯାଇଛି। ଶନିବାର ସକାଳେ ନରସିଂହଗଡ଼ ଗ୍ରାମର କେତେଜଣ ଲୋକ ଜଙ୍ଗଲକୁ ଜାଳକାଠ ଆଣିବା ପାଇଁ ଯାଇଥିବା ବେଳେ ବାଘ ପାଦଚିହ୍ନ ଦେଖିଥିଲେ। ଏହା ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମର ବହୁ ଲୋକ ସେଠାକୁ ଯାଇ ଉକ୍ତ ଚିହ୍ନ ଦେଖି ଆତଙ୍କିତ ହୋଇଥିଲେ। ଖବରପାଇ ବ୍ରହ୍ମପୁର ସହ ବନ ସଂରକ୍ଷକ ଡ.ରୁଦ୍ର ପ୍ରସାଦ ରଥ, ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଜଙ୍ଗଲରେ ଟ୍ରାପ କ୍ୟାମେରା ଖଞ୍ଜି ଫେରିଥିବା ଜଣାପଡ଼ିଛି। ବନ କର୍ମଚାରୀମାନେ ନରସିଂହଗଡ଼, ଗଙ୍ଗାପୁର ସମେତ ଆଖପାଖ ଗ୍ରାମାଞ୍ଚଳଗୁଡିକରେ ଲୋକଙ୍କୁ ସଚେତନ କରିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଜଙ୍ଗଲ ମଧ୍ୟକୁ ଲୋକଙ୍କୁ ନ ଯିବା ଲାଗି କୁହାଯାଇଛି। ଏ ନେଇ ଦିଗପହଣ୍ଡି ରେଞ୍ଜରଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ନରସିଂହଗଡ଼ ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବନବିଭାଗ ଟିମ ଦିନସାରା ଅନୁଧ୍ୟାନ କରିଥିଲେ ମଧ୍ୟ ବାଘ ଚଳପ୍ରଚଳ ନେଇ କୌଣସି ସୁରାକ ମିଳିପାରିନାହିଁ। ବ୍ରହ୍ମପୁରରୁ ଆସିଥିବା ଟିମ ବାଘର ପାଦଚିହ୍ନକୁ ସଂଗ୍ରହ କରି ପରୀକ୍ଷାନିରୀକ୍ଷା ପାଇଁ ନେଇଥିବା ରେଞ୍ଜର କହିଛନ୍ତି।


ବନ ବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଉଛି।

# ଶହୀଦ ପୀଠରେ ତଳେ ପଡ଼ିଛି ଜାତୀୟ ପତାକା



ବାତ୍ୟା ପବନରେ ଇରମ ଶହୀଦ ପୀଠରେ ତ୍ରିରଙ୍ଗା ତଳେ ପଡ଼ିଛି।

**ବାସୁଦେବପୁର,୨୬।୧୦ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଶହୀଦପୀଠରେ ଜାତୀୟ ପତାକା ତଳେ ପଡ଼ିଛି। ସ୍ୱାଧୀନତାର ଅମୃତ ମହୋତ୍ସବ ବର୍ଷ ଅବସରରେ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଫରଫର ହୋଇ ଉଡୁଥିଲା ଏକ ବୃହତ୍ ଜାତୀୟ ପତାକା। ଏବେ ବାତ୍ୟା 'ଦାନା' ପ୍ରଭାବରେ ତଳେ ପଡ଼ିଯାଇଥିବା ବେଳେ ଏହାର କିଛି ଅଂଶ ପତାକା ଉଡ଼ିବା ପାଇଁ ବସିଥିବା ଖମ୍ବରେ ବାନ୍ଧି ରଖିବା ଭଳି ଏକ ଘଟଣା ନଜରକୁ ଆସିଛି। ମାତ୍ର ପଞ୍ଚାୟତ କିମ୍ବା ପ୍ରଶାସନର ନଜରକୁ ନ ଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବାତ୍ୟା ପୂର୍ବରୁ ଏହି ଜାତୀୟ ପତାକାକୁ ଅବତରଣ କରାଯାଇଥିବା ବେଳେ ଏହାକୁ ଖୋଲି ଦିଆ ନ ଯାଇ ଖମ୍ବରେ ଗୁଡ଼ାଇ ଦିଆଯାଇଥିଲା। ଯେଉଁଥିପାଇଁ ବାତ୍ୟା ପବନରେ ତାହା ଖୋଲି କିଛି ଅଂଶ ତଳେ ପଡ଼ିଛି। ପତାକା ଉଡୁଥିବା ସ୍ଥାନର ସାମ୍ନାରେ ପଞ୍ଚାୟତ କାର୍ଯ୍ୟାଳୟ ଥିବାବେଳେ ପଞ୍ଚାୟତବାସୀ ଏହା ଦେଖି ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ୨/୩ ଦିନ ଧରି ଜାତୀୟ ପତାକା ଏଭଳି ଭାବେ ପଡ଼ିଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ, ଶହୀଦ କମିଟି କିମ୍ବା ବୁଦ୍ଧିଜୀବୀ ଓ ସଚେତନ ନାଗରିକ ନିରବ ରହିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଉଦ୍‌ଘାଟିତ


ଟେରାକୋଟା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

**୩୦ ପର୍ଯ୍ୟନ୍ତ ଚାଲିବ**

**ବିକ୍ରିବଟା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ**

**ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)**

ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଶନିବାର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଗୋଟିଏ ସ୍ଥାନରେ ଟେରାକୋଟା ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ କାରିଗରଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ରାତି ୯ ପର୍ଯ୍ୟନ୍ତ ଏହା ଖୋଲା ରହିବ। ଚଳିତବର୍ଷ ମୋଟ ୨୭ଟି ଜିଲାର ୩୦୦ରୁ ଊର୍ଦ୍ଧ୍ୱ କାରିଗର ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୨କୋଟି ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟର ଲକ୍ଷ୍ୟ ରଖାଯାଇଛି। ବିକ୍ରିବଟା ସହିତ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ପରେ ପ୍ରମୁଖ ସଚିବ ପାଢ଼ୀଙ୍କ ସହ ସମସ୍ତ ଅତିଥି ବିଭିନ୍ନ ଷ୍ଟଲ୍ ବୁଲି ଟେରାକୋଟା ସାମଗ୍ରୀ ଦେଖିବା ସହ କାରିଗରଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ଓଡିଶା ସରକାରଙ୍କ ଅନୁମୋଦିତ ୫୧ଟି ହସ୍ତଶିଳ୍ପ ମଧ୍ୟରୁ 'ଟେରାକୋଟା' ଏକ ପ୍ରମୁଖ ହସ୍ତଶିଳ୍ପ। ଓଡିଶାର ବିଭିନ୍ନ ଜିଲାର ପ୍ରାୟ ୩୬ହଜାର କାରିଗର ଏହି ବୃତ୍ତିରେ ନିୟୋଜିତ ରହିଥିବାବେଳେ ୪୦ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜି ରହିଛି। ଟେରାକୋଟା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକୁ ବିକ୍ରୟ ନିମନ୍ତେ ୨୦୦୬ରୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଆୟୋଜିତ ହୋଇଆସୁଛି।


ପ୍ରଦର୍ଶନୀରେ ଖୋଲିଥିବା ଷ୍ଟଲ୍।

# ଆପାର୍ଟମେଣ୍ଟରେ ଲାଗିବ ଆଇପି କ୍ୟାମେରା

### କମିଶନରେଟ୍ ପୋଲିସ ସହ ସଂଯୋଗ ରହିବ

**ଭୁବନେଶ୍ୱର,୨୬।୧୦ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ଲୁଟେରାମାନେ ଲୋକଙ୍କ ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଯାଉଛନ୍ତି। ଅତ୍ୟାଧୁନିକ କ୍ୟାମେରା ବ୍ୟବସ୍ଥା ନ ଥିବାରୁ ଲୁଟେରାମାନଙ୍କୁ ପୋଲିସ ସହଜରେ ଚିହ୍ନଟ କରିପାରୁ ନାହିଁ। ଏପରି କି ସେମାନଙ୍କୁ ଧରିବାରେ ଅନେକାଂଶରେ ଅସଫଳ ହେଉଛି। ଫଳରେ ଲୋକଙ୍କ ସମ୍ପତ୍ତି ଫେରାଇ ଆଣିବାରେ ମାସାଧିକ ସମୟ ଲାଗୁଛି। ରାଜଧାନୀରେ ଆପାର୍ଟମେଣ୍ଟରୁ ବାରମ୍ବାର ଚୋରି ପରେ ଏଥିରେ ରୋକ ଲଗାଇବାକୁ କମିଶନରେଟ ପୋଲିସ ତତ୍ପର ହୋଇଛି। ଆପାର୍ଟମେଣ୍ଟଗୁଡ଼ିକରେ ଅତ୍ୟାଧୁନିକ ଇଣ୍ଟରନେଟ ପ୍ରୋଟୋକଲ(ଆଇପି) କ୍ୟାମେରା ଲଗାଇବାକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଶନିବାର ଏକ ଭିଡିଓ ଜାରି କରି ପରାମର୍ଶ ଦେଇଛନ୍ତି। ଏହାସହ ଏସମ୍ପର୍କରେ ଏକ ଗାଇଡ୍‌ଲାଇନ ଜାରି କରାଯାଇଥିବାବେଳେ ରେସିଡେନ୍ସ ୱେଲଫେୟାର ଆସୋସିଏଶନ୍‌ସ (ଆରଡବ୍ଲୁଏ)ର ସହଯୋଗ ଲୋଡ଼ା ଯାଇଛି। ଆପାର୍ଟମେଣ୍ଟ ପରିସରର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଏହି ଆଇପି କ୍ୟାମେରା ଲଗାଯିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଏହାର ସମସ୍ତ ତଥ୍ୟ କମିଶନରେଟ ପୋଲିସର କଣ୍ଟ୍ରୋଲ ରୁମ୍‌କୁ ଶେୟାର କରିବା ସହ ସଂଯୋଗ କରିବାକୁ କୁହାଯାଇଛି। ଏହାଦ୍ୱାରା ପୋଲିସ ତୁରନ୍ତ ଘଟଣାର ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାରେ ସହଜ ହୋଇପାରିବ।

ସୂଚନା ଅନୁସାରେ, ଗତ ୧୦ ମାସ ମଧ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଆପାର୍ଟମେଣ୍ଟରୁ ୬୫ଟି ଚୋରି ମାମଲାର ରିପୋର୍ଟ ହୋଇଛି। ଏହି ଚୋରି ଘଟଣାରେ ୨୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେବି ବହୁ ଅପରାଧୀ ଫେରାର ରହିଛନ୍ତି। ତେଣୁ ସମସ୍ତ ଅଭିଯୋଗର ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଏକ ଟିମ୍ ମଧ୍ୟ ଗଠନ କରାଯାଇଛି ବୋଲି ପୋଲିସ କମିଶନର ସିଂ ସୂଚନା ଦେଇ କହିଛନ୍ତି। ସେହିପରି ଚୋରି ମାମଲାରେ ଯଦି କୌଣସି ସୂଚନା କିମ୍ବା ଅଭିଯୋଗ ଥାଏ, ତେବେ ହ୍ୱାଟ୍‌ସଆପ୍ ନମ୍ବର ୭୦୭୭୭୯୮୧୧୧ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ହାଇଟେକ ପ୍ଲାଜା ଆପାର୍ଟମେଣ୍ଟର ପୂର୍ବତନ ସଭାପତି ବିନୋଦ କୁମାର ପଣ୍ଡାଙ୍କ କହିବା ହେଲା, ଆଇପି କ୍ୟାମେରା ଲଗାଇବା ପ୍ରସ୍ତାବକୁ ନେଇ ବିଭିନ୍ନ ଆପାର୍ଟମେଣ୍ଟ ସୋସାଇଟି ସହ ଗତ ଫେବୃଆରୀରେ କମିଶନରେଟ ପୋଲିସ ସହ ବୈଠକ ହୋଇଥିଲା। ସୋସାଇଟିର ସଦସ୍ୟମାନେ ଏହାକୁ ସ୍ୱାଗତ କରିଥିଲେ। କିଛି ଆପାର୍ଟମେଣ୍ଟରେ ମଧ୍ୟ ଲାଗି ସାରିଛି। ଆଉ ଯେଉଁ ଆପାର୍ଟମେଣ୍ଟରେ ଏହି କ୍ୟାମେରା ବ୍ୟବସ୍ଥା ଲାଗି ନାହିଁ, ସେମାନେ ତୁରନ୍ତ ଲଗାଇବା ଆବଶ୍ୟକ। ଯେଉଁମାନେ ଲଗାଇବାକୁ ଅବହେଳା କରୁଛନ୍ତି, ପୋଲିସ ମଧ୍ୟ ଉକ୍ତ ଆପାର୍ଟମେଣ୍ଟ ସୋସାଟିଇର ମୁଖ୍ୟମାନଙ୍କୁ ତାଗିଦ୍ କରିବା ଜରୁରୀ। ଫଳରେ ସେମାନେ ଏହାକୁ ଗୁରୁତର ସହ ନେବେ। ଏପରି କି ଆପାର୍ଟମେଣ୍ଟକୁ ବାହାରୁ ଆସୁଥିବା ଲୋକଙ୍କ ତଥ୍ୟ ମଧ୍ୟ ସୋସାଇଟି ତରଫରୁ ପ୍ରତି ମାସରେ ପୋଲିସକୁ ଦେବା ଆବଶ୍ୟକ। ସେହିପରି ପୋଲିସ ମଧ୍ୟ ପାଟ୍ରୋଲିଂ ବ୍ୟବସ୍ଥାକୁ ଢିଲା ନ କରି କଡ଼ାକଡ଼ି କଲେ ଚୋରି ହ୍ରାସ ପାଇବ ବୋଲି ପଣ୍ଡା କହିଛନ୍ତି।

### ଆଇପି କ୍ୟାମେରା କ'ଣ



ଇଣ୍ଟରନେଟ ପ୍ରୋଟୋକଲ ଅର୍ଥାତ୍ ଆଇପି ହେଉଛି ଏକ ଅତ୍ୟାଧୁନିକ ଡିଜିଟାଲ୍ ଭିଡିଓ କ୍ୟାମେରା। ଏହା ଡାଟା ରିସିଭ କରିବା ସହ ଆଇପି ନେଟ୍‌ୱର୍କ ଜରିଆରେ ଫଟୋ ପଠାଇଥାଏ। ସାଧାରଣ ସିସିଟିଭି କ୍ୟାମେରାରେ ଉତ୍ତୋଳିତ ହେଉଥିବା ଚିତ୍ରଠାରୁ ଏହା ଅଧିକ ସ୍ପଷ୍ଟ। ଏଥିରେ ଉତ୍ତୋଳିତ ହେଉଥିବା ଚିତ୍ର ଏବଂ ତଥ୍ୟ କମିଶନରେଟ ପୋଲିସର କଣ୍ଟ୍ରୋଲ ରୁମ୍ ସହ ସଂଯୋଗ ରହିବ। ଏସିପି କେ. କେ. ହରିପ୍ରସାଦଙ୍କ ମୋବାଇଲ ନମ୍ବର ୭୬୦୬୦୬୬୭୬୬ରେ ଲିଙ୍କ୍ ରହିବ।

# ବରୀ ତହସିଲରେ ମନମୁଖି ପଲିଥିନ ବଣ୍ଟନ

- ଅସନ୍ତୋଷ ପରେ ଫେରାଇଦେବାକୁ ନୋଟିସ
- ୨୧ ବଣ୍ଡଲ ପଲିଥିନ ଅକ୍ତିଆର କଲା ପ୍ରଶାସନ
- ତହସିଲଦାରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ


ପଲିଥିନ ବଣ୍ଟନ ଅନିୟମିତତା ନେଇ ଭାଜପା ନେତାମାନେ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

**ବରୀ,୨୬।୧୦(ମହେନ୍ଦ୍ର ସ୍ୱାଇଁ):**

ବାତ୍ୟା 'ଦାନା' ପ୍ରଭାବରେ ଯାଜପୁର ଜିଲା ବରୀ ବ୍ଲକ୍ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି। ବହୁ ଚାଳଛପର ଘର ଭାଙ୍ଗିପଡ଼ିଛି। ଯେଉଁମାନଙ୍କର ଘର ଭାଙ୍ଗିଛି ସେମାନଙ୍କୁ ସରକାରଙ୍କ ତରଫରୁ ତୁରନ୍ତ ପଲିଥିନ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବରୀ ତହସିଲର ପ୍ରଶାସନ ମନମୁଖି ଭାବେ ପଲିଥିନ ବଣ୍ଟନ କରିଛି। ଫଳରେ ଏହାକୁ ନେଇ ଶନିବାର ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବରୀ ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏଭଳି ବେଆଇନ କାର୍ଯ୍ୟର ବିରୋଧ କରିଛନ୍ତି। ଏହାପରେ ବଣ୍ଟନ କରାଯାଇଥିବା ପଲିଥିନ ଫେରାଇ ଦେବାକୁ ତହସିଲ ପକ୍ଷରୁ ଲୋକଙ୍କୁ ନୋଟିସ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ନିୟମ ଅନୁଯାୟୀ, କ୍ଷତିଗ୍ରସ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ଅଧିକାରୀମାନେ କେଉଁ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ କେଉଁମାନେ ପଲିଥିନ ପାଇବାକୁ ଯୋଗ୍ୟ ତା'ର ତାଲିକା ପ୍ରସ୍ତୁତ କରିବା ପରେ ପଲିଥିନ ଯୋଗାଇ ଦିଆଯିବା କଥା। ମାତ୍ର ତହସିଲ ପ୍ରଶାସନ ତରଫରୁ କୌଣସି ପଦପଦବୀରେ ନ ଥିବା ଜଣେ ବ୍ୟକ୍ତିଙ୍କୁ ପଲିଥିନ ବଣ୍ଟନ କରିବାକୁ ଦିଆଯାଇଛି। ଏନେଇ ଭାଜପା ନେତାମାନେ ତହସିଲଦାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ତହସିଲ କାର୍ଯ୍ୟାଳୟରେ ଭାଜପା କର୍ମୀଙ୍କ ସମେତ ବାତ୍ୟା ଦ୍ୱାରା ପ୍ରଭାବିତ ଶହଶହ ଲୋକ ପହଞ୍ଚି ପ୍ରଶାସନ ମନମୁଖି ଭାବେ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ତହସିଲରେ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ ବେଉରିଆ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ମାତ୍ର ଲୋକେ ତଦନ୍ତ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀ ଘଟଣାସ୍ଥଳକୁ ନ ଯିବା ପର୍ଯ୍ୟନ୍ତ ସେମାନେ ତହସିଲ କାର୍ଯ୍ୟାଳୟ ପରିସରରୁ ଯିବେନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ପରିସ୍ଥିତିକୁ ଆଖି ଆଗରେ ରଖି କାର୍ଯ୍ୟନିର୍ବାହୀ ଅଧିକାରୀ ବେଉରିଆ, ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ବିଡିଓ ପଞ୍ଚାନନ ମଲ୍ଲିକ, ଏବିଡିଓ ମହେଶ୍ୱର ସେଠୀ କଳାମାଟିଆ ପଞ୍ଚାୟତକୁ ଯାଇ ଲୋକଙ୍କୁ ଦିଆଯାଇଥିବା ପଲିଥିନ ସୁଚାରୁ ରୂପେ ବଣ୍ଟନ କରାଯାଇଛି କି ନାହିଁ ଅନୁଧ୍ୟାନ କରିଥିଲେ। ସେହି ପଞ୍ଚାୟତର କୌଣସି ପଦପଦବୀରେ ନ ଥିବା ଜଣେ ବ୍ୟକ୍ତି ତହସିଲ ରେଜିଷ୍ଟରରେ ଦସ୍ତଖତ କରି ପଲିଥିନ ବଣ୍ଟନ କରିବାକୁ ଦାୟିତ୍ୱ ନେଇଥିବା ଜଣାପଡିଥିଲା। ଫଳରେ ତହସିଲଦାରଙ୍କ ଏଭଳି ମନମୁଖି କାର୍ଯ୍ୟକୁ ନେଇ ନିର୍ବାହୀ ଅଧିକାରୀ ବେଉରିଆ ଅସନ୍ତୋଷ ବ୍ୟକ୍ତ କରିବା ସହ ମୋଟ ୪୦ ବଣ୍ଡଲ ପଲିଥିନ ମଧ୍ୟରୁ ୨୧ ବଣ୍ଡଲ ନିଜ ଅକ୍ତିଆରକୁ ନେଇ କାଇପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଦାୟିତ୍ୱରେ ରଖିଥିବା ସୂଚନା ମିଳିଛି।

ରାଜ୍ୟ ସରକାର ସରକାରୀ ସହାୟତା ଯୋଗାଇବା କ୍ଷେତ୍ରରେ ସ୍ୱଚ୍ଛତା ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହି ବ୍ଲକ୍‌ରେ ତା'ର ଉଲ୍ଲଘଂନ କରାଯାଇଛି। ଏଠାରେ ପ୍ରଶ୍ନଉଠେ କୌଣସି ପଦ ପଦବୀରେ ନ ଥିବା ବ୍ୟକ୍ତିଙ୍କୁ ତହସିଲଦାର କେଉଁ ଉଦ୍ଦେଶ୍ୟରେ ପଲିଥିନ୍ ବଣ୍ଟନ ଦାୟିତ୍ୱ ଦେଇଥିଲେ। ଭାଜପା ନେତା ଉମେଶ ଜେନାଙ୍କ ସହ ରାଜ୍ୟ ପଛୁଆବର୍ଗ ଉପସଭାପତି ଆଶୁତୋଷ ପରିଡ଼ା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଯେନା, ସରପଞ୍ଚଙ୍କ ପ୍ରତିନିଧି ଶରତ ପରିଡ଼ା, ମନୋଜ ମଲ୍ଲ, ସରପଞ୍ଚ ମାନସ ଯେନା, ସରୋଜ ପଣ୍ଡା, ଅଜିତ ଜେନା ଓ ରଘୁନାଥ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଘଟଣା ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳାମାଟିଆ ପଞ୍ଚାୟତ ଲୋକଙ୍କ ଅଭିଯୋଗ ଅନୁସାରେ ତହସିଲ ପ୍ରଶାସନ ତରଫରୁ ସୁଚାରୁ ରୂପେ ପଲିଥିନ ବଣ୍ଟନ ହୋଇ ନ ଥିବାରୁ ୨୧ ବଣ୍ଡଲ ପଲିଥିନକୁ ଛାଡ଼ି ଅବଶିଷ୍ଟ ପଲିଥିନ ନେଇଥିବା ବ୍ୟକ୍ତି ତୁରନ୍ତ ତହସିଲ କାର୍ଯ୍ୟାଳୟରେ ପହଞ୍ଚାଇବାକୁ ନୋଟିସ ଜାରି ହୋଇଛି ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ସେ ବ୍ୟସ୍ତତା ଦର୍ଶାଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇନାହାନ୍ତି। ପରେ ପ୍ରତିକ୍ରିୟା ଦେବାକୁ କହିଛନ୍ତି।

# ଧର୍ମଶାଳାରେ ୫୦ ହେକ୍ଟର ଧାନ ଫସଲ ନଷ୍ଟ

**ଧର୍ମଶାଳା,୨୬।୧୦(ବଟକୃଷ୍ଣ ପରିଡ଼ା):**

ବାତ୍ୟା ଦାନା ପ୍ରଭାବରେ ୩ ଦିନ ବ୍ୟାପୀ ଲଗାଣ ବର୍ଷା ହେବାରୁ ପରିବା, ଧାନ ଓ ଡାଲିଜାତୀୟ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ଧର୍ମଶାଳା ବ୍ଲକରେ ୨ ହଜାର ହେକ୍ଟର ଜମିରେ ବିରି ଓ କୋଳଥ ଚାଷ, ୨୫୦ ହେକ୍ଟର ପରିବା ଓ ଖାଲୁଆ ଜମିରେ ହୋଇଥିବା ୫୦ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ବ୍ଲକର ୨୭ ପଞ୍ଚାୟତର ୧୦୦ ମୌଜାର ୨ହଜାର ହେକ୍ଟର ଜମିରେ ବିରି ଓ କୋଳଥ ଚାଷ ନଷ୍ଟ ହୋଇଥିବା ଆକଳନ କରାଯାଇଛି। ୫ ପଞ୍ଚାୟତର ୧୦ ମୌଜାରେ ୫୦ ହେକ୍ଟର ଜମିରେ ଧାନ ଚାଷ ନଷ୍ଟ ହୋଇଥିବା ଆକଳନ କରାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି। ପରିବା ଚାଷରେ ବ୍ଲକର ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁ ଅରେଇକଣା, ପତୁଣିଆ, କଦମପାଳ, ଅରାବଳ ମଙ୍ଗଳପୁର, ଦେଓଦା, କୋଟପୁର, ଉତ୍ତରପ୍ରତାପ, ଭବାନୀପୁର, ଚହଟା, ଚୋରମୁହାଁ, ଜାରକା, ଅଭୟପୁର, ବଡ଼କାଏମା, ପାଟପୁର, ମିର୍ଜାପୁର, ସୁନ୍ଦୁରିଆ, ଜେନାପୁର, ବୃନ୍ଦାଦେଈପୁର, କବାଟବନ୍ଧ, ରେଖିଦେଈପୁର, ଏଣ୍ଡଳବା, ମର୍ଜିତାପୁର, କୁମାରୀ, ଗଙ୍ଗାଧରପୁର, ଅଣ୍ଡିଆ, କମାଗଡ଼, ମଧୁସୂଦନପୁର ଓ ତାଳଜଙ୍ଗ ଆଦି ପଞ୍ଚାୟତର ୧୯୦ ମୌଜାରେ ୨୫୦ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ ହୋଇଥିବା ଧର୍ମଶାଳା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶନୀ ସୂଚନା ଦେଇଛନ୍ତି। ଚାଷର କ୍ଷୟକ୍ଷତି ନେଇ ଉଭୟ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଜରିପାଲ ବଣ୍ଟନ


ଧର୍ମଶାଳା ବିଧାୟକ ଓ ତହସିଲଦାର ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଜରିପାଲ ପ୍ରଦାନ କରୁଛନ୍ତି।

**ଧର୍ମଶାଳା,୨୬।୧୦(ବଟକୃଷ୍ଣ ପରିଡ଼ା):**

ବାତ୍ୟା ଜନିତ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଶନିବାର ତହସିଲ ପ୍ରଶାସନ ପକ୍ଷରୁ ଜରିପାଲ ବଣ୍ଟନ କରାଯାଇଛି। ତହସିଲ ଅଧୀନ ୯ ଆର୍‌ଆଇ ସର୍କଲରେ ୧୨୨ ପରିବାରକୁ ଏହି ଜରିପାଲ ବଣ୍ଟନ କରାଯାଇଛି। ତହସିଲ ଅନ୍ତର୍ଗତ ବାଙ୍କସାହି, ଚୋରମୁହାଁ, ଆରୁହା, ଶ୍ରୀନଗର, ନାକପୋଲ, ଜେନାପୁର, ତଳଗଡ଼ ଆଦି ଆରଆଇ ସର୍କଲରେ କଚ୍ଚା ଘରେ ରହୁଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ତହସିଲଦାର ଶୁଭଙ୍କର ମହାନ୍ତି ଜରିପାଲ ପ୍ରଦାନ କରିଥିବାବେଳେ ବଡ଼କାଏମା ଓ କଣ୍ଟିଗଡ଼ିଆ ସର୍କଲରେ ବିଧାୟକ ହିମାଂଶୁ ଶେଖର ସାହୁ ଉପସ୍ଥିତ ରହି କ୍ଷତିଗ୍ରସ୍ତଙ୍କୁ ଜରିପାଲ ବଣ୍ଟନ କରିଛନ୍ତି। ଏଥିରେ ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀ, ରାମେଶ୍ୱରୀ ଜେନା, ବିରଞ୍ଚି ନାରାୟଣ ବୋଇତେଇ, ଅନିଲ ସୁନ୍ଦର ଦାସ, ସୁମିତ୍ରା ଜେନା, ସୁନିଲ ନାୟକ, ଜଗବନ୍ଧୁ ଜେନା, ବୀରକିଶୋର ମହାରଣା ଓ ମାନସ ରଞ୍ଜନ ବେଜ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ। ସମଗ୍ର ତହସିଲ ଅଞ୍ଚଳରେ ଥିବା ଆର୍‌ଆଇ ସର୍କଲରେ ଏହି ସର୍ଭେ ଚାଲିଥିବାବେଳେ ଅନ୍ୟକ୍ଷତିଗ୍ରସ୍ତଙ୍କୁ ଶୀଘ୍ର ଜରିପାଲ ବଣ୍ଟନ କରାଯିବ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

# ବିଞ୍ଝାରପୁର ବ୍ଲକ୍‌ରେ ୧୮୪ ମି.ମି. ବର୍ଷା




ପାଚିଲା ଧାନ ପାଣିରେ ବୁଡ଼ି ରହିଛି।

- ଉଜୁଡ଼ିଲା ଧାନ, ବିରି ଫସଲ
- ଜନଜୀବନ ଅସ୍ତବ୍ୟସ୍ତ, ଦୁର୍ଦ୍ଦଶାରେ ଚାଷୀ

**ବିଞ୍ଝାରପୁର,୨୬।୧୦(ରାମକୃଷ୍ଣ ଦାସ):**

ବାତ୍ୟା ଦାନା ଆସି ଚାଲିଯାଇଛି, ହେଲେ ଛାଡ଼ିଯାଇଛି ଦୁର୍ଦ୍ଦଶା। ଦାନା ପ୍ରଭାବରେ ବିଞ୍ଝାରପୁର ବ୍ଲକ୍‌ରେ ଗୁରୁବାର ୧୪ ମି.ମି. ଓ ଶୁକ୍ରବାର ୧୭୦ ମି.ମି ମୋଟ୍ ଦୁଇ ଦିନରେ ୧୮୪ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହି ଲଗାଣବର୍ଷା ଯୋଗୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦରହିଛି। ଏକପ୍ରକାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ଲଗାଣ ବର୍ଷା ଯୋଗୁ ଖରିଫ ଧାନ, ବିରି, ପନିପରିବା ଫସଲ ଉଜୁଡ଼ିଯାଇଛି। ଉଜୁଡ଼ିଯାଇଥିବା କ୍ଷେତକୁ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଜରି, ବାଙ୍ଗରା, ହଳଦୀଡ଼ିହ, ଟିଣା, କପିଳା, ଆଉଁରୀ ଓ ସିଂହପୁର ଆଦି ପଞ୍ଚାୟତାରେ ଶହଶହ ହେକ୍ଟର ପାଚିଲାଧାନ ପାଣିରେ ବୁଡ଼ିରହିଛି। ସେହିପରି ସୟଦପୁର, ଶାସନ୍ଦା, ଗୁହାଳି, ଘଣ୍ଟିଆଳି, ଚିକଣା, ବରପଦା ଓ ବାଛୋଳ ଅଞ୍ଚଳର ହଜାରହଜାର ହେକ୍ଟର ଧାନ ଥୋଡ଼ମୁହାଁ ହୋଇଥିବାରୁ ଲଗାଣ ବର୍ଷା ଯୋଗୁ ତାହା ହାନି ହେବାର ଆଶଙ୍କା ଦେଖାଦେଇଛି। ଏପରିକି ଗାଁ ଦାଣ୍ଡରେ ବର୍ଷାପାଣିର ଲହଡି ଭାଙ୍ଗୁଛି। ଏହାକୁ ନେଇ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

# ୩୦ରେ ରବି ଲାବଣ୍ୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ଧର୍ମଶାଳା,୨୬।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପ୍ରଥମ ବାର୍ଷିକୀ ଆସନ୍ତା ୩୦ ତାରିଖରେ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରାଦ୍ଧୋତ୍ସବ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦସ୍ଥିତ ଲାବଣ୍ୟଙ୍କ ଗ୍ରାମରେ ପାଳନ ହେବା ସହିତ ଅପରାହ୍ନ ୪ରେ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ବେଦପାଠ ସହିତ ବାଇବେଲ ଏବଂ କୋରାନ ପାଠ କରାଯିବ। ସେହିପରି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟର ବହୁ ବିଶିଷ୍ଟ ରାଜନେତା, ଖବରକାଗଜ ସମ୍ପାଦକ, ବରିଷ୍ଠ ସାମ୍ବାଦିକ, ଲେଖକ ଓ ସାହିତ୍ୟିକ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଲାବଣ୍ୟଙ୍କ ଜୀବନୀ ଉପରେ ଆଧାରିତ ସ୍ମରଣିକା ସ୍ୱାଭିମାନର ଦ୍ୱିତୀୟ ଭାଗକୁ ଅତିଥି ଉନ୍ମୋଚନ କରିବେ ବୋଲି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

# ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଦେଖିଲେ ବିଧାୟିକା

**ବିଞ୍ଝାରପୁର,୨୬।୧୦(ରାମକୃଷ୍ଣ ଦାସ):**

ବାତ୍ୟାଜନିତ ଲଗାଣ ବର୍ଷାପରେ ଶନିବାର ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବିଞ୍ଝାରପୁର ବ୍ଲକର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତକରି ସ୍ଥାନୀୟ ଲୋକଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ଯାଜପୁର ଜିଲାକୁ ବର୍ତ୍ତମାନ ସୁଦ୍ଧା ରିଲିଫ ଘୋଷଣା କରାଯାଇ ନ ଥିବାରୁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀଟି ଚାଷୀ ବହୁଳ ଅଞ୍ଚଳ। ଏଠାରେ ଏବେ ବହୁ ହଜାର ହେକ୍ଟର ଧାନଫସଲ ପାଣିରେ ବୁଡ଼ି ରହିଥିବାରୁ ନଷ୍ଟ ହୋଇଯାଇଛି। ବିଶେଷ କରି ଉଓଙ୍ଗରା, ଉତ୍ରଙ୍ଗ, ଶାସନ୍ଦା, କପିଳା, ଫତେପୁର, ଜରି, ବାଙ୍ଗରା, ହଳଦିଡିହ ପଞ୍ଚାୟତରେ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି ହୋଇଛି। ସୟଦପୁର ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ପାଣି ଜମି ରହିଥିବାରୁ ଅନେକ ପରିବାର ଜଳବନ୍ଦୀରେ ଅଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ କୌଣସି ସହାୟତା ବିଞ୍ଝାରବାସୀଙ୍କୁ ମିଳିପାରିନାହିଁ। ଫଳରେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରମିଳା ଦାବି କରିଛନ୍ତି। ବିଧାୟିକାଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।


ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବାତ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଗାଁରେ ସ୍ୱାସ୍ଥ୍ୟ ଅଧିକାରୀ, କ୍ଷେତରେ କୃଷି କର୍ମଚାରୀ

## ଛାଡ଼ିଲା ବାତ୍ୟା, ବର୍ଷା ଭୟ

**ରସୁଲପୁର,୨୬।୧୦(ରଞ୍ଜିତ ରାଉତ):**

ବାତ୍ୟା 'ଦାନା'ର ଭୟ ଟଳିଯାଇଛି। ରସୁଲପୁର ବ୍ଲକରେ ବାତ୍ୟା ପ୍ରଭାବରେ କେହି ମୃତାହତ ହୋଇଥିବା ଖବର ହସ୍ତଗତ ହୋଇନାହିଁ। ଗୃହପାଳିତ ପ୍ରାଣୀ ସୁରକ୍ଷିତ ରହିଥିବା ଜଣାଯାଇଛି। ଅଧିକ ପରିମାଣର ବର୍ଷା କାରଣରୁ କେତେକସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜିଛି। କାଁଭାଁ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି। ଯାହାକିଛି କ୍ଷୟକ୍ଷତି ହୋଇଛି ଚାଷୀଙ୍କର। କ୍ଷତିଗ୍ରସ୍ତ ହୋଇଛନ୍ତି ଚାଳିଆ, ଝୁମ୍ପୁଡି ଘରେ ବସବାସ କରୁଥିବା ଲୋକେ। ବ୍ଲକର ୨୮ ପଞ୍ଚାୟତରୁ ୯ ପଞ୍ଚାୟତର ୧୧ କେନ୍ଦ୍ରରେ ୨୦୨ଜଣ ଲୋକ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଦୂଷିତ ଜଳ ବ୍ୟବହାର ଯୋଗୁ ମହାମାରୀ ବ୍ୟାପିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ସଜାଗ ହୋଇଉଠିଛି। ଆଶ୍ରୟ ସ୍ଥଳରେ ରହୁଥିବା ବାତ୍ୟା ବିପନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗାଁରେ ବୁଲୁଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ, କର୍ମଚାରୀ।


ରସୁଲପୁର ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଲୋକଙ୍କୁ ବିଭିନ୍ନ ଔଷଧ ପ୍ରଦାନ କରୁଛନ୍ତି।

ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ୪ଜଣିଆ ସ୍ୱାସ୍ଥ୍ୟକର୍ମୀ ଦଳ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲିଛନ୍ତି। ସେମାନେ ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଔଷଧ ପ୍ରଦାନ କରିଛନ୍ତି। ଯୁବତୀ, ମହିଳାମାନଙ୍କୁ ସାନିଟାରୀ ନାପକିନ୍, ବିପନ୍ନମାନଙ୍କୁ ଓଆରଏସ ପ୍ୟାକେଟ୍, ହାଲୋଜିନ ବଟିକା ଆଦି ପ୍ରଦାନ କରିଛନ୍ତି। ଝାଡ଼ା ଓ ଜ୍ୱର ହେଉଥିବା ଲୋକଙ୍କୁ ଔଷଧ ଦିଆଯାଇ ଫୁଟାପାଣି ସହ ହାଲୋଜିନ୍ ବଟିକା ମିଶାଇ ପିଇବାକୁ ପରାମର୍ଶ ଦେଇଛନ୍ତି। ବଟିକାର ବ୍ୟବହାର ସମ୍ପର୍କରେ ବୁଝାଇ କହିବା ସହ ଆଶ୍ରୟସ୍ଥଳ ପରିସରରେ ବ୍ଲିଚିଂ ପାଉଡର ସିଞ୍ଚନ କରିଛନ୍ତି। ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯିବା ସହ ଲୋକଙ୍କ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ପ୍ରତି ଧ୍ୟାନଦେବାକୁ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ସେହିପରି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ କ୍ଷୟକ୍ଷତି ଆକଳନ ପାଇଁ କୃଷି, ଉଦ୍ୟାନ କୃଷି ଅଧିକାରୀ କ୍ଷେତରେ ପହଞ୍ଚି ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ କରିଛନ୍ତି। କୋହଲା ପାଗ ହଟିଯିବା ପରେ କ୍ଷେତରେ ସୂର୍ଯ୍ୟକିରଣ ପଡ଼ିଲେ ଫସଲ କିଆରିର ବାସ୍ତବ କ୍ଷିତ ଜଣାପଡିବ ବୋଲି ଚାଷୀ ଓ କୃଷି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଏହାଛଡ଼ା ପବନ ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା କଚ୍ଚା ଘର ସ୍ଥିତି ଆକଳନ ପାଇଁ ରାଜସ୍ୱ ଅଧିକାରୀ, କର୍ମଚାରୀମାନେ ଗାଁରେ ବୁଲିବା ଆରମ୍ଭ କଲେଣି। ବାତ୍ୟା ଦାନା ଦ୍ୱାରା କେଉଁ ବିଭାଗ ଅଧୀନରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି ତା'ର ସ୍ୱଷ୍ଟ ଚିତ୍ର ଜଣାପଡିବ ବୋଲି ତଦନ୍ତ ଅଧିକାରୀମାନେ ମତ ରଖିଛନ୍ତି। ଆସନ୍ତା ୩/୪ ଦିନ ଭିତରେ କ୍ଷୟକ୍ଷତି ବାସ୍ତବ ଚିତ୍ର ସ୍ୱଷ୍ଟ ହୋଇପାରିବ ବୋଲି କୁହାଯାଉଛି।

# ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା

## ପଞ୍ଚାୟତ ଅଫିସ ଫାଟକରେ ଲୋକେ ତାଲା ପକାଇଲେ

ପଟ୍ଟାମୁଣ୍ଡାଇ,୨୬।୧୦(କଳ୍ପତରୁ ନାୟକ)



ବାତ୍ୟା 'ଦାନା' ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ଅନେକ ପଦକ୍ଷେପ ନିଆଯାଇଛି। ବାତ୍ୟାଦାଉରୁ ରକ୍ଷା ପାଇଁ ଲୋକମାନଙ୍କୁ ବିଭିନ୍ନ ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ସହ ସେଠାରେ ବିଭିନ୍ନ ଅତ୍ୟାବଶକୀୟ ସାମଗ୍ରୀ ମହଜୁଦ ରଖାଯାଇଥିଲା । ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ାଗାଁର ଅସ୍ଥାୟୀ ଆଶ୍ରୟସ୍ଥଳୀରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି । ବାତ୍ୟା ଆଶ୍ରୟସ୍ଥଳୀରେ ଉପଯୁକ୍ତ ବ୍ୟବସ୍ଥା ନ ଥିବା ଅଭିଯୋଗ କରି ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା । ବଡ଼ପଡ଼ା ପାଇକେସ୍ଥା ଦଳିତ ସାହିର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ ।

ଗ୍ରାମର ପ୍ରଭାତୀ ମଳିକ, ସିଲୁ ମଳିକ, ବୃଦ୍ଧା ଜାନକୀ ମଳିକ, ସିବୁଆ ମଳିକ, ପ୍ରମୋଦ ମଳିକ, ଅଭିରାମ ମଳିକ ସମେତ ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ବଡ଼ପଡ଼ା ପାଇକେସ୍ଥା ଦଳିତ ସାହିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ବାସବାସ କରୁଛନ୍ତି । ଅଧିକାଂଶ ଲୋକ ଚାଳଛପର ଘରେ ରହୁଛନ୍ତି । ଗୁରୁବାର ସକାଳୁ ପଞ୍ଚାୟତ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ସେମାନଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କଲ୍ୟାଣ ମଣ୍ଡପରେ ରହିବା ପାଇଁ କହିଥିଲେ । ସାହିର ଲୋକମାନେ ସେହି ଆଶ୍ରୟସ୍ଥଳୀରେ ପିଲାଛୁଆ ଧରି ପହଞ୍ଚିଥିଲେ । ମଧ୍ୟାହ୍ନରେ ଚୂଡ଼ାଗୁଡ ପୁଡ଼ିଆ ଦିଆଯାଇଥିଲା । ରାତିରେ ସେମାନଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା ହୋଇ ନ ଥିଲା। ରାତିରେ ସେଠାରେ କୌଣସି ଆଲୋକର ବ୍ୟବସ୍ଥା ନ ଥିବା ବେଳେ ମହମବତୀ ମଧ୍ୟ ଦିଆଯାଇ ନ ଥିଲା । ଦୋକାନ ବଜାର ବନ୍ଦ ଥିବାରୁ କୌଣସି ଖାଦ୍ୟ କି ମହମବତୀ ମିଳି ନ ଥିଲା । ସେହିରାତିରେ ସାହିର କେତେଜଣ ଲୋକ ନିଜ ଘରକୁ ଯାଇ ଡିବିରୀ ନେଇ ଯାଇଥିଲେ । ଅନ୍ୟମାନେ ଘରେ ରହିଥିବା ପଖାଳ ଭାତ ନେଇ ପିଲାମାନଙ୍କୁ ଖାଇବାକୁ ଦେଇଥିଲେ । ହେଲେ ବହୁ ଛୋଟ ପିଲା ଭୋକ ଉପାସରେ ଶୋଇଥିଲେ। ଅନ୍ୟମାନେ ମଧ ଉପାସରେ ରହିଥିଲେ । ସରକାର ବଡ଼ପଡ଼ା ହାଇସ୍କୁଲକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଘୋଷଣା କରିଥିଲେ । ମାତ୍ର ନାଏବ ସରପଞ୍ଚ ବହୁଦିନ ଧରି ବନ୍ଦ ପଡିଥିବା କଲ୍ୟାଣ ମଣ୍ଡପରେ କାହିଁକି ଆମମାନଙ୍କୁ ରଖିଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷେ ସେହି ଘର ଠିକ୍ ଭାବେ ସଫା କରାଯାଇ ନ ଥିବାରୁ ସରୀସୃପ ବାହାରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲେ ମଧ ଏପରି ଅବ୍ୟବସ୍ଥା ଅତ୍ୟନ୍ତ ଦୁଃଖଦାୟକ ଥିଲା। ବାତ୍ୟା ଭୟରେ ସାହି ବାସିନ୍ଦା ସୁରକ୍ଷିତ ସ୍ଥାନକୁ ଆସିଥିଲେ । ହେଲେ ଅସ୍ୱାସ୍ଥ୍ୟକର ଘରେ ଖାଦ୍ୟ ପାନୀୟ ନ ପାଇ ଉପାସ ଭୋକରେ ଶୋଇବା ଜିଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଅବ୍ୟବସ୍ଥାକୁ ନେଇ ଲୋକମାନେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ ।

ଏନେଇ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ସୋମନାଥ ଦାଶଙ୍କୁ ପଚାରିବାରେ କଲ୍ୟାଣ ମଣ୍ଡପ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହୁଥିବା ଲୋକମାନଙ୍କୁ ଖାଦ୍ୟ ପୁଡ଼ିଆ ଦିଆଯାଇଥିଲା । ମାତ୍ର ଯେତିକି ରନ୍ଧା ଖାଦ୍ୟ ହୋଇଥିଲା ତାହା ନିଅଣ୍ଟ ପଡିଥିବାରୁ କିଛି ଲୋକଙ୍କୁ ଦିଆଯାଇପାରି ନ ଥିଲା ବୋଲି କହିଛନ୍ତି।

# ୧୪୪ ଘର, ୨୦୮ ଗୁହାଳର ଆଂଶିକ କ୍ଷତି

## ୩୪ ପଞ୍ଚାୟତର ସମସ୍ତ ଚାଷ ଜମି ଜଳମଗ୍ନ



ଆଳି,୨୬।୧୦(ବନମାଳୀ ସେନାପତି)

ବାତ୍ୟା ପ୍ରଭାବରେ ଗତ ୨ଦିନ ହେବ ଲଗାଣ ବର୍ଷା ଲାଗି ରହିଛି । ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଥିପାଇଁ ଆଳି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ବାତ୍ୟା ଯୋଗୁ କଚ୍ଚା ଘରେ ରହୁଥିବା ଲୋକମାନେ ଆଶ୍ରୟସ୍ଥଳକୁ ପଳାଇ ଯାଇଥିଲେ । ବାତ୍ୟାରେ ବିଭିନ୍ନ ପଞ୍ଚାୟତରେ ଥିବା କଚ୍ଚାଘର ଭାଙ୍ଗିଥିବା ବେଳେ ବହୁ ଗଛ ଭାଙ୍ଗି ପଡିଥିଲା । ଏଥିଯୋଗୁ ୪ ଦିନ ହେବ ଆଳି ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିନାହିଁ। ଏହାକୁ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ଆଳି ତହସିଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତହସିଲ ଅନ୍ତର୍ଗତ ୩୪ ଗ୍ରାମ ପଞ୍ଚାୟତରେ ଆଂଶିକ ଭାବେ ୧୪୪ଟି ଘର କ୍ଷତିଗ୍ରସ୍ତ ହୋଇଛି । ୨୦୮ ଗୁହାଳ ନଷ୍ଟ ହୋଇଛି ବୋଲି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ସୂଚନା ଦେଇଛନ୍ତି । ଆଂଶିକ ଭାବେ ଭାଙ୍ଗିଥିବା ଘରେ ବିପଦସଂକୁଳ ଅବସ୍ଥାରେ ଲୋକମାନେ ରହୁଛନ୍ତି । ଗୁହାଳ ନଷ୍ଟ ହୋଇଥିବାରୁ ଗାଈ ବଳଦ ଖୋଲାଆକାଶ ତଳେ ପଡ଼ି ରହିଛନ୍ତି । ସେହିପରି ୩୪ ପଞ୍ଚାୟତରେ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ସବୁ ଜମିରେ ବର୍ଷା ପାଣି ଜମି ରହିଚି । ଏଥିପାଇଁ ଧାନ, ପନିପରିବା, ବିରି ଫସଲ ନଷ୍ଟ ହୋଇଛି। ସେହିପରି ବ୍ଲକରେ ଥିବା ସରକାରୀ ଗୃହ ମଧ୍ୟରୁ ୧୯ଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨୫ କିମି ରାସ୍ତା, ୨୩ଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ୫୧ ବିଦ୍ୟାଳୟ ଭାଙ୍ଗିରୁଜି ଯାଇଛି ବୋଲି ବିଡ଼ିଓ ମିନତୀ ଜଗଦେବ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଗଛ ପଡି ଜଣେ ମୃତ

ପଟ୍ଟାମୁଣ୍ଡାଇ,୨୬।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାତ୍ୟା 'ଦାନା'ପ୍ରଭାବରେ ଅଘଟଣ ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁର ଶରତ ମଳିକଙ୍କ ଘର ଉପରେ ଗୁରୁବାର ରାତିରେ ଏକ ବିରାଟ ଗଛ ଉପୁଡି ପଡିବାରୁ ଘର ଭାଙ୍ଗିବା ସହିତ ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ମୃତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

### ପଟ୍ଟାମୁଣ୍ଡାଇରେ ଘରଭଙ୍ଗା ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ,୨୬।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବାତ୍ୟା 'ଦାନା'ଜନିତ ଘର ଭଙ୍ଗା ତଦନ୍ତ ତହସିଲ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ପଟ୍ଟାମୁଣ୍ଡାଇ ତହସିଲ ପକ୍ଷରୁ ଏଭଳି ତଦନ୍ତ ଶନିବାର ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ତହସିଲର କର୍ମଚାରୀମାନେ ପୌରାଞ୍ଚଳର ଘରକୁ ଘର ବୁଲି ବାତ୍ୟାରେ ଘର ଭାଙ୍ଗିଛି କି ନାହିଁ ସେ ସମ୍ପର୍କରେ ତଦନ୍ତ କରୁଛନ୍ତି । ଖୁବ୍‌ଶୀଘ୍ର ଏହି ରିପୋର୍ଟ ଜିଲାପାଳଙ୍କୁ ହସ୍ତଗତ କରାଯିବ ବୋଲି ସୂଚନା ମିଳିଛି ।

# ବୈଜୟନ୍ତ ଗାଡ଼ିରୁ ନ ଓହ୍ଲାଇବାରୁ ବାତ୍ୟା ବିପନ୍ନଙ୍କ ବିରୋଧ

ରାଜନଗର,୨୬।୧୦(ଭାସ୍କର ରାଉତରାୟ)



ଦଳୀୟ କର୍ମୀଙ୍କ ସହ ଏମ୍‌ପି ବୈଜୟନ୍ତ ପଣ୍ଡା।

ବାତ୍ୟା ପୂର୍ବରୁ ଓ ବାତ୍ୟା ସମୟରେ ବିଧାୟକଙ୍କ ସହିତ ଅନ୍ୟ ନେତାମାନେ ବିପନ୍ନ କିପରି ସୁରକ୍ଷିତ ଭାବେ ଆଶ୍ରୟସ୍ଥଳକୁ ଆସିବେ, ବାତ୍ୟା ସମୟରେ ତାଙ୍କୁ ଆଶ୍ରୟସ୍ଥଳରେ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି କି ନାହିଁ, ତାର ତନାଘନା କରୁଥିଲେ। ମାତ୍ର କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଦେଖା ନ ଥିଲା। ଶନିବାର ପ୍ରଥମ ଥର ପାଇଁ ରାଜନଗରକୁ ଆକାଶ ମାର୍ଗ ପରିବର୍ତ୍ତେ ସ୍ଥଳପଥରେ ଆସିଥିଲେ। ସବୁ ନିର୍ବାଚନମଣ୍ଡଳୀର ନେତାଙ୍କୁ ଧରି ବାତ୍ୟା ବିପନ୍ନ ଅଞ୍ଚଳରେ ପହଞ୍ଚି ଥିଲେ। ବିପନ୍ନ ଲୋକେ ସାହାଯ୍ୟ ମାଗିବାରୁ ନିଜର ଫଟୋ ଥିବା ଏକ ପୋଷ୍ଟକାର୍ଡ ଧରାଇଲେ। ୧୫ଦିନ ଭିତରେ ସରକାରୀ ସାହାଯ୍ୟ ନ ମିଳିଲେ ତାଙ୍କୁ ପୋଷ୍ଟକାର୍ଡରେ ଲେଖି ଜଣାଇବାକୁ କହି ନିଜର ଦାୟିତ୍ୱ ସାରିଦେଲେ। କେନ୍ଦ୍ରାପଡ଼ା ଏମ୍‌ପି ବାତ୍ୟାରେ ଦେଖା ନ ଥିବା ବେଳେ ବାତ୍ୟା ପରେ ବିପନ୍ନଙ୍କୁ ଭେଟିଥିଲେ ମଧ୍ୟ କୌଣସି ସାହାଯ୍ୟ ଯୋଗାଇ ନ ଦେବା ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଅପରପକ୍ଷେ ଏମ୍‌ପି ଶନିବାର ତାଳଚୁଆ ଯିବା ବାଟରେ ଜୁଣଗଡି ନିକଟରେ ଗାଁ ଲୋକେ ତାଙ୍କୁ ଅଟକାଇଥିଲେ। ବାତ୍ୟାରେ ଗାଁର ଅବସ୍ଥା କ'ଣ ହୋଇଛି, ଆପଣ ଦୟାକରି ଦେଖନ୍ତୁ, ଆମେ ଆପଣଙ୍କୁ ଭୋଟ ଦେଇଛୁ, ଆପଣ ଆମ ସମସ୍ୟା ନିଜ ଆଖିରେ ଦେଖି ଯାଆନ୍ତୁ କହି ଗାଁ ଭିତରକୁ ଯିବାକୁ ଡାକିଥିଲେ। ମାତ୍ର ଏମ୍‌ପି ପଣ୍ଡା ଗାଁ ଭିତରକୁ ଯିବା ଦୂରର କଥା, ଗାଡିରୁ ମଧ୍ୟ ଓହ୍ଲାଇ ନ ଥିଲେ। ଗାଡ଼ି ଭିତରେ ବସି ପୋଷ୍ଟକାର୍ଡ ଧରାଇ ଭଣ୍ଡାଇ ଦେଇ ପଳାଇଥିଲେ। ଏମ୍‌ପିଙ୍କ ଏପରି କାର୍ଯ୍ୟ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ବିପନ୍ନମାନେ ଏମ୍‌ପିଙ୍କୁ ବିରୋଧ କରିବା ସହ ହୋହାଲ୍ଲା କରିଥିଲେ।

ଏମ୍‌ପିଙ୍କ ସହିତ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା, ତେଜେଶ୍ୱର ପରିଡ଼ା, ଗୀତାଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ।

## ଗର୍ଭବତୀ ସରକାରୀ କର୍ମଚାରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଦୁର୍ବ୍ୟବହାର ଗୁରୁତର ଅବସ୍ଥାରେ ପୀଡ଼ିତା ଡାକ୍ତରଖାନାରେ ଭର୍ତ୍ତି

ଡେରାବିଶ,୨୬।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ଏକ ସରକାରୀ କାର୍ଯ୍ୟାଳୟରେ ଜଣେ ଗର୍ଭବତୀ ମହିଳା କର୍ମଚାରୀଙ୍କୁ ତାଙ୍କ ଉପରିସ୍ଥ ଅଧିକାରୀ ଦୁର୍ବ୍ୟହାରକୁ କରିଛନ୍ତି । ଏଥିରେ ସମ୍ପୃକ୍ତା କର୍ମଚାରୀ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏ ଘଟଣା ସମ୍ପର୍କରେ ଚର୍ଚ୍ଚା ହେଉଥିଲେ ମଧ୍ୟ କେହି କିଛି କହିବାକୁ ସାହାସ କରୁ ନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

## ଗୋଟିଏ ଦିନରେ ୧୬ ମେଣ୍ଢା ମୃତ

ପାଟକୁରା,୨୬।୧୦(ରବୀନ୍ଦ୍ରନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମରେ ମେଣ୍ଢା ମଡ଼କ ଦେଖାଦେଇଛି । ୪ରୁ ୫ ଥର ତରଳ ଝାଡ଼ା ହେବାପରେ ମେଣ୍ଢାଗୁଡ଼ିକ ହାଲିଆ ହୋଇ ପଡୁଛନ୍ତି ଓ ସେମାନଙ୍କ ମୃତ୍ୟୁ ଘଟୁଛି । ଶୁକ୍ରବାର ଗୋଟିଏ ଦିନରେ ବେଡାରୀ ଗ୍ରାମର ପବିତ୍ର ବେହେରାଙ୍କ ୮ ମେଣ୍ଢା ମରିଥିବା ବେଳେ ପ୍ରଦୀପ ବେହେରାଙ୍କ ୪, ମଳୟ ବେହେରାଙ୍କ ୪ ମେଣ୍ଢା ମରିଛନ୍ତି। ଏବାବଦରେ ଗରଦପୁର ବ୍ଲକ ପ୍ରାଣୀଧନ ଚିକିତ୍ସକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ତୁରନ୍ତ ମେଣ୍ଢାମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଫସଲ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଆରମ୍ଭ



କୃଷି କର୍ମଚାରୀମାନେ କ୍ଷେତ ପରିଦର୍ଶନ କରୁଛନ୍ତି।

ଡେରାବିଶ,୨୬।୧୦(ବେବର୍ତ୍ତା ଅଜୟ ଦାସ)

ବାତ୍ୟା ଦାନା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ମଧ କେତେକ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗି ପଡିଛି । ଏଥିସହିତ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ଉପୁଡି ପଡ଼ିଛି । ଅନ୍ୟପକ୍ଷେ ଏହି ବାତ୍ୟା ପ୍ରଭାବରେ ବ୍ଲକ ଅଞ୍ଚଳର ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି । ପବନ ଦ୍ୱାରା ଧାନ ଗଛ ଶୋଇପଡିଥିବା ବେଳେ ବାତ୍ୟା ପରବର୍ତ୍ତୀ ଲଗାଣ ବର୍ଷା ଧାନ ଫସଲକୁ ନଷ୍ଟ କରିବାର ସମ୍ଭାବନା ସୃଷ୍ଟି କରିଛି। ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କ ନେତୃତ୍ୱରେ ସହକାରୀ କୃଷି ଅଧିକାରୀ ସସ୍ମିତା ନାୟକ ଓ ଆଶୁତୋଷ ସାହୁ ପ୍ରମୁଖ ବ୍ଲକ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ବ୍ଲକ ଅଧୀନ ୨୬ ପଞ୍ଚାୟତରେ ୧୧ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଫସଲ ହୋଇଛି। ସେଥିମଧ୍ୟରୁ ପ୍ରାୟ ୪ ହଜାର ହେକ୍ଟର ଜମିର ଧାନ ଫସଲ ଶୋଇ ପଡିଥିବାରୁ ନଷ୍ଟ ହେବାର ଆଶଙ୍କା ସୃଷ୍ଟି କରିଥିବା ବ୍ଲକ କୃଷି ବିଭାଗ ପ୍ରାଥମିକ ଆକଳନ କରିଛି। ବର୍ଷା ଛାଡିଲା ପରେ ବିଭାଗ ପକ୍ଷରୁ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ଆକଳନ କରାଯିବ ବୋଲି କୃଷି ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ କରାଯାଉଥିବା କ୍ଷୟକ୍ଷତି ଆକଳନରେ ଗ୍ରାମ୍ୟ କୃଷି କର୍ମଚାରୀ ବିଜୟଲକ୍ଷ୍ମୀ ସେଠୀ, ପ୍ରଣତି ବେହେରା, ନମିତା ରାଉତ, ପୁଷ୍ପଲତା ସାହୁ ଓ ଅନୁପ ରଞ୍ଜନ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।

# ଗାଡ଼ିଆରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନୀଳଗିରି,୨୬।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ବରହମପୁର ଥାନା ଧରମପୁର ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସ୍ତ୍ରୀ ସତ୍ୟଭାମା(୭୫) ଶନିବାର ସକାଳେ ନିଜ ବାଡ଼ିରେ ଥିବା ଫୁଲଗଛରୁ ଫୁଲ ତୋଳିବା ସମୟରେ ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ନିଜ ଗାଡ଼ିଆରେ ପଡ଼ିଯାଇଥିଲେ। ଉଭୟ ପୁଅ ଓ ବୋହୂ ସ୍କୁଲ ଯିବା ପାଇଁ ବାହାରି ମା'ଙ୍କୁ ଖୋଜାଖୋଜି କରିଥିଲେ ହେଁ ନ ପାଇ ନିକଟସ୍ଥ ମାମୁ ଘରକୁ ଖବର ଦେଇଥିଲେ। ସେମାନେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ସନ୍ଦେହ ହେବାରୁ ମହେଶ୍ୱର ଗାଡ଼ିଆ ପାଖକୁ ଯାଇ ଶାଢ଼ି ଭାସୁଥିବା ଦେଖି ଭଉଣୀ ସତ୍ୟଭାମାଙ୍କ ପାଣିରୁ ଉଦ୍ଧାର କରି ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୪) ରୁଜୁ ହୋଇଛି।

# ବାତ୍ୟା ଆଶ୍ରୟସ୍ଥଳୀରେ ବାହାର ରାଜ୍ୟର ଶ୍ରମିକ

ଡେରାବିଶ,୨୬।୧୦(ବେବର୍ତ୍ତା ଅଜୟ ଦାସ)

ବାତ୍ୟା ଦାନା କେନ୍ଦ୍ରାପଡ଼ା ଜିଲାକୁ ଅଧିକ ପ୍ରଭାବିତ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ବାରମ୍ବାର ସତର୍କ ସୂଚନା ଦିଆଯାଉଥିଲା। ଡେରାବିଶ ବ୍ଲକ୍ ପ୍ରଶାସନ ପକ୍ଷରୁ କଚ୍ଚା ଘରେ ରହୁଥିବା ପରିବାରକୁ ସୁରକ୍ଷା ଦେବା ପାଇଁ ବିଭନ୍ନ ପଞ୍ଚାୟତରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଥିଲା। ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟରେ ବାହାର ରାଜ୍ୟର ବହୁ ଶ୍ରମିକ ନିୟୋଜିତ ଅଛନ୍ତି। ସେମାନେ ଜାତୀୟ ରାଜପଥ ପାର୍ଶ୍ୱରେ ଟିଣ ଓ ଦସ୍ତା ନିର୍ମିତ ଅସ୍ଥାୟୀ ଘରେ ରହିବା ସହ କାମ କରି ଆସୁଥିଲେ। ବ୍ଲକ ଅଧୀନସ୍ଥ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର, ନୁଆହାଟ ଓ ବଳଭଦ୍ରପୁରଠାରେ ଅସ୍ଥାୟୀ ଭାବେ ରହୁଥିବା ଶତାଧିକ ଶ୍ରମିକମାନଙ୍କୁ ଅଣାଯାଇ ବଳଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ଅସ୍ଥାୟୀ ଭାବେ ଖୋଲାଯାଇଥିବା ଆଶ୍ରୟସ୍ଥଳରେ ସରପଞ୍ଚ ଅରକ୍ଷିତ କାଣ୍ଡି ଆଶ୍ରୟ ଦେଇଥିଲେ । ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିଥିଲେ । ସରପଞ୍ଚ କାଣ୍ଡିଙ୍କ ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଂଶସା କରିଛନ୍ତି । ଏହି କାର୍ଯ୍ୟରେ ସ୍ଥାନୀୟ ସମିତି ସଭ୍ୟ ବିନିନ୍ଦ୍ର ବେହେରା ଓ ବହୁ ଯୁବକ ସହଯୋଗ କରିଥିଲେ।



ବାତ୍ୟା ଆଶ୍ରୟସ୍ଥଳରେ ରହିଥିବା ଶ୍ରମିକ ଓ ଅନ୍ୟମାନେ।

# ପ୍ରଶାସନିକ ଅବହେଳାର ପ୍ରତିବାଦ କଲେ ଗ୍ରାମବାସୀ



ପ୍ରଶାସନିକ ଅବହେଳା ନେଇ ମହିଳାମାନେ ପାଟିତୁଣ୍ଡ କରୁଛନ୍ତି।

ରାଜକନିକା,୨୬।୧୯(ସଞ୍ଜୟ କୁମାର ଦାଶ)

ବାତ୍ୟା ଦାନାକୁ ନେଇ ରାଜକନିକା ବ୍ଲକ ପ୍ରଶାସନ ତତ୍ପର ହୋଇ ମୁକାବିଲା କରିଥିବା କହୁଥିବା ବେଳେ, ରାଜକନିକା ବ୍ଲକ କାଟଣାବଣିଆଁ ପଞ୍ଚାୟତର ଝାଡମାଳ ଓ ଧାମରା ଗାଁର ଲୋକମାନେ ଏଥିରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ଶନିବାର ଅପରାହ୍ଣରେ ଏହି ଦୁଇ ଗାଁର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବିଡ଼ିଓଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି, ଏତେବଡ଼ ବିପତ୍ତି ଆସିଥିବା ବେଳେ ନାନା ଅବ୍ୟବସ୍ଥା ସାମ୍ନାକୁ ଆସିଛି । ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ୨୯ ପଞ୍ଚାୟତର ୧୮ଟି ପଞ୍ଚାୟତର ୪୩ଟି ଗାଁକୁ ବାତ୍ୟା ଜନିତ ସମସ୍ତ ସୁବିଧା ଯୋଗାଇ ଦେଉଥିବା ଓ ନଦୀକୂଳିଆ ଗାଁକୁ ବିଶେଷ ସୁବିଧା ଯୋଗାଇଦେବେ ବୋଲି କହିଥିଲେ । ହେଲେ ଝାଡମାଳ ଓ ଧାମରା ଦୁଇଟି ପାଖାପାଖି ଗାଁ ନଦୀକୂଳିଆ । ଏହି ଦୁଇଟି ଗାଁରେ ପାଖାପାଖି ୫ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ହେଲେ ଏହି ୨ ଗାଁରେ ନାହିଁ ବାତ୍ୟା ଆଶ୍ରୟସ୍ଥଳୀ । ପାଇ ନାହାଁନ୍ତି ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ପାନୀୟଜଳ । ଗୋଟିଏ ମାତ୍ର ନଳକୂପ ଥିବା ଦୃଷ୍ଟିରୁ ଏଠାରେ ପାନୀୟଜଳର ମଧ ଘୋର ଅଭାବ । ଝାଡ଼ମାଳ ଗାଁରେ ଏକ ସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ କରିବା ସହ ସବୁ ଯୋଗ୍ୟତା ଥାଇ ବି ଚଳିତ ବାତ୍ୟାରେ ପ୍ରାଥମିକତା ପାଇବାକୁ ହକ ଥିବା ଏହି ଗାଁରେ କଣ ପାଇଁ ପଞ୍ଚାୟତ ଓ ପ୍ରଶାସନ ପାତରଅନ୍ତର କରିଛି ତାହାର କାରଣ ଖୋଜିବାକୁ ଦାବି କରାଯାଇଛି । ପ୍ରତିମା ମହାନ୍ତି, ସବିତା ଦାସ, ରଶ୍ମିତା ନାୟକ, ମନୋରମା ଦାସ, ପ୍ରମିଳା ଦାସ, ଅର୍ଚ୍ଚନା ମହାନ୍ତି, ଚପଳା ଦାସ, ଅନସୂୟା ବିଶ୍ୱାଳ, ବିଦ୍ୟୁତ୍‌ଲତା ନାୟକ, କୁନାରାଣୀ ମହାନ୍ତି, ପାର୍ବତୀ ସାହୁ, ନିରୂପମା ବେହେରା, ଅନ୍ନପୂର୍ଣ୍ଣା ବେହେରା, ଶକୁନ୍ତଳା ମହାନ୍ତି, ବିପ୍ରାରାଣୀ ରାଉଳ ପ୍ରମୁଖ ଅଭିଯୋଗ କରି ବିଡ଼ିଓଙ୍କୁ ଘେରିଥିଲେ । ଏ ସମ୍ପର୍କରେ ବିଡ଼ିଓ ପୃଥୀରାଜ ପରିଡ଼ାଙ୍କୁ ପଚାରିବାରେ କହିଛନ୍ତି, ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । ନଦୀକୂଳିଆ ଗାଁ ହୋଇଥିବାରୁ ସମସ୍ତଙ୍କୁ ଆଶ୍ରୟସ୍ଥଳୀକୁ ଅଣାଯାଇଥିଲା ଏବଂ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ବାକି ଆଶ୍ରୟସ୍ଥଳୀ ଓ ନଳକୂପ ବସାଇବାକୁ ତଦନ୍ତ ପରେ ପଦକ୍ଷେପ ନେବୁ ବୋଲି କହିଛନ୍ତି ।

# ଲଗାଣ ବର୍ଷାରେ ୨ଶହ ବର୍ଷର ବରଗଛ ଉପୁଡ଼ି ପଡ଼ିଲା

ଡେରାବିଶ,୨୬।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ବାତ୍ୟା 'ଦାନା'ର ପ୍ରଭାବ ବିଶେଷ ଭାବେ ପଡ଼ିନାହିଁ। ତେବେ ବାତ୍ୟା ସମୟରେ ବୋହୁଥିବା ପବନ ଓ ପରବର୍ତ୍ତୀ ଲଗାଣ ବର୍ଷାରେ ଶନିବାର ସକାଳେ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତର ଘଣ୍ଟପଦାସ୍ଥିତ ବିରୁପା ନଦୀ କୂଳର ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପାର୍ଶ୍ୱରେ ରହିଥିବା ପ୍ରାୟ ୨ଶହ ବର୍ଷର ଏକ ବରଗଛ ଉପୁଡ଼ିପଡିଛି। ନଦୀକୂଳ ଶନିମନ୍ଦିର ନିକଟରେ ଏହି ବିରାଟ ବରଗଛଟି ଥିଲା। ବରଗଛଟି ଉପୁଡି ପଡିବା ଯୋଗୁ ମନ୍ଦିର ଓ ନଦୀ ଘାଟକୁ ପଡିଥିବା ରାସ୍ତା ଅବରୋଧ ହୋଇଥିଲା । ଖବର ପାଇ ଓଡ୍ରାଫ୍ଟ ଟିମ୍ ପହଞ୍ଚି ଗଛଟିକୁ କାଟି ରାସ୍ତା ଅବରୋଧ ହଟାଇଥିଲେ। ପରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ପହଞ୍ଚି ବନ୍ଧର ସ୍ଥିତି ପରଖି ଥିଲେ। ତୁରନ୍ତ ନଦୀବନ୍ଧ ରାସ୍ତା ମରାମତି କରା ନ ଗଲେ ଭାରିଯାନ ଚଳାଚଳରେ ଅସୁବିଧା ସୃଷ୍ଟି ହେବ ବୋଲି ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ କହିଛନ୍ତି।



ଉପୁଡି ପଡିଥିବା ବିରାଟକାୟ ବରଗଛ।

## ସଂକ୍ଷେପରେ

### ଏନ୍ଏସି କାଉନ୍ସିଲ ସ୍ୱତନ୍ତ୍ର ବୈଠକ

ଆସିକା,୨୬।୧୦(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍ଏସି ପରିଚାଳନା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀଙ୍କ ସମେତ ଜନସ୍ୱାସ୍ଥ୍ୟ, ପୋଲିସ ଓ ଅଗ୍ନିଶମ ଅଧିକାରୀ ଯୋଗ ଦେଇଥିଲେ। ବୈଠକକୁ ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସଂଯୋଜନା କରିଥିଲେ। ଏତଦ ଅବସରରେ ଏନଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଠିକାଦାରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରି ନ ଥିବାରୁ ରାଜ୍ୟ ସରକାରଙ୍କ ହିସାବ ତନଖି ବିଭାଗ ପକ୍ଷରୁ ପ୍ରକଳ୍ପର ମୂଳ ଅଟକଳ ଉପରେ ସେମାନଙ୍କ ଠାରୁ ୧୦ ପ୍ରତିଶତ ଜରିମାନା ଆଦାୟ ଲାଗି ପରାମର୍ଶ ଦିଆଯାଇଥିଲା। ତେବେ ଏହାକୁ ନେଇ ଠିକାଦାରମାନେ ଅସନ୍ତୋଷ ପ୍ରକାଶ କରିବା ପରେ ଜରିମାନାକୁ କମାଇ ୨ ପ୍ରତିଶତ ଆଦାୟ ଲାଗି ନିଷ୍ପତ୍ତି ହୋଇଥିବା ନିର୍ବାହୀ ଅଧିକାରୀ ବେଜ କହିଛନ୍ତି।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଖଜୁରିପଡ଼ା,୨୬।୧୦(ବିଦୁର ବେହେରା): ଖଜୁରିପଡ଼ା ଥାନା ପୋଲିସ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ଦଳପଡ଼ା ପଞ୍ଚାୟତ ବ୍ରଡିଗୁଡ଼ା ଗ୍ରାମର ସାନୁଜ ବେହେରା (୨୨)। ସେ ସପ୍ତାହେ ହେବ ଘରୁ କୁଆଡେ ଚାଲିଯାଇଥିଲେ। ଘର ଲୋକେ ତାଙ୍କୁ ଚାରିଆଡେ ଖୋଜାଖୋଜି କରୁଥିଲେ ମଧ୍ୟ ପାଇ ନ ଥିଲେ। କେରାଗାଡୁ ଜଙ୍ଗଲରେ ଏକ ଗଛରେ ପୁଅ ମୃତଦେହ ଝୁଲୁଥିବା ସାନୁଜଙ୍କ ବାପା ମହେନ୍ଦ୍ର ବେହେରା ଦେଖି ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଏ ନେଇ ନଂ. ୨୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସଆଇ ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ମୋହନା,୨୬।୧୦(ମନ୍ମଥ ମିଶ୍ର) ବାଇକ୍ ଦୁର୍ଘଟଣାରେ ଜଣେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବିରିକୋଟ ପଞ୍ଚାୟତ ଡୁମ୍ବେଟା ଗ୍ରାମର ଅସହ୍ୟ କୁମରିକା ଏବଂ ତାଙ୍କ ସ୍ତ୍ରୀ ସୁମିତ୍ରା ଦଳବେହେରା ଚାନ୍ଦିପୁଟରୁ ବାଇକ୍‌ରେ ଆସୁଥିଲେ। କାଳିଆପଟା ଠାରେ ପଛପଟୁ ଅନ୍ୟ ଏକ ବାଇକରେ ଶିକୁଳି ପଦର ପଞ୍ଚାୟତ ଉଲୁଣ୍ଡା ଗ୍ରାମର ସଞ୍ଜୟ ଶବର ଆସୁଥିବା ବେଳେ ହଠାତ୍ କୁକୁର ଆଗକୁ ଆସିଯିବାରୁ ଭାରସାମ୍ୟ ହରାଇ ସେ ଆଗରେ ଯାଉଥିବା ବାଇକ ସହ ପିଟି ହୋଇଯାଇଥିଲେ। ଫଳରେ ୨ ବାଇକର ଆରେହୀମାନେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁମିତ୍ରାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ମାରୱାଡି ମହିଳା ସମିତିର ଦୀପ ବଣ୍ଟନ

ରମ୍ଭା,୨୬।୧୦(ବନବାସୀ ସେଠୀ) ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ରମ୍ଭା ଶାଖା ତରଫରୁ ଦୀପାବଳି ପାଇଁ ସାବୁଲିଆ ପଞ୍ଚାୟତ, ବାଣିଆ ପଞ୍ଚାୟତର ବାଦପଲ୍ଲୀ, ସାନ ରାମଚନ୍ଦ୍ରପୁର ପଞ୍ଚାୟତର ବିରୁଳିଗଡ଼, କାନଖାଇ, ନିମିଶୂଳା ଆଦି ଗ୍ରାମଗୁଡ଼ିକରେ ଦୀପ, ମହମବତୀ, ତେଲ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଆଗକୁ ଆହୁରି ଏଭଳି ଅନେକ ସେବା ଯୋଗାଯିବ ବୋଲି ସମିତିର ସଭାପତି ଆଶା ବଜାଜ କହିଛନ୍ତି। ସନ୍ତୋଷ ବଜାଜ, ଦୀପକ ବଜାଜ, କାଳିଆ ବେହେରା, ମନୋଜ ପ୍ରଧାନ, ରାଜବାବୁ ରାଓ, ମିଥିଳେସ ଦାସ, ଶାନ୍ତନୁ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ପ୍ରବେଶ ତୋରଣ ନିର୍ମାଣ ସରୁନି

ଜି.ଉଦୟଗିରି,୨୬।୧୦(ଚିନ୍ମୟ କୁମାର ସେଠୀ) କଳିଙ୍ଗାଠାରେ ଥିବା ପୁରାତନ ଶିବ ମନ୍ଦିରକୁ ବର୍ଷ ତମାମ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଯାତାୟାତ ଲାଗି ରହିଥାଏ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପୁରାତନ ଶୈବପୀଠ ଦେଖିବା ଲାଗି ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ୧୦ ବର୍ଷ ତଳେ ମନ୍ଦିର ପ୍ରବେଶ ପଥରେ ଏକ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତତ୍କାଳୀନ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଯାଏ ତୋରଣଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଯେଉଁ ଠିକାଦାର ଉକ୍ତ କାର୍ଯ୍ୟ କରୁଥିଲେ ସେ ଅଧାରୁ କାର୍ଯ୍ୟ ଛାଡି ଦେଇଛନ୍ତି। ସେବେଠାରୁ ଏହାକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ କୌଣସି ଅଧିକାରୀ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚୋରା ସୁନା କାରବାରର ପେଣ୍ଠସ୍ଥଳୀ ପାରଳାଖେମୁଣ୍ଡି

ପାରଳାଖେମୁଣ୍ଡି,୨୬।୧୦(ଗିରିଧାରୀ ପରିଛା)

ଚୋରା ସୁନା କାରବାରର ପେଣ୍ଠସ୍ଥଳୀ ପାଲଟିଛି ପାରଳାଖେମୁଣ୍ଡି ସହର। ପଡ଼ୋଶୀ ଆନ୍ଧ୍ର ଓ ତେଲଙ୍ଗାନା ଚୋରଙ୍କ ଭୂସ୍ୱର୍ଗ ପାଲଟିଛି ଏହି ସହର। ଆନ୍ଧ୍ର ଓ ତେଲଙ୍ଗାନାରେ ଲୁଟେରାମାନେ କଳାକନା ବୁଲାଇ ଆଣୁଥିବା ସୁନାକୁ ବିକ୍ରି କରିବା ପାଇଁ ପାରଳାଖେମୁଣ୍ଡି ସୁନା ଦୋକାନଗୁଡିକରେ ପହଞ୍ଚନ୍ତି। ଗତ ବର୍ଷକ ମଧ୍ୟରେ ୧୦ଟି ସୁନା ଦୋକାନ ଉପରେ କେତେବେଳେ ଆନ୍ଧ୍ର ପୋଲିସ ତ କେତେବେଳେ ତେଲଙ୍ଗାନା ପୋଲିସ ଚଢ଼ାଉ କରି ଚୋରି ସୁନା ଚିହ୍ନଟ ଲାଗି ଚୋରକୁ ସାଙ୍ଗରେ ଆଣି ସୁନା ଜବତ କରୁଛି। ଅନ୍ୟ ରାଜ୍ୟର ପୋଲିସ ସହରର କୌଣସି ସୁନା ଦୋକାନରେ ପଶି ବେଧଡକ ଯାଞ୍ଚ କରିବା ସହ ଚୋରା ସୁନା କାରବାରରେ ଲିପ୍ତ ଥିବା ବ୍ୟବସାୟୀଙ୍କୁ ଉଠାଇ ନେଉଥିବା ପରି ଘଟଣା ପାରଳାଖେମୁଣ୍ଡିରେ ଅନେକ ଥର ଦେଖିବାକୁ ମିଳିଛି। ତେବେ ଉପରୋକ୍ତ ଦୁଇ ରାଜ୍ୟର ପୋଲିସ ଏପରି ଚଢାଉ ଓ ଯାଞ୍ଚ କରିବା ପାଇଁ ଆସିବା ସମ୍ପର୍କରେ ପାରଳାଖେମୁଣ୍ଡି ପୋଲିସ ପାଖରେ କୌଣସି ଖବର ନ ଥାଏ।

ଶନିବାର ସକାଳୁ ତେଲଙ୍ଗାନା ପୋଲିସର ଏକ ପାଞ୍ଚଜଣିଆ ଟିମ୍ ପାରଳାଖେମୁଣ୍ଡି ବଜାରରେ ବୁଲୁଥିବା ବେଳେ ହଠାତ୍ ପି. ଅଶୋକ ନାମକ ଜଣେ ସୁନା ବ୍ୟବସାୟୀଙ୍କ ଦୋକାନରେ ପଶି ପୁରୁଣା ସୁନାକୁ ଯାଞ୍ଚ କରିଥିଲେ। ଏହି ସମୟରେ ବ୍ୟବସାୟୀ ଜଣକ ତେଲଙ୍ଗାନା ପୋଲିସକୁ ବୁଝାଉଥିବା ବେଳେ ଏ ସମ୍ପର୍କରେ ପାରଳାଖେମୁଣ୍ଡି ପୋଲିସ ସୂଚନା ପାଇଥିଲା। ପରବର୍ତ୍ତୀ ସମୟରେ ତେଲଙ୍ଗାନା ପୋଲିସ ପାରଳାଖେମୁଣ୍ଡି ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲା। ତେଲଙ୍ଗାନା ପୋଲିସ ଯାଞ୍ଚ ସମୟରେ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ମଧ୍ୟ ସାଙ୍ଗରେ ନେଇ ଆସିଥିଲା। ଅଭିଯୁକ୍ତଙ୍କ ବୟାନ ଅନୁସାରେ ତେଲଙ୍ଗାନା ପୋଲିସ ସମ୍ପୃକ୍ତ ଦୋକାନ ମାଲିକଙ୍କଠାରୁ ଅଢ଼େଇ ତୋଳା (୩୦ ଗ୍ରାମ) ସୁନା ଜବତ କରିଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଅନ୍ୟ ରାଜ୍ୟର ପୋଲିସ ଆସି ପାରଳାଖେମୁଣ୍ଡିରେ ତଦନ୍ତ କରୁଛି, ଚୋରି ସୁନା ଜବତ କରି ଫେରୁଛି। ଅଥଚ ସ୍ଥାନୀୟ ପୋଲିସକୁ ଖବର ଦେଉନାହିଁ। ଏଥିରୁ ଓଡିଶା ପୋଲିସକୁ ବାହାର ରାଜ୍ୟର ପୋଲିସ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସ୍ପଷ୍ଟ ହେଉଛି। ଚୋରି କରିଥିବା ବ୍ୟକ୍ତିଙ୍କ ବୟାନ ଅନୁସାରେ ସମ୍ପୃକ୍ତ ଦୋକାନ ମାଲିକଙ୍କଠାରୁ ସୁନା ଜବତ ହୋଇଥିଲେ ମଧ୍ୟ ପାରଳାଖେମୁଣ୍ଡି ପୋଲିସ ଅବା ତେଲଙ୍ଗାନା ପୋଲିସ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କୁ ପଚାରିବାରୁ ସେ କହିଲେ, ଆଜି ସୁନା ଦୋକାନ ଯାଞ୍ଚ ପାଇଁ ତେଲଙ୍ଗାନା ପୋଲିସ ଟିମ୍ ଆସିଥିଲେ। ସ୍ଥାନୀୟ ପୋଲିସକୁ ଖବର ଦେଇ ନ ଥିବାରୁ ସେମାନଙ୍କୁ ପରବର୍ତ୍ତୀ ସମୟରେ ଯେତେବେଳେ ଏଠିକୁ ଆସିବେ ଏଠାକାର ପୋଲିସକୁ ଜଣାଇବା ପାଇଁ କୁହାଯାଇଛି ବୋଲି ଥାନା ଅଧିକାରୀ ଭୂପତି କହିଛନ୍ତି।

## ୫ ଲକ୍ଷ ଟଙ୍କାର ବାଣ ଜବତ

ପାତ୍ରପୁର,୨୬।୧୦(ଉମା ଚରଣ ନେପାକ):

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଜରଡା ଥାନା ପକ୍ଷରୁ ଶନିବାର ପାତ୍ରପୁର ବ୍ଲକ ବି. ନୂଆଗାଁ ପଞ୍ଚାୟତ ପମଗାଁ ଗ୍ରାମର ଜଣେ ବାଣ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୫ ଲକ୍ଷ ଟଙ୍କାର ବିଭିନ୍ନ ବାଣ ଜବତ କରାଯାଇଛି। ବେଆଇନ ବାଣ କାରବାର ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଚଳିତ ସପ୍ତାହରେ ପୋଲିସ ଆନ୍ଧ୍ର ସୀମାକୁ ଲାଗିଥିବା ଶବରଦେଇପେଟା ଗ୍ରାମରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବେଲେଶ୍ୱର ପୀଠ

ଭଞ୍ଜନଗର,୨୬।୧୦(ବାବୁଲା ପ୍ରଧାନ):

ଶୀତଋତୁ ବର୍ତ୍ତମାନ ଆରମ୍ଭ ହୋଇଯାଇଛି। ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହିଭଳି ଭଞ୍ଜନଗର ବେଲେଶ୍ୱର ପୀଠ, ବନବିହାର, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମେତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ତେଣୁ ପର୍ଯ୍ୟଟନସ୍ଥଳୀ ଗୁଡିକୁ ମଧ୍ୟ ଅଧିକ ଆକର୍ଷଣୀୟ କରାଯାଉଛି । ବେଲେଶ୍ୱର ପୀଠର ବିକାଶ ଭଞ୍ଜନଗର ଜଳ ସେଚନ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ ପକ୍ଷରୁ କରାଯାଉଛି। ଅନ୍ୟ ଦୁଇଟି ଅନୁଷ୍ଠାନର ବିକାଶ ସରକାରଙ୍କ ପକ୍ଷରୁ କରାଯାଉଛି।



## ଛକରେ ଭାସୁଛି ନର୍ଦ୍ଦମାପାଣି

ବୁଗୁଡ଼ା,୨୬।୧୦(କାଳିଚରଣ ଦାଶ)– ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଗାଁ ମୁହଁ ଛକରେ ନର୍ଦ୍ଦମା ପାଣି ଭାସୁଥିବା ଯୋଗୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ଯାତାୟତରେ ଅସୁବିଧା ହେଉଛି। ମୁଖ୍ୟ ରାସ୍ତା କଡେ ଡ୍ରେନ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଅଟକି ରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଡ୍ରେନଟି ଅଟକି ଥିବା ସ୍ଥାନରେ ବିରାଟ ଗାତ ହୋଇଛି। ସେଥିରେ ନର୍ଦ୍ଦମା ପାଣି ଜମିରହି ମଶା ବଂଶ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ସାମାନ୍ୟ ବର୍ଷା ହେଲେ ଉଛୁଳା ନର୍ଦ୍ଦମା ଜଳ ଯୋଗୁଁ ଗାଁ ଛକ ଦୁର୍ଗନ୍ଧରେ ଫାଟି ପଡୁଛି। ପ୍ରଶାସନ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ପକ୍ଷରୁ ଯଥାଶୀଘ୍ର ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନକଲେ ନୂତନ ବିଡିଓ




ବିଡିଓ ପ୍ରୀତି ରଞ୍ଜନ ରଥ କାଫେ ପରିଦର୍ଶନ କରୁଛନ୍ତି।

ଦାରିଙ୍ଗବାଡି,୨୬।୧୦(ଅରୁଣ ସାହୁ) କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ ନୂତନ ବିଡିଓ ଭାବେ ପ୍ରୀତିରଞ୍ଜନ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବିଡିଓ ଥିଲେ। ଶୁକ୍ରବାର ଫୁଲବାଣୀ ଯାଇ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ସିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ଦାରିଙ୍ଗବାଡ଼ି ଫେରି ବିଡିଓ ଦାୟିତ୍ୱ ତୁଲାଉଥିବା ଗଦାଧର ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଦାରିଙ୍ଗବାଡ଼ି ଅଞ୍ଚଳବାସୀଙ୍କ ସହଯୋଗରେ ପର୍ଯ୍ୟଟନ କ୍ଷେତ୍ର ସହ ଲୋକଙ୍କ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ବିଡିଓ ରଥ ଶନିବାର ଦାରିଙ୍ଗବାଡି କଫି ବଗିଚା ସମେତ କଫି କାଫେ, ଡୁଲୁରୀ ପାଇନ ବଣ ପରିଦର୍ଶନ କରିଛନ୍ତି। ଡୁଲୁରୀ ପାଇନ ବଣର ଏବେ ରୂପାନ୍ତରଣ ଚାଲିଥିବାରୁ ସେଠାକାର କାର୍ଯ୍ୟ ଦେଖିବା ସହ ଏହାକୁ ଆହୁରି ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ ଏବଂ ଏପିଓ କେଦାର ଚନ୍ଦ୍ର ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ଖୁବଶୀଘ୍ର ଏହାର କାର୍ଯ୍ୟ ସାରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଫି କାଫେର ଆହୁରି ଉନ୍ନତୀକରଣ ଓ ଦାରିଙ୍ଗବାଡି କଫିର ବିକ୍ରିବଟା ଓ ତାର ବିକାଶ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କ ସହ ବିଡିଓ ରଥ ଆଲୋଚନା କରିଛନ୍ତି । ମିଶନଶକ୍ତି ମହିଳାମାନଙ୍କ ସିଲେଇ କେନ୍ଦ୍ର ପରିଦର୍ଶନ କରିବା ସହ ମହିଳାମାନଙ୍କ ସମସ୍ୟା ସମ୍ପର୍କରେ ଜାଣି ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଡୁଲୁରୀ ପାଇନ ବଣରେ ଚାଲିଥିବା ୱାକିଙ୍ଗ ଟ୍ରେଲର କାର୍ଯ୍ୟ ତଦାରଖ କରିଥିଲେ।

## ୧୦୬୯ ହାଇସ୍କୁଲ ଶିକ୍ଷକ ପଦବୀ ଖାଲି

ଛତ୍ରପୁର,୨୬।୧୦(ସନ୍ତୋଷ ପାଢୀ):

**ଗଞ୍ଜାମ ଜିଲା**

ଗଞ୍ଜାମ ଜିଲାରେ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ଏକପ୍ରକାର କାମଚଳାରେ ଚାଲିଛି । ଜିଲାରେ ଥିବା ସରକାରୀ ସ୍କୁଲ, ଅନୁଦାନପ୍ରାପ୍ତ ସ୍କୁଲ ଓ ବ୍ଲକ ଗ୍ରାଣ୍ଟ ସ୍କୁଲଗୁଡ଼ିକରେ ଶିକ୍ଷକ ଓ ଷ୍ଟାଫ ଅଭାବ ଲାଗିରହିଛି । ଯଦ୍ଦ୍ୱାରା ପିଲାମାନଙ୍କୁ ଠିକ ଭାବେ ପଢାଯାଇ ପାରୁନି । କିଛିଦିନ ତଳେ ହୋଇଥିବା ଜିଲାସ୍ତରୀୟ ବୈଠକରୁ ଜଣାଯାଇଛି ଯେ ଜିଲାରେ ୧୦୬୯ ହାଇସ୍କୁଲ ଶିକ୍ଷକ ପଦବୀ ଖାଲିପଡିଛି । ସରକାରୀ ସ୍କୁଲଗୁଡିକରେ ୫୪୫ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ୩୬ ସମ୍ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ୨୧୫ ଶିକ୍ଷକ ଓ ୭୭ ଷ୍ଟାଫ ଏବଂ ୧୭୯ ବ୍ଲକ ଗ୍ରାଣ୍ଟ ସ୍କୁଲଗୁଡିକରେ ୩୦୯ ଶିକ୍ଷକ ଓ ୧୫୩ ଷ୍ଟାଫ ପଦବୀ ଖାଲି ରହିଛି। ଏଥିସହ ଗଞ୍ଜାମ ଓ ସାନଖେମୁଣ୍ଡି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ମଧ୍ୟ ଖାଲି ପଡିଛି । ଜିଲାର ସରକାରୀ ହାଇସ୍କୁଲଗୁଡିକରେ ମୋଟ ୩୪୦୧ ଶିକ୍ଷକ ରହିବା ଆବଶ୍ୟକ ଥିବା ବେଳେ ଅଛନ୍ତି ୨୮୫୪ ଜଣ। ଅପରପକ୍ଷରେ ୧୯୦ ଗେଷ୍ଟ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିବା ସୂଚନା ଦିଆଯାଇଛି । ଏଥିସହ ଗତ ଜୁଲାଇରେ ଜିଲାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ହାଇସ୍କୁଲଗୁଡିକରେ ୧୮୩ ଜଣ ଜୁନିୟର ସହାୟକଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଇଛି। ଜିଲାର ୩୩୨ ସ୍କୁଲରେ ରାତ୍ର ଜଗୁଆଳି ନାହାଁନ୍ତି । ୩ଟି ପର୍ଯ୍ୟାୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଏହି ଦାୟିତ୍ୱ ଦିଆଯିବ ବୋଲି ସୂଚନା ମିଳିଛି । ପ୍ରଥମ ପର୍ଯ୍ୟାୟରେ ୧୭୫ ସ୍କୁଲ, ଦ୍ୱିତୀୟ ପର୍ଯ୍ୟାୟରେ ୭୬ ସ୍କୁଲ ଓ ତୃତୀୟ ପର୍ଯ୍ୟାୟରେ ୮୧ ସ୍କୁଲରେ ରାତ୍ରଜଗୁଆଳୀ ନିଯୁକ୍ତ କରାଯିବ । ୨୯୨ ସ୍କୁଲରେ ରାତ୍ରୀ ଜଗୁଆଳି ଅଛନ୍ତି । ଜିଲାର ସମସ୍ତ ୨୨ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାଳକ ହଷ୍ଟେଲ ନାହିଁ। ଏହାର ନିର୍ମାଣ ଚାଲିଥିବା ସୂଚନା ଦିଆଯାଇଛି ।

## ଆଇନ ସଚେତନତା ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କୋଦଳା,୨୬।୧୦(ଅମିତ କୁମାର ପଟ୍ଟନାୟକ) କୋଦଳା ଉପକାରାଗାର ପରିସରରେ କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ଆଇନ ସଚେତନତା ଶିବର ଅନୁଷ୍ଠିତ ହୋଇଯାଇଛି। ତାଲୁକା କମିଟି ଅଧ୍ୟକ୍ଷ ତଥା କୋଦଳା ଅତିରିକ୍ତ ଜିଲା ବିଚାରପତି ବିଶ୍ୱରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଏଦୀମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଲର ତରଣୀସେନ ଦେହୁରୀ, ସହକାରୀ ଜେଲର ବିରଞ୍ଚି ସାମଲ, ଅତିରିକ୍ତ ସରକାରୀ ଓକିଲ ସୁବାସ ଚନ୍ଦ୍ର ସାହୁ, କୋଦଳା ଓକିଲ ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଉପସଭାପତି ହର ପ୍ରସାଦ ସାହୁ, ସମ୍ପାଦକ ଗୋପାଳ କୃଷ୍ଣ ସାହୁ,ବରିଷ୍ଠ ଆଇନଜୀବୀ ପ୍ରଫୁଲ କୁମାର ମିଶ୍ର, ଅବନୀ ଶଙ୍କର ମିଶ୍ର, ନୀଳାଞ୍ଚଳ ପୋଲାଇ, ବାଳକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସଚେତନ କରିଥିଲେ।

## ଚକାପାଦ ପଞ୍ଚାୟତ ସମିତି ବୈଠକ

ଚକାପାଦ,୨୬।୧୦(ପ୍ରତାପ କିଶୋର ବେହେରା)

ଚକାପାଦ ପଞ୍ଚାୟତ ସମିତି ବୈଠକ ଦୀର୍ଘ ୭ ମାସ ପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବୈନେତ୍ରି କହଁରଙ୍କ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରଥମେ ବିଧାୟକ ଉମା ଚରଣ ମଲିକଙ୍କୁ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିମାନେ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ରଚନା ନାୟକ, ଉପାଧ୍ୟକ୍ଷ ସୋମନାଥ ବେହେରା, ସରପଞ୍ଚ, ସମିତିସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକ ପୂର୍ବରୁ ସରପଞ୍ଚମାନେ ବ୍ଲକ ସମ୍ମୁଖରେ ୫ ଦଫା ଦାବି ନେଇ ଧାରଣାରେ ବସିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରତ୍ୟେକ ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ପାଇଁ ଅର୍ଥରାଶି ଜମା ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ ବୋଲି ବୈଠକରେ ପ୍ରଶ୍ନ କରିଥିଲେ। ଶିକ୍ଷାଧିକାରୀ ନାଗେଶ ପ୍ରଧାନ ଜନ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଜନ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ପ୍ରତ୍ୟେକ ଥର ବିଭାଗୀୟ ଅଧିକାରୀମାନେ ନିଜେ ନ ଆସି ଅନ୍ୟ ସହଯୋଗୀମାନଙ୍କୁ ସମିତି ବୈଠକକୁ ପଠାଇ ଦେଉଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଓ ହୃଦ ରଞ୍ଜନ ସାହୁଙ୍କୁ କହିଥିଲେ। ସହକାରୀ ଯନ୍ତ୍ରୀ ଦେବୀପ୍ରଶ୍ନ ରାଉତ ୨୦୨୩-୨୪ ବର୍ଷର ପ୍ରକଳ୍ପ ଗୁଡ଼ିକର ବିବରଣୀ ପାଠ କରିଥିଲେ। ବୈଠକକୁ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଅଧିକାରୀ ପରିଚାଳନା କରିଥିଲେ। ବୈଠକକୁ ଗଣମାଧ୍ୟମକୁ ଡ଼କାଯାଇ ନ ଥିବାରୁ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଜନ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇ ବିଡିଓ ସଭା ସମାପ୍ତ କରିଥିଲେ।

### ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡୁଛନ୍ତି କାର୍ଯ୍ୟାଳୟ

## ସୁନିଆଙ୍କୁ ମିଳୁନି ଭତ୍ତା

ଫିରିଙ୍ଗିଆ,୨୬।୧୦ ( ବିମଳ ଦିଗାଲ) ପ୍ରଶାସନଠାରୁ ମୃତ୍ୟୁଜନିତ ପ୍ରମାଣପତ୍ର ମିଳୁ ନ ଥିବାରୁ ଜଣେ ବିଧବା ମହିଳା ଭତ୍ତା ପାଇପାରୁନାହାନ୍ତି। ଏନେଇ ବାରମ୍ବାର ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଦୌଡିଦୌଡି ସେ ନିରାଶ ହୋଇଛନ୍ତି। ସେ ହେଉଛନ୍ତି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ନୂଆପଦର ପଞ୍ଚାୟତ ଲତପାଙ୍ଗିଆ ଗାଁର ସୁନିଆ ମୋତି ଦିଗାଲ। ଏନେଇ ସୁନିଆ କହନ୍ତି, ଆମେ ଗରିବ ଲୋକ ବାବୁ। ମୋର ଛୋଟ ଛୋଟ ପିଲା ଛୁଆ ଅଛନ୍ତି। ପରିବାର ଚଳାଇବା ପାଇଁ ମୋ ସ୍ୱାମୀ ଗୌତମ ଦିଗାଲ ରାଜସ୍ଥାନର ହନୁମାନଗଡ଼ ଅଞ୍ଚଳକୁ ଯାଇ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ । କାମ କରୁଥିବା ବେଳେ ସେ ହଠାତ ଅସୁସ୍ଥ ହୋଇପଡ଼ିଲେ। ପାଖରେ ଥିବା ତାଙ୍କ ସାଥୀମାନେ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଫେବୃଆରୀ ୨୬ରେ ତାଙ୍କର ମୃତ୍ୟୁ ହୋଇଗଲା। ଜିଲା ପ୍ରଶାସନକୁ ଜଣାଇ ଦୁଇଦିନ ପରେ ଗାଁକୁ ମୃତଦେହ ଆଣି ସତ୍କାର କଲୁ। ଏବେ ସାତ ମାସ ବିତିଗଲାଣି। ମୋତେ ସ୍ୱାମୀଙ୍କ ମୃତ୍ୟୁଜନିତ ପ୍ରମାଣପତ୍ର ମିଳିନି। ଏଥିପାଇଁ ମୁଁ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛି । ମୃତକାଳୀନ ସରକାରୀ ସହାୟତା ମଧ୍ୟ କିଛି ପାଇନାହିଁ। ସକାଳ ହେଲେ ପିଲାକୁ କାଖେଇ ସ୍ୱାମୀଙ୍କ ମୃତ୍ୟୁଜନିତ ପ୍ରମାଣପତ୍ର ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଛି। ମୋ କଥା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସୁନିଆ। ଏପରି ଦୁଃଖଦ କଥା ଗଣମାଧ୍ୟମକୁ ପ୍ରକାଶ କରି ସହାୟତା ଲାଗି ନିବେଦନ କରିଛନ୍ତି ସେ। ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟିଦେଇ ତାଙ୍କୁ ସରକାରୀ ସହାୟତା ଓ ବିଧବା ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## କାମରେ ଆସୁନି ପାର୍ବତୀଗିରି ସେଚ ପ୍ରକଳ୍ପ

**ଜମିକୁ ପାଣି ଦାବିକଲେ ଖପରଗଣ୍ଡା ଗ୍ରାମବାସୀ**

ସୋରଡ଼ା,୨୬।୧୦(ରଜନୀ ମହାପାତ୍ର) ଚାଷୀଙ୍କୁ ଧାନ ଓ ଅଣଧାନ ଫସଲ ପ୍ରତି ଆକୃଷ୍ଟ କରିବା ସହ ଉଚ୍ଚ, ମଧ୍ୟମ ଓ ଖାଲୁଆ ଚାଷଜମିକୁ ଜଳସେଚିତ କରିବା ଲକ୍ଷ୍ୟ ନେଇ ସରକାର ସୋରଡ଼ା ବ୍ଲକର ୩ଟି ସ୍ଥାନରେ ପାର୍ବତୀଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି। ୩ଟି ପଞ୍ଚାୟତ ଅଧୀନରେ ଥିବା ୩୮ଟି ଗାଁର ଶତାଧିକ ହେକ୍ଟର ଚାଷ ଜମିକୁ ପାଣି ମଡ଼ାଇବା ଉଦ୍ଦେଶ୍ୟରେ ନିର୍ମିତ ଏହି ପ୍ରକଳ୍ପ କାମ ୨୦୨୧ରୁ ସରିଯାଇଛି। ହେଲେ ଜମିକୁ ପାଣି ମିଳିବା ଦୂରର କଥା ପ୍ରକଳ୍ପର ଇନ୍‌ଟେକ ୱାଲରେ ବି ପାଣି ଟୋପେ ନାହିଁ। ବର୍ଷା ଦିନରେ ମଧ୍ୟ ପ୍ରକଳ୍ପ ଗୁଡିକର ଜଳ ଉତ୍ସ ଶୁଖିଲା ପଡିଛି। ଗୋପାଳପୁରଶାସନ ଅଧୀନ ସୋରିଷବିଲି ପ୍ରକଳ୍ପରୁ ଆଉ ପାଣି ଉଠୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଉକ୍ତ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ସୋରିଷବିଲି, ସାନ ସୋରଡ଼ା, ହରିପୁର, ପାଲକାଟୁ, ଖପରାଗଣ୍ଡା ଆଦି ଅନେକ ଗାଁର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।



ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀ ।

ଋଷିକୁଲ୍ୟା ନଦୀରେ ଥିବା ଉକ୍ତ ପ୍ରକଳ୍ପ ଦ୍ୱାରା ଶତାଧିକ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରିବା ପାଇଁ ୬ଟି ଗାଁର ଚାଷ ଜମି ତଳେ ପାଇପ ବିଛାଯାଇ ଏକାଧିକ ଆଉଟଲେଟ ନିର୍ମାଣ କରାଯାଇଛି। ପ୍ରତି ଆଉଟଲେଟ ଦ୍ୱାରା ୧୦ରୁ ୧୫ ହେକ୍ଟର ଜମି ଜଳସେଚିତ ହେବାକୁ ଥିବା ବେଳେ ପ୍ରକଳ୍ପରୁ ଆଉ ପାଣି ଯୋଗାଣ ହୋଇପାରୁନାହିଁ। ପ୍ରକଳ୍ପ କାମ ଶେଷ ହେବାର ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଶତାଧିକ ଚାଷୀଙ୍କ ଚାଷ ଜମିକୁ ପାଣି ମିଳିପାରୁନାହିଁ। ଜଳଯୋଗାଣ ନେଇ ଚାଷୀମାନେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖପରଗଣ୍ଡା ଗ୍ରାମବାସୀ କହିଛନ୍ତି, ଉପର ମୁଣ୍ଡରେ ଅଲିଘାଇ ଠାରୁ ନୂଆଗାଁ ଦେଇ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଏକ କେନାଲ ଗାଁ ମଧ୍ୟ ଦେଇ ଆସିଛି। କାଳକ୍ରମେ ଏହାର ମରାମତି ଅଭାବରୁ ଏବଂ ଅନେକ ଜାଗାରେ କିଛି ଗ୍ରାମବାସୀଙ୍କ ଅବରୋଧ ଯୋଗୁ କେନାଲ ଦେଇ ପାଣି ଆସିବା ସମ୍ଭବ ହେଉନି। ଚାଷୀମାନେ ନିଜସ୍ୱ ଚେଷ୍ଟାରେ କେନାଲରୁ ଜମିକୁ ପାଣି ମଡ଼େଇ ଧାନ ରୋଇଛନ୍ତି। କିନ୍ତୁ ବର୍ତ୍ତମାନ ବର୍ଷା ଅଭାବରୁ ଏବେ ବହୁ ଚାଷ ଜମି ନଷ୍ଟ ହେବାରେ ଲାଗିଲାଣି। ଏହି ପ୍ରକଳ୍ପରୁ ବର୍ତ୍ତମାନ ପାଣି ଦିଆ ନ ଗଲେ ସବୁ ଫସଲ ନଷ୍ଟ ହୋଇଯିବ। ଶନିବାର ଖପରାଗଣ୍ଡାର ଶତାଧିକ ଚାଷୀ ପ୍ରକଳ୍ପ ପରିଚାଳକଙ୍କୁ ଭେଟି ଯଥାଶୀଘ୍ର ଜମିକୁ ଜଳଯୋଗାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସୋରଡ଼ା ତହସିଲଦାର, କ୍ଷୁଦ୍ରଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଓ କ୍ଷୁଦ୍ର ଜଳସେଚନ ବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କୁ ମଧ୍ୟ ଦାବି ଜଣାଇଛନ୍ତି।

## ସଂକ୍ଷେପରେ

### ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କଲେ ଯାଜପୁର ଏମ୍‌ପି

ପ୍ରୀତିପୁର,୨୬।୧୦(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ଅଞ୍ଚଳରେ ବାତ୍ୟା 'ଦାନା' ଓ ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଶନିବାର ବର୍ଷାର ପ୍ରକୋପ ସାମାନ୍ୟ କମିବା ପରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ବାତ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଫତେପୁର ପଞ୍ଚାୟତରୁ ଜିଲା ମୁଖ୍ୟ ରାସ୍ତାକୁ ଯୋଗାଯୋଗ ବିଚ୍ଛିନ୍ନ କରୁଥିବା ଜଳାର୍ଣ୍ଣବ ରାସ୍ତାକୁ ବୁଲି ଦେଖିଛନ୍ତି। ପରେ ଫସଲ କ୍ଷୟକ୍ଷତି ସମ୍ପର୍କରେ କଣ୍ଟିପୁର ଅଞ୍ଚଳର ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଶେଷରେ ଜରି ଓ ବାଙ୍ଗରା ଅଞ୍ଚଳରେ ବାତ୍ୟା ଏବଂ ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ପାରିବାରଙ୍କୁ ଭେଟିବା ସହିତ କ୍ଷତିଗ୍ରସ୍ତ ଚାଷଜମିକୁ ମଧ୍ୟ ବୁଲି ଦେଖିଛନ୍ତି। ଚାଷୀ ତାଙ୍କୁ ଗଜାଧାନ ଦେଖିଇଛନ୍ତି। ବାତ୍ୟାରେ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଖୁବଶୀଘ୍ର ଆବାସ ଯୋଜନାରେ ଘର ପ୍ରଦାନ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଏମ୍‌ପିଙ୍କ ଏହି ଗସ୍ତ ସମୟରେ ଭାଜପା ନେତ୍ରୀ ବବିତା ମଲିକ, ନିରଞ୍ଜନ ବେଉରିଆ, ଭୁବନାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ୮୦ ବର୍ଷୀୟା ମହିଳାଙ୍କୁ ଉଦ୍ଧାର କଲା ପ୍ରଶାସନ

ଯାଜପୁର,୨୬।୧୦
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତରେ ଶନିବାର ଜଣେ ୮୦ ବର୍ଷୀୟା ନିରାଶ୍ରୟା ବୃଦ୍ଧା ଶାନ୍ତିଲତା ପାଣିଙ୍କୁ ଜିଲା ପ୍ରଶାସନ ଉଦ୍ଧାର କରିଛି। ସେ ଅସୁସ୍ଥ ଥିବାବେଳେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଶାନ୍ତିଲତା ମୁଖ୍ୟ ରାସ୍ତା ଉପରେ ବସି କାନ୍ଦୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଗ୍ରାମର କେହି ଜଣେ ଯୁବକ ବୃଦ୍ଧାଙ୍କ ଏପରି ଅସହାୟତାକୁ ଭିଡିଓ କରି ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ସହ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ, ମଙ୍ଗଳପୁର ଥାନା ଅଧିକାରୀ ଚିନ୍ମୟୀ ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଲତାଙ୍କୁ ଉଦ୍ଧାର କରିଥିଲେ। ଶାନ୍ତିଲତା ଠିକ୍ ଭାବେ କଥା କହିପାରୁ ନ ଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମଲ୍ଲିକାପୁରରେ ଥିବା ଜରାଶ୍ରମରେ ରଖାଯାଇଛି।

# ଜାଲ୍ କାଗଜପତ୍ରରେ ବ୍ରିଜ୍ ପ୍ରକଳ୍ପ ସ୍ଥାନାନ୍ତର

**ତଦନ୍ତ ନିର୍ଦ୍ଦେଶ ଦେଲେ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ**

ଯାଜପୁର,୨୬।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା-ବରେଇ ରାସ୍ତା ଓ ବ୍ରିଜ୍ ପ୍ରକଳ୍ପକୁ ଜାଲ୍ କାଗଜପତ୍ର ବଳରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବରେଇ ଗ୍ରାମବାସୀଙ୍କ ଏଭଳି ଅଭିଯୋଗକୁ ଆଧାର କରି ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟରୁ ମୁଖ୍ୟ ଯନ୍ତ୍ରୀ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୨୦୨୧-୨୨ରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ତଣ୍ଡରା-ବରେଇ ବ୍ରିଜ୍ ପ୍ରକଳ୍ପ ମଞ୍ଜୁର ହୋଇଥିଲା। କିନ୍ତୁ କେତେକ ରାଜନୈତିକ ବ୍ୟକ୍ତି ଦ୍ୱାରା ଏହି ପ୍ରକଳ୍ପକୁ ଜାଲ୍ ସରକାରୀ କାଗଜପତ୍ର ଦ୍ୱାରା ପରିକାଇଁଚିକୁ ଡାଇଭର୍ଟ କରାଯାଇଥିଲା। ଏଥିରେ କେତେକ ସରକାରୀ ଅଧିକାରୀ ମଧ୍ୟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଛି। ଏହାପୂର୍ବରୁ ବରେଇ ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁ, ବେଣୁଧର ସ୍ୱାଇଁ, ରଜତ ମହାନ୍ତି, ମଧୁସୂଦନ ସାହୁ, ବାବନ ରାଉତ, ସଦାନନ୍ଦ ରାଉତ, ଆଶିଷ ମହାନ୍ତି, ପ୍ରଫୁଲ୍ଲ ରାଉତ ପ୍ରମୁଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ୧।୯।୨୦୨୩ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ। ସେଥିରେ ଦର୍ଶାଯାଇଥିଲା ଯେ, ବରେଇ, ତଣ୍ଡରା, ବନମାଳୀପୁର, ଆମ୍ବତଳା, ବେଙ୍ଗମାଧପୁର, ବଡ଼ବିରୁଆଁ, ରାଉତରା, ବଡ଼ତ୍ରିଲୋଚନପୁର, ସାନବିରୁଆଁ ଗ୍ରାମର ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଚାଷୀମାନଙ୍କ ଫସଲର ସୁରକ୍ଷା ପାଇଁ ଖରସ୍ରୋତା ନଦୀ କୂଳରେ ଘେରିବନ୍ଧ ନିର୍ମାଣ ଯୋଜନା ହୋଇଥିଲା। ହେଲେ ଏହି ପ୍ରକଳ୍ପ କାର୍ଯ୍ୟ ରାଉତରାପୁର ଗ୍ରାମଠାରୁ ଗତ ୫ ବର୍ଷ ହେଲା ବନ୍ଦ ରହିଛି। ଜାତୀୟ ରାଜପଥ ୧୬ ନମ୍ବର ବଡତ୍ରିଲୋଚନପୁର ଗ୍ରାମଠାରୁ ସଂଯୋଗ ହୋଇ ପାରିନାହିଁ। ତେଣୁ ଉପରୋକ୍ତ ଗ୍ରାମର ଚାଷୀମାନେ ପ୍ରତିବର୍ଷ ବନ୍ୟାରେ ପ୍ରଭାବିତ ହୋଇଥାନ୍ତି। ସେମାନଙ୍କ ଜମିରେ ବାଲି ଚରି ଫସଲ ନଷ୍ଟ ହୋଇଥାଏ। ଏହି ଯୋଜନା ଅନ୍ତର୍ଗତ ଖରସ୍ରୋତା ନଦୀ ଉପରେ ସେତୁ ନିର୍ମାଣ କରାଯାଇ କୋରେଇ ବ୍ଲକ ଓ ରସୁଲପୁର ବ୍ଲକ ମଧ୍ୟରେ ସଂଯୋଗୀକରଣ ପାଇଁ ପରିକଳ୍ପନା କରାଯାଇଥିଲା। ଉକ୍ତ ଯୋଜନାରେ କୋରେଇ ବ୍ଲକର ବରୋଇଠାରୁ ରସୁଲପୁର ବ୍ଲକର ଭୋଟକା ଗ୍ରାମକୁ ସେତୁ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା। ତାହା ସମ୍ପୂର୍ଣ୍ଣ ଅନାବାଦି ଓ ସର୍ବସାଧାରଣ ସମ୍ପତ୍ତି ରାସ୍ତା ବୋଲି ସମ୍ପୃକ୍ତ ସରକାରୀ କର୍ମଚାରୀମାନେ ଦର୍ଶାଇଥିଲେ। ଇତିମଧ୍ୟରେ ୫ ଥର ଏହି ପ୍ରକଳ୍ପ ପାଇଁ ସର୍ଭେ କରାଯାଇଥିଲେ ହେଁ କାର୍ଯ୍ୟର କୌଣସି ରୂପରେଖ ମିଳିପାରିନାହିଁ। ଉପରୋକ୍ତ ଗ୍ରାମବାସୀଙ୍କ ଆଶା କେବଳ ସପନରେ ରହିଯାଇଛି। ଏହି ସେତୁ ପ୍ରକଳ୍ପ ନିର୍ମାଣ ହୋଇଥିଲେ ଅଞ୍ଚଳବାସୀ ବାରବାଟୀ ଓ କୁଆଖିଆ ପରିବା ବିକ୍ରୟ କେନ୍ଦ୍ରକୁ ଯିବାଆସିବା ସହଜ ହୋଇପାରିଥାନ୍ତା।

## ରେଳବୋର୍ଡ ଚେୟାରମ୍ୟାନଙ୍କୁ ଭେଟିଲେ ଏମ୍‌ପି

ଯାଜପୁର ଟାଉନ,୨୬।୧୦
(ପ୍ରଯନ୍ତ୍ରା ପ୍ରିୟଦର୍ଶିନୀ ମହାନ୍ତି):

**ବିରଜା କ୍ଷେତ୍ରକୁ ରେଳ ସଂଯୋଗ ପ୍ରସଙ୍ଗ**



ଯାଜପୁର-କେନ୍ଦୁଝର ରୋଡ୍‌ଠାରୁ ଧାମରା ଭାୟା ଯାଜପୁର ଆର୍‌ଡି ନୂତନ ପ୍ରସ୍ତାବିତ ରେଳ ସଂଯୋଗ ନିମନ୍ତେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ନୂଆଦିଲ୍ଲୀଠାରେ ରେଳବୋର୍ଡ ଚେୟାରମ୍ୟାନ ଶତିଶ୍ କୁମାରଙ୍କୁ ଭେଟି ଯଥାଶୀଘ୍ର ପ୍ରକଳ୍ପ ପାରିତ କରିବା ସହ ଅର୍ଥ ମଞ୍ଜୁର ପାଇଁ ନିବେଦନ କରିଛନ୍ତି। ସେହିପରି ଯାଜପୁର ଜିଲାର ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ବିଶେଷକରି ଯାଜପୁର-କେନ୍ଦୁଝର ରୋଡ୍‌ରେ ରେଳ ଡିଭିଜନ ପାଇଁ ଅନୁରୋଧ କରିବା ସହ ବିଭିନ୍ନ ସ୍ଥାନରେ ଓଭରବ୍ରିଜ୍ ତଥା ରେଳ ରହଣି ନିମନ୍ତେ ନିବେଦନ କରିଛନ୍ତି। ଯାଜପୁର କେନ୍ଦୁଝର-ଧାମାରା ରେଳ ସଂଯୋଗ ନିମନ୍ତେ ଦୀର୍ଘବର୍ଷ ଧରି ବିରଜା କ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇ ଆସୁଛି। ରେଳ ସଂଯୋଗ କରାଗଲେ ଦେଶ ବିଦେଶରୁ ହଜାର ହଜାର ଯାତ୍ରୀ ଏଠାକୁ ଆସିପାରିବେ। ସେହିପରି ପ୍ରସିଦ୍ଧ ଶୈବ ପୀଠ ଆରଡ଼ି ଧାମକୁ ଦର୍ଶନ ଓ ଭିତର କନିକା ପର୍ଯ୍ୟଟନ କ୍ଷେତ୍ରକୁ ଯାତ୍ରୀମାନେ ଯାଇପାରନ୍ତେ। ଏ ସମ୍ପର୍କରେ ପରିଷଦ ପକ୍ଷରୁ ବହୁବାର ଏମ୍‌ପିଙ୍କ ସହ ଆଲୋଚନା କରାଯାଇଥିଲା। ଏମ୍‌ପି ରେଳ ବୋର୍ଡର ଅଧ୍ୟକ୍ଷଙ୍କୁ ଭେଟି ବିରଜାକ୍ଷେତ୍ରକୁ ରେଳ ସଂଯୋଗ ପାଇଁ ଆଲୋଚନା କରିଥିବାରୁ ପରିଷଦ ପକ୍ଷରୁ ସଭାପତି ତପନମହାରଣ୍ୟ ଶର୍ମା, ଖବରଦାତା ଦିଲୀପ ଦାଶ, ପ୍ରଦୀପ୍ତ ମିଶ୍ର, ଜ୍ୟୋତିଶଙ୍କର ରାୟ ଓ ବିଜୟ ମହାରଣା ପ୍ରମୁଖ ଏମ୍‌ପିଙ୍କୁ ଧନ୍ୟବାଦ ଦେଇଛନ୍ତି।

## ରିଲିଫ ବଣ୍ଟନ

ସିଂହପୁର,୨୬।୧୦
(ଅନଙ୍ଗ ଉଦୟ ବେଉରିଆ):

ବାତ୍ୟା ଦାନା ଓ ପ୍ରବଳ ବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ଲୋକଙ୍କୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଏମ୍‌ଡିଏନ୍ ପବ୍ଲିକ ସ୍କୁଲ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ସ୍କୁଲ୍ ସମ୍ପାଦକ ଅବନେନ୍ଦ୍ର ବେଉରିଆ, ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସହସଭାପତି ସମରେନ୍ଦ୍ର ବେଉରିଆ, କୋଷାଧ୍ୟକ୍ଷ ଜୟନ୍ତ କୁମାର ସାହୁ, ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିରେଖା ସାମଲ ପ୍ରମୁଖ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ପହଞ୍ଚି ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି।



ଏମ୍‌ଡିଏନ୍ ପବ୍ଲିକ ସ୍କୁଲ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଉଛି।

## ଜଗନ୍ନାଥ, ବିରଜା ସଂସ୍କୃତି ଉପରେ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୨୬।୧୦
(ପ୍ରଯନ୍ତ୍ରା ପ୍ରିୟଦର୍ଶିନୀ ମହାନ୍ତି):

ଶ୍ରୀଜଗନ୍ନାଥ ଏବଂ ମା'ବିରଜାଙ୍କ ସଂସ୍କୃତି ଉପରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ବିକାଶ ପରିଷଦ ଏବଂ ବିରଜାକ୍ଷେତ୍ର ବିକାଶ ପରିଷଦ ଆହ୍ୱାନକ୍ରମେ ଯାଜପୁରଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ପାଳିତ ହେବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଲିଳାପରିଷଦର ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ କର୍ମକର୍ତ୍ତା ଡ. କରୁଣାକର ପ୍ରଧାନ, ଜଗନ୍ନାଥ ପଣ୍ଡା, ବରିଜାକ୍ଷେତ୍ର ବିକାଶ ପରିଷଦ ସଭାପତି ତପନମହାରଣ୍ୟ ଶର୍ମା, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ରହିଥିଲେ। ଯାଜପୁର ଜିଲାର ସମସ୍ତ ଜଗନ୍ନାଥ ପ୍ରେମୀ ତଥା ବିରଜା ସଂସ୍କୃତି ପ୍ରେମୀ ବ୍ୟକ୍ତିଙ୍କୁ ନେଇ ପୁନର୍ବାର ଯାଜପୁରଠାରେ ଏକ ପ୍ରସ୍ତୁତି ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲାରେ ଥିବା ଜଗନ୍ନାଥ ମନ୍ଦିର, ଯେଉଁଠାରେ ରଥଯାତ୍ରା ଅନୁଷ୍ଠିତ ହେଉଛି ସେଠାକୁ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଯୋଗ ଦେବା ନିମନ୍ତେ ରାଜ୍ୟ, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିବାରୁ ଯାଜପୁର ମର୍ତ୍ତ୍ୟବୈକୁଣ୍ଠ ଗୋଲକ ଧାମ ଆଦମପୁରଠାରେ ମଧ୍ୟ ଏକ ଆଲୋଚନାଚକ୍ର ହେବ ବୋଲି ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ରାସ୍ତାରେ ଖରାପ ହୋଇଗଲା ୧୦୮ ଆମ୍ବୁଲାନ୍ସ



୧୦୮ ଆମ୍ବୁଲାନ୍ସକୁ କର୍ମଚାରୀମାନେ ଠେଲୁଛନ୍ତି।

ବିଞ୍ଝାରପୁର,୨୬।୧୦(ରାମକୃଷ୍ଣ ଦାସ): ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ସୁଧାର ଆଣିବାକୁ ବିପୁଳ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଏତେ ଅର୍ଥବ୍ୟୟ ପରେ ମଧ୍ୟ କୌଣସି ସୁଧାର ଆସିପାରୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ବିଞ୍ଝାରପୁର-ବାଳମୁକୁଳି ମୁଖ୍ୟ ରାସ୍ତା ମଝିରେ ଦେଖିବାକୁ ମିଳିଛି। ଜନସାଧାରଣଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ରାସ୍ତା ମଝିରେ ଖରାପ ହୋଇଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଥିଲାବେଳେ ଏଥିରୁ ସ୍ପଷ୍ଟ ଅନୁମେୟ ହେଉଥିବ ସ୍ୱାସ୍ଥ୍ୟସେବା କିପରି ଚାଲିଛି। ଘଟଣା ମୁତାବକ, ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଞ୍ଝାରପୁର ବ୍ଲକ ପରିସରରେ ରହୁଥିବା ୧୦୮ ଆମ୍ବୁଲାନ୍ସ ଫୋନକଲ ପାଇ ରୋଗୀ ଆଣିବାକୁ ଯାଉଥିଲାବେଳେ ରସିକ ଛକ ନିକଟରେ ଆପେଆପେ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଚାଳକ ଯେତେ ଚେଷ୍ଟା କଲେ ମଧ୍ୟ ଆମ୍ବୁଲାନ୍ସ ଆଉ ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ଅନ୍ୟ ଉପାୟ ନ ପାଇ କର୍ମଚାରୀମାନେ ଆମ୍ବୁଲାନ୍ସକୁ ଠେଲି ଷ୍ଟାର୍ଟ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ଷ୍ଟାର୍ଟ ହୋଇ ନ ଥିଲା। ଆମ୍ବୁଲାନ୍ସ ରାସ୍ତା ମଝିରେ ଖରାପ ହେବାରୁ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଏନେଇ ଆମ୍ବୁଲାନ୍ସର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଆମ୍ବୁଲାନ୍ସର ରକ୍ଷଣାବେକ୍ଷଣ ଅଭାବରୁ ଆମକୁ ରାସ୍ତା ମଝିରେ ହଟହଟା ହେବାକୁ ପଡୁଛି।

## ବାତ୍ୟାବେଳେ ଚୋରି ଉଦ୍ୟମ

କାଏମା,୨୬।୧୦(ଶିବପ୍ରସାଦ ମହାନ୍ତି):

ବାତ୍ୟା ପ୍ରଭାବରେ ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବାବେଳେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତ ଦାମୀ ସାମଗ୍ରୀ ଚୋରି କରିବା ପାଇଁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ବଡ଼କାଏମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଲାଗି ଥିବା ଷ୍ଟିଲ ଗେଟକୁ ଶୁକ୍ରବାର ରାତି ପ୍ରାୟ ୨ଟାରେ ଦୁର୍ବୃତ୍ତ ତାଡ଼ିନେବାକୁ ଉଦ୍ୟମ କରୁଥିବା ଖବର ପାଇ ରମେଶ ଚନ୍ଦ୍ର ମହାନ୍ତି ପହଞ୍ଚି ଥିଲେ। ଏହାଦେଖି ୬ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ସେଠାରୁ ଦୌଡ଼ି ଚାଲି ଯାଇଥିବା ରମେଶ କହିଛନ୍ତି। ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସମୟରେ ଏହି ଷ୍ଟିଲ ଗେଟ ଲଗାଯାଇଥିଲା। ଏହାର ପାଖାପାଖି ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ସବୁଠାରୁ ବଡ଼କଥା ହେଲେ ଏହି ପଞ୍ଚାୟତ କାର୍ଯ୍ୟାଳୟଟି ଜାରକା ଓ କାଏମା ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଥିବାବେଳେ ସବୁ ସମୟରେ ଲୋକଙ୍କ ଯାତାୟାତ ଦେଖିବାକୁ ମିଳିଥାଏ। ଏହା ସତ୍ତ୍ୱେ ଦୁର୍ବୃତ୍ତ ଏହାକୁ ଚୋରି କରିବା ପାଇଁ ଉଦ୍ୟମ କରିବାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ତତଫରୁ ଏହାକୁ ମରାମତି କରାଯାଇଥିବା ସୂଚନା ମିଳିଛି।

ପୂର୍ବରୁ ଏହି ପଞ୍ଚାୟତ କାର୍ଯ୍ୟାଳୟରୁ ଲାଇଟ ଓ ନିକଟସ୍ଥ କଲ୍ୟାଣ ମଣ୍ଡପରୁ ଷ୍ଟ୍ରିଟ୍ ଲାଇଟ ଅନେକ ସମୟରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି କାଏମା ବଜାରରେ ଥିବା ଏକ ଦୋକାନ ସଟର ତାଡ଼ି ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଗଣେଶ୍ୱର ବେହେରା ସକାଳୁ ଦୋକାନ ଖୋଲିବା ପାଇଁ ଆସିବା ସମୟରେ ଏହାଦେଖି କାଏମା ବଜାର କମିଟିକୁ ଜଣାଇଥିଲେ। ପରେ ଦୋକାନ ଖୋଲି କିଛି କ୍ଷତି ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଦୋକାନରେ ଲ୍ୟାପଟପ, କମ୍ପ୍ୟୁଟର ଓ ପ୍ରିଣ୍ଟର ଆଦି ସାମଗ୍ରୀ ଥିବା ଗଣେଶ କହିଛନ୍ତି। ଆଗରୁ ୨ଥର ମଧ୍ୟ ଉକ୍ତ ଦୋକାନ ସଟର ତଡାଯାଇ ଚୋରି ଉଦ୍ୟମ କରାଯାଇଛି। ବଜାର ମଧ୍ୟରେ ସିକ୍ୟୁରିଟି ବ୍ୟବସ୍ଥା ରହିଥିଲେ ବି ଏପରି ଘଟଣା ବାରମ୍ବାର ଘଟୁଥିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇ ନଥିବା ସୂଚନା ମିଳିଛି। ଦିନକୁ ଦିନ ଅଞ୍ଚଳରେ ଚୋରି ବଢୁଥିବାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହୋଇଛି।


**OFFICE OF THE MUNICIPAL COUNCIL, SONEPUR** No.C-843

**"e" Procurement Notice**

BID Identification No. : SNP-MUN-27/2024-25
TENDER ID : 2024_ORULB_105967
Tender Call Notice No. 3861 / Date : 23.10.2024

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | As per DTCN |
| 2 | No. of works | : | 13 Nos. |
| 3 | Amount put to Tender | : | As per DTCN |
| 4 | Period of Completion | : | As per DTCN |
| 5 | Starting Date & Time of Bidding | : | From Dt. 24.10.2024 from 11.00 A.M. |
| 6 | Last Date & Time for Receipt of tenders through online | : | On or before Dt. 05.11.2024 up to 05.00 P.M. |
| 7 | Bids received online shall be opened on | : | On Dt. 06.11.2024 at 11.00 A.M. |
| 8 | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Sonepur Municipality

OIPR-13098/11/0016/2425

WATCO NO. C-833

**OFFICE OF THE GENERAL MANAGER WATCO DIVISION-II, BHUBANESWAR**

Near Rajiv Bhawan, Unit-V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

**INVITATION FOR BIDS (IFB)**
Dtd.24.10.2024

01. Name of the Work : Laying of distribution W/S pipe line in Lane-II area of Gangotri Nagar, Bhubaneswar
02. Estimate Cost : Rs.68.32 Lakhs
03. Period of Completion : 2 (Two) Months
04. Class of Contractor : B Class
05. Date & Time of availability of bid document in the portal : From 11.00 A.M. of Dt.28.10.24 to 5.00 P.M. of 11.11.2024
06. Last date/time of receipt of bids in the portal : 5.00 P.M. of 11.11.2024
07. Last date & time of seeking clarification : 5.00 P.M. of 01.11.2024
08. Date & time of opening of bids : At 12.30 P.M. of 12.11.2024
09. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

OIPR-13089/11/0010/2425
Sd./- General Manager
WATCO Division-II, Bhubaneswar

**Government of Odisha, e-Procurement Notice**

**INVITATION FOR BIDS (IFB)**

Bid Identification No. C.C.E.DKL (R&B) 08/2024-25
E-mail Id: sedklpwd@gmail.com

Letter No. 2101 Dt.18.10.2024

No. B-473: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for Road works as detailed below:

1. Name of the work : Road Works
2. No. of works : 06 (Six) Nos.
3. Estimated Cost : Rs.1.80 Crore to Rs.7.03 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A' & 'Special' Class (as given in Column No. 07 of table)
6. Period of Completion of work : 05 (Five) to 09 (Nine) Months (as given in Column No. 08 of table)
7. Date and time of availability of bid document in the website : From Dt.29.10.2024 to 5.00 P.M. of Dt.12.11.2024
8. Date of opening of bid : Dt.13.11.2024 at 11.00 A.M.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0016/2425

**ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେସନ୍ ଲିଃ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର, ୩ୟ ମହଲା, ଦୀନଦୟାଲ ଭବନ, ଜନପଥ, ଭୁବନେଶ୍ୱର - ୭୫୧୦୦୯, ମେଲ୍- bbro@hudco.org

**ବିଡ୍ ଆମନ୍ତ୍ରଣ**

ଜିଇଏମ୍ ବିଡ୍ ନଂ. GEM/2024/B/5548445
୪ର୍ଥ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର-୭୫୧୦୦୯ର ଅଟକଳ ମୂଲ୍ୟ ଟ.୧୧,୬୪,୬୦୮/- ରେ ମରାମତି ଏବଂ ନବୀକରଣ ପାଇଁ ଏଜେନ୍ସି/କଣ୍ଟ୍ରାକ୍ଟରମାନଙ୍କଠାରୁ ଜିଇଏମ୍ ମାଧ୍ୟମରେ ବିଡ୍ ଆହ୍ୱାନ କରାଯାଉଛି ।
ଅଧିକ ବିବରଣୀ ପାଇଁ ହୁଡ୍‌କୋ ୱେବ୍‌ସାଇଟ୍ www.hudco.org ଏବଂ ଜିଇଏମ୍ ପୋର୍ଟାଲ୍ ପରିଦର୍ଶନ କରନ୍ତୁ । ବିଡ୍ କେବଳ ଜିଇଏମ୍ ପୋର୍ଟାଲ୍ ଜରିଆରେ ଗ୍ରହଣ କରାଯିବ ।

ସ୍ୱା./- ଆଞ୍ଚଳିକ ମୁଖ୍ୟ,
ହୁଡ୍‌କୋ- ଭୁବନେଶ୍ୱର

ORMAS
(Odisha Rural Development and Marketing Society)
Panchayati Raj and Drinking Water Department

Tel : 06724-231752
Fax : 06724-231752
(URL : www.ormas.org)
E-mail : dsmsjagatsinghpur@gmail.com

**ORMAS, JAGATSINGHPUR**
**A District unit of ORMAS**
Office of the Zilla Parisad, JAGATSINGHPUR, SANRA, NALIBAR-754104
Letter No. 339/Dt.26.10.2024

**TENDER NOTICE**

Sealed tenders are invited from reputed from Firms/Agencies/Organization etc for different works like **Tentage and Allied works, Security Services, Still Photography and Videography, Printing Works/Advertisement Hording** for the State level Pallishree Mela-2024 to be held at Kalinga Baliyatra Ground, Paradeep. The engagement of Firms/Agencies/Organization shall be made through tender Systems.
The tender papers along with the details specification and eligibility criteria of the above works will be available in the office of ORMAS, Jagatsinghpur, C/o-Zilla Parisad, Jagatsinghpur upto 4th Nov, 2024 by 12:00 P.M. or Tender paper can be downloaded from website - https://jagatsinghpur.odisha.gov.in. The sealed tenders will be received in Dy. CEO, ORMAS, Jagatsinghpur office **Drop Box latest by 12:00 PM of 4th November, 2024**. The tenders will be opened in the office chamber of CDO-cum-EO, ZP, Jagatsinghpur Office on the **same day at 4:00 P.M.** in the presence of the Bidders or their authorized representatives.
The undersigned reserves the right to accept or reject any or all the tenders without assigning any reason thereof

Sd/- CDO-cum-EO, ZP
Jagatsinghpur

**ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା।**

ନଂ. ୨୯୮୧ ତା୨୫।୧୦।୨୦୨୪

**ବିଜ୍ଞାପନ**

No. C-899: ଏତଦ୍ୱାରା ପରିଷଦ ଅଞ୍ଚଳର ଜନସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ପରିଷଦର ନିମ୍ନଲିଖିତ ପାଞ୍ଚ ଗୋଟି ମାଛଚାଷ ପୋଖରୀ ଓ ଏକ ଗୋଟି କାଞ୍ଜିଆହୋଦାର ଆସନ୍ତା ତା୧୧।୧୧।୨୦୨୪ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ନିଲାମ ଡାକ ଅନୁଷ୍ଠିତ ହେବ। ଉକ୍ତ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଅମାନତ ଅର୍ଥ ପୈଠ କରି ନିଲାମ ଡାକି ପାରିବେ। ବିନା ଅମାନତରେ ପ୍ରକାଶ୍ୟ ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ ନାହିଁ।

| କ୍ର.ନଂ. | ସମ୍ପତ୍ତିର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଅର୍ଥ ୧୦ ପ୍ରତିଶତ | ଲିଜ୍‌ର ଅବଧି |
|---|---|---|---|---|
| ୧ | ଖଲିଆ ବନ୍ଧ, ବଗାଡ | ଟ.୩୮,୦୬୦.୦୦ | ଟ.୩୮୦୬.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୨ | ବତକଟା ସାଗର, ବୋରିଙ୍ଗପଦର | ଟ.୪,୬୩,୧୦୦.୦୦ | ଟ.୪୬,୩୧୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୩ | ଜୁନାବନ୍ଧ, ବୋରିଙ୍ଗପଦର | ଟ.୧୪,୩୦୦.୦୦ | ଟ.୧୪୩୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୪ | ଅଲେଖ ବନ୍ଧ, ବୋରିଙ୍ଗପଦର | ଟ.୩୨,୨୩୦.୦୦ | ଟ.୩୨୨୩.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୫ | ନିମୁହିଁ ବନ୍ଧ, ବୋରିଙ୍ଗପଦର | ଟ.୧୮,୭୦୦.୦୦ | ଟ.୧୮୭୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୬ | କାଞ୍ଜିଆହୋଦା, ବୋରିଙ୍ଗପଦର | ଟ.୭୦୦୦.୦୦ | ଟ.୭୦୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |

ଲିଜ୍ ଟେଣ୍ଡର ସମ୍ବନ୍ଧୀୟ ବିବରଣୀ/ସୂଚନା ଏନ୍.ଏ.ସି. କାର୍ଯ୍ୟାଳୟର ୱେବ୍‌ସାଇଟ୍ http://www.nac-kesinga.inରେ ଉପଲବ୍ଧ ହେବ।

OIPR-13109/11/0010/2425
Sd./- Executive Officer, N.A.C., Kesinga

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING), PANTHANIVAS (OLD BLOCK), LEWIS ROAD, BHUBANESWAR - 14
E-mail: se.otdc@gmail.com

Letter No. 1419
No. CAD-1466

**NOTICE INVITATION FOR BIDS (NIFB)** Date: 25.10.2024

**E-Procurement Notice No. BP-I/08/2024-25 Dt.25.10.2024**

1. Nature of Work : Display of Temporary Hoardings in prominent Locations of the State for promotion of Eco-Retreat 2024-25.
2. Total No. of Works : 01 No.
3. Value of Works : Rs.26,72,000/-
4. Bid Security : As per NIT
5. Class of Contractor : As per NIT
6. Period of Completion : 03 (Three) Calendar Months
7. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-IV/08/2024-25 Dt.25.10.2024 | From 28.10.2024 | To 06.11.2024 | 11.00 hours of Dt.07.11.2024 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website: **www.tendersodisha.gov.in**.

OIPR-37002/11/0030/2425
Sd./- A.K. Sahoo, Superintending Engineer, O.T.D.C. Ltd., BBSR

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**

Mob - 9437018866, e-mail id - dfo.sambalpur@odisha.gov.in
Notice No. 5607 Dated - 25.10.2024

**Tender Call Notice for "Supply of Monthly Medicines for Mobile Veterinary Unit, Sambalpur Forest Division for the year 2024-25**

**No.MM-210 :** Sambalpur Forest Division is inviting sealed tender for the supply of Veterinary/Human Medicines and Surgical equipment accessories on monthly basis for the financial year 2024-25 from reputed Distributor/Stockist/Farms for use in the Mobile Veterinary Unit of Sambalpur Forest Division for treatment of wild animals / cattle / domesticated Animal / Reptiles etc. on terms and conditions mentioned in the standard bidding documents so as to reach in the O/o. DFO, Sambalpur on or before 12.11.2024 up to 05.00 P.M. through Registered/Speed Post/Courier Service and can also be dropped in Tender Box placed in Office of the Divisional Forest Officer, Sambalpur Forest Division. The tenders will be opened on dtd. 13.11.2024 at 11.00 A.M. in the O/o. the divisional Forest Officer, Sambalpur Forest Division. The standard bidding documents and terms and conditions can be downloaded from www.sambalpur.nic.in/www.odishaforest.in/www.dfosambalpur.in and also can be obtained from Office of the Divisional Forest Officer, Sambalpur Forest Division from 28.10.2024 to 12.11.2024 during office hours.
Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

Sd./- (Tender Calling Authority)
Divisional Forest Officer,
Sambalpur Forest Division

OIPR-08104/11/0005/2425

# କ୍ଷୁବ୍ଧ ହେଲେ ବିଧାୟକ, ଭିଜିଲାନ୍ସ ତଦନ୍ତ ସୁପାରିସ

ଜଗତ୍‌ସିଂହପୁର, ୨୬।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର କୋର୍ଟ ଛକ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଅଳକାଶ୍ରମ ସ୍ମୃତି ପରିଷଦ ପାର୍ଶ୍ୱରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଶିଶୁ ଉଦ୍ୟାନର ଏକ ପାର୍ଶ୍ୱ ପାଚେରି ଅକ୍ଟୋବର ୨୩ ତାରିଖ ସକାଳେ ଭାଙ୍ଗି ଯାଇଥିଲା। ସୌଭାଗ୍ୟବଶତଃ ଏହା ଭାଙ୍ଗିଲା ବେଳେ କାହାର କୌଣସି କ୍ଷତି ହୋଇ ନ ଥିଲା। ବାତ୍ୟା ଦାନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ବିନା ବର୍ଷା, ପବନରେ ହଠାତ୍ ପାଚେରିଟି ଭାଙ୍ଗିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଅକ୍ଟୋବର ୨୪ ତାରିଖରେ ଧରିତ୍ରୀରେ 'ବାତ୍ୟା ପୂର୍ବରୁ ଶିଶୁ ଉଦ୍ୟାନ ପାଚେରି ଭାଙ୍ଗିଲା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଝଡ଼ ସୃଷ୍ଟି ହୋଇଥିଲା। ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ଭିତରେ ବାତ୍ୟା ସ୍ଥଳଭାଗ ଛୁଇଁବା ସମ୍ଭାବନା ଥିଲା ତେଣୁ ସରକାରୀସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଥିଲା। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଦିନ, ରାତି ଆଶ୍ରୟସ୍ଥଳ ସମେତ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା କଥା ବୁଝି ପ୍ରତିକାର ପାଇଁ ପଦକ୍ଷେପ ନେବା ସହ କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ସୌଭାଗ୍ୟବଶତଃ ବାତ୍ୟା ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଭାବଶୂନ୍ୟ ହୋଇପଡିଥିଲା। ଏହାପରେ ବିଧାୟକ ଶନିବାର ଉଦ୍ୟାନ ପରିସର ପରିଦର୍ଶନ କରି ଅଘଟଣକୁ ନେଇ କ୍ଷୁବ୍ଧ ହେବା ସହ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ବର୍ଷିଛନ୍ତି। ପୌର ନିର୍ବାହୀ ଅଧିକାରୀ ପୁନଃ ମରାମତି କରାଯିବ ବୋଲି କହିଥିଲେ ସୁଦ୍ଧା ବିଧାୟକ ସନ୍ତୁଷ୍ଟ ହୋଇ ନ ଥିଲେ। ସେ କହିଥିଲେ, ନିମ୍ନମାନର କାମ ଯୋଗୁ ଏଭଳି ଘଟିଥିବା ସ୍ପଷ୍ଟ ବାରି ହୋଇପଡୁଛି। ପାଚେରିଟି ଯଦି ଉଦ୍ୟାନର ଭିତରକୁ ପଡ଼ିଥାନ୍ତା ତେବେ ଶିଶୁ କିମ୍ବା ସାଧାରଣ

**ବାତ୍ୟା ପୂର୍ବରୁ ଶିଶୁ ଉଦ୍ୟାନ ପାଚେରି ଭାଙ୍ଗିବା ପ୍ରସଙ୍ଗ**

- ମୁକ୍ତା ଯୋଜନାରେ ହୋଇଥିବା ସମସ୍ତ କାମର ତଥ୍ୟ ମାଗିଲେ

ଲୋକ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତେ ତେବେ କ'ଣ ହୋଇଥାନ୍ତା ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ଭିଜିଲାନ୍ସ ତଦନ୍ତ ପାଇଁ ସେ ସୁପାରିସ କରିବେ। ଏଥିସହ ଜଗତ୍‌ସିଂହପୁର ପୌରାଞ୍ଚଳରେ ମୁକ୍ତା ଯୋଜନାରେ ହୋଇଥିବା କାମଗୁଡିକର ତାଲିକା ସେ ନିର୍ବାହୀ ଅଧିକାରୀଙ୍କଠାରୁ ମାଗିଛନ୍ତି। ଏହା ଉପରେ ସ୍ୱତନ୍ତ୍ର ଭାବେ ତଦନ୍ତ କରାଯାଇ ଦୁର୍ନୀତିର ପର୍ଦ୍ଦାଫାଶ କରାଯିବ ଏବଂ ଏଥିରେ ଯେକେହି ସମ୍ପୃକ୍ତ ଥାଆନ୍ତୁ ନା କାହିଁକି କାହାରିକୁ ଛଡ଼ାଯିବ ନାହିଁ ବୋଲି ବିଧାୟକ ଦାସ ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ କହିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କ କହିବା କଥା ହେଲା, ଶିଶୁ ଉଦ୍ୟାନର ଏକ ପାର୍ଶ୍ୱରେ ସରକାରୀ କ୍ୱାର୍ଟର ପାଚେରି ଥିବାବେଳେ ଅବଶିଷ୍ଟ ୩ ପାର୍ଶ୍ୱରେ ଇଟା ଖୁଣ୍ଟ ସାଙ୍ଗକୁ ଲୁହା ଗ୍ରିଲରେ ପାଚେରି ନିର୍ମାଣ କରାଯାଇଛି। ଗୋଟେ ପଟେ ଗେଟ୍ ମଧ ହୋଇଛି। ଉଦ୍ୟାନ ଭିତରେ ବାଲି ବିଛାଯାଇଥିବାବେଳେ ୨ଟି ଦୋଳି, ଚକ୍ରି ସହ ଅନ୍ୟ ୨ଟି ଖେଳ ସରଞ୍ଜାମ ରହିଛି। ଲୋକେ କିମ୍ବା ପିଲାମାନେ ବସିବା ପାଇଁ ୨ଟି ସିମେଣ୍ଟ ଚେୟାର କରାଯାଇଛି। ଏହି କାମ ସରିବା ବେଶି ଦିନ ହେବନାହିଁ। ଉଦ୍ୟାନଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ସ୍ଥାନୀୟ ପିଲାମାନଙ୍କ ମନୋରଞ୍ଜନରେ ସହାୟକ ହେଉଛି। ବାତ୍ୟା ଦାନା ଯୋଗୁ ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଥିଲେ। ଏହି କାରଣରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛୁଟି ରହିଥିଲା। ତଥାପି ସ୍ଥାନୀୟ ପିଲାମାନେ ଉଦ୍ୟାନରେ ଖେଳକୁଦ କରୁଥିଲେ। ଅନ୍ୟ ଦିନ ପରି ୨୩ ତାରିଖ ସକାଳେ ଖରା ସାଙ୍ଗକୁ ପାଗ ଅନୁକୂଳ ଥିବାରୁ କିଛି ପିଲା ଏହି ଉଦ୍ୟାନରେ ଦୋଳି ସହ ଅନ୍ୟ ଖେଳ ଖେଳୁଥିଲେ। ହଠାତ୍ ଅଳକାଶ୍ରମ ସ୍ମୃତି ପରିଷଦ ପଟ ଶିଶୁ ଉଦ୍ୟାନର ଏକ ପାର୍ଶ୍ୱ ପାଚେରି ରାସ୍ତା ଉପରକୁ ଟଳି ପଡିଥିଲା। ଫଳରେ ଇଟା ଖୁଣ୍ଟଗୁଡିକ ଭାଙ୍ଗିଯିବା ସହ ଲୁହା ଗ୍ରିଲ ବିପଜ୍ଜନକ ଭାବେ ରାସ୍ତା ଉପରେ ପଡି ଯାଇଥିଲା। ସୌଭାଗ୍ୟ ଏହି ରାସ୍ତାରେ କେହି ଯାତାୟାତ କରୁ ନ ଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇ ପାରିଥିଲା। ବିନା ରଡରେ ଇଟା ଖୁଣ୍ଟଗୁଡିକ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ମୁକ୍ତା ଇମ୍ପ୍ଲିମେଣ୍ଟ ଏକ୍ସପର୍ଟ ହିରଣ୍ୟ ପ୍ରସାଦ ସାହୁ ଆଉ ଥରେ ଲୁହା ରଡ୍ ବ୍ୟବହାର କରାଯାଇ ପାଚେରି ନିର୍ମାଣ କରାଯିବ ବୋଲି କହିଥିଲେ। କିନ୍ତୁ ପରିଷଦ କନିଷ୍ଠ ଯନ୍ତ୍ର ବିଭୂତି ତ୍ରିପାଠୀ ମୁକ୍ତା ଯୋଜନାରେ ନିୟୋଜିତ କୌଣସି କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବା କହି ପ୍ରସଙ୍ଗକୁ ଭିନ୍ନ ମୋଡ ଦେଇଥିଲେ।

# ପାରାଦୀପ ଗଡ଼ ପଞ୍ଚାୟତ ତରଫରୁ ରିଲିଫ୍ ବଣ୍ଟନ



ବସ୍ତି ଅଞ୍ଚଳରେ ସରପଞ୍ଚ ରିଲିଫ୍ ବାଣ୍ଟୁଛନ୍ତି।

**କୁଜଙ୍ଗ,୨୬।୧୦(ମନୋଜ ପ୍ରଧାନ):** ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ଼ ପଞ୍ଚାୟତଟି ବଙ୍ଗୋପସାଗର ଉପକୂଳରେ ରହିଛି। ବାତ୍ୟାବେଳେ ଏହି ପଞ୍ଚାୟତର ପାରଦୀପଗଡ଼, ନିମିଢି ଓ ଚନକ ଆଦି ଗ୍ରାମ ପ୍ରଭାବିତ ହୋଇଥିଲା। ବିଶେଷ କରି ଏଠାକର ବସ୍ତିବାସିନ୍ଦା ଓ ତଳିଆ ଅଞ୍ଚଳରେ ରହୁଥିବା କଳାକାରଖାନାର ଶ୍ରମିକମାନେ ବର୍ଷା ଜଳ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ପାରାଦୀପଗଡ ପଞ୍ଚାୟତ ତରଫରୁ ଭିମାନାସିସ୍ଥିତ ଜରାଶ୍ରମ, ଲୋକନାଥ ଅନାଥ ଆଶ୍ରମ, ପାରାଦୀପଗଡ଼ ଆଦିବାସୀପଡ଼ା, ରାମଚଣ୍ଡୀପଡ଼ା, କିନ୍ନର ବସ୍ତି ଆଦି ଅଞ୍ଚଳରେ ଚୁଡ଼ା, ଚିନି, ବିସ୍କୁଟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି। ବାତ୍ୟା ସମୟରେ ମଧ ପଞ୍ଚାୟତ ତରଫରୁ ବାତ୍ୟା ପ୍ରଭାବିତ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସ୍ଥାନାନ୍ତର କରାଯାଇ ପାରାଦୀପଗଡ଼ ଓ ନିମିଢି ବାତ୍ୟା ଆଶ୍ରୟସ୍ଥଳରେ ନେଇ ରଖାଯାଇଥିଲା। ସେଠାରେ ସେମାନଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏସବୁ କାର୍ଯ୍ୟକ୍ରମ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସତ୍ୟନାରାୟଣ ମହାପାତ୍ର, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ଜୟନ୍ତ ସେନାପତି, ପ୍ରଭାତ ସାହୁ, ସନ୍ତୋଷ ଦୋରା, ରମେଶ ବେହେରା, ଦେବଦୁର୍ଲ୍ଲଭ କର, ଧନେଶ୍ୱର ସାହୁ, ରାକେଶ ମଙ୍ଗରାଜ, ସଂଗ୍ରାମ ବେହେରା, ଶୁକଦେବ ତରାଇ, ମିହିର ପାତ୍ର ପ୍ରମୁଖ ଏଥିରେ ସହଯୋଗ କରିବା ସହ ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି।

# ଜଗତ୍‌ସିଂହପୁର ଜିଲାରେ ବାତ୍ୟା ପ୍ରଭାବଶୂନ୍ୟ

ଜଗତସିଂହପୁର, ୨୬।୧୦ (ପ୍ରମୋଦ କୁମାର ନାୟକ)

- ବ୍ୟାତା କ୍ଷୟକ୍ଷତି ସମ୍ପର୍କରେ ବୁଝିଲେ ଉପମୁଖ୍ୟମନ୍ତ୍ରୀ
- ଜିଲାରେ ୨୪୧ କୁଇଣ୍ଟାଲ ଚୁଡ଼ା, ୪୧ କୁଇଣ୍ଟାଲ ଗୁଡ଼ ଦିଆଯାଇଛି

ଜଗତ୍‌ସିଂହପୁର ଜିଲାରେ ବାତ୍ୟା 'ଦାନା' ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି। କିନ୍ତୁ ବାତ୍ୟା ପୂର୍ବରୁ ଜିଲାର ୪୧,୧୬୭ ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇ ଖାଦ୍ୟପେୟ ଆଦି ଦିଆଯାଇଥିବା କାଗଜକଲମରେ ଦର୍ଶାଯାଇଛି। ତେବେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ଏହି ଲୋକମାନେ ଗତ ୨୫ ତାରିଖରେ ନିଜ ନିଜ ଘରକୁ ଫେରିଯାଇଛନ୍ତି। ସେମାନେ ଆଶ୍ରୟସ୍ଥଳରେ ଥିବାବେଳେ ୨୪୧.୭୮ କୁଇଣ୍ଟାଲ ଚୁଡ଼ା ଓ ୪୧.୬୬ କୁଇଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ପରିସ୍ଥିତିରେ ଶନିବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ, କୃଷି ବିଭାଗ ନିର୍ଦ୍ଦେଶକ ବାତ୍ୟା ପ୍ରଭାବିତ ଜିଲାର ଜିଲାପାଳ ଓ ଜିଲା କୃଷି ଅଧିକାରୀମାନଙ୍କ ସହ ଆଭାସିମାଧମରେ କୃଷିର କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲାରେ ବାତ୍ୟା ଦାନାର ପ୍ରଭାବରେ କୌଣସି ଚାଷ ଜମି ନଷ୍ଟ ହୋଇନାହିଁ। ବାତ୍ୟା ପରେ କୁଜଙ୍ଗ ଓ ତିର୍ତ୍ତୋଲର କିଛି ଚାଷ ଜମିରେ ପାଣି ଜମିଥିଲା। ଶନିବାର ଏହି ପାଣି ଗଡିଯାଇଥିବା କୃଷି ଅଧିକାରୀ ସୂଚନା ଦେଇଥିଲେ। ସେହିପରି ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ ପକ୍ଷରୁ ମଧ ବାତ୍ୟାଜନିତ କ୍ଷୟକ୍ଷତି ଶୂନ୍ୟ ବୋଲି ସୂଚନା ଦିଆଯାଇଛି। କୌଣସି ଲୋକ ମୃତାହତ ହୋଇନାହାନ୍ତି। ପାରାଦୀପ ପୌରାଞ୍ଚଳ ଓ କୁଜଙ୍ଗର କିଛି ସ୍ଥାନରେ ଭାଙ୍ଗି ଯାଇଥିବା ଗଛ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା କଟାଯାଇ ରାସ୍ତା ସଫା କରାଯାଇଛି। ବାତ୍ୟା ପ୍ରଭାବରେ କୌଣସି ଘର କ୍ଷତିଗ୍ରସ୍ତ ହୋଇ ନାହିଁ। ଜରୁରୀ ବିଭାଗ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରୁ ଶନିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାତ୍ୟା ପ୍ରଭାବରେ ଜିଲାରେ ବର୍ଷାର ପରିମାଣ ୨୫୪.୩ ମି.ମି. ରହିଥିଲା। କୁଜଙ୍ଗ ବ୍ଲକରେ ସର୍ବାଧିକ ୬୨ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ନାଉଗାଁରେ ସର୍ବନିମ୍ନ ୮ ମି.ମି. ବର୍ଷା ହୋଇଛି। ଅନ୍ୟ ବ୍ଲକଗୁଡ଼ିକରେ ଯଥାକ୍ରମେ ବାଲିକୁଦା ୩୫ମି.ମି., ଏରସମା ୩୩ ମି.ମି., ରଘୁନାଥପୁର ୩୨ମି.ମି., ତିର୍ତ୍ତୋଲ ୨୫ମି.ମି., ଜଗତ୍‌ସିଂହପୁର ୨୪ମି.ମି., ବିରିଡି ୨୧ମି.ମି. ଏବଂ ପାରାଦୀପ ପୌରାଞ୍ଚଳରେ ୧୪.୩ ମି.ମି. ବର୍ଷା ହୋଇଛି। ଜିଲାର ହାରାହାରି ବୃଷ୍ଟିପାତ ୨୮.୨୫ ମି.ମି. ରହିଥିବା ଜଣାଯାଇଛି।

# ଆଳୁ ଗୋଦାମ, ପରିବା ଦୋକାନରେ ଚଢ଼ାଉ

ଜଗତ୍‌ସିଂହପୁର, ୨୬।୧୦
(ପ୍ରମୋଦ କୁମାର ନାୟକ)



ଯୋଗାଣ ବିଭାଗ ପକ୍ଷରୁ ପରିବା ଦୋକାନ ଉପରେ ଚଢ଼ାଉ କରାଯାଉଛି।

ବାତ୍ୟା ଦାନା ଦୁର୍ବଳ ହୋଇଥିଲେ ସୁଦ୍ଧା ଜଗତ୍‌ସିଂହପୁର ଜିଲାରେ ପରିବା ଦର କମିବାର ନାଁ ନେଉନାହିଁ। ବିଶେଷକରି ଆଳୁ ଓ ପିଆଜ ଦର ବୃଦ୍ଧି ଆଶଙ୍କାରେ ଜିଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ବିଭାଗ, ଜିଲା ବୈଧ ଓଜନ ଓ ମାପ ବିଭାଗର ମିଳିତ ସହଯୋଗରେ ଶନିବାର ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସହକାରୀ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ଯୋଗାଣ ନିରୀକ୍ଷକ ବାବୁଲାଲ ବାରିକ, ବିପ୍ଣଣୀ ଗୁପ୍ତ ବାର୍ତ୍ତା ନିରୀକ୍ଷକ (ଏମ୍‌ଆଇଆଇ) ପ୍ରିୟମ୍ବଦା ଦାସ, ଜିଲା ବୈଧ ଓଜନ ଓ ମାପ ବିଭାଗର ରଞ୍ଜନ କୁମାର ଜେନା ଓ ସୁଧୀର କୁମାର ଦାସ ପ୍ରମୁଖ ମିଳିତଭାବେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ପ୍ରଥମେ ଜଗତ୍‌ସିଂହପୁର ସୋମନାଥ ହାଟରେ

**୮ ହଜାର ଟଙ୍କା ଜରିମାନା ଆଦାୟ**

ଟିମ୍ ପହଞ୍ଚି ଖୁଚୁରା ଦୋକାନଗୁଡ଼ିକରେ ଚଢାଉ କରିଥିଲା। ଏହି ଅବସରରେ ବଟକରା ଓ ଇଲେକ୍ଟ୍ରୋନିକ୍ ଓଜନ ମେଶିନ୍ ଆଦି ଯାଞ୍ଚ କରାଯାଇଥିଲା। ଆଳୁ, ପିଆଜ ବିକ୍ରି କରୁଥିବା ଜଣେ ଦୋକାନୀଙ୍କ ବଟକରାରେ ଷ୍ଟାମ୍ପ ନ ଥିବାରୁ ତାଙ୍କ ଉପରେ ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ସେହିପରି ଜଣେ ପରିବା ଦୋକାନୀ ଇଲେକ୍ଟ୍ରୋନିକ ଓଜନ ମେଶିନ୍ ବ୍ୟବହାର କରୁଥିବାବେଳେ ସେଥିରେ ମଧ ଷ୍ଟାମ୍ପିଂ କରାଯାଇ ନ ଥିବାରୁ ୫୦୦ ଟଙ୍କା ଜରିମାନା ହୋଇଥିଲା। ଏହାପରେ ଉକ୍ତ ଟିମ୍ ରଘୁନାଥପୁର ଯାଇ ସେଠାରେ ସୌମ୍ୟ ଟ୍ରେଡର୍ସର ଆଳୁ ଗୋଦାମ ଉପରେ ଚଢାଉ କରିଥିଲା। ସେଠାରେ ୨ଟି ବଡ ଇଲେକ୍ଟ୍ରୋନିକ ଓଜନ ମେଶିନରେ ଷ୍ଟାମ୍ପିଂ ହୋଇ ନ ଥିବା ଦେଖି ବିସ୍ମିତ ହେବା ସହ ୩,୫୦୦ ହିସାବରେ ମୋଟ ୭,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଜିଲାସ୍ତରୀୟ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୬।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଚେସ୍ ସଚେତନତା ଓ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ରଞ୍ଜିତରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଏହ ଉତ୍ସବରେ ଓଡ଼ିଶାର ସର୍ବକନିଷ୍ଠ ଆନ୍ତର୍ଜାତୀୟ ଚେସ ମାଷ୍ଟର ରାକେଶ ଜେନା, ଜାତୀୟ ପ୍ରଶିକ୍ଷକ ଏସ. ସତ୍ୟକାମ, ଆନ୍ତର୍ଜାତୀୟ ଆରବିଟର ତଥା ଜିଲା ଚେସ୍ ଆସୋସିଏଶନ୍‌ର ସମ୍ପାଦକ ଭବେଶ ମହାନ୍ତି, ଅଧାପିକା ଡ. ପଦ୍ମଜା କବିଶତପଥୀ, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ, ଉପସଭାପତି ଧରଣୀଧର ସେଠୀ ଓ ଲଲାଟକେଶରୀ ସାମଲ, କମିଟି ସଦସ୍ୟ ହିମାଂଶୁ ଶେଖର ନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ନେହେରୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅପରାହ୍ନର ଉଦଯାପନୀ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ସାହୁ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳକୁ ନ ନେବାରୁ ଉତ୍ତେଜନା

**ଥାନାରେ ପୃଥକ୍ ଅଭିଯୋଗ**

**ନାଉଗାଁ,୨୬।୧୦(ସୁଧା ବେହୁରା):** ବାତ୍ୟା 'ଦାନା'କୁ ନେଇ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇଥିଲା। ବାତ୍ୟାକୁ ତଳିଆ ତଥା ଅସୁରକ୍ଷିତ ଅବସ୍ଥାରେ ଥିବା ଜନସାଧାରଣଙ୍କୁ ଏଠାରେ ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ନାଉଗାଁ ଥାନା ଅନ୍ତର୍ଗତ ଡେରିକି ପଞ୍ଚାୟତରେ ଗଙ୍ଗଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚାୟତର ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଖୋଲାଯାଇଥିଲା। କିନ୍ତୁ ଏହି ପଞ୍ଚାୟତରେ ଅସୁରକ୍ଷିତ ଅବସ୍ଥାରେ ଥିବା ଜଣେ ବ୍ୟକ୍ତିଙ୍କୁ ଆଶ୍ରୟସ୍ଥଳକୁ ନିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ବାତ୍ୟା ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଅସୁରକ୍ଷିତ ଅବସ୍ଥାରେ ଥିବା ଚିତ୍ତ ଜେନା ଓ ଓାର୍ଡ ସଭ୍ୟା ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ଉଭୟ ପକ୍ଷରୁ ନାଉଗାଁ ଥାନାରେ ପୃଥକ ଭାବେ ଅଭିଯୋଗ କରାଯାଇଛି।

ଚିତ୍ତଙ୍କ ଅଭିଯୋଗ ଅନୁଯାୟୀ, ସେ ଅସୁରକ୍ଷିତ ଅବସ୍ଥାରେ ରହିଥିଲେ ସୁଦ୍ଧା ତାଙ୍କ ଓାର୍ଡ ସଭ୍ୟା ତାଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ନେଇ ନ ଥିଲେ। ବାତ୍ୟା ଯୋଗୁ ସେ ଭୟଭୀତ ଅବସ୍ଥାରେ ଅନ୍ୟ ଏକ ସ୍ଥାନରେ ରହିଥିଲେ। ବାତ୍ୟା ପରଦିନ ଅର୍ଥାତ ଶୁକ୍ରବାର ପଞ୍ଚାୟତରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳକୁ ଶୁଖିଲା ଖାଦ୍ୟ ପାଇଁ ଯାଇଥିବାବେଳେ ତାଙ୍କ ନାମ ପଞ୍ଜୀକୃତ ହୋଇ ନ ଥିବା କହି ଫେରାଇ ଦିଆଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ଥାନା (ନଂ.୨୮୦/୨୪)ରେ ମାମଲା ରୁଜୁ କରାଯାଇଛି। ସେହିପରି ଓାର୍ଡସଭ୍ୟା ବନିତା ମହାନ୍ତିଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ପ୍ରଭାତ ମହାନ୍ତି ଓ ଚିତ୍ତ ଜେନାଙ୍କ ମଧ୍ୟରେ ପୂର୍ବରୁ ମନୋମାଳିନ୍ୟ ଥିଲା। ବାତ୍ୟା ଆଶ୍ରୟସ୍ଥଳକୁ ନେଇ ସ୍ୱାମୀ ପ୍ରଭାତଙ୍କୁ ଚିତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୨୮୨/୨୪) ରୁଜୁ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।


**OFFICE OF THE MUNICIPAL COUNCIL, SONEPUR** No.C-843

**"e" Procurement Notice**

**BID Identification No. : SNP-MUN-27/2024-25**
**TENDER ID : 2024_ORULB_105967**
**Tender Call Notice No. 3861 / Date : 23.10.2024**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | As per DTCN |
| 2 | No. of works | : | 13 Nos. |
| 3 | Amount put to Tender | : | As per DTCN |
| 4 | Period of Completion | : | As per DTCN |
| 5 | Starting Date & Time of Bidding | : | From Dt. 24.10.2024 from 11.00 A.M. |
| 6 | Last Date & Time for Receipt of tenders through online | : | On or before Dt. 05.11.2024 up to 05.00 P.M. |
| 7 | Bids received online shall be opened on | : | On Dt. 06.11.2024 at 11.00 A.M. |
| 8 | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Sonepur Municipality
OIPR-13098/11/0016/2425

WATCO NO. C-833
**OFFICE OF THE GENERAL MANAGER WATCO DIVISION-II, BHUBANESWAR**
Near Rajiv Bhawan, Unit-V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
**INVITATION FOR BIDS (IFB)**
**Dtd.24.10.2024**

01. Name of the Work : Laying of distribution W/S pipe line in Lane-II area of Gangotri Nagar, Bhubaneswar
02. Estimate Cost : Rs.68.32 Lakhs
03. Period of Completion : 2 (Two) Months
04. Class of Contractor : B Class
05. Date & Time of availability of bid document in the portal : From 11.00 A.M. of Dt.28.10.24 to 5.00 P.M. of 11.11.2024
06. Last date/time of receipt of bids in the portal : 5.00 P.M. of 11.11.2024
07. Last date & time of seeking clarification : 5.00 P.M. of 01.11.2024
08. Date & time of opening of bids : At 12.30 P.M. of 12.11.2024
09. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal **"https://www.tendersorissa.gov.in"**.

Sd./- General Manager
OIPR-13089/11/0010/2425 WATCO Division-II, Bhubaneswar

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 08/2024-25**
E-mail Id: sedklpwd@gmail.com
Letter No. 2101 Dt.18.10.2024

No. B-473: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for Road works as detailed below:

1. Name of the work : Road Works
2. No. of works : 06 (Six) Nos.
3. Estimated Cost : Rs.1.80 Crore to Rs.7.03 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A' & 'Special' Class (as given in Column No. 07 of table)
6. Period of Completion of work : 05 (Five) to 09 (Nine) Months (as given in Column No. 08 of table)
7. Date and time of availability of bid document in the website : From Dt.29.10.2024 to 5.00 P.M. of Dt.12.11.2024
8. Date of opening of bid : Dt.13.11.2024 at 11.00 A.M.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0016/2425

**ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେଶନ୍ ଲିଃ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର, ୩ୟ ମହଲା, ଦୀନଦୟାଳ ଭବନ, ଜନପଥ, ଭୁବନେଶ୍ୱର - ୭୫୧୦୦୯, ମେଲ୍- bbro@hudco.org
hudco A NAVRATNA CPSE

**ବିଡ୍ ଆମନ୍ତ୍ରଣ**
**ଜିଇଏମ୍ ବିଡ୍ ନଂ. GEM/2024/B/5548445**

୪ର୍ଥ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର–୭୫୧୦୦୯ର ଅଟକଳ ମୂଲ୍ୟ ଟ.୧୧,୬୪,୬୦୮/– ରେ ମରାମତି ଏବଂ ନବୀକରଣ ପାଇଁ ଏଜେନ୍ସି/କଣ୍ଟ୍ରାକ୍ଟରମାନଙ୍କଠାରୁ ଜିଇଏମ୍ ମାଧମରେ ବିଡ୍ ଆହ୍ୱାନ କରାଯାଉଛି ।
ଅଧିକ ବିବରଣୀ ପାଇଁ ହୁଡ୍‌କୋ ୱେବ୍‌ସାଇଟ୍ www.hudco.org ଏବଂ ଜିଇଏମ୍ ପୋର୍ଟାଲ୍ ପରିଦର୍ଶନ କରନ୍ତୁ । ବିଡ୍ କେବଳ ଜିଇଏମ୍ ପୋର୍ଟାଲ୍ ଜରିଆରେ ଗ୍ରହଣ କରାଯିବ ।

ସ୍ୱା./- ଆଞ୍ଚଳିକ ମୁଖ୍ୟ,
ହୁଡ୍‌କୋ- ଭୁବନେଶ୍ୱର

ORMAS
(Odisha Rural Development and Marketing Society)
Panchayati Raj and Drinking Water Department
Tel : 06724-231752
Fax : 06724-231752
(URL : www.ormas.org)
E-mail : dsmsjagatsinghpur@gmail.com

**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parisad, JAGATSINGHPUR, SANRA, NALIBAR-754104**
**Letter No. 339/Dt.26.10.2024**
**TENDER NOTICE**

Sealed tenders are invited from reputed from Firms/Agencies/Organization etc for different works like **Tentage and Allied works, Security Services, Still Photography and Videography, Printing Works/Advertisement Hording** for the State level Pallishree Mela-2024 to be held at Kalinga Baliyatra Ground, Paradeep. The engagement of Firms/Agencies/Organization shall be made through tender Systems.
The tender papers along with the details specification and eligibility criteria of the above works will be available in the office of ORMAS, Jagatsinghpur, C/o-Zilla Parisad, Jagatsinghpur upto **4th Nov, 2024 by 12:00 P.M.** or Tender paper can be downloaded from website - https://jagatsinghpur.odisha.gov.in. The sealed tenders will be received in Dy. CEO, ORMAS, Jagatsinghpur office **Drop Box latest by 12:00 PM of 4th November, 2024**. The tenders will be opened in the office chamber of CDO-cum-EO, ZP, Jagatsinghpur Office on the **same day at 4:00 P.M.** in the presence of the Bidders or their authorized representatives.
The undersigned reserves the right to accept or reject any or all the tenders without assigning any reason thereof

Sd/- CDO-cum-EO, ZP
Jagatsinghpur

**ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା।**
ନଂ. ୨୯୮୧ **ବିଜ୍ଞାପନ** ତା୨୫।୧୦।୨୦୨୪

No. C-899: ଏତଦ୍ୱାରା ପରିଷଦ ଅଞ୍ଚଳର ଜନସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ପରିଷଦର ନିମ୍ନଲିଖିତ ପାଞ୍ଚ ଗୋଟି ମାଛଚାଷ ପୋଖରୀ ଓ ଏକ ଗୋଟି କାଞ୍ଜିଆହୋଦାର ଆସନ୍ତା ତା୧୧।୧୧।୨୦୨୪ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ନିଲାମ ଡାକ ଅନୁଷ୍ଠିତ ହେବ। ଉକ୍ତ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଅମାନତ ଅର୍ଥ ପୈଠ କରି ନିଲାମ ଡାକି ପାରିବେ। ବିନା ଅମାନତରେ ପ୍ରକାଶ୍ୟ ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ ନାହିଁ।

| କ୍ର.ନଂ. | ସମ୍ପତ୍ତିର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଅର୍ଥ ୧୦ ପ୍ରତିଶତ | ଲିଜ୍‌ର ଅବଧି |
|---|---|---|---|---|
| ୧ | ଖଲିଆ ବନ୍ଧ, ବଗାତ | ଟ.୩୮,୦୬୦.୦୦ | ଟ.୩୮୦୬.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୨ | ବଟକଟା ସାଗର, ବୋରିଙ୍ଗପଦର | ଟ.୪,୬୩,୧୦୦.୦୦ | ଟ.୪୬,୩୧୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୩ | କୁନାବନ୍ଧ, ବୋରିଙ୍ଗପଦର | ଟ.୧୪,୩୦୦.୦୦ | ଟ.୧୪୩୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୪ | ଅଲେଖ ବନ୍ଧ, ବୋରିଙ୍ଗପଦର | ଟ.୩୨,୨୩୦.୦୦ | ଟ.୩୨୨୩.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୫ | ନିମୁହିଁ ବନ୍ଧ, ବୋରିଙ୍ଗପଦର | ଟ.୧୮,୭୦୦.୦୦ | ଟ.୧୮୭୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |
| ୬ | କାଞ୍ଜିଆହୋଦା, ବୋରିଙ୍ଗପଦର | ଟ.୭୦୦୦.୦୦ | ଟ.୭୦୦.୦୦ | ତା୧୫।୧୧।୨୦୨୪ଠାରୁ ତା୩୧।୧୦।୨୦୨୭ ପର୍ଯ୍ୟନ୍ତ |

ଲିଜ୍ ଟେଣ୍ଡର ସମ୍ବନ୍ଧୀୟ ବିବରଣୀ/ସୂଚନା ଏନ୍.ଏ.ସି. କାର୍ଯ୍ୟାଳୟର ୱେବ୍‌ସାଇଟ୍ **http://www.nac-kesinga.in**ରେ ଉପଲବ୍ଧ ହେବ।
OIPR-13109/11/0010/2425 Sd./- Executive Officer, N.A.C., Kesinga

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING), PANTHANIVAS (OLD BLOCK), LEWIS ROAD, BHUBANESWAR - 14
E-mail: se.otdc@gmail.com
Letter No. 1419 **NOTICE INVITATION FOR BIDS (NIFB)** Date: 25.10.2024
No. CAD-1466 **E-Procurement Notice No. BP-I/08/2024-25 Dt.25.10.2024**

1. Nature of Work : Display of Temporary Hoardings in prominent Locations of the State for promotion of Eco-Retreat 2024-25.
2. Total No. of Works : 01 No.
3. Value of Works : Rs.26,72,000/-
4. Bid Security : As per NIT
5. Class of Contractor : As per NIT
6. Period of Completion : 03 (Three) Calendar Months
7. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of opening of Tender |
|---|---|---|---|---|
| | | From | To | |
| Superintending Engineer, OTDC Ltd., Bhubaneswar | BP-IV/08/2024-25 Dt.25.10.2024 | 28.10.2024 | 06.11.2024 | 11.00 hours of Dt.07.11.2024 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website: **www.tendersodisha.gov.in**.
OIPR-37002/11/0030/2425 Sd./- A.K. Sahoo, Superintending Engineer, O.T.D.C. Ltd., BBSR

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
Mob - 9437018866, e-mail id - dfo.sambalpur@odisha.gov.in
Notice No. 5607 Dated - 25.10.2024
**Tender Call Notice for "Supply of Monthly Medicines for Mobile Veterinary Unit, Sambalpur Forest Division for the year 2024-25**

**No.MM-210 :** Sambalpur Forest Division is inviting sealed tender for the supply of Veterinary/Human Medicines and Surgical equipment accessories on monthly basis for the financial year 2024-25 from reputed Distributor/Stockist/Farms for use in the Mobile Veterinary Unit of Sambalpur Forest Division for treatment of wild animals / cattle / domesticated Animal / Reptiles etc. on terms and conditions mentioned in the standard bidding documents so as to reach in the O/o. DFO, Sambalpur on or before 12.11.2024 up to 05.00 P.M. through Registered/Speed Post/Courier Service and can also be dropped in Tender Box placed in Office of the Divisional Forest Officer, Sambalpur Forest Division. The tenders will be opened on dtd. 13.11.2024 at 11.00 A.M. in the O/o. the divisional Forest Officer, Sambalpur Forest Division. The standard bidding documents and terms and conditions can be downloaded from www.sambalpur.nic.in/www.odishaforest.in/www.dfosambalpur.in and also can be obtained from Office of the Divisional Forest Officer, Sambalpur Forest Division from 28.10.2024 to 12.11.2024 during office hours. Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

Sd./- (Tender Calling Authority)
Divisional Forest Officer,
Sambalpur Forest Division
OIPR-08104/11/0005/2425

# ୨୧,୭୦୯ ହେକ୍ଟର ଫସଲ ଉଜାଡ଼ିଲା ଦାନା


ବାତ୍ୟା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ ।


ବାତ୍ୟାରେ ଏକ କଚ୍ଚା ଘର କାନ୍ଥ ଭୁଶୁଡ଼ି ପଡିଛି ।

**ଯାଜପୁର,୨୬।୧୦(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଚାଷୀ ନିୟମିତ ବ୍ୟବଧାନରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆର୍ଥିକ କ୍ଷେତ୍ରରେ ତଳିତଳାନ୍ତ ହୋଇପଡ଼ିଛନ୍ତି। ବାତ୍ୟା 'ଦାନା' ଚାଷୀଙ୍କ ଦାନାକୁ ଛଡ଼େଇ ନେଇଛି। ସରକାରୀ ଭାବେ ମିଳିଥିବା ରିପୋର୍ଟ ଅନୁସାରେ ଶନିବାର ଅପରାହ୍ଣ ସୁଦ୍ଧା ଜିଲାର ୨୧,୭୦୯ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଛି। ତନ୍ମଧ୍ୟରୁ ୧୫,୨୭୩ ହେକ୍ଟର ଧାନ ଫସଲ, ୬୦୯୬ ହେକ୍ଟର ଅଣଧାନ ଫସଲ ଏବଂ ୩୪୦ ହେକ୍ଟର ପନିପରିବା ରହିଛି। ଧାନ ସହ ପନିପରିବା ଚାଷ କରି ବିଗତ ବର୍ଷଗୁଡ଼ିକରେ ହୋଇଥିବା କ୍ଷୟକ୍ଷତିର ଭରଣା ପାଇଁ ଉଦ୍ୟମ କରିଥିବା ଚାଷୀଙ୍କ ମେରୁଦଣ୍ଡ ବାତ୍ୟାରେ ଦୋହଲିଯାଇଛି। ଫୁଲ ଓ ବନ୍ଧାକୋବି, ବାଇଗଣ, ଟମାଟୋ, ବିନ୍, ଝୁଡଙ୍ଗ, ଶାଗ, କାକୁଡି ଆଦି ଫସଲ ପାଣି ଘେରରେ ରହିଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଶନିବାର ଆଭାସୀ ମାଧ୍ୟମରେ ସମସ୍ତ ବିଡିଓ, ତହସିଲଦାର ଓ କ୍ଷେତ୍ରୀୟ ଅଧିକାରୀମାନଙ୍କ ସହିତ ବାତ୍ୟା ଜନିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଶ୍ରୟସ୍ଥଳରେ ଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଘର ଅବସ୍ଥା ଖରାପ ଅଛି, ସେମାନଙ୍କୁ ୭ ଦିନ ପର୍ଯ୍ୟନ୍ତ ଆଶ୍ରୟ ଦେଇ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। ଏ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କ୍ଷେତ୍ରୀୟ ଅଧିକାରୀ ଓ କର୍ମଚାରୀମାନେ ଅଞ୍ଚଳ ଗସ୍ତ କରି ପ୍ରକୃତ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଯାଜପୁର ଜିଲା

ବାତ୍ୟା ପ୍ରଭାବରେ ଜିଲାର ୧୦ ବ୍ଲକ ଅଧୀନ ୩୧୧ ପଞ୍ଚାୟତର ୧,୨୧୧ ଗ୍ରାମର ୫୮,୭୧୦ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୬,୯୬୮ ଜଣ ବୟସ୍କ ଏବଂ ୧୧,୭୪୨ ଜଣ ଶିଶୁ ରହିଛନ୍ତି। ୬୧୪ଟି ରିଲିଫ ସେଣ୍ଟର୍‌ରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। ୪ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ଦିଆଯିବାକୁ ଅନୁମୋଦନ ହୋଇଛି। କୌଣସି ଲୋକ ମୃତାହତ ହୋଇ ନ ଥିବାବେଳେ ୧୫ ସ୍ଥାନରେ ଗଛ ଭାଙ୍ଗିପଡ଼ିଛି। ୫୮୭୭ ଗୋରୁ ଓ ଗୃହପାଳିତ ପକ୍ଷୀ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୨୭୦ ବଡ଼ ପ୍ରାଣୀ,୧୬୦୭ କ୍ଷୁଦ୍ର ପ୍ରାଣୀ ଓ ୨୦୦୦ ଗୃହପାଳିତ ପକ୍ଷୀ ଅଛନ୍ତି। ୮୩୧ ପ୍ରାଣୀ ମୃତାହତ ହୋଇ ଥିବାବେଳେ ତନ୍ମଧ୍ୟରୁ ଗୋଟିଏ କ୍ଷୁଦ୍ର ପ୍ରାଣୀ ଓ ୮୩୦ ଗୃହପାଳିତ ପକ୍ଷୀ ଅଛନ୍ତି। ସମୁଦାୟ ୧୨୧୪ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥିରୁ ୮୭୬ଟି କଚ୍ଚାଘର ଆଂଶିକ, ୩୮ଟି କଚ୍ଚାଘର ଅଧିକ କ୍ଷତିଗ୍ରସ୍ତ, ୨ଟି କଚ୍ଚାଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୪୦ କୁଡ଼ିଆ ଘର ଏବଂ ୨୫୮ ଗାଇ ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଶନିବାର ମଧ୍ୟାହ୍ନ ସୁଦ୍ଧା ସୂଚନା ଅନୁଯାୟୀ ୫୨ କୁଇଣ୍ଟାଲ ଚୂଡ଼ା, ୧.୩ କୁଇଣ୍ଟାଲ ଗୁଡ଼, ୫୦ଟି ପଲିଥିନ ରୋଲ ବଣ୍ଟନ କରାଯାଇଛି। ଜିଲାରେ ୨୦ଟି ମେଡିକାଲ ଟିମ୍ ଓ ୧୦ଟି ପ୍ରାଣୀ ସମ୍ପଦ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି। ବର୍ଷାର ପରିମାଣ ଯାଜପୁର ବ୍ଲକରେ ୧୪୩ ମିମି, ବିଞ୍ଝାରପୁରରେ ୧୧୦ ମିମି, ଦଶରଥପୁରରେ ୧୯୬ ମିମି, ଦାନଗଦିରେ ୫୬.୮ ମିମି, ରସୁଲପୁରରେ ୪୮.୬ ମିମି, ଧର୍ମଶାଳାରେ ୭୬.୩ ମିମି, ବଡ଼ଚଣାରେ ୬୫ ମିମି, ବରୀରେ ୧୪୫.୮ ମିମି, କୋରେଇରେ ୫୯.୬ ମିମି ଏବଂ ସୁକିନ୍ଦା ବ୍ଲକରେ ୫୪.୩ ମିମି ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶିବରାମ


@ କାହ୍ନା


@ ମୃଣାଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ବିଜୟୀ


କବାଡ଼ି ମ୍ୟାଚରେ ଭାଗନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ ।

### ବନ୍ଧୁତ୍ୱପୂର୍ଣ୍ଣ ମହିଳା କବାଡ଼ି

**ଯାଜପୁରରୋଡ୍,୨୬।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଖେଳପଡ଼ିଆଠାରେ ବନ୍ଧୁତ୍ୱପୂର୍ଣ୍ଣ ମହିଳା କବାଡି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବ୍ୟାସନଗରକୁ ୪୪ ପଏଣ୍ଟ ମିଳିଥିଲାବେଳେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ୫୬ ପଏଣ୍ଟ ପାଇ ବିଜୟୀ ହୋଇଛି। ଖେଳକୁ ଅମ୍ପାୟାରଭାବେ ଜୟୀରାମ ମାଝୀ ଓ ରମେଶଚନ୍ଦ୍ର ପଣ୍ଡା, ସହଯୋଗୀ ଭାବେ ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ଦାସ, ବ୍ୟାସନଗର ମହାବିଦ୍ୟାଳୟ କ୍ରୀଡ଼ାଶିକ୍ଷକ ନିରଞ୍ଜନ ପୃଷ୍ଟି, ସ୍କୋରରଭାବେ ଅଧ୍ୟାପକ ଅରୁଣ ମିଶ୍ର, ପ୍ରଶାନ୍ତ ରାଉତ, ମଳୟ ମଲ୍ଲିକ, ପଦ୍ମଭୂଷଣ ରାଉତରାୟ, ଲିପ୍ସା ମିଶ୍ର ଓ ସୁଚିସ୍ମିତା ବେହେରା ପରିଚାଳନା କରିଥିଲେ। ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ରୋଜାଲିନା ମହାନ୍ତି, ଯଜ୍ଞେଶରୀ ପଲେଇ, ତାରିଣୀତନୟା ସର, ଝୁନୁମଣୀ ଜେନା ଓ ବବିତା ନାୟକ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ମହିଳା ମହାବିଦ୍ୟାଳୟ ବିଜେତା କପ ଓ ଉପବିଜେତା ବ୍ୟାସନଗର ମହାବିଦ୍ୟାଳୟକୁ ରନର୍ସ କପ ପ୍ରଦାନ କରାଯାଇଥିଲା।

## ସ୍ଥିତି ଅନୁଧ୍ୟାନ କଲେ ହାଇକୋର୍ଟ ବିଚାରପତି

**ରାଜନଗର,୨୬।୧୦(ଭାସ୍କର ରାଉତରାୟ):**

ବାତ୍ୟା 'ଦାନା' କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଅଧିକ କ୍ଷୟକ୍ଷତି କରିଛି। ଶନିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ସଙ୍ଗମ କୁମାର ସାହୁ ବାତ୍ୟା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିଚାରପତି ଡାଙ୍ଗମାଳ ଓ ତାଳଚୁଆ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ବିପନ୍ନ ଲୋକଙ୍କ ସହ କଥା ହୋଇଥିଲେ। କେବେଠାରୁ ବିପନ୍ନମାନେ ଆଶ୍ରୟସ୍ଥଳକୁ ଆସିଲେଣି, ତାଙ୍କୁ ଆଶ୍ରୟସ୍ଥଳରେ ଖାଇବାକୁ କେତେବେଳେ କ'ଣ ଦିଆଯାଉଛି, ସେ ନେଇ ପଚାରି ବୁଝିଥିଲେ। ତାଳଚୁଆ ଆଶ୍ରୟସ୍ଥଳରେ ବିପନ୍ନଙ୍କୁ ଭାତ ଓ ମାଛ ଘାଣ୍ଟ ପରସା ଯାଉଥିବା ଦେଖିଥିଲେ। ଆପଣମାନଙ୍କର ଯାହା ଅସୁବିଧା ଅଛି ସରକାର ତାହା ପୂରଣ କରିବେ। ଆପଣମାନେ ଆପଣଙ୍କ ଅସୁବିଧା ଜିଲା ଲିଗାଲ ସର୍ଭିସ ଅଥରିଟିଙ୍କୁ ଜଣାଇବାକୁ କହିଥିଲେ। ବିଚାରପତିଙ୍କ ସହିତ କେନ୍ଦ୍ରାପଡା ଜିଲା ଜଜ ବିଶ୍ୱଜିତ ମହାନ୍ତି, କେନ୍ଦ୍ରାପଡ଼ା ରେଜିଷ୍ଟ୍ରାର ରମାଦେବୀ ସୋରେନ, ଜିଲା ଲିଗାଲ ସର୍ଭିସ ଅଥରିଟିର ସମ୍ପାଦକ ସୁମିତ୍ରା ସାହୁ, ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ସହିତ ସରକାରୀ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।


ବିଚାରପତି ସଙ୍ଗମ କୁମାର ସାହୁ ବାତ୍ୟା ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

## 'ଦାନା' ମୁକାବେଲାରେ ଅବହେଳା, ୩ ନିଲମ୍ବିତ

**ରାଜନଗର,୨୬।୧୦(ଭାସ୍କର ରାଉତରାୟ):**

ଶୁକ୍ରବାର ରାତିରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ୨୫ ତାରିଖରେ ଚିଠି ନଂ.୨୪୧୮ରେ ବାତ୍ୟା ଦାନା କାର୍ଯ୍ୟରେ ଅବହେଳା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ନିଲମ୍ବନ କରିଛନ୍ତି । ସେଠୀଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିବା ବେଳେ ଏବଂ ବିଡିଓ ସେଠୀଙ୍କ ସମ୍ପର୍କରେ କୌଣସି ଚିଠି ଜିଲା ପ୍ରଶାସନକୁ ଦେଇ ନ ଥିବା ବେଳେ କିପରି ନିଲମ୍ବନ ଆଦେଶ ବାହାରିଲା, ତାକୁ ନେଇ ସବୁ ମହଲରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ବିଡିଓ ନିଶାନ ମିଶ୍ରଙ୍କୁ ପଚାରିବାରୁ ବନ୍ଧପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ପ୍ରଧାନ ରୋଷେଇ କରି ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଁ ଜିଲାପାଳଙ୍କୁ ଚିଠି ଲେଖିଥିଲି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସେଠୀ ବାତ୍ୟାରେ ସବୁଠୁ ଅଧିକ ପରିଶ୍ରମ କରିଛନ୍ତି ଓ ଭଲ କାମ କରିଛନ୍ତି । ସେ କାହିଁକି ନିଲମ୍ବନ ହେଲେ ତା'ର କାରଣ ସେ ଜାଣି ନାହାନ୍ତି ବୋଲି କହିଛନ୍ତି । ଅନ୍ୟପକ୍ଷେ କାର୍ଯ୍ୟରେ ଅବହେଳା ପାଇଁ ବନ୍ଧପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ପ୍ରଧାନ ଓ ଗୁପ୍ତି ରାଜସ୍ୱ ନୀରିକ୍ଷକ ବିଜୟ କୁମାର ଜେନା ବାତ୍ୟା କାର୍ଯ୍ୟରେ ଅବହେଳା କରିଥିବାରୁ ଉଭୟଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି ।

## ବାତ୍ୟାରେ ଭାଙ୍ଗିଲା ବୃଦ୍ଧାଙ୍କ ଚାଳଘର



**ପାଣିକୋଇଲି,୨୬।୧୦(ବିକାଶ ମଲ୍ଲିକ):** ବାତ୍ୟା 'ଦାନା'ର ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ କୋରେଇ ବ୍ଲକ୍ ଅଧୀନ ପଥରପଦା ପଞ୍ଚାୟତ ଦାମୋଦରପୁର ଗ୍ରାମର ଚୁଇଁ ଦାଶ ନାମ୍ନୀ ବୃଦ୍ଧାଙ୍କ ଚାଳ ଘର କାନ୍ଥ ଭୁଶୁଡ଼ିପଡ଼ିଛି। ଫଳରେ ଚୁଇଁ ଓ ତାଙ୍କର ଝିଅ ନିକଟସ୍ଥ ଏକ ଠାକୁର ଘରେ ଆଶ୍ରୟ ନେଇଛନ୍ତି। ସ୍ୱର୍ଗତ ଗୋପୀନାଥ ଦାଶଙ୍କ ପତ୍ନୀ ଚୁଇଁ ଓ ତାଙ୍କ ବିବାହିତା ଝିଅ ଦମୟନ୍ତୀ ଏହି ଚାଳଘରେ ରହୁଥିଲେ। ଏ ସଂକ୍ରାନ୍ତରେ ଖବର ପାଇବା ପରେ ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ କୁମାର ମଲ୍ଲିକ ଓ କର୍ମଚାରୀ ସୁବାସ କୁମାର ସାହୁ ଆସି ତଦନ୍ତ କରିବା ସହ ସହାୟତା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ଲାଗି ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

## ଦାନା ଉଡ଼ାଇଲା ଛପର, ଭାଙ୍ଗିଲା ଘର

**ଝୁମ୍ପୁରୀ,୨୬।୧୦(ସରୋଜ ନାୟକ):**

ଦଶରଥପୁର ବ୍ଲକ୍‌ରେ ବାତ୍ୟା ଦାନା ପ୍ରକୋପ ଦେଖିବାକୁ ମିଳିଛି। ବ୍ଲକ୍‌ରେ ୬୦ରୁ୭୦ କିଲୋମିଟର ବେଗରେ ପବନହୋଇଥିବାବେଳେ ରେକର୍ଡ ପରିମାଣ ୧୦୦ରୁ ଉର୍ଦ୍ଧ୍ୱ ମିଲିମିଟର ବର୍ଷା ହୋଇଛି। ଫଳରେ ୫୦ରୁ ଅଧିକ ଗାଁ ଦାଣ୍ଡ ପାଣିରେ ବୁଡ଼ିଥିବାବେଳେ ତହସିଲ କାର୍ଯ୍ୟାଳୟ ପରିସରରେ ୩ ଫୁଟ ଉଚ୍ଚର ପାଣି ଲହଡ଼ି ଭାଙ୍ଗୁଛି। ବ୍ଲକରେ ୩୫ ପଞ୍ଚାୟତର ୩୦୦ରୁ ଅଧିକ କଚାଘର ଛପର ଉଡ଼ିବା ସହ କାନ୍ଥ ଭୁଶୁଡ଼ି ମାଟିରେ ମିଶିଛି। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଧାନଜମି ଓ ୫୦ ହେକ୍ଟର ପରିବା ଚାଷ କ୍ଷତି ହୋଇଛି। ଶନିବାର ସନ୍ଧ୍ୟାସୁଦ୍ଧା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ରହିଥିବା ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକ ନିଜ ନିଜ ଘରକୁ ଫେରିଛନ୍ତି। କୟାଁ, ଦଉପୁର, ଖାନନଗର, ନିଜାମପୁର, ଦଶରଥପୁର ଜୟନ୍ତରା ଆଦି ପଞ୍ଚାୟତରେ ଅଧିକ କ୍ଷତି ହେଇଥିବା ସୂଚନା ମିଳିଛି। ବିଡିଓ ଆକାଶ ପଟ୍ଟନାୟକଙ୍କ ସହ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା ଓ ସମସ୍ତ କନିଷ୍ଠଯନ୍ତ୍ରୀ ଆଶ୍ରୟସ୍ଥଳରେ ପହଞ୍ଚି ଲୋକଙ୍କ ରହିବା ଖାଇବା ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କଚାଘର କ୍ଷତିଗ୍ରସ୍ତଙ୍କୁ ପାଲ ଯୋଗାଇ ଦେବା ନିମନ୍ତେ ତହସିଲ ପକ୍ଷରୁ ଉଦ୍ୟମ ଆରମ୍ଭ ହେଇଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଅଞ୍ଚଳରେ ସରକାରୀ ସହାୟତା ତୁରନ୍ତ ପହଞ୍ଚାଇବାକୁ ଲୋକେ ଦାବି କରିଛନ୍ତି।

### ପାଣିଘେରରେ ତହସିଲ କାର୍ଯ୍ୟାଳୟ




## ପବନ, ଜୁଆର ମାଡ଼ରେ ହବାଲିଖଟି ଛାରଖାର

### ବାତ୍ୟା 'ଦାନା'ର ତାଣ୍ଡବ

**ରାଜନଗର,୨୬।୧୦(ଭାସ୍କର ରାଉତରାୟ)**



ବାତ୍ୟା 'ଦାନା'ର ତାଣ୍ଡବରେ ବଙ୍ଗୋପସାଗର ତଟବର୍ତ୍ତୀ ଗହୀରମଥା ସନ୍ନିକଟରେ ପର୍ଯ୍ୟଟକମାନଙ୍କ ରାତ୍ରିଯାପନ ପାଇଁ ବନବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ନେଚର କ୍ୟାମ୍ପରେ ଥିବା କଟେଜଗୁଡିକ ଛାରଖାର ହୋଇଯାଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ ବାତ୍ୟା ଦାନା ହବାଲିଖଟିରେ ହିଁ ତା'ର ପ୍ରଥମ ତାଣ୍ଡବ ଆରମ୍ଭ କରିଥିଲା। ପ୍ରଚଣ୍ଡ ବେଗରେ ପବନ ସାଙ୍ଗକୁ ସାମୁଦ୍ରିକ ଜୁଆର ନେଚର କ୍ୟାମ୍ପକୁ ଏକପ୍ରକାର ମାଟିରେ ମିଶାଇ ଦେଇଥିଲା। ନେଚର କ୍ୟାମ୍ପରେ ନିର୍ମାଣ କରାଯାଇଥିବା କଟେଜଗୁଡିକ ଭାଙ୍ଗୁରୁଜି ଯିବା ସହିତ କଟେଜର ତଳୁ ୧୦ଫୁଟ ଉଚ୍ଚର ମାଟି ଧୋଇ ନେଇଯାଇଛି। କଟେଜର ଝରକା କବାଟଗୁଡିକୁ ମଧ୍ୟ ଭାଙ୍ଗି ଦେଇଛି। ହବାଲିଖଟିରେ ଥିବା ବିଭିନ୍ନ ଲୁଣାଜାତୀୟ ଗଛ ଭାଙ୍ଗି ଯାଇଛି। ସମୁଦ୍ର ପ୍ରାୟ ୧୫ ଫୁଟ ପର୍ଯ୍ୟନ୍ତ ନେଚର କ୍ୟାମ୍ପକୁ ଅତିକ୍ରମ କରିଛି। ଫଳରେ ସେଠାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ୱାଚଟାୱାର ବି କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ହବାଲିଖଟିରେ ସିଧାସଳଖ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ସେଠାରେ ଥିବା ନେଚର୍ସକ୍ୟାମ୍ପରେ କାର୍ଯ୍ୟରତ ବନକର୍ମଚାରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନରେ ବାତ୍ୟା ଦାନାର କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ୨୭ ଓ ୨୮ ଦୁଇଦିନ ଧରି ପର୍ଯ୍ୟଟକମାନଙ୍କ ପରିଭ୍ରମଣ ବନ୍ଦ ରଖାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଚାଲିଛି କ୍ଷୟକ୍ଷତି ଆକଳନ

ରାଜନଗରରେ ବାତ୍ୟା ଦାନା ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟା ଛାଡି ଯାଇଥିଲେ ମଧ୍ୟ ତାର ଛାପ ଛାଡି ଯାଇଛି। ବାତ୍ୟା ସମୟରେ ୧୩ ହଜାର ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଥିବା ବେଳେ ଏବେ ଲୋକମାନେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ବାତ୍ୟା ଛାଡିଥିଲେ ବି ବଗପାଟିଆ, ତାଳଚୁଆ, ରଙ୍ଗଣୀ ଓ ଡାଙ୍ଗମାଳ ଅଞ୍ଚଳରେ ପ୍ରାୟ ୨ ହଜାର ଲୋକଙ୍କୁ ଏବେ ବି ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ବିଡିଓ ନିଶାନ ମିଶ୍ର ସୂଚନା ଦେଇଛନ୍ତି । ପ୍ରାୟ ସବୁ ଅଞ୍ଚଳରୁ ରାସ୍ତା ଓ ଘର ଉପରେ ପଡିଥିବା ଗଛ କଟା କାମ ଶେଷ ହୋଇଛି। କ୍ଷୟକ୍ଷତିର ଆକଳନ କରାଯାଉଛି ବୋଲି ସେ କହିଛନ୍ତି। ରାଜସ୍ୱ ନିରୀକ୍ଷକମାନେ କେତେ ଘର ଭାଙ୍ଗିଛି, ଘର ସମ୍ପୂର୍ଣ୍ଣ ଭାଙ୍ଗିଛି ନା ଆଂଶିକ ଭାଙ୍ଗିଛି ସେ ନେଇ ଆକଳନ କରୁଛନ୍ତି । ରବିବାର ସୁଦ୍ଧା ଘରଭଙ୍ଗା ରିପୋର୍ଟ ଆସିବ ବୋଲି ତହସିଲଦାର ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପଲିଥିନ ପହଞ୍ଚିଛି। ଘରଭଙ୍ଗା ରିପୋର୍ଟ ଆସିବା ପରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପଲିଥିନ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି ।

# ଜେଲଗଲେ ୩ ବଳାତ୍କାରୀ


ଖବରଦାତା ସମ୍ମିଳନୀରେ ଗିରଫ ୩ ଅଭିଯୁକ୍ତ ।

ନୟାଗଡ଼/ଭାପୁର,୨୬।୧୦
(ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

## କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

- ୩ ମୋବାଇଲ, ଛୁରି, ୨ ହଜାର ଟଙ୍କା ଜବତ
- ପୋଲିସ ରିମାଣ୍ଡରେ ଆଣି କରିବ ଟିଆଇ ପରେଡ
- ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ନୟାଗଡ଼ ପୋଲିସ ଜିଲାର ଫତେଗଡ଼ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ପିଠାଖାଇ ସଂରକ୍ଷିତ ଜଙ୍ଗଲରେ ଜଣେ କଲେଜ ଛାତ୍ରୀ(୨୨)ଙ୍କୁ ଗଣ ବଳାତ୍କାର ଘଟଣାରେ ଅଟକ ଥିବା ୩ ଅଭିଯୁକ୍ତଙ୍କୁ ଶନିବାର ଭାପୁର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ପିଠାଖାଇର ବୁଲୁ ଲେଙ୍କା(୨୯), ଭାପୁର ତେଲିସାହିର ଗୌତମ ଓରଫ କାହ୍ନା ପ୍ରଧାନ(୨୨) ଓ ଭାପୁର ପାଇକସାହିର ପ୍ରିମାଂଶୁ ଶେଖର ଓରଫ ସିଲୁ ମାର୍ଥା (୨୨)ଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି । ୩ ଅଭିଯୁକ୍ତଙ୍କଠାରୁ ବଳାତ୍କାରର ଦୃଶ୍ୟ ରେକର୍ଡିଂ ହୋଇଥିବା ୩ଟି ମୋବାଇଲ ଫୋନ, ବ୍ୟବହୃତ ଛୁରି ଓ ୨ ହଜାର ଟଙ୍କା ଜବତ କରାଯାଇଛି । ଅନ୍ୟପକ୍ଷେ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଟିଆଇ ପରେଡ କରାଯିବ ବୋଲି ଏସ୍‌ପି ଏସ୍ ସୁଶ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହି ଗଣବଳାତ୍କାର ଘଟଣାରେ ନ୍ୟାଶନାଲ ହ୍ୟୁମାନ ରାଇଟ୍ସ କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା (ନଂ.୧୭୬୮/ଇନ୍/୨୬।୧୦।୨୦୨୪) ରୁଜୁ ହୋଇଛି । ପୀଡ଼ିତାଙ୍କୁ ଓଡ଼ିଶା ଭିକ୍ଟିମ୍ କମ୍ପେନସେସନ ସ୍କିମ୍ ୨୦୧୮ ଅନୁସାରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ । ଠିକ୍ ସମୟରେ ପୋଲିସ ଚାର୍ଜଶିଟ୍ ଦାଖଲ କରୁ ବୋଲି ଆବେଦନକାରୀ ପୁରୀର ଜୟନ୍ତ କୁମାର ଦାସ ଦାବି କରିଛନ୍ତି । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି । ପୀଡ଼ିତାଙ୍କ ଠିକ୍ ମେଡିକାଲ ରିପୋର୍ଟ ପ୍ରଦାନ ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ଫେରାଦ୍ ହୋଇଛନ୍ତି ।

ଫତେଗଡ଼ ଥାନାରେ ପୋଲିସ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି, ଗତ ୨୦ ତାରିଖରେ ଭାପୁର ଅଞ୍ଚଳର ଜଣେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହ ଫତେଗଡ଼ ରାମମନ୍ଦିର ଦର୍ଶନ କରିବାକୁ ଯାଇଥିଲେ । ଉଭୟେ ସନ୍ଧ୍ୟାରେ ଘରକୁ ବାଇକ୍‌ରେ ଫେରୁଥିଲେ । ଫେରିବାବେଳେ ରାସ୍ତାରେ ୩ଜଣ ଯୁବକ ସେମାନଙ୍କୁ ଛୁରି ଦେଖାଇ ଅଟକାଇ ଥିଲେ । ପରେ ଛାତ୍ରୀ ଓ ପୁରୁଷବନ୍ଧୁଙ୍କୁ ଧମକଚମକ ଦେଇ ରାସ୍ତାଠାରୁ ୨୦୦ ମିଟର ଦୂର ଜଙ୍ଗଲ ଭିତରକୁ ନେଇଯାଇଥିଲେ । ପୁରୁଷ ବନ୍ଧୁଙ୍କୁ ମାଡ଼ ମାରି ଏକ ଗଛରେ ବାନ୍ଧି ଦେଇଥିଲେ । ଏହାପରେ ଯୁବତୀଙ୍କୁ ଉଲଗ୍ନ କରି ଫଟୋ ଉଠାଇବା ସହ ଭିଡିଓ କରିଥିଲେ । ଏତିକିରେ କଥା ସରି ନ ଥିଲା । ଜଣକ ପରେ ଜଣେ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ । ବଳାତ୍କାର ପରେ ମଦ ପିଇବାକୁ ପୀଡ଼ିତାଙ୍କୁ ଛୁରି ଦେଖାଇ ୪୮ଶହ ଟଙ୍କା ଲୁଟି ନେଇଥିଲେ । ଘଟଣା ସମ୍ପର୍କରେ ଜଣାଇଲେ ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ପୀଡ଼ିତା ଘଟଣା ସମ୍ପର୍କରେ କାହାରିକୁ କହି ନ ଥିବାବେଳେ ଅଭିଯୁକ୍ତମାନେ ଭିଡିଓ ଭାଇରାଲ କରିଦେଇଥିଲେ । ପୀଡ଼ିତା ଜଣେ ସାଙ୍ଗଠାରୁ ଭାଇରାଲ ଭିଡିଓ ସମ୍ପର୍କରେ ଶୁଣି ଫତେଗଡ଼ ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ । ଅଭିଯୋଗର ୨୪ ଘଣ୍ଟା ଭିତରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରି ବଳାତ୍କାର ଘଟଣାର ରହସ୍ୟ ଉନ୍ମୋଚନ କରିଥିଲା । ପରବର୍ତ୍ତୀ ସମୟରେ ସାଇଣ୍ଟିଫିକ ଟିମ୍ ଯାଇ ପିଠାଖାଇ ଜଙ୍ଗଲରେ ତଦନ୍ତ କରିଥିଲା । ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି । ପୀଡ଼ିତାଙ୍କର କୋର୍ଟରେ ୱାନ ସିସି ବୟାନ ରେକର୍ଡ କରାଯାଇଛି ବୋଲି ଏସ୍‌ପି କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ ବାରିକ, ଆଇଆଇସି ପଞ୍ଚାନନ ପରିଡ଼ା, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ ପରିଡ଼ା, ସବ୍‌ଇନ୍ସପେକ୍ଟର ଅରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶିବରାମ


@ କାହ୍ନା


@ ମୃଣାଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।


## ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକ ହଟହଟା

ଖଣ୍ଡପଡ଼ା,୨୬।୧୦(ଅଜୟ କୁମାର ମହାରଣା)

### ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

ଖଣ୍ଡପଡ଼ାସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ପ୍ରତ୍ୟେହ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ଏଠାରେ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ ପାଇଁ ଏନଏସି ଓ କ୍ଷୁଦ୍ର ଜଳସେଚନ ବିଭାଗ କିଛି ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ମାତ୍ର ଅଦ୍ୟାବଧି ପର୍ଯ୍ୟଟନସ୍ଥଳୀ ପରିସରରେ ପାନୀୟ ଜଳ ଯୋଗାଣର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ନ ଥିବାରୁ ଦୈନିକ ସେଠାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟ ଜଳ ଯୋଗାଣ ପାଇଁ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି ମାତ୍ର ଟ୍ୟାପ ଲଗାଯାଇନାହିଁ । ସେହିପରି ପାଣି ଟାଙ୍କି ଛାତ ଉପରେ ସ୍ଥାପନ କରାଯାଇଛି । ମାତ୍ର ପାନୀୟ ଜଳ ଯୋଗାଣ ନିମନ୍ତେ ବୋରିଂ ପଏଣ୍ଟରୁ ବ୍ୟବସ୍ଥା କରାଯାଇ ନ ଥିବାରୁ ଷ୍ଟାଣ୍ଡପୋଷ୍ଟରେ ପାନୀୟ ଜଳ ଉପଲବ୍ଧ ହେଉନାହିଁ । ଗତ ୩ ବର୍ଷ ତଳେ ଜଳଯୋଗାଣ ନିମନ୍ତେ ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀ ପରିସରରେ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବରୁ ଜଳ ଯୋଗାଣ ବ୍ୟବସ୍ଥା ସମ୍ଭବ ନ ହେବା ଦୁଃଖର ବିଷୟ ବୋଲି ପର୍ଯ୍ୟଟକମାନେ କହିଛନ୍ତି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଏହାକୁ ନଜରରେ ରଖି ପାନୀୟ ଜଳର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି । ଅଭିଯୋଗ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କେନାଲ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ


ବିଧାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଖଣ୍ଡପଡ଼ା,୨୬।୧୦
(ଅଜୟ କୁମାର ମହାରଣା)

ଚାଷଜମିଗୁଡିକୁ କେନାଲ ଯୋଗେ ଜଳ ସେଚିତ ହେବାରେ ସମସ୍ୟା ହେଉଥିବାରୁ ଚାଷୀମାନେ ଜଳକର ଦେଇ ମଧ୍ୟ ଜମିକୁ ପାଣି ମାଡୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଥିଲା । ଏ ନେଇ ଖଣ୍ଡପଡ଼ା ଅଞ୍ଚଳର ଶତାଧିକ ଚାଷୀ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ସ୍ୱାଇଁ ଶନିବାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସୁନାମୁହିଁ, ସିଂଘାପଡାସ୍ଥିତ ମୋଡାନାଳ ଓ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ତତ୍‌ସଂଲଗ୍ନ କେନାଲଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଚାଷଜମିଗୁଡ଼ିକୁ ଜଳସେଚିତ କରିବାର ଲକ୍ଷ୍ୟ ନେଇ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଏକାଧିକ କେନାଲ ସ୍ଥାପନ କରାଯାଇଥିଲା । ମାତ୍ର କେନାଲଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇ ପଡିବା ପରେ ଜଳ ଭଣ୍ଡାରରୁ କେନାଲ ଯୋଗେ ଚାଷ ଜମିଗୁଡ଼ିକୁ ଜଳ ଯୋଗାଣ ଆଉ ସମ୍ଭବପର ହେଲା ନାହିଁ । ଚାଷୀମାନେ ଜଳକର ଦେଇ ମଧ୍ୟ ଜମିକୁ ପାଣି ମଡାଇ ନ ପାରିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଧାୟକଙ୍କ ସହ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ଓ କନିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ । କେନାଲଗୁଡ଼ିକର ପୁନରୁଦ୍ଧାର କରାଯାଇ ଚାଷ ଜମିକୁ ତୁରନ୍ତ ଜଳସେଚିତ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ଦେଶୀ ମଦ ଜବତ, ୨ ଗିରଫ



ଖଣ୍ଡପଡ଼ା,୨୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ ଥାନା ପକ୍ଷରୁ ଫତେଗଡ ଥାନା ଅଞ୍ଚଳରେ ଶନିବାର ଚଢାଉ କରାଯାଇ ପଦ୍ମାବତୀ ଗ୍ରାମର ବୃନ୍ଦାବନ ଦଳେଇଙ୍କଠାରୁ ୧୪ ଲିଟର ଓ କେନ୍ଦୁପଲ୍ଲୀ ଗ୍ରାମର ରବିନ୍ଦ୍ର ସାହୁଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ମିତା ନାୟକ ଓ ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ଚଢାଉ ଅଭିଯାନରେ ସାମିଲ ହୋଇଥିଲେ ।

## ଜେଲ ଗଲେ ଅଟକ ସାବତ ମା’

ନୟାଗଡ଼/ଭାପୁର,୨୬।୧୦
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

### ଜଳଖିଆ ଖାଇବା ପରେ ଝିଅକୁ ହତ୍ୟା ଘଟଣା

### ୪ମାସର ଶିଶୁପୁତ୍ର ମା’ସହ ଜେଲରେ

ସାବତ ଝିଅକୁ ହତ୍ୟା ଅଭିଯୋଗରେ ଅଟକ ଥିବା ମା’ମଣ୍ଡା ସ୍ୱାଇଁଙ୍କୁ ଶନିବାର ଫତେଗଡ ଥାନା ପୋଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ମଣ୍ଡା ସ୍ୱାଇଁଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି । ତେବେ ତାଙ୍କର ୪ମାସର ଶିଶୁପୁତ୍ର ମା’ସହ ଜେଲକୁ ଯିବାକୁ ପଡିଛି । ଅଭିଯୋଗ ଅନୁଯାୟୀ, ବାଉଁଶବାଟୀ ପୋଡାସାହି ଗାଁର ତୁଳସୀ ସ୍ୱାଇଁ (୧୪) ନାମକ ନାବାଳିକାଙ୍କୁ ହତ୍ୟା କରାଯାଇଥିଲା । ମାମୁ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ଏକ ମାମଲା(ନଂ.୨୭୪/୨୪)ରୁଜୁ କରି ସାବତ ମା’ମଣ୍ଡା ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା । ୨୦ ଟଙ୍କା ଜଳଖିଆ ଖାଇଦେବାରୁ ତୁଳସୀଙ୍କୁ ମରିବାକୁ ପଡିଥିବା ଅଭିଯୋଗ ହୋଇଥିଲା । ସାବତ ମା ପିଟିପିଟି ତୁଳସୀଙ୍କୁ ମାରି ଦେଇ ଜଙ୍ଗଲରେ ଫୋପାଡି ଦେଇଥିଲେ ।ପୋଲିସ ମୃତଦେହ ଜବତ କରି ତଦନ୍ତ କରିଥିଲା ।

## ତରବାଲୋ ଗାଁରେ ବାଣ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡ

ନୟାଗଡ଼/ଭାପୁର,୨୬।୧୦
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

### ବାଣକାର ଗୁରୁତର

ନୟାଗଡ଼ ଜିଲା ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଉପରସାହିରେ ବାଣ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡ ଘଟି ବାଣାକାର ଧନେଶ୍ୱର ଦଳେଇ(୫୫) ଆହତ ହୋଇଛନ୍ତି । ଧନେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଧନେଶ୍ୱରଙ୍କର ଶରୀରର ୬୦ ପ୍ରତିଶତ ପୋଡି ଯାଇଛି । ଅନ୍ୟପକ୍ଷେ ଧନେଶ୍ୱରଙ୍କ ଛାତ ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ ଆସବାବପତ୍ର ଜଳି ଯାଇଛି । ଭାପୁର ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଖବର ପାଇ ଫତେଗଡ଼ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି । ତେବେ ଜନବସତିରେ ବାଣ ପ୍ରସ୍ତୁତି ବେଳେ ପୋଲିସ କିପରି ଜାଣି ନ ଥିଲା ସନ୍ଦେହ ସୃଷ୍ଟି ହୋଇଛି ।

## ୩ ଆଇଆଇସିଙ୍କ ସମେତ ୧୦ଜଣଙ୍କ ଅଦଳବଦଳ

ନୟାଗଡ଼,୨୬।୧୦(ଲୋକନାଥ ମିଶ୍ର)

ନୟାଗଡ ଏସପି ଏସ୍. ସୁଶ୍ରୀ ଶନିବାର ୧୦ ଜଣ ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର ଓ ସହକାରୀ ଇନ୍ସପେକ୍ଟରଙ୍କସ୍ତରରେ ଅଦଳ ବଦଳ କରିଛନ୍ତି । ଇନ୍ସପେକ୍ଟରସ୍ତରରେ ଦଶପଲ୍ଲା ଥାନାର ଆଇଆଇସି ମୁକେଶ କୁମାର ବେହେରାଙ୍କ ରଣପୁର ଥାନାକୁ, ରଣପୁର ଥାନାର ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କୁ ଚାନ୍ଦପୁର ଥାନାକୁ, ବାଣିଗୋଛା ଥାନାର ଆଇଆଇସି ଅନିତା ସାହୁଙ୍କୁ ଦଶପଲ୍ଲା ଥାନାକୁ ବଦଳି କରାଯାଇଛି । ସେହିପରି ୬ଜଣ ସବ ଇନ୍ସପେକ୍ଟରଙ୍କ ବଦଳି ହୋଇଛି । ଚାନ୍ଦପୁର ଥାନାର ସବ୍‌ଇନ୍ସପେକ୍ଟର ବିନୟ ରଞ୍ଜନ ପରିଡ଼ାଙ୍କୁ ବାଣିଗୋଛା ଥାନାର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ଅନ୍ୟପକ୍ଷେ ନୂଆଗାଁ ଥାନାର ସବ୍‌ଇନ୍ସପେକ୍ଟର ତାନସେନ ବେହେରାଙ୍କୁ ଓଡ଼ଗାଁ ଆଦର୍ଶ ଥାନାକୁ, ଓଡ଼ଗାଁ ଆଦର୍ଶ ଥାନାର ସବ୍‌ଇନ୍ସପେକ୍ଟର ରମେଶ ଚନ୍ଦ୍ର ଜେନାଙ୍କୁ ଦଶପଲ୍ଲା ଥାନାକୁ, ଦଶପଲ୍ଲା ଥାନାର ସବ୍‌ଇନ୍ସପେକ୍ଟର ସ୍ନେହଲତା ପ୍ରଧାନଙ୍କୁ ରଣପୁର ଥାନାକୁ, ରଣପୁର ଥାନାର ସବ୍‌ଇନ୍ସପେକ୍ଟର ସୁନିତା ସାମନ୍ତରାୟଙ୍କୁ ନୂଆଗାଁ ଥାନାକୁ, ନୟାଗଡ଼ ଡିସିଆରବିର ସବଇନ୍ସପେକ୍ଟର ସନ୍ତୋଷ କୁମାର ଦାଶଙ୍କୁ ଦର୍ପନାରାୟଣପୁର ଫାଣ୍ଡିକୁ ବଦଳି ହୋଇଛି । ଅପରପକ୍ଷେ ଦର୍ପନାରାୟଣପୁର ଫାଣ୍ଡିର ସହକାରୀ ସବଇନ୍ସପେକ୍ଟର ବିଶ୍ୱ ଭୂଷଣ ସିଂଙ୍କୁ ରଣପୁର ଥାନାକୁ ବଦଳି ହୋଇଛି ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଓଡଗାଁ, ୨୬।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ବିଜ୍ଞାପିତ ଅଞ୍ଚଳ ୬ ନମ୍ବର ୱାର୍ଡ ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ଦାଶଙ୍କ ଶନିବାର ସନ୍ଧ୍ୟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କୁ ୮୮ ବର୍ଷ ହୋଇଥିଲା । ସେ ରହିବାଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେବା ପରେ ନିଜ ଗ୍ରାମ ନିକଟସ୍ଥ ରଙ୍ଗଣିପାଟଣା ଜାମୁସାହିରୁ ଆସି ରଘୁନାଥଜୀଉଙ୍କ ମନ୍ଦିର ରୋଡ଼ରେ ସ୍ଥାୟୀ ଭାବେ ରହି ଆସୁଥିଲେ । ଏଥି ସହିତ ସେ ସ୍ଥାନୀୟ ହନୁମାନ ମନ୍ଦିର, ଲକ୍ଷ୍ମୀ ମନ୍ଦିର ସମେତ ଅନେକ ଆଧ୍ୟାତ୍ମିକ ସଙ୍ଗଠନ ସହିତ ଜଡିତ ଥିଲେ । ମୃତ୍ୟୁ ଶର୍ଯ୍ୟା ନିକଟରେ ପୁଅ ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡ଼ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ ।

## କାର୍ଯ୍ୟକ୍ଷମ ହେଉନି ଜନସୁବିଧା କେନ୍ଦ୍ର

### ପାଣି ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ

ନୂଆଗାଁ,୨୬।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ପର୍ଯ୍ୟଟନ ବିଭାଗର ଜନସୁବିଧା କେନ୍ଦ୍ରର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ଅଭିଯୋଗ ହେଉଛି । ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ନେତାଙ୍କ ଅପାରଗତା କାରଣରୁ ତା’ର ସୁଫଳ ଜନସାଧାରଣ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ନୂଆଗାଁ ସଦର ପଞ୍ଚାୟତ ପଞ୍ଚୁପାଣ୍ଡବ ପୀଠରେ ଦେଖିବାକୁ ମିଳିଛି ।

ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧ କିମି ଦୂରରେ ରହିଛି ବହୁ ପୁରାତନ ପଞ୍ଚପାଣ୍ଡବ ପୀଠ । ଏହାର ଉନ୍ନତି କରଣ ସହ ଏହାକୁ ଏକ ପର୍ଯ୍ୟଟନ ସ୍ଥଳର


କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଥିବା ଜନ ସୁବିଧା କେନ୍ଦ୍ର ।

ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି । ଅଞ୍ଚଳବାସୀଙ୍କ ଦାବି ମୁତାବକ ପଞ୍ଚୁପାଣ୍ଡବ ପୀଠର ବିକାଶ ପାଇଁ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୬ ମସିହାରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ , ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏଥିପାଇଁ ଅନୁଦାନ ମଧ୍ୟ ଦିଆଯାଇଥିଲା । କିନ୍ତୁ ନେତା ଓ ଅଧିକାରୀଙ୍କ ଅପରାଗତା କାରଣରୁ ତାହା ନିର୍ମାଣ ହୋଇ ପାରିଲା ନାହିଁ । ପରବର୍ତ୍ତୀ ସମୟରେ ପଞ୍ଚୁପାଣ୍ଡବ ପୀଠର ବିକାଶ ଓ ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ.ଜାତୀୟ ରାଜପଥ ଦେଇ ଯାଉଥିବା ପର୍ଯ୍ୟଟକମାନଙ୍କ ରହଣି ସୁବିଧା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚୁପାଣ୍ଡବ ନିକଟବର୍ତ୍ତୀ ଏକ ଅପନ୍ତରିଆ ସ୍ଥାନରେ ଜନ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ନ ହୋଇ ସେଥିରେ ତାଲା ଝୁଲୁଥିବା ଅଭିଯୋଗ ହେଉଛି । ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଯଥା ପାଣି ସୁବିଧା ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ଜନ ସୁବିଧା କେନ୍ଦ୍ରଟି ଲୋକମାନଙ୍କ କାମରେ ଆସୁ ନାହିଁ କିମ୍ବା ବିଭାଗର ଆଭିମୁଖ୍ୟ ପୂରଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି । ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏହା ପର୍ଯ୍ୟଟନ ବିଭାଗର ଦାୟିତ୍ୱ । ତେଣୁ ସେମାନଙ୍କ କେଉଁ ଅସୁବିଧା ପାଇଁ ଜନ ସୁବିଧା କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇ ପାରୁନି ତାହା ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବି ବୋଲି କହିଛନ୍ତି ।



ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳୀୟ ପ୍ରଚାର ପାଇଁ ଏନ୍‌ସିପି ଜାତୀୟ ସଭାପତି ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ଏନ୍‌ସିପି ଏମ୍‌ପି ସୁନୀଲ ତଟ୍‌କରେ ଏଲ୍‌ଇଡି ଭ୍ୟାନ୍‌ର ଉଦ୍‌ଘାଟନ କରୁଛନ୍ତି।

# ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀ ତାଲିକା

**ମହାରାଷ୍ଟ୍ର ନିର୍ବାଚନ**

**ନାମାଙ୍କନ ଦାଖଲ ଶେଷ ହେବାକୁ ଆଉ ୩ ଦିନ**

ନୂଆଦିଲ୍ଲୀ,୨୬।୧୦

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାର ସମୟସୀମା ଆଉ ମାତ୍ର ୩ ଦିନ ରହିଥିବାବେଳେ ଏପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୂଡ଼ାନ୍ତ କରିପାରି ନାହାନ୍ତି। ୨୮୮ ଆସନ ବିଶିଷ୍ଟ ବିଧାନସଭା ଲାଗି ନଭେମ୍ବର ୨୦ରେ ମତଦାନ ହେବ। ଏଥିପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଛି। ଭାଜପା, ଏନ୍‌ସିପି (ଶରଦ ପାୱାର) ଏବଂ କଂଗ୍ରେସ ଶନିବାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି ଦଳ ସମ୍ପୂର୍ଣ୍ଣ ପ୍ରାର୍ଥୀ ଦେଇପାରି ନାହାନ୍ତି। ଶନିବାର ଭାଜପା ୨୨ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଏହାକୁ ମିଶାଇ ଶାସକ ମେଣ୍ଟରେ ଥିବା ଶିବସେନା, ଏନ୍‌ସିପି ଏବଂ ଭାଜପା ବର୍ତ୍ତମାନ ସୁଦ୍ଧା ମୋଟ ୧୨୧ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଏନ୍‌ସିପି ପୂର୍ବରୁ ୪୫ ପ୍ରାର୍ଥୀ ଦେଇଥିବାବେଳେ ଶନିବାର ଆଉ ୨୨ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଆଉ ୧୮ ଆସନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇନାହାନ୍ତି। ବିରୋଧୀ ମେଣ୍ଟ ମହାବିକାଶ ଅଘାଡ଼ିରେ ଶରଦ ଚନ୍ଦ୍ରଙ୍କ ଏନ୍‌ସିପି ସହ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଏବଂ କଂଗ୍ରେସ ରହିଛନ୍ତି। ଆସନ ବୁଝାମଣା ଅନୁଯାୟୀ ୩ଟି ଯାକ ଦଳ ୮୫ ଲେଖାଏ ଆସନରେ ଲଢ଼ିବାକୁ ଥିବାବେଳେ ଅନ୍ୟ ୨୩ ଆସନ ପାଇଁ ଅତିରିକ୍ତ ପ୍ରାର୍ଥୀଙ୍କ ନାମକୁ ବିଚାର କରାଯିବ। କଂଗ୍ରେସ ପୂର୍ବରୁ ୪୮ ପ୍ରାର୍ଥୀ ଦେଇଥିବାବେଳେ ସୋମବାର ଆଉ ୨୩ ଜଣଙ୍କ ନାଁ ଘୋଷଣା କରିଛି। ଏହାକୁ ମିଶାଇ କଂଗ୍ରେସ ମୋଟ ୭୧ ପ୍ରାର୍ଥୀ ଦେଇଥିବାବେଳେ ଏହା ଭାଗରେ ଥିବା ଅବଶିଷ୍ଟ ୧୪ ଆସନ ନିମନ୍ତେ ପ୍ରାର୍ଥୀ ଚୂଡ଼ାନ୍ତ ହୋଇନାହାନ୍ତି।

# ରାଜ୍ୟ ସରକାର ବାତ୍ୟା ମୁକାବିଲାରେ ବିଫଳ: ବିଜେଡି

ଭୁବନେଶ୍ୱର,୨୬।୧୦
(ଅନିଲ ଦାସ)

ବାତ୍ୟା ଦାନା ମୁକାବିଲା ଓ ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବାତ୍ୟାରେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ, ରାଜ୍ୟ ସରକାର ଶୂନ୍ୟମୃତ୍ୟୁ ଦାବିକରିବା ହାସ୍ୟାସ୍ପଦ। ରାଜନଗରରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲା କେନ୍ଦୁଝରରେ ଜଣଙ୍କର ମୃତ୍ୟୁହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ନିଜର ସଫଳତା ଦାବି କରି ଡିଣ୍ଡିମ ପିଟି ଚାଲିଥିବା ବେଳେ ବିଜୁ ଜନତା ଦଳ ତରଫରୁ ଶନିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟ ସରକାରଙ୍କ ଫୋକସ ବାତ୍ୟା 'ଦାନା' ମୁକାବିଲା ଓ ପରିଚାଳନା ନୁହେଁ, କେବଳ ପ୍ରଶଂସା ସାଉଁଟିବା ପାଇଁ ବ୍ୟଗ୍ରଥିବା ପରି ମନେ ହେଉଥିଲା। ସେହିପରି, ପ୍ରାୟ ୬ ଲକ୍ଷ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ସରକାର ଦାବି କରୁଥିଲା ବେଳେ ଏହି ତଥ୍ୟର ସତ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାତ୍ୟା ପରେ ମଧ୍ୟ କିଛି ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଉଥିବା ଦୃଶ୍ୟ ନଜରକୁ ଆସିଛି। ଏହାଛଡ଼ା ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଇଥିବା ଲୋକମାନଙ୍କୁ ମଧ୍ୟ ଖାଦ୍ୟ ପାନୀୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବାରେ ସରକାର ବିଫଳ ହୋଇଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି, ଯାହା ଗଣମାଧ୍ୟମରେ ପ୍ରକାଶ ପାଇଛି।

ବାତ୍ୟା ଦାନାର ସୂଚନା ପ୍ରାୟ ୨ ସପ୍ତାହ ପୂର୍ବରୁ ମିଳିଥିଲା ଏବଂ ସରକାରଙ୍କ ପାଖରେ ମୁକାବିଲାର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସୂଚନା ଥିଲେ ମଧ୍ୟ ସରକାର ପ୍ରସ୍ତୁତି କରିବାରେ ବିଫଳ ହୋଇଥିଲେ। ବାତ୍ୟାରେ ପବନର ଗତି ୧୦୦ରୁ ୧୨୦ କିମିହେବ ବୋଲି ସୂଚନା ଦିଆଯାଉଥିଲା, କିନ୍ତୁ ବାତ୍ୟାସମୟରେ ୬୦ରୁ ୮୦ କିଲୋମିଟର ଥିଲା, ଯାହା ବିଶେଷଜ୍ଞଙ୍କ ମତରେ ଚିନ୍ତାଜନକ ନୁହେଁ। ଏସବ ସତ୍ତ୍ୱେ ସରକାର ନିଜ ପିଠି ଥାପୁଡ଼େଇବାରେ ବ୍ୟସ୍ତ ଅଛନ୍ତି । ଲୋକଙ୍କଠାରୁ ନୁହେଁ, ଏ ସରକାର ପ୍ରଧାନମନ୍ତ୍ରୀଙ୍କ ଠାରୁ ସାର୍ଟିଫିକେଟ ପାଇଁ ବ୍ୟଗ୍ର ଅଛି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ବାତ୍ୟା ଦାନା ଉପରେ ରାଜ୍ୟ ସରକାର ଏକ ଶ୍ୱେତପତ୍ର ପ୍ରକାଶକରନ୍ତୁ। ଯେଉଁଥିରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି ଓ କେତେ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି ଏବଂ କେଉଁ ଆଶ୍ରୟସ୍ଥଳରେ କେତେ ଲୋକଙ୍କୁ ରଖା ଯାଇଥିଲା ତାହାର ତଥ୍ୟ ପ୍ରଦାନ ଦିଅନ୍ତୁ ବୋଲି ସାମନ୍ତ ସିଂହାର କହିଛନ୍ତି।

# ବିଜେଡି ବିଧାୟକଙ୍କୁ ଅଣଦେଖା: ଗଣେଶ୍ୱର

**ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ**

କେନ୍ଦ୍ରାପଡ଼ା,୨୬।୧୦(ଜଗନ୍ନାଥ ଧଳ)

ବାତ୍ୟା 'ଦାନା' ପ୍ରଭାବରେ କ୍ଷୟକ୍ଷତିର ଆକଳନ ଚାଲିଛି। ଏହି ସମୟରେ ଶାସକ ଓ ବିରୋଧୀ ଦଳର କଳି ଆରମ୍ଭ ହୋଇଛି। ବାତ୍ୟା ପରିଚାଳନାରେ ଶାସକ ଦଳ କେନ୍ଦ୍ରାପଡ଼ା ଜିଲାର ବିଜେଡି ବିଧାୟକଙ୍କୁ ଅଣଦେଖା କରିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏପରି ଅଭିଯୋଗ ଶନିବାର ଆଣିବା ପରେ ଦଳୀୟ କର୍ମକର୍ତ୍ତା ଏହାର ଭିଡିଓକୁ ଭାଇରାଲ କରିଛନ୍ତି। ଫଳରେ ବାତ୍ୟାର କ୍ଷୟକ୍ଷତି ଏବେ ରାଜନୀତି ସମୀକରଣରେ ଚାଲିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଗତ ଗୁରୁବାର ମଧ୍ୟରାତ୍ରି ଓ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ସାମୁଦ୍ରିକ ଝଡ଼ 'ଦାନା' କେନ୍ଦ୍ରାପଡ଼ା ଜିଲାର ହାବେଳିଖଟିଠାରେ ଲ୍ୟାଣ୍ଡଫଲ୍ କରିଥିଲା। ଏହି ସ୍ଥାନରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବ ବୋଲି ପୂର୍ବ ଆକଳନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଗୁରୁବାର କେନ୍ଦ୍ରାପଡ଼ାରେ ପହଞ୍ଚି ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ। ଏଥିସହ ଶୁକ୍ରବାର ସନ୍ଧ୍ୟାରେ ବାତ୍ୟା ସମ୍ପର୍କରେ ସମୀକ୍ଷା ବୈଠକ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏହି ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଭାଜପାର ଜିଲା କର୍ମକର୍ତ୍ତା ସାମିଲ ହୋଇଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ଏହି ଗସ୍ତ କେବଳ ରାଜନୈତିକ ଉଦ୍ଦେଶ୍ୟମୂଳକ ଥିଲା ବୋଲି ଶନିବାର କେନ୍ଦ୍ରାପଡ଼ା ବିଧାୟକ ବେହେରା ଗରାପୁରସ୍ଥ ନିଜ ଘରେ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାବିତ ଜିଲାକୁ ଜଣେ ଲେଖାଏ ମନ୍ତ୍ରୀଙ୍କୁ ପଠାଯାଇଥିବାରୁ ଏହି ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। ତେବେ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ଗସ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ଗୁରୁବାର ବାତ୍ୟା ପରିଚାଳନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଡକାଇଥିଲେ। ଏଥିରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲାର ୫ ବିଧାୟକ ଓ ଏମ୍‌ପି ସାମିଲ ହେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବୈଠକକୁ ଅଧ ଘଣ୍ଟା ପୂର୍ବରୁ ବାତିଲ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ପ୍ରଧାନ ଉପମୁଖ୍ୟମନ୍ତ୍ରୀଙ୍କ ଜିଲା ଗସ୍ତ ଶେଷରେ ବୈଠକ ହେବ ବୋଲି ସୂଚନା ଦେଇଥିଲେ। ଏହାପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କେବଳ ପ୍ରଶାସନିକ ଅଧିକାରୀ, ଶାସକ ଦଳର ବିଧାୟକ ଓ ଜିଲା କର୍ମକର୍ତ୍ତାଙ୍କୁ ସାମିଲ କରାଯାଇଥିଲା, ଯାହା ଜିଲାବାସୀଙ୍କ ପାଇଁ ଆଦୌ ଅନୁକୂଳ ନୁହେଁ। ଲୋକଙ୍କ ମତ ଅନୁଯାୟୀ, ନୂଆ ସରକାର ଗଠନ କରାଯାଇଛି। ଜିଲାର ୪ ବିଧାୟକ ବିଜେଡିର ହୋଇଥିବାରୁ ସମ୍ଭବତଃ ଏହି ସମୀକ୍ଷା ବୈଠକରେ ସେମାନଙ୍କୁ ସାମିଲ କରାଯାଇ ନ ଥିଲା। ଫଳରେ ଜିଲାର ସମସ୍ତ ଅଞ୍ଚଳର କ୍ଷତି ପ୍ରତିଫଳନ ହୋଇପାରିନାହିଁ। ଏ ସମ୍ପର୍କରେ ଜିଲାପାଳ ପ୍ରଧାନ ସମୀକ୍ଷା ବୈଠକ ଡାକି ନ ଥିବା ଫୋନରେ ଜଣାଇବା ପରେ ବାତ୍ୟା ପରିଚାଳନାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ବାତ୍ୟାରେ ଜିଲାବାସୀଙ୍କ ବହୁ କ୍ଷତି ହୋଇଛି। ସମସ୍ତ ଅଞ୍ଚଳର କ୍ଷତିକୁ ଆକଳନ କରିବା ଓ କ୍ଷତିଭରଣା ଠିକ୍ ଭାବେ କରାଯାଉ ବୋଲି ବିଧାୟକ ବେହେରା ଦାବି କରିଛନ୍ତି।



ବିଧାୟକ ଗଣେଶ୍ୱର ବେହେରା

**ଭବାନୀପାଟଣା ପୌରପାଳିକା**

## ବିଷ୍ଣୁ ପ୍ରଧାନଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ

ଭବାନୀପାଟଣା,୨୬।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ନିଜ ପଦ ହରାଇବା ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମ୍ୟୁନିସିପାଲ ମାନୁଆଲ ଆକ୍ଟ ୮୯ (କ) ଅନୁଯାୟୀ ଶୁକ୍ରବାର କଳାହାଣ୍ଡି ଜିଲାପାଳଙ୍କ ପତ୍ର ସଂଖ୍ୟା ୨୨୩୮ ଅନୁଯାୟୀ ପୌରପାଳିକା ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ଅଧ୍ୟକ୍ଷ ନିର୍ବାଚିତ ନ ହେବା ଯାଏ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଗତ ଅଗଷ୍ଟ ୧୨ରେ ଅଧ୍ୟକ୍ଷା ଥିବା ବିଜେଡିର ସଂଯୁକ୍ତାଙ୍କ ବିପକ୍ଷରେ ଆଗତ ଅନାସ୍ଥା ଭୋଟରେ ୨୦ ୱାର୍ଡର ସମସ୍ତ କାଉନସିଲର ଭୋଟ ଦେଇଥିଲେ।

# ମହାରାଷ୍ଟ୍ର ନିର୍ବାଚନରେ ଲଢ଼ିବନି ଆପ୍

**ନୂଆଦିଲ୍ଲୀ, ୨୬।୧୦:** ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଲଢ଼ିବ ନାହିଁ। ତେବେ ଏହି ନିର୍ବାଚନରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ପାଇଁ ପ୍ରଚାର କରିବେ। ଏନେଇ ଶନିବାର ଆପ୍ ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି)ର ଶୀର୍ଷ ନେତାଙ୍କ ସହ କେଜରିୱାଲଙ୍କର ଏ ସମ୍ବନ୍ଧୀୟ ଆଲୋଚନା ହୋଇଛି। ସେହିପରି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଦଳ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ପାଇଁ ମଧ୍ୟ କେଜ୍‌ରିୱାଲ ପ୍ରଚାର କରିବେ।


**DISTRICT PROJECT OFFICE, SAMAGRA SHIKSHA, KHORDHA**
Phone No-06755-223525

No.5620/VII/10/2024 Dated 24.10.24

**NOTICE INVITING TENDER (NIT)**

**No.n-120:** Sealed tenders are invited from the reputed & credible printers/firms/agencies for printing & supply of "Holistic Progress Card" for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.500/- | 2% of Bid Value | 14.11.24 by 5.30 PM | 16.11.24 at 3 PM |

The detailed BID document is available in the website www.khordha.nic.in & www.osepa.odisha.gov.in Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- 24.10.24
Collector-cum-Chairman, SS, Khordha
OIPR-27171/11/0001/2425

**Sambalpur Municipal Corporation, Sambalpur**
Email Id: sambalpurm.hud@nic.in
**"e" PROCUREMENT NOTICE**
Bid reference No. 14/SMC_SBP/2024-25
Tender Id No.2024_ORULB_105693

**No.C-838:** The Municipal Commissioner on behalf of Municipal Corporation, Sambalpur invites tenders in double cover system. Bid documents consisting of specification the schedule of Quantities and the set of terms and conditions of contract and other necessary documents can be seen the Govt. website i.e **https://tendersodisha.gov.in.**

1. Number of Civil Works: 1_ (One) Number
2. Estimated Costs: 82.59 Lakhs
3. Period of Completion: As per NIT
4. Date and Time of availability of the bid documents in the portal: From 02.00 P.M. of 24.10.2024 to 05.00 PM of 08.11.2024.
5. Last Date/Time for receipt of bids in the portal: 05.00 PM of 08.11.2024.
6. Bids will be opened on: 11.00 AM of Dt.11.11.2024.
7. Name and address of the Officer Inviting Bid: Municipal Commissioner, Sambalpur Municipal Corporation, Sambalpur.

Sd./-
Commissioner
Sambalpur Municipal Corporation
OIPR-13122/11/0042/2425

**ODISHA PUBLIC SERVICE COMMISSION**
**NOTICE**

No. 6051/P.S.C. Dt.25.10.2024

(1E-07-2024-25) (DR-II)

No. D-155: It is for information of all concerned that, the Preliminary Examination for recruitment to the posts of Assistant Executive Engineer (Civil) in Odisha Panchayati Raj Engineering Service, pursuant to the Advertisement No. 33 of 2023-24 shall be held on **08.12.2024 (Sunday) from 10.00 A.M. to 11.30 A.M. (10.00 A.M. to 12.00 Noon for PWD Candidates)**. The detailed programme shall be published later.
The concerned candidates are advised to visit the website of the Commission **(www.opsc.gov.in)** regularly for further details.

OIPR-12002/11/0081/2425 Sd./- Secretary

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, KEONJHAR (R&B) CIRCLE, KEONJHAR**
No.4926/Date 24.10.2024
**ORDER**

**No.B-518:** The tender for the work "Improvement to NIT peripheral road-2 Ch.0/00 Km to 3/00 Km in the District of Sundargarh for the year 2024-25" invited vide Bid Identification No.CCEKC-20/2024-25 is hereby cancelled due to Administrative Reasons.

Sd./- Chief Construction Engineer
Keonjhar (R&B) Circle,Keonjhar
OIPR-34033/11/0042/2425

No. A-478

**GOVERNMENT OF ODISHA**
**e-Procurement Notice**
**SUPERINTENDING ENGINEER M.I. DIVISION, ANGUL**
**Bid Identification No. 10 of 2024-25**
e-mail ID: eemidivision_angul@yahoo.com

Letter No. 2677 Date: 22.10.2024

| | | | |
|---|---|---|---|
| 1. | Number of Works | : | 02 (Two) Numbers of Civil Work |
| 2. | Approximate Estimated Cost | : | From Rs.79.88 Lakh to Rs.83.84 |
| 3. | Cost of Tender Paper | : | Rs.10000/- (Non-Refundable) |
| 4. | Period of Completion | : | 04 (Four) Months |
| 5. | Date & Time of availability of Bid Document in the Portal | : | Dt.29.10.2024 at 10.00 A.M. to Dt.06.11.2024 upto 5.00 P.M. |
| 6. | Last date/time for receipt of Bid in the Portal | : | Dt.06.11.2024 upto 5.00 P.M. |
| 7. | Date of Opening of Technical Bid documents for double cover bid | : | Dt.07.11.2024 at 11.00 A.M. |
| 8. | Date of opening of Financial bid documents for double cover bid | : | On Dt.12.11.2024 at 11.00 A.M. in the Office of the Superintending Engineer, M.I. Division, Angul |
| 9. | Date of lottery if Required | : | Dt.16.11.2024 at 11.00 A.M. |
| 10. | Name and address of the Officer Inviting Bid | : | Superintending Engineer, Minor Irrigation Division, Angul, At/P.O.: Hakimpada, College Square, District: Angul, PIN: 759143, Ph. No.: 06764-236522, Email ID: **eemidivision_angul@yahoo.com** |
| 11. | The bidders have to participate in ONLINE bidding only. Further details can be seen from the e-procurement portal | : | **http://tendersorissa.gov.in** |

Sd./- Superintending Engineer
M.I. Division, Angul
OIPR-32284/11/0011/2425

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, DEOGARH**
E-mail: eemidivision_deogarh@yahoo.in
No.1445/ Date 23.10.2024
**e-PROCUREMENT NOTICE**
BID REF No.: SE,MID,DGR/02/2024-25

**No.A-472:** Bid documents consisting names of work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-Procurement portal https://tendersodisha.gov.in.

| | | |
|---|---|---|
| 1 | Name of the Work:- | Civil Construction Works |
| 2 | No. of Works:- | 02 (Two) Nos. |
| 3 | Estimated Cost:- | Approximately Rs.45.53 Lakh to 48.55 Lakh |
| 4 | Period of Completion:- | 4 (Four) Calendar Months |
| 5 | Date and Time of availability of bid documents in the Portal:- | From Dt.29.10.2024 at 10.00 AM to Dt.11.11.2024 upto 5.00 PM |
| 6 | Last Date/Time of receipt of bids in the Portal:- | Dt.11.11.2024 upto 5.00 PM |
| 7 | Date of Opening of Bid:- | Dt.12.11.2024 at 11.00 AM onwards |
| 8 | Name and address of the OIT:- | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid Cost & Bid Security:- | Online |

** Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer
M.I.Division, Deogarh
OIPR-32289/11/0002/2425

**ODISHA STATE MUSEUM** No. RR-24
Kalpana Square, BJB Nagar, Bhubaneswar, Odisha - 751014
Phone: 0674-2431597, Email: supdt.museum@hotmail.com
Website: https://www.odishamuseum.nic.in

e-Procurement Notice No. 1800/OSM Dated:23.10.2024 (Online)

Type of Work:
I. Design, Photography, Content Writing, Print Production & supply of Coffee Table Books (CTB), 1) "Chausathi Yoginis of Odisha" and 2) "Oshakothi: The Unique Mural Paintings of Odisha" with approved specification.

| Sl. No. | Name of Work | Eligibility | Time of Completion | E.M.D. (Through Online Transfer System) in Rs. | Cost of Tender Document (Through online transfer system in Rs.) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| (i) | Design, Photography, Content Writing, Print Production & supply of Coffee Table Books (CTB), 1) "Chausathi Yoginis of Odisha" and 2) "Oshakothi: The Unique Mural Paintings of Odisha" with approved specification. | Eligible and Experienced Agencies | 02 (Two Months) | Rs.25,000/- | Rs.6000/- (Non Refundable) |

Availability of Tender in website: From 29.10.2024, 10.00 A.M. to 07.11.2024, 5.00 P.M.
Submission of Bid Online: From 29.10.2024, 10.00 A.M. to 07.11.2024, 5.00 P.M.
Date and Time of Opening of the Technical Bid: 08.11.2024 at 3.00 P.M.
Further details can be seen from the Govt. website: **www.tendersodisha.gov.in.**
Amendment, Corrigendum/Cancellation if any shall be posted online only.

Sd./- Superintendent of Museum, Odisha, Bhubaneswar
OIPR-03015/11/0002/2425

No.A-467:

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER RENGALI LEFT BANK CANAL DIVISION,**
At/P.O. Kamakhyanagar
Dist- Dhenkanal, Odisha, PIN-759018
Ph:06769-270771, Email Id:eerlbcdivision@gmail.com
**"e" PROCUREMENT NOTICE No.RLBCD-P1-09/2024-25**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | 01 (One) No. |
| 3 | Estimated Cost | Rs.17.44 Lakh |
| 4 | Period of Completion | 60 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document/ Mode of Payment | Rs.6000/- (Non-Refundable)/ On-line through Electronic Payment mode (Internet Banking/ NEFT/ RTGS of Designated Banks and their Aggregator Banks) |
| 7 | EMD/Bid Security Amount/ Mode of Payment | Rs.17,440/- / Online through Electronic Payment Mode (Internet Banking/NEFT/RTGS/ of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid documents for Online Bidding | 29.10.2024 from 10.00 Hours to 07.11.2024 upto 17.00 Hours |
| | (iii) Date, Time & Venue of Bid Opening (Online) | On 08.11.2024 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, Time & Venue of transparent lottery for finalization of bids, if required | On 20.11.2024 at 11.00 Hours in the O/o Superintending Engineer, Rengali Left Bank Canal Division, Kamakhyanagar |

** Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division, Kamakhyanagar
OIPR-32298/11/0012/2425

See Career Appointment on every Wednesday & Saturday

**ବଢ଼ିଲା ଆଇଟିଆର୍ ଫାଇଲ ଅବଧି**

ଭୁବନେଶ୍ୱର,(ଅନୁରାଧା ମହାରଣା): ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟବସାୟୀ ଓ ବେତନପ୍ରାପ୍ତ କର୍ମଚାରୀଙ୍କ ଆୟକର ରିଟର୍ନ (ଆଇଟିଆର୍) ଦାଖଲ କରିବାର ସମୟସୀମା ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ଏହି ସୂଚନା ପ୍ରଦାନକରି ଏକ ସର୍କୁଲାର ଜାରି କରିଛି। ଶନିବାର ପ୍ରକାଶିତ ଏହି ସର୍କୁଲାର ଅନୁସାରେ, ୨୦୨୪-୨୫ ବର୍ଷ ପାଇଁ ନୂତନ ସମୟସୀମା (ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଟିକସ ରିଟର୍ନ ଦାଖଲ ପାଇଁ) ନଭେମ୍ବର ୧୫ ରହିଛି। ପୂର୍ବରୁ ଆୟକର ରିଟର୍ନ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୧ ବୋଲି ଧାର୍ଯ୍ୟ କରାଯାଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪ର୍ଥ ତ୍ରୈମାସିକ ସୁଦ୍ଧା ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିବ : ଶକ୍ତିକାନ୍ତ

**ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)**

ଭାରତୀୟ ଅର୍ଥନୀତି ସମ୍ପ୍ରତି ବିଭିନ୍ନ ଜଟିଳତା ଦେଇ ଗତି କରୁଛି। ଫରେନ୍ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର(ଏଫ୍ଆଇଆଇ) ଦେଶ ଛାଡୁଛନ୍ତି। ଏହି କାରଣରୁ ଗତ କିଛିଦିନ ହେବ ଷ୍ଟକ୍ ମାର୍କେଟରେ ବଡ଼ ହ୍ରାସ ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ଆକଳନ ମଧ୍ୟ ଉପରକୁ ଯାଉଛି। ତେବେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରାଯାଇପାରିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଅନେକ ସମସ୍ୟା ଥିବାରୁ ମୁଦ୍ରାସ୍ଫୀତି ଉପରେ ଚାପ ରହିଛି। ମାତ୍ର ଦେଶରେ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ମଧ୍ୟରେ ସମନ୍ୱୟ ଅଛି । ଭାରତୀୟ ଅର୍ଥନୀତି ଏକ ଦୃଢ଼ ସ୍ଥିତିରେ ଅଛି। ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ସୁଦ୍ଧା ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିବ ବୋଲି ଗଭର୍ନର ଦାସ କହିଛନ୍ତି। ଗଭର୍ନର ଦାସଙ୍କ କହିବା ଅନୁଯାୟୀ, ପାଣିପାଗ ଅନିଶ୍ଚିତତା ଏବଂ ଭୌଗୋଳିକ ସମସ୍ୟା ହେତୁ ମୁଦ୍ରାସ୍ଫୀତି ଆକଳନ ୪% ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ହୋଇଛି। ୨୦୨୫ ଜାନୁଆରୀ-ମାର୍ଚ୍ଚ ମାସରେ ଏଥିରେ



ଶକ୍ତିକାନ୍ତ ଦାଶ

ଉନ୍ନତି ହେବ। ମୁମ୍ବାଇରେ ଆୟୋଜିତ ମାକ୍ରୋ ସପ୍ତାହ ୨୦୨୪କୁ ସମ୍ବୋଧିତକରି ସେ କହିଛନ୍ତି ,ଭାରତୀୟ ଅର୍ଥନୀତିର ସ୍ଥିରତା ଏବଂ ଶକ୍ତି ମୁଦ୍ରାନୀତି କମିଟିକୁ ସୁଧ ହାର ବ୍ୟତୀତ ମୁଦ୍ରାସ୍ଫୀତି ଉପରେ ଧ୍ୟାନଦେବାର ସୁଯୋଗ ଦେଇଛି। କୋଭିଡ୍-୧୯ର ଖରାପ ପ୍ରଭାବ ସତ୍ତ୍ୱେ ଗତ ୩ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ବଜାୟ ରହିଥିବାବେଳେ ୨୦୨୫ ଆର୍ଥିକ ବର୍ଷରେ ମଧ୍ୟ ଏହା ପ୍ରାୟ ୭.୨ ପ୍ରତିଶତ ହେବ ବୋଲି ଆଶା କରାଯାଉଛି।

ଗୋଟିଏ ପଟେ ଘରୋଇ ଚାହିଦା ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ଦେଶରେ ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଛି। ଏହାସହ ଦେଶରେ ଘରୋଇ ପୁଞ୍ଜି ବିନିଯୋଗ ମଧ୍ୟ ବୃଦ୍ଧି ପାଉଛି। ପୁଞ୍ଜି ବ୍ୟୟ ବୃଦ୍ଧି ଏବଂ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତିକୁ ବଜାୟ ରଖିବା ଉପରେ ସରକାର ଧ୍ୟାନ ଦେଇଛନ୍ତି। ଏନ୍‌ବିଏଫ୍‌ସିଗୁଡିକ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। କର୍ପୋରେଟ ସେକ୍ଟର ମଧ୍ୟ ପୁଞ୍ଜି ବିନିଯୋଗ ବୃଦ୍ଧିକରି ଦେଶର ପ୍ରଗତିରେ ସହଯୋଗ କରୁଛି। କୃଷିକ୍ଷେତ୍ରରେ ବିକାଶ ହେତୁ ଗ୍ରାମାଞ୍ଚଳରେ ମଧ୍ୟ ଚାହିଦା ବୃଦ୍ଧି ହେବା ନେଇ ଗଭର୍ନର ଆଶା ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱବ୍ୟାଙ୍କ ମିଳିତ ଭାବେ ବିଶ୍ୱରେ ସୃଷ୍ଟି ହେଉଥିବା ଆର୍ଥିକ ସଙ୍କଟର ମୁକାବିଲା ପାଇଁ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

# ଡିଜିଟାଲ କାରବାର ଉପରେ ଆକର୍ଷଣୀୟ ପୁରସ୍କାର

**ନୂଆଦିଲ୍ଲୀ,୨୬।୧୦**

ଚଳିତ ପାର୍ବଣ ଋତୁରେ ଉପଭୋକ୍ତାମାନେ ଡିଜିଟାଲ କାରବାର ଜରିଆରେ ଆକର୍ଷଣୀୟ ପୁରସ୍କାର ପାଇପାରିବେ ବୋଲି ଆମାଜନ୍ ପେ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଉପଭୋକ୍ତାମାନେ ଯଥାଶୀଘ୍ର ଗେଟ୍ ୱେ ବୁକିଂ କରିବା ସହିତ ଧନ୍‌ତେରସ୍ ପାଇଁ ଡିଜିଟାଲ ସୁନା କିଣିବା ହେଉ କିମ୍ବା ପ୍ରିୟଜନଙ୍କୁ ଟଙ୍କା ପଠାଇବା ସହିତ ଆମାଜନ୍ ପେ ବିଭିନ୍ନ ବର୍ଗରେ କ୍ୟାଶବ୍ୟାକ୍, ରିହାତି ଏବଂ ବମ୍ପର ପୁରସ୍କାର ପ୍ରଦାନ କରୁଛି। ସେହିଭଳି ଚଳିତ ପାର୍ବଣ ଋତୁରେ ଉପଭୋକ୍ତାମାନେ ଅନେକ ଉପାୟରେ ଆମାଜନ୍ ପେ ଜରିଆରେ ଅଧିକରୁ ଅଧିକ ଲାଭ ଉଠାଇପାରିବେ ଏବଂ କୌଣସି ସଞ୍ଚୟକୁ ହାତଛଡ଼ା କରିବେ ନାହିଁ। ଉପଭୋକ୍ତଙ୍କର ଶେଷ ମୁହୂର୍ତ୍ତର ଯାତ୍ରାକୁ ଆହୁରି ସ୍ମରଣୀୟ କରିବା ପାଇଁ ଆମାଜନ୍ ପେ ଚଳିତ ପାର୍ବଣ ଋତୁରେ ସ୍ୱତନ୍ତ୍ର ଟ୍ରାଭେଲ ଡିଲ୍ ମଧ୍ୟ ପ୍ରଦାନ କରୁଛି। ଆମାଜନ୍ ପେ ବ୍ୟବହାରକରି ଉପଭୋକ୍ତା ବିମାନ ବୁକିଂରେ ୧୨% ଏବଂ ହୋଟେଲ ବୁକିଂରେ ୫୫% ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। କେବଳ ସେତିକି ନୁହେଁ, ସ୍ୱତନ୍ତ୍ର ରିହାତିଠାରୁ ଆରମ୍ଭକରି ଚିନ୍ତାମୁକ୍ତ ବାତିଲ ପର୍ଯ୍ୟନ୍ତ, ଉପଭୋକ୍ତାମାନେ ନାମମାତ୍ର ଶୁଳ୍କରେ ଟ୍ରେନ୍ ଟିକେଟ ଉପରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇପାରିବେ। ସେହିପରି ପ୍ରାଇମ୍ ଗ୍ରାହକଙ୍କ ପାଇଁ ଆମାଜନ୍ ପେ ଆହୁରି ଅଧିକ ଅଫରର ଦ୍ୱାର ଖୋଲିଛି। ଚୟନ ହୋଇଥିବା ତାରିଖ ମଧ୍ୟରେ ପ୍ରାଇମ ଗ୍ରାହକମାନେ ଆମାଜନ୍ ପେ ୟୁପିଆଇ ବ୍ୟବହାରକରି ଡିଜିଟାଲ ସୁନା କ୍ରୟ ଉପରେ ୩% ଏବଂ ଅଣ-ପ୍ରାଇମ ଗ୍ରାହକମାନେ ୧% ଫେରସ୍ତ ପାଇପାରିବେ।

# ଏଆଇ ଚାଳିତ ରୂପାନ୍ତରଣ ଦିଗରେ କର୍ପୋରେଟ୍ କ୍ଷେତ୍ର

**ନୂଆଦିଲ୍ଲୀ,୨୬।୧୦**

ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର କର୍ପୋରେଟ୍ କ୍ଷେତ୍ରରେ ବହୁଳ ଭାବେ ଦେଖାଦେଇଛି। ଏପରିକି ଭାରତରେ ବିଭିନ୍ନ ବ୍ୟବସାୟ ଓ କର୍ମସଂସ୍ଥାନ ପରିସରରେ ଏଆଇର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି ବୋଲି ନିକଟରେ ୩୦୦ରୁ ଅଧିକ ଭାରତୀୟ ସି-ସୁଟ୍ ଲିଡରଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ସେଲ୍‌ସଫୋର୍ସ ସର୍ଭେ ଅନୁସାରେ ଆଗାମୀ ବର୍ଷଗୁଡିକରେ ବ୍ୟବସାୟର ସଫଳତା ପାଇଁ ଜେନେରେଟିଭ ଏଆଇର ମହତ୍ତ୍ୱ ଉପରେ ଦୃଢ଼ ସହମତି ପ୍ରକାଶ ପାଇଛି। ଏହି ସର୍ଭେରେ ସାମିଲ ୯୯% ଉତ୍ତରଦାତା ଜେନେରେଟିଭ ଏଆଇକୁ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବେ ଚିହ୍ନଟ କରିଛନ୍ତି, ଯାହା ଭାରତୀୟ କର୍ପୋରେଟ୍ କ୍ଷେତ୍ର ମଧ୍ୟରେ ଏଆଇଚାଳିତ ରୂପାନ୍ତରଣ ଦିଗରେ ଏକ ପ୍ରମୁଖ ପରିବର୍ତ୍ତନକୁ ଦର୍ଶାଉଛି। ସର୍ଭେର ଫଳାଫଳ ଅନୁଯାୟୀ ବୃହତ୍ ସଂସ୍ଥାଗୁଡିକରୁ ୬୦% ଲିଡରଙ୍କ ନିକଟରେ ଜେନେରେଟିଭ ଏଆଇ ରଣନୀତି ରହିଥିବା ବେଳେ ୩୨% ଲିଡର ଏକ ରଣନୀତି ବିକଶିତ କରୁଛନ୍ତି।

# ୬୯୯ଟଙ୍କାରେ ଜିଓ ଭାରତ ୪ଜି ଫୋନ୍

**ମୁମ୍ବାଇ,୨୬।୧୦ (ଅଭୟ ଦାଶ)**

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସୀମିତ ସମୟ ଅଫର ମଧ୍ୟରେ ଆଶାୟୀ ଉପଭୋକ୍ତାମାନେ ମାତ୍ର ୬୯୯ ଟଙ୍କା ମୂଲ୍ୟରେ ରିଲାଏନ୍ସର ଜିଓ ଭାରତ ୪ଜି ଫୋନ୍ ନିକଟସ୍ଥ ମୋବାଇଲ ଷ୍ଟୋର ସମେତ ଜିଓମାର୍ଟ କିମ୍ବା ଆମାଜନ୍ ପ୍ଲାଟ୍‌ଫର୍ମରୁ ଏହି ସୀମିତ ସମୟ ଅଫର ରହିଥିବା ଜିଓ ଭାରତ ଫୋନ୍ କିଣିପାରିବ। ସେହିଭଳି ଚଳିତ ଦୀପାବଳି ଅବସରରେ କମ୍ପାନୀ ଜିଓ ଭାରତ ୪ଜି ଫୋନ୍ ମୂଲ୍ୟରେ ୩୦% ହ୍ରାସ କରିଛି। ଏହି ସୀମିତ ସମୟ ଅଫର ମଧ୍ୟରେ ୯୯୯ ଟଙ୍କା ମୂଲ୍ୟର ଜିଓ ଭାରତ ୪ଜି ଫୋନ୍ ବର୍ତ୍ତମାନ ବଜାରରେ ୬୯୯ଟଙ୍କାର ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହେଉଛି।


# Classified Everyday

**0674-2580101, 2549949**



MATRIMONIAL

## BRIDE WANTED

Wanted homely bride from Karan/ Khandayat caste for Karan groom D.O.B.- 14.11.86, Height- 5'10", B.Sc. with M.B.A. own house with Medicine Business near S.C.B. Medical College, Cuttack. No Dowry. Contact- 7978668288. D-1761

Wanted bride from Karan caste for Groom D.O.B.- 11.07.1991, Height-5'11", Qualification M.C.A. Working in Senior Clerk in Central Bank of India at Cuttack. Contact- 8339940420. D-1762

## GROOM WANTED

ବୟସ 28 କୌଣସି ଚାକିରି କରୁନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-1772



REAL ESTATE

## SALE

Sale Dr. purchase House, Land, Flat Bhubaneswar, from Owner- 9827152441. D-1769

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201

Puri and Bhubaneswar ready to move apartment for sale. Contact me- 8018702198. D-1770

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1775

**House sale (Land 1600 sqft., construction 2600 sqft), @ Mancheswar Chakeisihani, near Mancheswar industrial estate. Contact direct owner: 9438486526, 8917610670.** D-1732

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

G+2 Storied building near National Highway, opposite Hyundai Showroom, Uttara, Bhubaneswar for 1.5 crores. Call- 8917520527. D-1757

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75795

Pre Launch booking open for 2BHK & 3BHK residential flat at Laxmi Sagar, Badagad Canal Road, Bhubaneswar. Contact- 7873751719, 7978751719. D-71391

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048.** D-1774

**Duplex sale at Bhubaneswar and apartment Kalinganagar DAV School- 9777433701.** D-76202

**N.H. side Prime location Sthitiban Land for sale in Jagannath Dham, Puri, Plot-1 Location- Chandanpur Puri NH Bypass Road. Area-0.25 Decimal Frontage to Road (NH-316) 120ft Plot-2 Location- Chandanpur main market Area-0.30 Decimal Frontage to Road (State Highway)- 200ft. Contact Number- 9337399239, 9876546132.** D-1771

## ACCOMMODATION

Free Accommodation for Senior Citizens mentally ill person and drug addicted person with all facilities. Contact- 9337160036, 7325991853. D-1763

## LOST

ପଟ୍ଟା ହଜିଛି- ମୁଁ ବିଶିକେଶନ ବେହେରା, ପିତା- କାହ୍ନୁ ବେହେରା, ଗ୍ରାମ- ଯୋଗିନ୍ଦ୍ରପୁର, ଥାନା- ମନମୁଣ୍ଡା, ଜିଲ୍ଲା- ବୌଦ୍ଧ। ତା ୦୪।୦୯।୨୦୨୪ ଦିନ ପଲସାଗୋରାରୁ ମନମୁଣ୍ଡା ରାସ୍ତାରେ ଖାତା ନଂ.-୭୪, ମୌଜା- ଦମାମୁଣ୍ଡାର ପଟ୍ଟା ହଜିଛି। କେହି ପାଇଥିଲେ ଦୟାକରି ଫେରାଇବାକୁ ଅନୁରୋଧ। ଧ-୧୭୭୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମୁଁ ସସ୍ମିତା ରାଣୀ ଜେନା, ସ୍ୱାମୀ- ଅଚ୍ଛବ ମହାପାତ୍ର, ଗ୍ରାମ-ନୂଆପଡା, ପୋ: ଛତାବର, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ ଯେ, ବ୍ରହ୍ମଗିରି ମୌଜାର ଖାତା ନଂ ୪୯୮; ପ୍ଲଟ- ୧୯୯୩, ଏରିଆ- ୮.୫ ଡିସିମିଲର ଦଲିଲ, ଯାହାର ନଂ.- ୧୧୪୯୧୫୦୧୨୬୯ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାନ୍ତି ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛୁ। ଧ-୧୭୭୮

## AFFIDAVIT

I, Urmila Mohapatra, D/o- Late Bhagirathi Mohapatra, resident of Ward No.- 54, poonamagate Plot No.- 570/54, P.O./P.S.- Shree Lingaraj, Dist.- Khordha, PIN- 751002, Odisha declare by this affidavit No.- CFNo-44, dt- 14.08.24 that now onwords I shall be known as **URMILA MOHAPATRA** for all future purposes. D-1773

By virtue of an affidavit sworn before EXECUTIVE MAGISTRATE, BHADRAK, I, SITANSHU SHEKHAR PANDA, S/o-PURNA CHANDRA PANDA, At- Kantakabi Nagar, Bypass, P.O./Dist.-Bhadrak, declared that I have changed my name from SITANSHU SHEKHARA PANDA to SITANSHU SHEKHAR PANDA. Henceforth, I shall be known as SITANSHU SHEKHAR PANDA for all purposes. D-1768

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit No.- 1221, dated 22.10.2024 sworn before the Executive Magistrate, Aska by I Mamata Nahak, W/o- Pramod Bishoyi of Village- Bhejiput, Post- Badakholi, P.S.- Kotinada, Dist.- Ganjam, Odisha, I have changed my name from Pramodini Bishoyi, W/o- Pramod Bishoyi to Mamata Nahak, W/o- Pramod Bishoyi for all future purpose. D-1767

Affidavit before Executive Magistrate, Khallikote, Ganjam. I Rajesh Kumar Jani (21), S/o- Late Ereya Jani, Vill- Sakiri, P.O.- Dimiria, Via/P.S.- Khallikote Ganjam, that I am natural son of Jayakrushna Jani (Father) and Laxmi Jani (Mother) with registered adopted deed No.-40661902032/ 31.07.2019 SRO Khallikote and all Education Certificate also. I shall be known as Rajes Kumar Jani, S/o- Late Ereya Jani for all future purposes. D-1781

By virtue of an affidavit sworn before Manoj Kumar Pattanaik, Notary Public, Khordha Vide Affidavit No.- 1966, dtd. 23.10.2024, I Pratima Barik, D/o- Fagu Barik of Village/P.O.- Dadhimachhagadia, P.S.- Khordha Sadar, Dist.- Khordha, PIN- 752056 Vide Aadhaar No.- xxxx xxxx 9221 declare that, I have changed my name from Itirani Samantaray, W/o- Asit Kumar Samantaray to Pratima Barik, D/o- Fagu Barik. Henceforth, I shall be known as Pratima Barik, D/o- Fagu Barik for all purposes.
PRATIMA BARIK D-1779

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Bijaya Panda, S/o- Baikuntha Panda, resident of Hi-Tech Colony (Butiguda), Malkangiri, P.O./P.S./ Dist.- Malkangiri, PIN- 764045, Odisha declare by this affidavit No.- 3115 dated 16.08.2024 that now onwards I shall be known as BIJAY KUMAR PANDA for all future purposes. D-1776

An affidavit before the Executive Magistrate, Jagatsinghpur on 01.10.24, Gitalakhmi Nayak, At- Bania, P.O.- Bangurigaon, P.S.- Kakatpur, Dist- Puri, 752118, Odisha declare that I have changed my name from Gitanjali Nayak to Gitalakhmi Nayak. Henceforth, I shall be known as Gitalakhmi Nayak for all future purposes. D-1780

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅନାମ ଚନ୍ଦ୍ର ପଣ୍ଡା**

ବଡ଼ଗଡ଼ ବ୍ରିଟ୍ କଲୋନୀ, LB-301

ଆବିର୍ଭାବ: ୦୮।୦୨।୧୯୫୫
ତିରୋଧାନ: ୧୭।୧୦।୨୦୨୪
(କୁମାର ପୂର୍ଣ୍ଣମୀ, ଗୁରୁବାର)

ନନା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ।

ଧ-୭୫୬୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ମଞ୍ଜୁଳା ବେହେରା**

ଶ୍ରୀବିହାର, ପଟିଆ, ଭୁବନେଶ୍ୱର

ଆବିର୍ଭାବ- ତା୦୧।୦୭।୧୯୫୪
ତିରୋଧାନ- ତା୦୮।୧୧।୨୦୨୩
(କାର୍ତ୍ତିକ କୃଷ୍ଣ ଏକାଦଶୀ)

ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠ ତ୍ୟାଗମୟ ଆଦର୍ଶର ପ୍ରତିଛବି, ଉଦାରତାର ପ୍ରତିଫଳନ ଆମକୁ ପ୍ରତିକ୍ଷଣ ନୈତିକତାର ମାର୍ଗଦର୍ଶନ କରାଉଥିବ । ତୁମ ଅନୁପସ୍ଥିତି ଜନିତ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ । ଶ୍ରୀଜଗନ୍ନାଥଙ୍କ କରୁଣାରୁ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାର୍ଥନା ସହିତ ତୁମ ଶୁଭାଶୀର୍ବାଦ ଆମର କାମ୍ୟ।

ଶୋକସନ୍ତପ୍ତ ପରିବାରବର୍ଗ- ସ୍ୱାମୀ: ଶ୍ରୀଚରଣ, ପୁତ୍ର: ବିଭୁ, ବିଷ୍ଣୁ, ପୁତ୍ରବଧୂ: ବିସ୍ମିତା, ସ୍ମୃତିରେଖା, ଝିଅ: ଅନୁପମା, ଜ୍ୱାଇଁ: ବିଶ୍ୱରଞ୍ଜନ, ନାତି/ନାତୁଣୀ: ଅଙ୍କିତା, ନିକିତା, ଭୂମିକା, ଅର୍ଣ୍ଣଭ, ଜ୍ୟୋତିଗଣେଶ୍ୱର ଏବଂ ଆତ୍ମୀୟସ୍ୱଜନ

ଧ-୧୭୨୯

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡ୍ରଗ୍ସ କାରବାରକୁ ନେଇ ଡବଲ ମର୍ଡର

### ଜଙ୍ଗଲରୁ ଯୁବତୀଯୁବକଙ୍କ ମୃତଦେହ ଜବତ ଘଟଣା

■ମୃତଦ୍ୱୟ ଝାଡ଼ଖଣ୍ଡର: ଏସ୍‌ଡିପିଓ
■ମୁହଁ ଖୋଲିଲେନି ମୃତକଙ୍କ ପରିବାର
■ଝାଡ଼ଖଣ୍ଡରେ ଅଧିକ ତଦନ୍ତ କରୁଛି ବଲାଙ୍ଗୀର ପୋଲିସ, କାର୍ ଜବତ

ବଲାଙ୍ଗୀର,୨୬।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଗାଁ ନିକଟ ରାସ୍ତାକଡ଼ ପତ୍ରା ଜଙ୍ଗଲରୁ ଗୁରୁବାର ଯୁବତୀଯୁବକଙ୍କ ଗଳାକଟା ମୃତଦେହ ଜବତ ଘଟଣାରେ ବଲାଙ୍ଗୀର ପୋଲିସ ଶନିବାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ମୃତ ଯୁବତୀଯୁବକ ଝାଡ଼ଖଣ୍ଡ ରାଜ୍ୟର ଏବଂ ଡ୍ରଗ୍ସ କାରବାରରୁ ଏହି ଡବଲ ମର୍ଡର ଘଟିଥିବା ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାଛଡ଼ା ଏହି ଘଟଣାରେ ବ୍ୟବହୃତ ଏକ କାର୍‌କୁ ପୋଲିସ ଜବତ କରିଛି। ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କୁ ମଧ୍ୟ ପୋଲିସ ପଚରାଉଚରା କରୁଛି। ଡବଲ ମର୍ଡର ଘଟଣାର ତଦନ୍ତ ପାଇଁ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ୫ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି। ସେଥିରୁ ଦୁଇଟି ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ କରୁଛନ୍ତି। ତଦନ୍ତ ସମ୍ପୂର୍ଣ୍ଣ ହେଲେ ସବିଶେଷ ତଥ୍ୟ ଦିଆଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି। ତଦନ୍ତ ଦୃଷ୍ଟିରୁ ପୋଲିସ ମୃତ ଯୁବତୀଯୁବକଙ୍କ ପରିଚୟ ପ୍ରଘଟ କରିନାହିଁ। ଅନ୍ୟପଟେ ଝାଡ଼ଖଣ୍ଡରୁ ଆସିଥିବା ମୃତକଙ୍କ ସମ୍ପର୍କୀୟମାନେ ଶନିବାର ସନ୍ଧ୍ୟାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ମୃତ ଯୁବତୀଯୁବକଙ୍କୁ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ସେମାନେ ମୃତଦେହ ନେଇ ଝାଡ଼ଖଣ୍ଡ ଫେରିଥିବା ଜଣାପଡ଼ିଛି।

ବଲାଙ୍ଗୀର ଆସିଥିବା ମୃତ ଯୁବକଙ୍କ ଭଣଜା ସମ୍ରିଫ୍‌ଙ୍କ କହିବା ହେଲା, ମୃତକଙ୍କ ନାଁ ଜାଭେଦ୍ ଅଲ୍ଲି(୩୦) ଏବଂ ସେ ବୋକାରୋଠାରେ ଜମି ବ୍ୟବସାୟ ସହ ସମ୍ପୃକ୍ତ ଥିଲେ। ଜାଭେଦ୍ ବିଭିନ୍ନ ସମୟରେ ବଲାଙ୍ଗୀରକୁ ବୁଲିବାକୁ ଆସୁଥିଲେ। ଗତ ୧୦/୧୫ ଦିନ ତଳେ ମଧ୍ୟ ସେ ବଲାଙ୍ଗୀର ଆସିଥିବା ସମ୍ରିଫ୍ କହିଛନ୍ତି। ଅନ୍ୟପକ୍ଷରେ ବଲାଙ୍ଗୀର ଆସିଥିବା ମୃତ ଯୁବତୀଙ୍କ ମାମୁ ଓ ଅନ୍ୟମାନେ ଯୁବତୀଙ୍କ ମୃତ୍ୟୁ ବିଷୟରେ କିଛି ବି କହିବାକୁ ମନା କରି ଦେଇଛନ୍ତି। ହେଲେ ଯୁବତୀ ଜଣକ କେଉଁ ପରିସ୍ଥିତିରେ ବଲାଙ୍ଗୀର ଆସିଲେ ଓ ମୃତ ଜାଭେଦ୍‌ଙ୍କ ସହ ତାଙ୍କର କ'ଣ ସମ୍ପର୍କ ରହିଥିଲା ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ। ଏପରି କି କେଉଁ କାରଣରୁ ଏବଂ କିଏ ଯୁବତୀଯୁବକଙ୍କୁ ଗଳା କାଟି ହତ୍ୟା କରି ମୃତଦେହକୁ ତଣ୍ଡାମୁଣ୍ଡା ପତ୍ରା ଜଙ୍ଗଲକୁ ନେଇ ଫିଙ୍ଗିଦେଲା ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଯୁବତୀ ଜଣକ ଗତ ୬/୭ ଦିନ ହେଲା ନିଖୋଜ ଥିଲେ। ସେ ଜାଭେଦ୍‌ଙ୍କ ସହ ବଲାଙ୍ଗୀର ଆସି ଏକ ଭଡ଼ା ଘରେ ରହୁଥିବା ଚର୍ଚ୍ଚା ହେଉଛି। ତେବେ ପୋଲିସ ଏନେଇ କିଛି ବି ସୂଚନା ଦେଇନାହିଁ। ଡ୍ରଗ୍ସ କାରବାରରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାରୁ ବଲାଙ୍ଗୀରର ଡ୍ରଗ୍ସ ଏବଂ କଫ୍ ସିରପ୍ ଚୋରା ବ୍ୟବସାୟୀଙ୍କ ଉପରେ ପୋଲିସ ନଜର ରଖି ଅନୁସନ୍ଧାନ ଚଳାଇଛି। ଡ୍ରଗ୍ସ କାରବାରରେ ଏହି ଯୁବତୀ ଓ ଯୁବକ କିଭଳି ସମ୍ପୃକ୍ତ ହୋଇଥିଲେ ଏବଂ ବଲାଙ୍ଗୀରର କେଉଁମାନଙ୍କ ସହ ଏମାନେ ସମ୍ପର୍କ ରଖିଥିଲେ ସେନେଇ ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଜଙ୍ଗଲରୁ ଦୁଇ ମୃତଦେହ ମିଳିବା ପରେ ଏହା ପ୍ରେମ ସମ୍ପର୍କରୁ ହତ୍ୟା ବା ସେକ୍ସ କାରବାରରୁ ହତ୍ୟା ହୋଇଥାଇପାରେ ବୋଲି ପ୍ରଥମେ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏଭଳି ଚର୍ଚ୍ଚାକୁ ପୋଲିସ ଖଣ୍ଡନ କରି ଡ୍ରଗ୍ସ କାରବାରରୁ ଏହି ହତ୍ୟା ଘଟଣା ଘଟିଥିବା ବୋଲି ପୋଲିସ କହିଛି।


ମୃତଦେହ ନେବାକୁ ଝାଡ଼ଖଣ୍ଡରୁ ବଲାଙ୍ଗୀର ଆସିଥିବା ମୃତକଙ୍କ ସମ୍ପର୍କୀୟମାନେ।

## ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅପହରଣ, ବଳାତ୍କାର ମାମଲା

ବାଲେଶ୍ୱର, ୨୬।୧୦(ବାଞ୍ଛାନିଧି ଦେ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ରାଜେନ୍ଦ୍ର କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯେ, ବାଲେଶ୍ୱର ଜିଲା ଟାଉନ ଥାନା ଅଞ୍ଚଳର ରାଜେନ୍ଦ୍ର ଜେନା ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଗତ ଏପ୍ରିଲ ୬ ତାରିଖରେ ସହଦେବଖୁଣ୍ଟା ଥାନା ଅଞ୍ଚଳରୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଗତ ଏପ୍ରିଲ ୭ ତାରିଖରେ ପୋଲିସ ଏକ ମାମଲା (ନଂ. ୧୨୭/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ନାବାଳିକାଙ୍କ ବୟାନକୁ ଭିତ୍ତି କରି ୧୫ଜଣ ସାକ୍ଷୀ ଓ ୨୬ ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅପହରଣ, ବଳାତ୍କାର ମାମଲା

ସମ୍ବଲପୁର,୨୬।୧୦(ପ୍ରମୋଦ ବହିଦାର)

୨୦୨୧ ମସିହାରେ ଘଟିଥିବା ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାରକରି ସମ୍ବଲପୁର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶନିବାର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ଅନୁଗୋଳର ପାପୁନ ବେହେରା(୨୬)ଙ୍କୁ ଦଫା ୩୭୬ ଓ ପୋକ୍‌ସୋ ଆଇନ ଦଫା ୬ରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ସେହିପରି ଦଫା ୩୬୩ରେ ୭ ବର୍ଷ ଓ ଦଫା ୩୬୬ରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ଉଭୟ ମାମଲାରେ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅତିରିକ୍ତ ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଗଣେଶନଗରରେ ପୀଡ଼ତା ୧୪ବର୍ଷୀୟା ନାବାଳିକା ପରିବାର ସହ ରହୁଥିଲେ। ରେଙ୍ଗାଲିର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଅନୁଗୋଳର ପାପୁନ ଏକ ଭଡ଼ାଘରେ ପୀଡ଼ିତାଙ୍କ ପଡ଼ୋଶୀ ଭାବେ ରହୁଥିଲେ। ଏହି ସମୟରେ ପାପୁନ ପୀଡ଼ିତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ। ୨୦୨୧ ସେପ୍ଟେମ୍ବର ୩ ରାତିରେ ପୀଡ଼ିତାଙ୍କୁ ଅପହରଣକରି ହାଇଦ୍ରାବାଦ ନେଇଯାଇଥିଲେ। ସେଠାରେ ଖଜରପୁର ନାମକ ଏକ ସ୍ଥାନରେ ପୀଡ଼ିତାଙ୍କୁ ଏକ ଘରେ ବାନ୍ଧି ରଖି ବାରମ୍ବାର ବଳାତ୍କାର କରିଥିଲେ। କୌଶଳକ୍ରମେ ପୀଡ଼ିତା ନିଜ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପୀଡ଼ିତାଙ୍କ ମା' ବାପା ଘଟଣା ସମ୍ପର୍କରେ ଜାଣିବା ପରେ ରେଙ୍ଗାଲି ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ରେଙ୍ଗାଲି ଥାନାରେ ଦଫା ୩୬୩, ୩୬୬, ୩୭୬(୩)(୨) ଓ ୬ ପୋକ୍‌ସୋ ଆଇନରେ ଏକ ମାମଲା (ନଂ.୧୫୭/୨୦୨୧) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏକ ସ୍ୱତନ୍ତ୍ର ପୋଲିସ ଦଳ ହାଇଦ୍ରାବାଦ ଯାଇ ସେଠାରୁ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଉଦ୍ଧାରକରି ଏଠାକୁ ଆଣିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣ ଆଧାରରେ ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତ ପାପୁନଙ୍କୁ ଦୋଷୀ ସାବ୍ୟସ୍ତକରି ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ୧୩୮ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଅନୁଗୋଳ, ୨୬।୧୦ (ମାନସ ବିଶ୍ୱାଳ)/ ତାଳଚେର (ମନୋଜ ନନ୍ଦ)

ତାଳଚେର ଅବକାରୀ ବିଭାଗ ପକ୍ଷରୁ ସାଉଥ୍‌ବଲଣ୍ଡାଠାରେ ଶନିବାର ଅପରାହ୍ଣ ପ୍ରାୟ ୩ ଘଟିକାରେ ଚଢ଼ାଉ କରାଯାଇ ଜଣେ ଚୋରା ନିଶା ବ୍ୟବସାୟୀଙ୍କ ଠାରୁ ୧୩୮ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ଏକ ସ୍କର୍ପିଓ (ନଂ. ଓଡି୧୯ଏଲ୍-୬୬୯୯) ମଧ୍ୟ ଜବତ ହୋଇଛି। ଏ ନେଇ ତାଳଚେର ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅନୁଗୋଳ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ମଧୁସ୍ମିତା ନାୟକ ଜଣାଇଛନ୍ତି।

ଅନୁଗୋଳ ଜିଲାର ବିଭିନ୍ନ ସହରରେ ଚୋରା ବ୍ରାଉନସୁଗାର କାରବାର ବଢି ଚାଲିଥିବା ବେଳେ ଏହା ପୋଲିସ ଓ ଅବକାରୀ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହା ଉପରେ ଏସ୍‌ଟିଏଫ୍ ପକ୍ଷରୁ ନଜର ରଖାଯାଇଥିବା ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜିଲା ଅବକାରୀ ଅଧୀକ୍ଷକ ନାୟକଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସାଉଥବଲଣ୍ଡା ଠାରେ ଜଗି ରହିଥିଲେ। ଢେଙ୍କାନାଳ ଜିଲା କାମାକ୍ଷାନଗରର ସୁତାନୁ ଭୂଷଣ ସ୍ୱାଇଁ (୩୪)ଏକ ସ୍କର୍ପିଓ ରେ ବ୍ରାଉନସୁଗାର ଆଣି ଅନ୍ୟ ଜଣଙ୍କୁ ଦେବାକୁ ଆସିଥିବା ବେଳେ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ସୁତାନୁଙ୍କ ଠାରୁ ୧୩ଲକ୍ଷ ୮୦ ହଜାର ଟଙ୍କାର ୧୩୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହି ଚଢାଉରେ ସବ୍‌ଇନ୍ସପେକ୍ଟର ହଟିଆ ବେହେରା, ଏଏସ୍‌ଆଇ ସନ୍ତୋଷ ସେନାପତି, କନଷ୍ଟେବଲ ସରୋଜ ସାହୁ, ଗୌରୀ ଓରାମ ପ୍ରମୁଖ ସାମିଲ ଥିଲେ।

## ବାତ୍ୟା ଆଶ୍ରୟସ୍ଥଳ ଛାତରୁ ଖସି ୫ ବର୍ଷୀୟା ଝିଅଙ୍କ ମୃତ୍ୟୁ ଅଭିଯୋଗ

■ ଭୁବନେଶ୍ୱରରୁ ଝରିଗାଁରେ ପହଞ୍ଚିଲା ମୃତଦେହ
■ଝରିଗାଁ ଥାନାରେ ଅଭିଯୋଗକଲେ ପରିବାର ଲୋକେ

ଝରିଗାଁ,୨୬।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁରରୁ ଭୁବନେଶ୍ୱର ଯାଇ କାମ କରୁଥିବା ଏକ ଦମ୍ପତିଙ୍କ ୫ ବର୍ଷୀୟା ଝିଅ ଶୁକ୍ରବାର ଏକ ବାତ୍ୟା ଆଶ୍ରୟସ୍ଥଳ ଛାତରୁ ଖସି ପ୍ରାଣ ହରାଇଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ବାଣୁଆଗୁଡ଼ା ପଞ୍ଚାୟତ କୁହୁରାକୋଟ ଗ୍ରାମର ଜୟସିଂ କମାରଙ୍କ ଝିଅ ଧନଦେଈ। ଶନିବାର ଧନଦେଈଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ କୁହୁରାକୋଟ ଗାଁରେ ପହଞ୍ଚିଥିଲା। ମୃତକଙ୍କ ମା' ନୀଳା କମାରଙ୍କ ଅଭିଯୋଗକ୍ରମେ ଝରିଗାଁ ପୋଲିସ କେସ୍ ନଂ.୨୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଅପରାହ୍ଣ ପ୍ରାୟ ୪.୩୦ରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱରର ବାତ୍ୟା ଆଶ୍ରୟସ୍ଥଳରେ ଧନଦେଈଙ୍କ ମୃତ୍ୟୁ ହେଲା, ତେବେ ସ୍ଥାନୀୟ ପ୍ରଶାସନ କାହିଁକି ମୃତଦେହ ବ୍ୟବଚ୍ଛେଦ କରାଇଲେ ନାହିଁ। ତରବରିଆ ଭାବେ କମ୍ପାନୀ କର୍ତ୍ତୃପକ୍ଷ କ'ଣ ପାଇଁ ମୃତଦେହକୁ କୁହୁରାକୋଟ ପଠାଇଦେଲେ ତାହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାନୁଯାୟୀ ପ୍ରାୟ ଦେଢ଼ ମାସ ତଳେ ଜୟସିଂ ଏବଂ ତାଙ୍କ ସ୍ତ୍ରୀ ୫ ଝିଅପୁଅଙ୍କୁ ଧରି କାମ କରିବାକୁ ଭୁବନେଶ୍ୱରକୁ ଆସିଥିଲେ। ସେ ପୁରୀ କେନାଲ ରୋଡ୍ ଅଞ୍ଚଳରେ ରହି ଏକ କମ୍ପାନୀରେ କାମ କରୁଥିଲେ। ତେବେ ବାତ୍ୟା ଦାନା ପାଇଁ ସ୍ଥାନୀୟ ପ୍ରଶାସନ ସେଠାରେ କାମ କରୁଥିବା ପ୍ରାୟ ୩୦୦ ଶ୍ରମିକଙ୍କୁ ଏକ ବାତ୍ୟା ଆଶ୍ରୟସ୍ଥଳକୁ ୨୪ ତାରିଖରେ ସ୍ଥାନାନ୍ତର କରିଥିଲା। ୨୫ ତାରିଖ ସକାଳୁ ଜୟସିଂ ଏବଂ ନୀଳା ଶୌଚହେବା ନେଇ ବାତ୍ୟା ଆଶ୍ରୟସ୍ଥଳରୁ ବାହାରକୁ ଯାଇଥିଲେ। ଏହି ସମୟରେ ଉପର ମହଲାରେ ସେମାନଙ୍କ ଝିଅପୁଅ ଶୋଇଥିଲେ। ଦୁହେଁ ଶୌଚ କାମ ସାରି ଫେରିବାବେଳକୁ ଝିଅ ଧନଦେଈ ନ ଥିବା ଦେଖି ସେମାନେ ଖୋଜାଖୋଜି କରିଥିଲେ। ତେବେ ଛାତରୁ ପଡ଼ି ଝିଅଙ୍କ ମୃତ୍ୟୁ ହୋଇଥିବା ପରେ ଅନ୍ୟମାନଙ୍କ ଠାରୁ ଜାଣିବାକୁ ପାଇଥିଲେ। ମୃତଦେହ ଆମ୍ବୁଲାନ୍ସରେ ରଖାଯାଇଛି। ଏହାକୁ ନେଇ ଗାଁକୁ ଯିବାକୁ କମ୍ପାନୀ ସଦସ୍ୟ କହିବା ସହ ୪୫ ହଜାର ଟଙ୍କା ଦେଇଥିଲେ ବୋଲି ନୀଳା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଆମ୍ବୁଲାନ୍ସ ଶନିବାର ସକାଳେ ଗାଁରେ ପହଞ୍ଚିବା ପରେ ଜୟସିଂ ଓ ନୀଳା ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମବାସୀଙ୍କ ସହାୟତାରେ ସେମାନେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ବୋଲି ଏଏସ୍‌ଆଇ ବେଦବ୍ୟାସ ବଞ୍ଜରା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜିତିଲେ ପର୍ଶୁରାମ କ୍ଷତ୍ରୀ**
**ହାରିଲେ ପର୍ଶୁରାମ ଭିକାରି।**

ଜିଦ୍‌ଖୋର ବ୍ୟକ୍ତି ଯେକୌଣସି ପରିସ୍ଥିତିରେ ବି ନିଜ ଜିଦ୍‌ରେ ସର୍ବଦା ଅଟଳ ରହିଥାନ୍ତି। ଜିଦ୍‌ଖୋର ପାରଙ୍ଗମ ଲୋକଙ୍କ ଜିଦି ଆଗରେ ହାରିବା ଜିତିବା ଉଭୟ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜାଣ ନ ଜାଣ ଝାମ୍ପୁଲି ଆଣ,**
**ଖାଡ଼ିଆ ଶିଙ୍ଗା ସବୁଠୁ ଟାଣ,**
**ଯେବେ ଆଣିଥିବୁ ବେଣିଆ ରଶି,**
**କାନ୍ଦୁଥିବୁ ହିଡ଼ ମୁଣ୍ଡରେ ବସି।**

ଶିଙ୍ଗ ଦେଖି ବଳଦ କିଣାକିଣି କରାଯାଇଥାଏ। ଯାହାର ଶିଙ୍ଗ ଯେତେ ଟାଣ ବା ଶକ୍ତ ହୋଇଥାଏ ସେ ସେତେ ଉନ୍ନତ ବା ଭଲ ବୋଲି ଜଣାଯାଇଥାଏ। ସେହିପରି ଝାମ୍ପୁଲି ତଥା ଖାଡ଼ିଆ ଶିଙ୍ଗ ଥିବା ବଳଦ ବେଶ୍ କାମିକା ହୋଇଥିବାବେଳେ ବେଣିଆ ରଶି କୌଣସି ଗୁଣରେ ଯୋଗ୍ୟ ହେଉ ନ ଥିବା ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମହିଳାଙ୍କୁ ଘରେ ବନ୍ଦ କରି ଦୁର୍ବ୍ୟବହାର, ପୋଲିସକୁ ଆକ୍ରମଣ

### କୋରିଅର ସଂସ୍ଥାର ୩ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୬।୧୦(ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଏନ୍‌ଟେକ୍ସ ଟ୍ରାନ୍ସପୋର୍ଟେଶନ ସର୍ଭିସ ପ୍ରାଇଭେଟ ଲିମିଟେଡ୍ ନାମକ କୋରିଅର ସଂସ୍ଥାରେ ଜଣେ ମହିଳାଙ୍କୁ ଏକ ଘରେ ବନ୍ଦକରି ରଖାଯିବା ସହ ଦୁର୍ବ୍ୟବହାର କରାଯାଇଛି। ଏଥିସହ ଉଦ୍ଧାର ପାଇଁ ଯାଇଥିବା ପୋଲିସକୁ ମଧ୍ୟ ଆକ୍ରମଣ ହୋଇଛି। ଏହି ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ୩ଜଣ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦକା ଅଞ୍ଚଳର ଚିନ୍ମୟ ଶ୍ରୀଚନ୍ଦନ, ବାଣୀବିହାର ଲେନ୍-୬ ଅଞ୍ଚଳର ବିବେକାନନ୍ଦ ପରିଡା ଓ ଖଣ୍ଡଗିରିରେ ରହୁଥିବା କଟକର ଜ୍ୟୋତିରଞ୍ଜନ ସାହୁ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ପୀଡ଼ିତା ମହିଳା ଆଇଆର୍‌ସି ଭିଲେଜରେ ରୁହନ୍ତି। ସେ ଅକ୍ଟୋବର ୨୨ରେ ଫ୍ଲିପ୍‌କାର୍ଟ ସପିଂ ଆପ ଯୋଗେ ଏକ ମୋବାଇଲ ଫୋନ ଅର୍ଡର କରିବା ସହ ଅଗ୍ରୀମ ୭ ହଜାର ୨୦୦ଟଙ୍କା ପୈଠ କରିଥିଲେ। ଉକ୍ତ ପାର୍ସଲଟି ଗତ ୨୫ ତାରିଖ ଅପରାହ୍ଣ ସୁଦ୍ଧା ଡେଲିଭରି ହେବା ନେଇ କମ୍ପାନୀ ତରଫରୁ ସୂଚନା ଦିଆଯାଇଥିବା ସତ୍ତ୍ୱେ ପାର୍ସଲଟି ନିର୍ଦ୍ଧାରିତ ସମୟରେ ଡେଲିଭର ହୋଇ ନ ଥିଲା। ତେଣୁ ମହିଳା ଜଣକ ପଟିଆସ୍ଥିତ ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଥିବା କୋରିଅର ସଂସ୍ଥା ଏନ୍‌ଟେକ୍ସ ଟ୍ରାନ୍ସପୋର୍ଟେଶନ ସର୍ଭିସ ପ୍ରାଇଭେଟ ଲିମିଟେଡ୍‌ର ଅଫିସକୁ ଯାଇ ସେଠାରେ ଉପସ୍ଥିତ କର୍ମଚାରୀଙ୍କୁ ନିଜ ପାର୍ସଲକୁ ଦେବା ପାଇଁ ଅନୁରୋଧ କରିଥିଲେ। ସମୟ ହୋଇଯାଇଥିବା ଦର୍ଶାଇ କର୍ମଚାରୀମାନେ ପାର୍ସଲଟିକୁ ଦେବାକୁ ମନା କରିବା ସହ ଅପେକ୍ଷା କରିବା ଲାଗି କହିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ମହିଳାଜଣକ ରାଗିଯାଇ ନିଜ ପାର୍ସଲଟିକୁ ନେବା ପାଇଁ ପ୍ରୟାସ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କାମାରି ତାଙ୍କ ହାତରୁ ପାର୍ସଲଟିକୁ ଛଡ଼ାଇ ନେଇଯାଇଥିଲେ। ଏପରିକି ମହିଳାଙ୍କ ଡ୍ରେସ୍‌କୁ ଟଣାଓଟରା କରି ଏକ ଘରେ ବନ୍ଦ କରି ରଖିବା ସହ ପରିବାର ଲୋକ ଆସିଲେ ତାଙ୍କ ସମ୍ମୁଖରେ ଉଲଗ୍ନ କରିବା ପରେ ପାର୍ସଲ ଦିଆଯିବ ବୋଲି କହିଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣକ ପାଖରେ ଥିବା ମୋବାଇଲ୍ ଫୋନ୍‌ରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇ ଉଦ୍ଧାର ପାଇଁ ନିବେଦନ କରିଥିଲେ। ପୋଲିସ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ୩ କର୍ମଚାରୀଙ୍କୁ କାବୁ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପୋଲିସକୁ ଦୁର୍ବ୍ୟବହାର ସହିତ ଆକ୍ରମଣ କରିଥିଲେ।

## ବାଣ,ବାରୁଦ ଜବତ: ଅଭିଯୁକ୍ତ ଗିରଫ

ସାଲେପୁର,୨୬।୧୦(ଅରବିନ୍ଦ ଭୂୟାଁ)

ଘର ବାଡ଼ିରେ ବେଆଇନ ଭାବେ ବିଭିନ୍ନ ପ୍ରକାରର ବାଣ ତିଆରି କରୁଥିବା ବେଳେ ଜଣେ ବ୍ୟକ୍ତି ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ କଟକ ଜିଲା ସାଲେପୁର ଥାନା ପିକୋଳ ପଞ୍ଚାୟତ ଅନ୍ତର୍ଗତ ନଗଳଧୁଆ ଗ୍ରାମର ଗଙ୍ଗାଧର ବେହେରା। ସାଲେପୁର ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଙ୍ଗାଧରଙ୍କ ଘର ଉପରେ ଚଢ଼ାଉ କରି ସେଠାରୁ ତାଳଫୋଟକା, ଗଡ଼ମା, ରକେଟ, ଧପଧପି ଆଦି ବାଣ ସମେତ ବହୁ ପରିମାଣର ବାରୁଦ ଜବତ କରିଛନ୍ତି। ଜବତ ବାଣ ଓ ବାରୁଦର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସାଲେପୁର ଥାନା ଅଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଅଭିଯୋଗରେ ଗଙ୍ଗାଧରଙ୍କୁ ଗିରଫ କରାଯାଇଛି।

## ଜମି କିଣାବିକାରେ ଜାଲିଆତି, ୩ ଗିରଫ

■ଦାଖଲ କରିଥିଲେ ନକଲି ଜମିବିକ୍ରି ପରମିଶନ ଅର୍ଡର
■ଗିରଫ ହେଲେ ଜମି ମାଲିକ, ସରକାରୀ କର୍ମଚାରୀ
■ଏବେ ବି ଫେରାର ଅଛନ୍ତି ଅନେକ ଅଭିଯୁକ୍ତ

ବରଗଡ଼,୨୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଜମି କିଣାବିକାରେ ଜାଲିଆତି କାରବାର ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ (ଡିଷ୍ଟ୍ରିକ୍ଟ ସବ୍‌ରେଜିଷ୍ଟ୍ରାର ଅଫିସ୍)ରେ ହୋଇଥିବା ଏଭଳି ଏକ ଜାଲିଆତି ପଦାକୁ ଆସିଛି। ଏ ନେଇ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ଏତଲାକ୍ରମେ ସ୍ଥାନୀୟ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୯୫/୨୪) ରୁଜୁ କରିବା ସହିତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜମି ମାଲିକ ସୁରେଶ ଭୋସାଗର, ଜିଲା ସବ୍‌ରେଜିଷ୍ଟ୍ରାର ଅଫିସରେ କାର୍ଯ୍ୟରତ କନିଷ୍ଠ ସହାୟକ ଉମେଶ ବଡ଼େଇ ଏବଂ ବିଦ୍ୟାଧର ଭୋଇ। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅନୁସୂଚିତ ଜାତି, ଜନଜାତିଙ୍କ ଜମି ବିକ୍ରି ପାଇଁ ଓଡ଼ିଶା ଲ୍ୟାଣ୍ଡ ରିଫର୍ମ (ଓଏଲଆର୍) ଆକ୍ଟ, ୧୯୬୦ ଅନୁଯାୟୀ ପ୍ରଶାସନିକ ଅନୁମତି ବାଧ୍ୟତାମୂଳକ ରହିଛି। କିନ୍ତୁ ଜମି ମାଲିକ ସୁରେଶ କିଛି ବିଭାଗୀୟ କର୍ମଚାରୀଙ୍କୁ ଧରି ନକଲି ପରମିଶନ ହାତେଇ ଅନ୍ୟକୁ ଜମି ବିକିଥିଲେ। ସମ୍ପୃକ୍ତ କ୍ରେତା ମଧ୍ୟ ସେହି ଜମିକୁ ଭାଗ ଭାଗ କରି ଅନ୍ୟମାନଙ୍କୁ ବିକ୍ରି କରିଦେଇଥିଲେ। ଏହା ଉପଜିଲାପାଳ ପାଣ୍ଡେଙ୍କ ଦୃଷ୍ଟିକୁ ଆସିବା ପରେ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରିବା ସହିତ ଏପର୍ଯ୍ୟନ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆହୁରି ଅଭିଯୁକ୍ତ ଥିବା ଯୋଗୁ ସେମାନଙ୍କୁ ଧରିବା ପାଇଁ ପୋଲିସ ବ୍ୟାପକ ତନାଘନା ଚଳାଇଛି।

## ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ

### ଜଣେ ଗିରଫ, ବାଣ ପ୍ରସ୍ତୁତ ପାଇଁ ରହିଥିଲା

ବେଗୁନିଆ,୨୬।୧୦(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ଶନିବାର ମଲ୍ଲିପଦର ଗ୍ରାମରେ ଚଢ଼ାଉ କରି ବେଆଇନ ଭାବେ ବାଣ ପ୍ରସ୍ତୁତି ପାଇଁ ରଖାଯାଇଥିବା ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଜବତ ବିସ୍ଫୋରକ ସାମଗ୍ରୀର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ସନ୍ତୋଷ ମହାପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୩୦୦/୨୪) ରୁଜୁ ହୋଇଛି ବୋଲି ପୋଲିସ କହିଛି।

ସୂଚନା ମୁତାବକ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାର୍ବଣ ଆରମ୍ଭରୁ ପୋଲିସ ବିଭାଗ ପକ୍ଷରୁ ବେଆଇନ ମଦ ଓ ବାଣ ବିକ୍ରି ରୋକ୍ ଉପରେ ନଜର ରଖାଯାଇଛି। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଶକାଳେ ବେଗୁନିଆ ପୋଲିସ ପକ୍ଷରୁ ମଲ୍ଲିପଦର ଗ୍ରାମର ସନ୍ତୋଷଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏକ କୋଠରୀରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀ ବାରୁଦ, ଆମୋନିଆନାଇଟ୍ରେଟ, ପଟାସ, ଗନ୍ଧକ ଆଦି ପ୍ରାୟ ଦୁଇ କୁଇଣ୍ଟାଲ ଜବତ ହୋଇଛି। ଏହି ଚଢ଼ାଉରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହିତ ଥାନା କର୍ମଚାରୀ ଏବଂ ଧଳାପଥର ଫାଣ୍ଡିର କର୍ମଚାରୀମାନେ ସାମିଲ ଥିଲେ। ଅନ୍ୟପକ୍ଷରେ ସନ୍ତାଷଙ୍କ ଘରୁ ବିସ୍ଫୋରକ ସାମଗ୍ରୀ ଜବତକୁ ନେଇ ପୋଲିସର ସନ୍ଦେହ ହୋଇଥିଲା। ଜବତ ହୋଇଥିବା ବିସ୍ଫୋରକ କେବଳ ବାଣ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ବେଆଇନ ବାଣ ପ୍ରସ୍ତୁତ କରୁଥିବା ଅନ୍ୟ କୌଣସି ବ୍ୟବସାୟୀଙ୍କ ସହିତ ସନ୍ତୋଷଙ୍କ ସମ୍ପର୍କ ଥାଇପାରେ ବୋଲି ଅଧିକ ତଦନ୍ତରୁ ଜଣାପଡିବ ବୋଲି ଥାନା ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।


ପୋଲିସ ଦ୍ୱାରା ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀ।

# ପ୍ରଥମ ଦିନରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ଭଦୋଦରା, ୨୬।୧୦**

ବରୋଦା ବିପକ୍ଷ ରଣ୍ଜୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଦିନରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଓଡ଼ିଶା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୯୩ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଦଳ ୧ ଉଇକେଟ ହରାଇ ୫୦ ରନ୍ କରିଛି। ହାତରେ ୯ ଉଇକେଟ ରହିଥିବା ବେଳେ ଦଳ ୧୪୩ ରନ୍ ପଛରେ ରହିଛି।

ଟସ୍ ଜିତି ଓଡ଼ିଶା ବ୍ୟାଟିଂ କରିଥିବା ବେଳେ ଦଳ ୪୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଅନୁରାଗ ଷଡଙ୍ଗୀ(୩) ଆଉ ଥରେ ବିଫଳ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌ର ହିରୋ ସନ୍ଦୀପ ପଟ୍ଟନାୟକ ୯ ରନ୍ କରି ଆଉଟ ହୋଇଥିଲେ। ଶାନ୍ତନୁ ମିଶ୍ର ୨୩ ରନ୍ କରିଥିବା ବେଳେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୧ ରନ୍‌ରେ ଆଉଟ ହୋଇଥିଲେ। ୪୬ ରନ୍ ୪ ଉଇକେଟର ପତନ ପରେ ଅଭିଜ୍ଞ



ବିପ୍ଳବ ସାମନ୍ତରାୟ

**ରଣ୍ଜୀ ଟ୍ରଫି**

**୧୪୩ ରନ୍ ପଛରେ ବରୋଦା**

ବିପ୍ଳବ ସାମନ୍ତରାୟ(୫୮) ଓ କାର୍ତ୍ତିକ ବିଶ୍ୱାଳ(୧୬) କମାଣ ସମ୍ଭାଳିଥିଲେ। ଓଡ଼ିଶା ଇନିଂସର ଟପ୍ ସ୍କୋରର ରହିଥିବା ବିପ୍ଳବ ୧୩୨ ବଲ୍ ଖେଳି ୯ ଚୌକା ସହ ୫୮ ରନ୍ କରିଥିଲେ। ଦଳୀୟ ସ୍କୋର ୭୩ରେ କାର୍ତ୍ତିକ ଆଉଟ ହେବା ପରେ ଆଶୀର୍ବାଦ ସ୍ୱାଇଁ କ୍ରିଜରେ ଯୋଗଦେଇଥିଲେ। ଆଶୀର୍ବାଦ ୩୭ ରନ୍ କରିଥିବା ବେଳେ ବିପ୍ଳବଙ୍କ ସହ ମିଶି ୭୨ ରନ୍ ଯୋଡିଥିଲେ। ସେ ୫୭ ବଲ୍ ଖେଳି ୭ ଚୌକା ମାରିଥିଲେ। ଶେଷ ଭାଗରେ ସୂର୍ଯ୍ୟକାନ୍ତ ପ୍ରଧାନ ୧୮ ଓ ସୁନୀଲ ରାଉଳ ୧୦ ରନ୍ କରିବାରୁ ଓଡ଼ିଶା ୧୯୩ ରନ୍‌ରେ ପହଞ୍ଚିଥିଲା। ବରୋଦା ପକ୍ଷରୁ ମହେଶ ଥିପିୟା ୫ ଉଇକେଟ ନେଇଥିଲେ। ରବିଚନ୍ଦ୍ରନ ଅଶ୍ୱିନଙ୍କ ଆହ୍ୱାନରେ ବୋଲିଂ କରୁଥିବା ମହେଶ ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, ଆଶୀର୍ବାଦ ସ୍ୱାଇଁ, ସୁନୀଲ ରାଉଳ ଓ ସୁମିତ ଶର୍ମାଙ୍କୁ ଆଉଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାର୍ଗବ ଭଟ୍ଟ, ଆକାଶ ମହାରାଜ ସିଂ ୨ଟି ଲେଖାଏ ଓ କୃନାଲ ପାଣ୍ଡ୍ୟା ୧ ଉଇକେଟ ନେଇଥିଲେ।

ଜବାବରେ ବରୋଦା ଖେଳ ଆରମ୍ଭ କରି ୨୨ ଓଭର ବ୍ୟାଟିଂ କରି ୧ ଉଇକେଟରେ ୫୦ ରନ୍ ସ୍କୋର କରିଛି। ଦ୍ୱିତୀୟ ଓଭରରେ ଓପନର ଜ୍ୟୋତ୍ସ୍ନିଲ ସିଂ ୫ ରନ୍ କରି ଗୋବିନ୍ଦ ପୋଦ୍ଦାରଙ୍କ ବଲରେ ଆଉଟ ହୋଇଥିଲେ। ଷ୍ଟମ୍ପସ ବେଳକୁ ଶିବାଲିକ ଶର୍ମା ୨୮ ଓ ଶାଶ୍ୱତ ରାୱତ ୧୭ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ଓଡ଼ିଶା ପ୍ରଥମ ଇନିଂସ ୬୫ ଓଭରରେ ୧୯୩/୧୦(ବିପ୍ଳବ ସାମନ୍ତରାୟ-୫୮, ଆଶୀର୍ବାଦ ସ୍ୱାଇଁ-୩୭, ଶାନ୍ତନୁ ମିଶ୍ର-୨୩, ମହେଶ ପିଥିୟା-୫/୬୧, ଆକାଶ ସିଂ-୨/୪୨, ଭାର୍ଗବ ଭଟ୍ଟ-୨/୪୪)।

ବରୋଦା ପ୍ରଥମ ଇନିଂସ ୨୨ ଓଭରରେ ୫୦/୧(ଶିବାଲିକ ଶର୍ମା-୨୮*, ଶାଶ୍ୱତ ରାୱତ-୧୭*, ଗୋବିନ୍ଦ ପୋଦ୍ଦାର-୧/୧୫)।

# କ୍ୱାର୍ଟରରେ ମନିକା ବାତ୍ରା




**ନୂଆଦିଲ୍ଲୀ, ୨୬।୧୦ (ପି.ଟି.)**

ଭାରତର ଷ୍ଟାର ଟେବୁଲ ଟେନିସ (ଟିଟି) ଖେଳାଳି ଫ୍ରାନ୍ସର ମଣ୍ଟେପିଲିଅରଠାରେ ଚାଲିଥିବା ୱାର୍ଲ୍ଡ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି) ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତିରେ ରାଉଣ୍ଡ ଅଫ୍ ୧୬ରେ ସେ ବିଶ୍ୱର ୧୪ ନମ୍ବର ଖେଳାଳି ତଥା ଏଠାରେ ୮ମ ସିଡ୍ ବର୍ନାଡେଟ୍ ଜୋକ୍ସଙ୍କୁ ୩-୧ (୧୧-୯, ୬-୧୧, ୧୩-୧୧, ୧୧-୯)ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ବିଶ୍ୱର ୩୦ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ବାତ୍ରା ଏଥରକୁ ମିଶାଇ ଜୋକ୍ସଙ୍କୁ ୧୧ଥର ଭେଟିଛନ୍ତି। ସେଥିରୁ ୬ଟିରେ ବିଜୟ ହାସଲ କରିଥିବା ବେଳେ ୫ଥର ପରାଜିତ ହୋଇଛନ୍ତି। ବାତ୍ରା କ୍ୱାର୍ଟରଫାଇନାଲରେ ଚାଇନାର କ୍ୱିଆନ ଟିଆନ୍‌ୟିଙ୍କୁ ଭେଟିବେ। ବିଶ୍ୱର ୨୧ ନମ୍ବର ଖେଳାଳି କ୍ୱିଆନ ଅନ୍ୟ ଏକ ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ନିଜ ଦେଶର ୱାଙ୍ଗ୍ ୟିଦିଙ୍କୁ ୩-୦ (୧୧-୭, ୧୧-୯, ୧୩-୧୧)ରେ ପରାସ୍ତ କରିଛନ୍ତି। ବାତ୍ରା ପ୍ରଥମ ରାଉଣ୍ଡରେ ଯୁକ୍ତରାଷ୍ଟ୍ର ଆମେରିକାର ଲିଲି ଝାଙ୍ଗ୍‌ଙ୍କୁ ୩-୦ (୧୧-୪, ୧୧-୮, ୧୨-୧୦)ରେ ପରାଜିତ କରିଥିଲେ। ମହିଳା ସିଙ୍ଗଲ୍ସରେ ଭାଗ ନେଇଥିବା ଭାରତର ଅନ୍ୟ ଜଣେ ଖେଳାଳି ଶ୍ରୀଜା ଆକୁଳା ପ୍ରଥମ ରାଉଣ୍ଡରେ ୨-୩ରେ ବିଶ୍ୱର ୧୩ ନମ୍ବର ପୁର୍ତ୍ତୋରିକୋର ଆଡ୍ରିଆନ ଡିଆଜଙ୍କଠାରୁ ୨-୩ରେ ହାରିଯାଇଛନ୍ତି।

# ନ୍ୟୁଜିଲାଣ୍ଡଠାରୁ ହାରି ସୁଦ୍ଧା ଭାରତ ଶୀର୍ଷରେ

**ଦୁବାଇ, ୨୬।୧୦ (ପି.ଟି.)**

ଶନିବାର ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୧୧୩ ରନରେ ପରାଜିତ ହୋଇଥିଲେ ମଧ୍ୟ ସଦ୍ୟ ପ୍ରକାଶିତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ବଜାୟ ରଖିଛି। ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତକୁ ୧୧୩ ରନରେ ଶୋଚନୀୟ ପରାସ୍ତ କରି ନ୍ୟୁଜିଲାଣ୍ଡ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରି ନେଇଛି। ଭାରତ ନିଜ ମାଟିରେ ୧୨ ବର୍ଷରେ ପ୍ରଥମ ଥର ଏକ

**ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂ**

ଟେଷ୍ଟ ସିରିଜରେ ପରାଜୟ ବରଣ କରିଛି। ଡବ୍ଲ୍ୟୁଟିସି ସାଇକେଲରେ ଭାରତର ଏହା ହେଉଛି ୪ର୍ଥ ପରାଜୟ। ଫଳରେ ଦଳର ପଏଣ୍ଟ ପ୍ରତିଶତ ୬୮.୦୬ରୁ ୬୨.୮୨କୁ ହ୍ରାସ ପାଇଛି। ରୋହିତ ଶର୍ମାଙ୍କ ଦଳ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ (୬୨.୫୦)ଠାରୁ ମାତ୍ର ୦.୩୨ ପଏଣ୍ଟ ପ୍ରତିଶତ ଆଗରେ ରହିଛି। ଆସନ୍ତା ସପ୍ତାହରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳିସାରିବା ପରେ ଭାରତ ବର୍ଡର-ଗାଭାସ୍କର ଟ୍ରଫି ଖେଳିବା ଲାଗି ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଏହା ପୂର୍ବରୁ ଭାରତ କ୍ରମାଗତ ୧୮ଟି ସିରିଜରେ ବିଜୟ ହାସଲ କରି ଡବ୍ଲ୍ୟୁଟିସିରେ ଫାଇନାଲ ସ୍ଥାନ ପାଇଁ ଫେଭରାଇଟ୍ ବିବେଚନା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଭାରତକୁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଏହାର ଅବଶିଷ୍ଟ ୬ଟି ମ୍ୟାଚ ମଧ୍ୟରୁ ୪ଟିରେ ବିଜୟ ହାସଲ କରିବାକୁ ହେବ, ଯାହାକି ସହଜସାଧ୍ୟ ନୁହେଁ। ମ୍ୟାଚ ପରେ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ରୋହିତଙ୍କୁ ଯେତେବେଳେ ଡବ୍ଲ୍ୟୁଟିସି ଦୃଶ୍ୟପଟ୍ଟ ସମ୍ପର୍କରେ ପଚରାଗଲା ସେ କହିଥିଲେ, ଆମେ ଯେମିତି ଖେଳିବା କଥା ସେମିତି ଖେଳିପାରିଲୁ ନାହିଁ। ସେଥିପାଇଁ ଆମକୁ ସିରିଜ ହାରିବାକୁ ପଡ଼ିଲା, ଯାହାକି ଯନ୍ତ୍ରଣା ଦାୟକ। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ସମ୍ଭାବନାକୁ ଏହା ପ୍ରଭାବିତ କରିଛି। ଆଗକୁ ଆମକୁ ଦଳଗତ ପ୍ରଦର୍ଶନ କରିବାକୁ ପଡ଼ିବ। ଭାରତର ପରାଜୟ ଦ୍ୱାରା ବର୍ତ୍ତମାନ ଆସନ୍ତାବର୍ଷ ଡବ୍ଲ୍ୟୁଟିସି ଫାଇନାଲ ୨୦୨୫ ପାଇଁ ଅଷ୍ଟ୍ରେଲିଆ ବ୍ୟତୀତ ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପାଇଁ ପଥ ଉନ୍ମୁକ୍ତ ହୋଇଛି। ଭାରତ ବିପକ୍ଷରେ ଐତିହାସିକ ବିଜୟ ପରେ ନ୍ୟୁଜିଲାଣ୍ଡ ଦଳ ୫୦ ପ୍ରତିଶତ ପଏଣ୍ଟ ସହ ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଏଥିସହିତ ଫାଇନାଲ୍ସ ଖେଳିବା ପାଇଁ ଦୌଡ଼ରେ ସାମିଲ ହୋଇଛି। ଶ୍ରୀଲଙ୍କା ୫୫.୫୬ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ରାୱଲପିଣ୍ଡିରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ୯ ଉଇକେଟରେ ବିଜୟ ଦ୍ୱାରା ପାକିସ୍ତାନ ୩୩.୩୩ ପ୍ରତିଶତ ପଏଣ୍ଟ ସହ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛି। ଇଂଲଣ୍ଡ ୪୦.୭୯ ପ୍ରତିଶତ ପଏଣ୍ଟ ସହ ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂରେ ୬ଷ୍ଠ ସ୍ଥାନରେ ରହିଛି।

## ବ୍ୟାଟରଙ୍କ ଉପରେ ଖପ୍ପା ରୋହିତ

**ପୁଣେ, ୨୬।୧୦(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପରାଜୟ ପରେ ଭାରତୀୟ ଦଳର ବ୍ୟାଟରଙ୍କ ଉପରେ ଖପା ହୋଇଛନ୍ତି ରୋହିତ ଶର୍ମା। କୌଣସି ବ୍ୟାଟରଙ୍କ ନାଁ ନେଇ ନ ଥିଲେ ହେଁ ସମସ୍ତ ଖେଳାଳି ନିଜ ପ୍ଲାନ୍ ଅନୁସାରେ ଖେଳିବା ଉଚିତ ବୋଲି କହିଥିଲେ ରୋହିତ। ଶକ୍ତିଶାଳୀ ଦଳ ବିପକ୍ଷରେ ତୁମେ ଯାହା ବି ରଣନୀତି ପ୍ରସ୍ତୁତ କରୁଛ ତାହା ଉପରେ ଜୋର ଦେବା ଉଚିତ। କୌଣସି ବ୍ୟାଟରଙ୍କ ଦକ୍ଷତା ଉପରେ ମୋର ସନ୍ଦେହ ନାହିଁ। ତେବେ ନ୍ୟୁଜିଲାଣ୍ଡ ଭଲ ଖେଳିଥିବା ବେଳେ ବିଜୟ ପାଇଁ ହକ୍‌ଦାର ବୋଲି ରୋହିତ କହିଛନ୍ତି। ବୋଲରମାନେ ଚମତ୍କାର ବୋଲିଂ କରି ୨୦ ଉଇକେଟ ନେଇଥିବା ବେଳେ ବ୍ୟାଟରଙ୍କ ପକ୍ଷରୁ ଉପଯୁକ୍ତ ସ୍କୋର ହୋଇପାରି ନ ଥିଲା। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡକୁ ୨୫୯ ରନ୍‌ରେ ସୀମିତ ରଖିଥିଲେ ମଧ୍ୟ ବ୍ୟାଟରମାନଙ୍କ ଖରାପ ପ୍ରଦର୍ଶନ କାରଣରୁ ଭାରତ ମାତ୍ର ୧୫୬ ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସରେ ଭାରତୀୟ ବ୍ୟାଟରମାନେ ସାମାନ୍ୟ ଉନ୍ନତ ପ୍ରଦର୍ଶନ କରିଥିଲେ ମ୍ୟାଚ୍‌ର ଫଳାଫଳ ହୁଏତ ଭିନ୍ନ ହୋଇଥାନ୍ତା ବୋଲି କହିଛନ୍ତି ରୋହିତ।

# ନର୍ଥଇଷ୍ଟ ୟୁନାଇଟେଡ୍‌ର ସହଜ ବିଜୟ

**ଗୁଆହାଟୀ, ୨୬।୧୦ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ନିଜ ଘରୋଇ ଗ୍ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରି ଜାମସେଦପୁର ଏଫ୍‌ସିକୁ ୫-୦ ଗୋଲରେ ହରାଇ ଦେଇଛି। ଆଇଏସ୍‌ଏଲ୍ ଇତିହାସରେ ଦଳର ଏହା ହେଉଛି ସବୁଠାରୁ ବଡ଼ ବିଜୟ। ଦଳ ପ୍ରଥମ ଥର ଗୋଟିଏ ମ୍ୟାଚରେ ୫ ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇଛି। ନର୍ଥ ଇଷ୍ଟ ଦଳ ମ୍ୟାଚ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ଅଲ୍ଲାଦିନ ଆଜାରାଇ (୫ମ ଓ ୯୦ତମ ମିନିଟ) ଏବଂ ପାର୍ଥିବ ଗୋଗୋଇ (୪୪ତମ ଓ ୫୫ତମ) ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ମାକାର୍ଟନ ଲୋଇସ ନିକସନ (୮୨ତମ) ଗୋଟିଏ ଗୋଲ୍ ଦେଇଥିଲେ। ୨୯ତମ ମିନିଟ୍‌ରେ ଜାମସେଦପୁର ଡିଫେଣ୍ଡର ଷ୍ଟିଫେନ ଇଜ୍‌ଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ହେବାରୁ ଦଳକୁ ୧୦ ଖେଳାଳିଙ୍କୁ ନେଇ ଖେଳିବାକୁ ହୋଇଥିଲା। ମ୍ୟାଚର ଏହାଥିଲା ନିର୍ଣ୍ଣାୟକ ମୋଡ଼। ଉଦୀୟମାନ ଷ୍ଟାର ଖେଳାଳି ପାର୍ଥିବ ଗୋଗୋଇ ମ୍ୟାଚରେ ଦୁଇ ଗୋଲ ସ୍କୋର କରିବା ପରେ ଚର୍ଚ୍ଚାର ପରିସରକୁ ଚାଲି ଆସିଥିଲେ। ୨୨ ବର୍ଷ ବୟସରେ ପଦାର୍ପଣ ପୂର୍ବରୁ ୧୦ ଆଇଏସ୍‌ଏଲ୍ ଗୋଲ ସ୍କୋର କରିବାରେ ସେ ପ୍ରଥମ ଖେଳାଳି ବିବେଚିତ ହୋଇଥିଲେ।

**ଜୋହର କପ୍ ହକି**

# ଭାରତକୁ ବ୍ରୋଞ୍ଜ ପଦକ



ପୋଡିୟମ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

**ଜୋହର ବାହରୁ (ମାଲେସିଆ), ୨୬।୧୦ (ପି.ଟି.)**

ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ଶନିବାର ଏକ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ଦଳ ନ୍ୟୁଜିଲାଣ୍ଡକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଭାରତ ତରଫରୁ ଦିଲରାଜ ସିଂ (୧୧ଶ ମିନିଟ) ଓ ମନମିତ୍ ସିଂ (୨୦ତମ) ଏବଂ ନ୍ୟୁଜିଲାଣ୍ଡ ପକ୍ଷରୁ ଓଏନ୍ ବ୍ରାଉନ୍ (୫୧ତମ) ଓ ଜଷ୍ଟି ଏଲ୍‌ମେସ (୫୭ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତ ଉଭୟ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଏହାର ଦୁଇଟି ଯାକ ଗୋଲ୍ ସ୍କୋର କରିଥିଲା। ତୃତୀୟ କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ଥିଲା। ମାତ୍ର କୌଣସି ଦଳ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ନ୍ୟୁଜିଲାଣ୍ଡ ଦଳ କିନ୍ତୁ ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ପରେ ଅନୁଷ୍ଠିତ ଶୁଟଆଉଟରେ ଷ୍ଟ୍ରାଇକର ଗୁଜୋତ ସିଂ, ମନମିତ ସିଂ ଓ ସୌରଭ ଆନନ୍ଦ କୁଶ୍ୱାହା ସେମାନଙ୍କ ପେନାଲ୍‌ଟିକୁ ଗୋଲରେ ପରିଣତ କରିବାରେ ସଫଳ ରହିଥିଲେ। ଗୋଲକିପର ବିକ୍ରମଜିତ ସିଂ ଚମତ୍କାର ପ୍ରଦର୍ଶନ କରି ତିନୋଟି ସେଭ୍ କରି ଭାରତକୁ ବିଜୟୀ କରାଇଥିଲେ।

# ନୋରିସଙ୍କ ପେନାଲ୍ଟିର ପୁନର୍ବିଚାର ହେଲାନି

**ମେକ୍ସିକୋ ସିଟି, ୨୬।୧୦**

ୟୁନାଇଟେଡ୍ ଷ୍ଟେଟ୍ସ ଗ୍ରାଁପ୍ରିରେ ଲାଣ୍ଡୋ ନୋରିସଙ୍କୁ ହୋଇଥିବା ଏକ ପେନାଲ୍ଟିର ପୁନର୍ବିଚାର କରିବା ଲାଗି ମ୍ୟାକଲରେନ ତରଫରୁ କରାଯାଇଥିବା ଅନୁରୋଧକୁ ଫର୍ମୁଲା ୱାନ ଗଭର୍ନିଂ ବଡି (ଏଫ୍ଆଇଏ) ପ୍ରତ୍ୟାଖ୍ୟାନ କରିଛି। ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଓଭରଟେକ୍ ପାଇଁ ୫ ସେକେଣ୍ଡ ପେନାଲ୍‌ଟି ଯୋଗୁ ନୋରିସଙ୍କୁ ତୃତୀୟ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଖସାଇ ଦିଆଯାଇଥିଲା। ଷ୍ଟିୱାର୍ଡମାନେ ଘଟଣାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କରି ସେମାନଙ୍କ ରାୟ ପ୍ରଦାନ କରିଛନ୍ତି ବୋଲି ମ୍ୟାକଲରେନ ଦର୍ଶାଇଥିଲା। ଏଫ୍ଆଇଏ କହିଥିଲା, ନୋରିସ ଫର୍ମୁଲା ୱାନର ଡ୍ରାଇଭର ଓଭରଟେକିଂ ନିୟମାବଳୀର ଉଲ୍ଲଂଘନ କରିଛନ୍ତି।

# ସଂଘର୍ଷ କରି ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୬।୧୦ (ବିଜୟ ରଣା)**

**ସିନିୟର ମହିଳା ଟି୨୦**

ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମର 'ବି' ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟ୍ରଫିର ୬ଷ୍ଠ ମ୍ୟାଚରେ ମୁମ୍ବାଇ ୨୦ ରନରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୨୮ ରନ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ମାନସୀ ୪୫ ବଲ୍‌ରୁ ୪୮ରନ ଏବଂ ସିମରନ ଶେଖ୍ ୩୯ ବଲ୍‌ରୁ ୪୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ୨୦ ରନ ଦେଇ ୨ଟି ଏବଂ ରିମା ଲକ୍ଷ୍ମୀ ଏକ୍କା ୧୬ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୧୯.୩ ଓଭରରେ ୧୦୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସରିତା ମେହେର ୩୦ ଓ ରିମା ଲକ୍ଷ୍ମୀ ଏକ୍କା ୧୯ ରନ କରିଥିଲେ। ମୁମ୍ବାଇ ଦଳର ସଫଳ ବୋଲର ଫତିମା ଜାଫର ୧୯ ରନ ଦେଇ ୪ଉଇକେଟ ଅକ୍ତିଆର କରିଥିବା ବେଳେ ଏମ୍. ଦକ୍ଷିଣୀ ୨୩ରନ ବିନିମୟରେ ୨ ଉଇକେଟ ହାସଲ କରିଥିଲେ।

# ଭାରତ-ଥାଇଲାଣ୍ଡ ମ୍ୟାଚ ଆଜି

**ଚୋନ୍‌ବୁରୀ (ଥାଇଲାଣ୍ଡ), ୨୬।୧୦ (ପି.ଟି.)**

ସାଉଦି ଆରବରେ ହେବାକୁଥିବା ଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ଯୋଗ୍ୟତା ହାସଲ ପାଇଁ ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛି ଭାରତ। ଦଳର ରବିବାର ଗ୍ରୁପ୍ 'ଡି'ରେ ଏହାର ଶେଷ ମ୍ୟାଚ

**୧୭ ବର୍ଷରୁ କମ୍ ଏସିଆନ କପ୍ କ୍ୱାଲିଫିକେଶନ**

ଆୟୋଜକ ଥାଇଲାଣ୍ଡକୁ ଭେଟିବ। ଏହି ମ୍ୟାଚରେ ବିଜୟ ହାସଲ କରିପାରିଲେ ଦଳ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ। କୋଚ୍ ଇଶଫାକ୍ ଅହମଦଙ୍କ ନେତୃତ୍ୱରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ଯାକ ଗେମ୍‌ରେ ବିଜୟ ହାସଲ କରିଛି। ଥାଇଲାଣ୍ଡ ସହ ସମାନ ପଏଣ୍ଟ ଅର୍ଜନ କରିଛି, ଗୋଲ୍ ବ୍ୟବଧାନ ଭିତ୍ତିରେ ପଏଣ୍ଟ ଟେବୁଲରେ ଥାଇଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଶୁକ୍ରବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ତୁର୍କମେନିସ୍ତାନକୁ ୧-୦ ଗୋଲ୍‌ରେ ହରାଇ ଆଶା ଉଜ୍ଜୀବିତ ରଖିଥିଲା। ତେବେ ବ୍ରୁନେଇ ବିପକ୍ଷରେ ଥାଇଲାଣ୍ଡର ୧୯-୦ ଗୋଲ୍‌ରେ ବିଜୟ ଯୋଗୁ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସି ଯାଇଥିଲା। ଭାରତ ପୂର୍ବରୁ ବ୍ରୁନେଇକୁ ୧୩-୦ ଗୋଲ୍‌ରେ ହରାଇଥିବା ବେଳେ ଥାଇଲାଣ୍ଡ ତୁର୍କମେନିସ୍ତାନ ବିପକ୍ଷରେ ୨-୦ ଗୋଲ୍‌ରେ ବିଜୟ ହାସଲ କରିଥିଲା। ରବିବାର ମ୍ୟାଚ ଯଦି ଡ୍ର ରୁହେ ତେବେ ଥାଇଲାଣ୍ଡ ଗ୍ରୁପ୍ ଲିଡର ଭାବେ ଯୋଗ୍ୟତା ଅର୍ଜନ କରିବ। ଭାରତ ଯଦି ଏହି ମ୍ୟାଚରେ ବିଜୟ ହାସଲ କରେ ତେବେ ଫାଇନାଲ ଟୁର୍ନାମେଣ୍ଟ ପାଇଁ ସିଧାସଳଖ ଏଣ୍ଟ୍ରି ପାଇଯିବ।

# ପାକିସ୍ତାନ ସିରିଜ ବିଜୟୀ

**ରାୱଲପିଣ୍ଡି, ୨୬।୧୦**

ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ମ୍ୟାଚକୁ ୯ ଉଇକେଟରେ ଜିତିନେବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ କରାୟତ୍ତ କରିଛି ପାକିସ୍ତାନ। ପ୍ରଥମ ମ୍ୟାଚ୍‌ରେ ଲଜ୍ଜାଜନକ ପରାଜୟ ପରେ ପରବର୍ତ୍ତୀ ୨ ମ୍ୟାଚ୍‌ରେ ବିଜୟୀ ହେବା ସହ ସିରିଜ୍ ଜିତି ନେଇଛି। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ମାତ୍ର ୧୧୨ ରନ୍‌ରେ ଅଲଆଉଟ ହେବା ପରେ ପାକିସ୍ତାନ ସମ୍ମୁଖରେ ୩୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ପ୍ରଥମ ଇନିଂସରେ ପାକିସ୍ତାନ ସ୍ପିନରଙ୍କ ମୁକାବିଲା କରି ନ ପାରି ଇଂଲଣ୍ଡ ୨୬୭ ରନ୍ କରିଥିଲା। ଜବାବରେ ଶୌଦ ଶକିଲଙ୍କ ୧୩୪ ରନ୍ ବଳରେ ପାକିସ୍ତାନ ୩୪୪ ରନ୍ କରିଥିଲା।

ଇଂଲଣ୍ଡର ଦ୍ୱିତୀୟ ଇନିଂସ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ନୋମାନ ଅଲୀ ୬ ଉଇକେଟ ନେବାରୁ ଦଳ ୧୧୨ ରନ୍‌ରେ ଅଲଆଉଟ ହୋଇଥିଲା। ଜୋ ରୁଟ୍ ସର୍ବାଧିକ ୩୩ ରନ୍ କରିଥିବା ବେଳେ ହ୍ୟାରୀ ବ୍ରୁକ୍ ୨୬ ରନ୍ କରିଥିଲେ। ନୋମାନ ଅଲୀ ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସଙ୍କ ଉଇକେଟ ନେଇ ପ୍ରଥମ ୬ ବ୍ୟାଟରଙ୍କୁ ଆଉଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଜିଦ୍ ଖାନ ବାକି ୪ ଉଇକେଟ ନେଇଥିଲେ। ୩୭ ରନ୍‌ର ବିଜୟ ଲକ୍ଷ୍ୟକୁ ପାକିସ୍ତାନ ମାତ୍ର ୩.୧ ଓଭରରେ ହାସଲ କରି ନେଇଥିଲା। ସାଇମ ଆୟୁବ ୮ ରନ୍ କରି



ଟ୍ରଫି ସହ ବିଜୟୀ ପାକିସ୍ତାନ ଦଳ।

ଆଉଟ ହୋଇଥିବା ବେଳେ ଅବଦୁଲ୍ଲା ଶଫିକ୍ ୫ ଓ ଶାନ୍ ମାସୁଦ୍ ୬ ବଲ୍‌ରୁ ୨୩ ରନରେ ଅପରାଜିତ ରହିଥିଲେ। ଶୌଦ୍ ଶକିଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ସାଜିଦ୍ ଖାନ୍‌ଙ୍କୁ ପ୍ଲେୟର ଅଫ ଦ ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୨୬୭/୧୦।
ପାକିସ୍ତାନ ପ୍ରଥମ ଇନିଂସ ୩୪୪/୧୦(ଶୌଦ୍ ଶକିଲ-୧୩୪, ସାଜିଦ୍ ଖାନ୍-୪୮, ନୋମାନ୍ ଅଲୀ-୪୫, ରେହାନ ଅହମଦ-୪/୬୬, ଶୋଏବ ବଶିର-୩/୧୨୯, ଗସ୍ ଆଟକିନସନ୍-୨/୨୨)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୧୨/୧୦(ଜୋ ରୁଟ୍-୩୩, ହ୍ୟାରୀ ବ୍ରୁକ୍-୨୬, ନୋମାନ୍ ଅଲୀ-୬/୪୨, ସାଜିଦ୍ ଖାନ୍-୪/୬୯)।
ପାକିସ୍ତାନ ଦ୍ୱିତୀୟ ଇନିଂସ ୩୭/୧(ଶାନ୍ ମାସୁଦ-୨୩*, ଜ୍ୟାକ୍ ଲିଚ୍-୧/୨୭)।

# ଭର୍ଚ୍ଚୁଆଲ୍ ମିଟିଂ




**ସମୟ ଏବଂ ଖର୍ଚ୍ଚ ଉଭୟ ବଞ୍ଚାଇବା ସହ ସୁବିଧାକୁ ଆଖି ଆଗରେ ରଖି ବର୍ତ୍ତମାନ ଅଧିକାଂଶ ସଂସ୍ଥା ଅଫିସିଆଲ୍ ମିଟିଂ ଫିଜିକାଲ୍ ନ କରି ଭର୍ଚ୍ଚୁଆଲ୍‌ରେ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯଦି ପ୍ରଥମଥର ଏପରି ମିଟିଂ ଆଟେଣ୍ଡ କରୁଛନ୍ତି, ତେବେ କେତୋଟି କଥା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ...**

**କରନ୍ତୁ ପୂର୍ବ ପ୍ରସ୍ତୁତି:** ମିଟିଂ ଆରମ୍ଭ କରିବାର ଅତି କମ୍‌ରେ ଏକରୁ ଦୁଇ ଘଣ୍ଟା ପୂର୍ବରୁ ଲଗ୍‌ଇନ୍ କରି ଇଣ୍ଟରନେଟ୍ କନେକ୍ସନ, ମାଇକ୍ରୋଫୋନ୍, କ୍ୟାମେରା ଆଦି ଠିକ୍ ଅଛି ନା ନାହିଁ ଚେକ୍ କରିନିଅନ୍ତୁ। ଏହାବ୍ୟତୀତ ମୋବାଇଲ୍ ଫୋନ୍, ଟ୍ୟାବ୍ ଭଳି ଏକ ବ୍ୟାକ୍‌ଅପ୍ ବ୍ୟବସ୍ଥା ନିଶ୍ଚିତ ଭାବେ ରଖନ୍ତୁ। ଫଳରେ ହଠାତ୍ କୌଣସି ଅସୁବିଧା ହେଲେ ଆପଣ ଅଧାରୁ ମିଟିଂ ବନ୍ଦ ନ କରି ଶେଷ ପର୍ଯ୍ୟନ୍ତ କଣ୍ଟିନ୍ୟୁ କରିପାରିବେ।

**ବାଛନ୍ତୁ ନିରୋଳା ରୁମ୍:** ଯଦି ଘରେ ରହି ମିଟିଂ ଆଟେଣ୍ଡ କରୁଛନ୍ତି, ତେବେ ଏକ ନିରୋଳା ରୁମ୍ ବାଛନ୍ତୁ, ଯେପରି ପରିବାର ସଦସ୍ୟଙ୍କ କଥା କିମ୍ବା ବାହାରର ଗାଡିମୋଟର ହେଉ ଅବା ଅନ୍ୟ କୌଣସି କୋଳାହଳ ଆପଣଙ୍କ ମିଟିଂରେ ଡିଷ୍ଟର୍ବ କରୁ ନ ଥିବ। କାରଣ ଏପରି ହେଲେ ବସ୍, ସିନିୟର୍ ଏବଂ ଅନ୍ୟ କର୍ମଚାରୀଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ଆବଶ୍ୟକସ୍ଥଳେ ମିଟିଂ ଶେଷ ପର୍ଯ୍ୟନ୍ତ ରୁମ୍‌ର କବାଟ ବନ୍ଦ ରଖିପାରନ୍ତି।

**ବ୍ୟାକ୍‌ଗ୍ରାଉଣ୍ଡ ପ୍ରତି ଧ୍ୟାନ ଦିଅନ୍ତୁ:** ମିଟିଂ ସମୟରେ ଆପଣଙ୍କ ବ୍ୟାକ୍‌ଗ୍ରାଉଣ୍ଡ ମଧ୍ୟ ବେଳେବେଳେ ଅନ୍ୟମାନଙ୍କ ଧ୍ୟାନ ଭଙ୍ଗ କରିବାର କାରଣ ସାଜିପାରେ। ତେଣୁ ଏଭଳି ସ୍ଥାନରେ ବସନ୍ତୁ, ଯେପରି ଚେୟାର ପଛରେ କାନ୍ଥ ଥିବ। କାରଣ ବେଳେବେଳେ ପଛରେ ଘର ଲୋକଙ୍କ ଗତିବିଧି କିମ୍ବା ଅନ୍ୟ କୌଣସି ଦୃଶ୍ୟ ଅନ୍ୟଙ୍କୁ ଡିଷ୍ଟର୍ବ କରିପାରେ। କାନ୍ଥକୁ ପଛ କରି ବସିବାର ସୁବଧା ନ ଥିଲେ, ବର୍ତ୍ତମାନ ଅନେକ ସଫ୍ଟୱେର ପକ୍ଷରୁ ଦିଆଯାଉଥିବା ବ୍ୟାକ୍‌ଗ୍ରାଉଣ୍ଡ ବ୍ଲର କରିବାର ଅପ୍ସନ ଆପଣାଇ ପାରିବେ।

**ଆପ୍ ବ୍ୟବହାର ଶିଖନ୍ତୁ:** ଯଦି ଭର୍ଚ୍ଚୁଆଲ୍ ମିଟିଂରେ ଆପଣ କେବଳ ଜଣେ ମେମ୍ବର ନୁହନ୍ତି ବରଂ ଆପଣଙ୍କୁ ପ୍ରେଜେଣ୍ଟେଶନ୍ ଦେବାର ଥାଏ, ତେବେ ପ୍ରଥମେ ଏଥିପାଇଁ ଭଲ ଭାବେ ପୂର୍ବପ୍ରସ୍ତୁତି କରିନିଅନ୍ତୁ। ଏହାସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମିଟିଂ ଅର୍ଗାନାଇଜର୍ କେଉଁ ସଫ୍ଟୱେର୍‌ରେ ମିଟିଂ କରାଇବାକୁ ସ୍ଥିର କରିଛନ୍ତି ଜାଣି ରଖନ୍ତୁ। କାରଣ ବେଳେବେଳେ ଏମିତି ବି ହୁଏ, ହଠାତ୍ ନୂଆ ସଫ୍ଟୱେର୍ ବ୍ୟବହାରରେ ଅସୁବିଧା ଯୋଗୁ ମିଟିଂ ଖରାପ ହୋଇଯାଏ। ଉଦାହରଣ ସ୍ୱରୂପ, ଯଦି ଆପଣ ଜୁମ୍‌ର ବ୍ୟବହାର ଜାଣିଛନ୍ତି, ହେଲେ ଅର୍ଗାନାଇଜର୍ ମାଇକ୍ରୋସଫ୍ଟ ଟିମ୍‌ରେ ମିଟିଂ କରନ୍ତି, ତେବେ ପ୍ରେଜେଣ୍ଟେଶନ୍ ଦେବା ବେଳେ ହଠାତ୍ ଏହାର ସ୍କ୍ରିନ୍ କିପରି ଶେୟାର ହୁଏ, ଚାର୍ଟରେ କିପରି ରିପ୍ଲାଏ କରାଯାଏ ଭଳି କେତେକ ଅପ୍ସନ ଖୋଜିବାରେ ସମୟ ନଷ୍ଟ ହୋଇଥାଏ। ଅନ୍ୟମାନଙ୍କର ଆପଣଙ୍କ ପ୍ରେଜେଣ୍ଟେଶନ୍ ଶୁଣିବାରୁ ଆଗ୍ରହ କମିଯାଇଥାଏ। ତେଣୁ ପୂର୍ବରୁ ଏସବୁ ଭଲ ଭାବେ ଅଭ୍ୟାସ କରିନେବା ଭଲ।

**ବନ୍ଦ ରଖନ୍ତୁ ଅନ୍ୟ ୱିଣ୍ଡୋ:** କାମ କରିବା ବେଳେ ସ୍କ୍ରିନ୍ ଉପରେ ଏକାଧିକ ୱିଣ୍ଡୋ କିମ୍ବା ଆପ୍ ଖୋଲା ରଖିବାର ବଦାଭ୍ୟାସ ଅନେକଙ୍କର ରହିଛି। ହେଲେ ଭର୍ଚ୍ଚୁଆଲ୍ ମିଟିଂ ଆଟେଣ୍ଡ କରିବା ବେଳେ ଏପରି ଆଦୌ କରନ୍ତୁ ନାହିଁ। କାରଣ ଭୁଲ୍‌ବଶତଃ ଯଦି କୌଣସି ୱିଣ୍ଡୋ ଶେୟାର ହୋଇଯାଏ, ତେବେ ଅନ୍ୟମାନେ ଡିଷ୍ଟର୍ବ ହୋଇପାରନ୍ତି କିମ୍ବା ଏଥିପାଇଁ ଆପଣଙ୍କର କୌଣସି ପର୍ସନାଲ୍ ତଥ୍ୟ ବି ସାର୍ବଜନୀନ ହୋଇପାରେ। ତେଣୁ ଏ ଦିଗରେ ବିଶେଷ ସତର୍କ ରହିବା ଆବଶ୍ୟକ।

**ଅଫ୍ ରଖନ୍ତୁ ନୋଟିଫିକେଶନ୍ :** ଭର୍ଚ୍ଚୁଆଲ୍ ମିଟିଂ ଆଟେଣ୍ଡ କରିବା ପୂର୍ବରୁ ନିଜ ଲାପଟପ୍ ଏବଂ ଫୋନ୍‌ରେ ଥିବା ସମସ୍ତ ସୋସିଆଲ୍ ମିଡିଆର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। ଯେପରି ମଝିରେ ମଝିରେ ଏହାର ପପ୍‌ଅପ୍ ଆପଣଙ୍କୁ ଧ୍ୟାନଚ୍ୟୁତ ନ କରେ।

**ରକ୍ଷା କରନ୍ତୁ ଶିଷ୍ଟାଚାର:** ନିଜ ପ୍ରେଜେଣ୍ଟେଶନ୍ ସରିବାମାତ୍ରେ ମାଇକ୍ରୋଫୋନ୍ ଅଫ୍ କରନ୍ତୁ। ଜଣେ ଭଲ ଶ୍ରୋତା ହୁଅନ୍ତୁ ଏବଂ ଆବଶ୍ୟକସ୍ଥଳେ ନିଜ ମତ ରଖିବାକୁ ହେଲେ ହ୍ୟାଣ୍ଡ ରେଜ୍ ଅପ୍ସନ ବ୍ୟବହାର କରନ୍ତୁ। ପ୍ରଶ୍ନ ପଚାରିବା ବେଳେ କ୍ୟାମେରା ଅନ୍ ରଖିଲେ ଇଣ୍ଟରଆକ୍ସନ କରିବାରେ ସୁବିଧା ହୋଇଥାଏ। ଏହିସବୁ ଛୋଟ ଛୋଟ ଶିଷ୍ଟାଚାର ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।









## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଡୋ–ତୁର୍କୀ ଫ୍ରେଣ୍ଡ୍‌ଶିପ୍ ଆସୋସିଏଶନ୍ ........... ଠାରେ ଉଦ୍‌ଘାଟିତ ହୋଇଯାଇଛି ?
୨– ପୁରୀରେ ଲାଇଟ୍‌ହାଉସ୍ ଟୁରିଜମ୍ କନ୍‌କ୍ଲେଭ୍ ୨୦୨୪ ........... ପକ୍ଷରୁ ଆୟୋଜିତ ହୋଇଥିଲା ?
୩– ରାମଗଡ଼ ବିଷଧାରୀ ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?
୪– ବର୍ତ୍ତମାନ ଭାରତର ଚିଫ୍ ଇନ୍‌ଫର୍ମେଶନ୍ କମିଶନର ................ ?
୫– ସୁପ୍ରିମ୍‌କୋର୍ଟର ପ୍ରଥମ ମହିଳା ଜଜ୍ .......... ?

## ଗତ ଥରର ଉତ୍ତର

୧ ଶିକ୍ଷା ମନ୍ତ୍ରଣାଳୟ
୨ ବ୍ୟାକ୍ଟେରିଆ
୩ ନେପାଳ
୪ ମୁମ୍ବାଇ
୫ ହାନ୍ କାଙ୍ଗ୍

## ଉତ୍ତରଦାତା



ଚିନ୍ତାମଣି ବିଶାଳ
ବରଗଡ଼



ମାନସ ରଞ୍ଜନ ପଟ୍ଟନାୟକ,
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଧନୀ ର୍‍ୟାପର୍ ୨୦୨୪



୧– ଜେ–ଜେଡ୍ ........ ୨.୫ ବିଲିଅନ୍ ଡଲାର
୨– ଡିଡ୍ଡୀ ........ ୧.୦ ବିଲିଅନ୍ ଡଲାର
୩– ଡ. ଡ୍ରେ ........ ୫୫୦ ମିଲିଅନ୍ ଡଲାର
୪– କାନ୍ୟେ ୱେଷ୍ଟ ........ ୫୦୦ ମିଲିଅନ୍ ଡଲାର
୫– ବର୍ନର୍ ........ ୪୨୯ ମିଲିଅନ୍ ଡଲାର
୬–ଡ୍ରେକ୍ ........ ୨୮୦ ମିଲିଅନ୍ ଡଲାର
୭– ଏମିନେମ୍ ........ ୨୬୦ ମିଲିଅନ୍ ଡଲାର
୮– ଫାରେଲ୍ ........ ୨୫୦ ମିଲିଅନ୍ ଡଲାର
୯– ମାଷ୍ଟର ପି ........ ୨୧୦ ମିଲିଅନ୍ ଡଲାର
୧୦– ଉଶେର୍ ........ ୧୮୦ ମିଲିଅନ୍ ଡଲାର

## ଜାଣନ୍ତୁ ଦୁନିଆ

# ଆଣ୍ଟାର୍କଟିକା

**ପୃଥିବୀରେ ଥିବା ସାତଟି ମହାଦେଶ ମଧ୍ୟରୁ ଆଣ୍ଟାର୍କଟିକା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହା ଏକ ମରୁଭୂମି, ଯାହାର ଅଧିକାଂଶ ଭାଗ ବାଲି ବଦଳରେ ବରଫରେ ଆଚ୍ଛାଦିତ ହୋଇ ରହିଛି। ଏହାର ଭୌଗୋଳିକ ସ୍ଥିତି ଏବଂ ଜଳବାୟୁ ସାଧାରଣ ଜୀବନଯାପନ ପାଇଁ ଅନୁକୂଳ ହୋଇ ନ ଥିବାରୁ ଏଠାକାର ଜନସଂଖ୍ୟା ଖୁବ୍ କମ୍। ଜାଣିବା ଏହା ସମ୍ପର୍କରେ ଅନେକ ତଥ୍ୟ...**

■ ପୃଥିବୀର ପ୍ରାୟ ୬୦–୯୦% ମଧୁର ଜଳ ଏହି ମହାଦେଶରେ ବରଫ ଆକାରରେ ଗଚ୍ଛିତ ରହିଛି। ଏହି ବରଫ ପ୍ରାୟ ୧୪ ମିଲିଅନ୍ ବର୍ଗ କିଲୋମିଟର ପରିବ୍ୟାପ୍ତ। ଏହାର ଉଚ୍ଚତା ପ୍ରାୟ ୪.୫ କିଲୋମିଟର, ଯାହାକି ଏଭେରେଷ୍ଟ ଗିରିଶୃଙ୍ଗର ପ୍ରାୟ ଅଧା।



■ ଏହି ମହାଦେଶର ପ୍ରାୟ ୯୮% ବରଫ ଆଚ୍ଛାଦିତ, ଯାହାକି ପୃଥିବୀର ସବୁଠୁ ବଡ଼ ବରଫ ଖଣ୍ଡ(ସି ଶିଟ୍)।

– ଏଠାରେ ସବୁବେଳେ ପବନର ବେଗ ତୀବ୍ର। ଅର୍ଥାତ୍ ଏଠାରେ ପବନ ଘଣ୍ଟା ପ୍ରତି ୩୨୦କି.ମି. ବେଗରେ ବହିଥାଏ। ଅନ୍ୟ ମହାଦେଶରେ କେବଳ ବାତ୍ୟା କିମ୍ବା ଝଡ଼ ତୋଫାନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏପରି ପବନ ବହିଥାଏ।

■ ଏହି ମହାଦେଶରେ ଖୁବ୍ ଉଚ୍ଚ ପର୍ବତମାନ ରହିଛି। ଏଠାରେ କେତେକ ଆଗ୍ନେୟ ଗିରି ରହିଛି। ବର୍ଷର ଅଧିକାଂଶ ସମୟ ଏଠାରେ ଅଗ୍ନି ଉଦ୍‌ଗିରଣ ମଧ୍ୟ ହୋଇଥାଏ।

■ ଏଠାରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ହ୍ରଦ ରହିଛି। ଏସବୁ ଆଇସ୍ ଶିଟ୍ ତଳେ ଚାପି ହୋଇ ରହିଛି।

■ ଏକ ୱାଟରଫଲ୍‌ରେ ଏଠାରେ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଲ୍ ରଙ୍ଗର ରକ୍ତ ଭଳି ଝର ଦେଖାଯାଇଥାଏ। ଏହାକୁ ବ୍ଲଡ୍ ରେଡ୍ ୱାଟରଫଲ୍ ଭାବେ ନାମିତ କରାଯାଇଛି।

■ ଏଠାରେ ଏତେ ଥଣ୍ଡା ହୋଇଥିଲେ ସୁଦ୍ଧା ପୋଲର୍ ବିଅର, ସ୍ଲେଜ ଡଗ୍ ଆଦୌ ନାହାନ୍ତି। ହେଲେ ଏଠାରେ ସିଲ୍ ମାଛ, ପେଙ୍ଗୁଇନ୍ ସଂଖ୍ୟା ଖୁବ୍ ଅଧିକ।

■ ଏହା ହେଉଛି ଏକମାତ୍ର ମହାଦେଶ, ଯେଉଁଠି ସରୀସୃପ ଦେଖାଯାଆନ୍ତି ନାହିଁ। ଯଦି ଆପଣ ସାପକୁ ଡରନ୍ତି, ତେବେ ଏଠାକୁ ବୁଲିଗଲେ ସେହି ଡର ଆଦୌ ନାହିଁ।

■ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ, ଆଣ୍ଟାର୍କଟିକାରେ ମାତ୍ର ଗୋଟିଏ ଏଟିଏମ୍ ରହିଛି।



## ୟୁଥ୍ ଆଲର୍ଟ

# ରକ୍ତଚାପ ବଢୁଥିଲେ...

**ବର୍ତ୍ତମାନ ଯୁବପିଢ଼ିଙ୍କ ଅସନ୍ତୁଳିତ ଖାଦ୍ୟାଭ୍ୟାସ ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ଅନେକଙ୍କଠାରେ ହାଇପର୍‌ଟେନ୍‌ସନ୍ ବା ଉଚ୍ଚ ରକ୍ତଚାପ ସମସ୍ୟା ସୃଷ୍ଟି କରୁଛି। ଯଥା ସମୟରେ ଏହାକୁ ନିୟନ୍ତ୍ରଣ ନ କଲେ ଭବିଷ୍ୟତରେ ଜଟିଳ ସମସ୍ୟାର କାରଣ ସାଜିପାରେ। ଜାଣିରଖନ୍ତୁ କେମିତି କରିବେ ନିୟନ୍ତ୍ରଣ...**

⏭। ତେଲ, ମସଲା ବା ଚର୍ବିଜାତୀୟ ଖାଦ୍ୟ ଏବଂ ଲୁଣ ଅଧିକ ଖାଆନ୍ତୁ ନାହିଁ। ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍, ପ୍ୟାକେଟ୍ କିମ୍ବା ଫ୍ରୋଜେନ୍ ଫୁଡ୍ ଖାଇବା ଦ୍ୱାରା ବି ରକ୍ତଚାପ ବଢ଼ିବାର ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟ ପରିବର୍ତ୍ତେ ଅଧିକରୁ ଅଧିକ ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏହା ଶରୀରରେ ଠିକ୍ ଭାବେ ରକ୍ତ ସଞ୍ଚାଳନରେ ସାହାଯ୍ୟ କରିଥାଏ ଏବଂ ରକ୍ତଚାପ ନିୟନ୍ତ୍ରଣରେ ରଖିଲେ ଏପରି ସମସ୍ୟା ଦୂର ହେବ।



⏭। ପାଠପଢ଼ା, ଜବ୍ ଏବଂ ଅନ୍ୟାନ୍ୟ ମାନସିକ ଚାପ ବି ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିବା ଲାଗି ଦାୟୀ। ତେଣୁ କୌଣସି ପ୍ରକାରର ଚିନ୍ତା ବା ମାନସିକ ଚାପ ଥିଲେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସର୍ବଦା ମନ ଖୁସି ଏବଂ ଅବସାଦମୁକ୍ତ ରୁହନ୍ତୁ।





⏭। ମେଦବହୁଳତା ବା ଓବେସିଟି ବର୍ତ୍ତମାନ ଅନେକଙ୍କଠାରେ ଉଚ୍ଚ ରକ୍ତଚାପ ବା ହାଇପର୍‌ଟେନ୍‌ସନ୍‌ର ସବୁଠୁ ବଡ଼ କାରଣ ପାଲଟିଛି। ତେଣୁ ଶରୀରର ଓଜନ ନିୟନ୍ତ୍ରଣରେ ରଖିବା ଲାଗି ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଯୋଗ, ବ୍ୟାୟାମ ଆଦି କରନ୍ତୁ।

⏭। ମୋବାଇଲ୍ ବା ଲାପ୍‌ଟପ୍ ଆଦି ଧରି ଗୋଟିଏ ସ୍ଥାନରେ ଘଣ୍ଟାଘଣ୍ଟା ବସି ରୁହନ୍ତୁ ନାହିଁ। ଏହାଦ୍ୱାରା ଶରୀରରେ ଧୀରେ ଧୀରେ ଚର୍ବିଅଂଶ ଜମା ହୋଇଥାଏ ଏବଂ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ତେଣୁ ପ୍ରତିଦିନ କିଛି ସମୟ ବ୍ୟାୟାମ, ଯୋଗ ଆଦି ଅଭ୍ୟାସ କରନ୍ତୁ। ଆପଣ ଚାହିଁଲେ ଜିମ୍ ଯାଇ ଏକ୍ସରସାଇଜ୍ କରିପାରିବେ।

⏭। ଧୂମପାନ ଏବଂ ଆଲ୍‌କହଲ୍ ଭଳି ମାଦକ ଦ୍ରବ୍ୟ ସେବନ ଆଦୌ କରନ୍ତୁ ନାହିଁ। ଏହା ମଧ୍ୟ ଉଚ୍ଚ ରକ୍ତଚାପ ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି



ଓଡ଼ିଶା ସ୍ପୋର୍ଟ୍ସ ଏକାଡେମୀରେ ଓଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

**ଇଣ୍ଡିଆନ୍ ସୁପର୍ ଲିଗ୍**

**ଭୁବନେଶ୍ୱର,୨୬।୧୦(ସରୋଜ ଜେନା):** ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍ଏଲ୍)ରେ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ରବିବାର ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌କୁ ଜିତିବା ସହ ଦଳ ନିଜର ବିଜୟ ଧାରା ବଜାୟ ରଖିବାକୁ ପ୍ରୟାସ କରିବ। ବାତ୍ୟା 'ଦାନା' କାରଣରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇପାରି ନ ଥିବା ବେଳେ ଭର୍ଚୁଆଲରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଡିଫେଣ୍ଡର କାର୍ଲୋସ ଡେଲଗାଡୋ। ଚଳିତ ସିଜନରେ ଓଏଫ୍‌ସିକୁ ମିଶ୍ରିତ ଫଳ ମିଳିଛି। ଗତ ସିଜନର ସେମି ଫାଇନାଲିଷ୍ଟ ଅପ୍ରତ୍ୟାଶିତ ଭାବେ ପ୍ରଥମ ୨ ମ୍ୟାଚ୍ ହାରି ଯାଇଥିଲା। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଦଳ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ସହ ପଏଣ୍ଟ ବାଣ୍ଟିବା ପରେ ଅନ୍ତିମ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲକୁ ହରାଇଥିଲା ଦଳ। ଦଳର ପ୍ରଦର୍ଶନ ଅସ୍ଥିର ରହିଥିଲେ ମଧ୍ୟ ପ୍ରଦର୍ଶନକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ଲୋବେରା। ଦଳ ନିକଟରେ ଉନ୍ନତି କରିବାର ସୁଯୋଗ ରହିଛି। ମୁମ୍ବାଇ ସିଟି ବିପକ୍ଷ ମ୍ୟାଚ୍ ଏକ ଭିନ୍ନ ଚ୍ୟାଲେଞ୍ଜ ଭାବରେ ସର୍ବଦା ଉଭା ହୋଇଥାଏ। ଦଳ ଏହି ଚ୍ୟାଲେଞ୍ଜକୁ ଏଡ଼ାଇବା ପାଇଁ ବଦ୍ଧ ପରିକର ବୋଲି କହିଥିଲେ ଲୋବେରା। ଅନ୍ୟ ପକ୍ଷରେ ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା କାର୍ଲୋସ ଡେଲଗାଡୋ ଦଳର ସମସ୍ତ ଖେଳାଳି ମୁମ୍ବାଇ ବିପକ୍ଷ ମ୍ୟାଚ୍ ପାଇଁ ଉତ୍ସାହିତ ଥିବା କହିଛନ୍ତି। ସମସ୍ତ ଖେଳାଳି ଯୋଜନାବଦ୍ଧ ଭାବରେ ପ୍ରଦର୍ଶନ କଲେ ଦଳ ବିଜୟୀ ହୋଇପାରିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଓଏଫ୍‌ସି ବର୍ତ୍ତମାନ ପଏଣ୍ଟ ଟେବୁଲର ୮ ନମ୍ବର ସ୍ଥାନରେ ଥିବା ବେଳେ ମୁମ୍ବାଇ ସିଟି ଏଫ୍‌ସି ୧୦ ନମ୍ବର ସ୍ଥାନରେ ରହିଛି।

# ସୋଫିଆ କେନିନ୍ ଫାଇନାଲରେ

**ଟୋକିଓ, ୨୬।୧୦ (ଏପି):** ପୂର୍ବତନ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସୋଫିଆ କେନିନ୍ ପାନ୍ ପାସିଫିକ୍ ଓପନ ଟେନିସ୍ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସେ ୯ମ ସିଡ୍ କେଟି ବୋଲ୍ଟରଙ୍କୁ ୬-୪, ୬-୪ରେ ପରାସ୍ତ କରିଛନ୍ତି। ୨୦୨୦ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ତଥା ସେହିବର୍ଷର ଫ୍ରେଞ୍ଚ ଓପନ ଫାଇନାଲିଷ୍ଟ କେନିନ୍ ବର୍ତ୍ତମାନ ନମ୍ବର ୱାନ ସିଡ୍ ତଥା ପ୍ୟାରିସ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଝେଙ୍ଗ୍ କ୍ୱିନୱେନଙ୍କୁ ଭେଟିବେ। ଝେଙ୍ଗ୍ ଅନ୍ୟ ସେମିଫାଇନାଲରେ ଡାଏନା ସ୍ନେଡରଙ୍କୁ ୭-୬ (୫), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୨୫ ବର୍ଷୀୟା କେନିନ୍ ୨୦୨୦ରେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୪ର୍ଥ ସ୍ଥାନ ହାସଲ କରିଥିଲେ। ବାରମ୍ବାର ଇଞ୍ଜୁରୀ ସମସ୍ୟାରେ ରହିବାରୁ ସେ ବର୍ତ୍ତମାନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ୧୫୫ତମ ସ୍ଥାନକୁ ଖସି ଆସିଛନ୍ତି। ୩୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ବୋଲ୍ଟର ଟୋକିଓ ହାର୍ଡ-କୋର୍ଟ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ହାରି ନାହାନ୍ତି। କେନିନ୍ ପୂର୍ବରୁ ଥରେ ମାତ୍ର ବୋଲ୍ଟରଙ୍କୁ ପରାସ୍ତ କରିଛନ୍ତି।










4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ